# ଶିକ୍ଷାର୍ଥୀର ପ୍ରାର୍ଥନା

Make of us the hero warriors we aspire to become. May we fight successfully the great battle of the future that is to be born, against the past that seeks to endure; so that the new things may manifest and we may be ready to receive them.

06.01.1952 – The Mother

ବୀର ଯୋଦ୍ଧା କରି ଗଢ଼ ଆମମାନଙ୍କୁ – ଆମେମାନେ ତାହାହିଁ ହେବାକୁ ଚାହୁଁ । ଅତୀତ ଆହୁରି ବଞ୍ଚି ରହିବାକୁ ଚାହେଁ; ତା’ ବିରୋଧରେ ଆସନ୍ନ ଭବିତବ୍ୟର ମହାଯୁଦ୍ଧରେ ଆମେମାନେ ଯେପରି ସଫଳତା ହାସଲ କରିପାରୁ – ଯଦ୍ଦ୍ୱାରା ନୂତନ ବସ୍ତୁସବୁ ପ୍ରକାଶିତ ହୋଇପାରେ ଏବଂ ଆମେମାନେ ସେସବୁକୁ ଗ୍ରହଣ କରିବା ନିମନ୍ତେ ପ୍ରସ୍ତୁତ ହୋଇପାରୁ ।

୦୬.୦୧.୧୯୫୨ – ଶ୍ରୀମା



## Invitation

With wind and the weather beating round me
        Up to the hill and the moorland I go.
Who will come with me? Who will climb with me ?
        Wade through the brook and tramp through the snow ?

Not in the petty circle of cities
        Cramped by your doors and your walls I dwell;
Over me God is blue in the welkin,
        Against me the wind and the storm rebel.

I sport with solitude here in my regions,
        Of misadventure have made me a friend.
Who would live largely? Who would live freely ?
        Here to the wind-swept uplands ascend.

I am the lord of tempest and mountain,
        I am the Spirit of freedom and pride.
Stark must he be and a kinsman to danger
        Who shares my kingdom and walks at my side.

– Sri Aurobindo



## ଆମନ୍ତ୍ରଣ

ଚାରିପଟେ ମୋ ମାତିଛି ଝଡ଼, ଲାଗିଛି ଝଡ଼ି ପାଗ,
ପାହାଡ଼ ଚଢ଼ି ଯାଏଁ ମୁଁ, ଯାଏଁ ଊଷର ଭୂଇଁ ଯହିଁ ।
ଆସିବ କିଏ ମୋ ସାଥେ ? କିଏ ଆରୋହେ ନେବ ଭାଗ ?
ଝରଣା-ଜଳେ ଚାଲିବ, ଯିବ ତୁଷାର-ପଥ ବାହି ?

ନ ଥାଏ ମୁହିଁ ସଂକୁଚିତ ସହରୀ ପରିବେଶେ
ତୁମରି ଗଢ଼ା ଦୁଆର ଆଉ ପ୍ରାଚୀରେ ହୋଇ ରୁଦ୍ଧ;
ଈଶ୍ୱର ମୋ ଊର୍ଦ୍ଧ୍ୱେ ନଭେ ରାଜଇ ନୀଳ ବେଶେ,
ବିରୁଦ୍ଧେ ମୋ ବତାସ ବହେ ଝଞ୍ଜା ମାଗେ ଯୁଦ୍ଧ ।

ବିଜନ ସାଥେ ରଚଇ ଲୀଳା ମୋର ଏ ରାଜ୍ୟେ ମୁହିଁ,
ବ୍ୟର୍ଥ ଅଭିଯାନକୁ ନିଏଁ ବନ୍ଧୁପଣେ ବରି ।
ବୃହତ୍ ପ୍ରାଣ ଚାହିଁବ କେହି ? ଅବାଧ ହୋଇ ଜିଇବ କେହି ?
ଝଞ୍ଜାପିଟା ଶିଖର-ଦେଶେ ଆସ ତ ତେବେ ଚଢ଼ି ।

ଝଡ଼ର ପ୍ରଭୁ ମୁହିଁ ରେ, ମୁହିଁ କର୍ତ୍ତା ପର୍ବତର,
ଆତ୍ମା ମୁଁ ଯେ ସ୍ୱାଧୀନତାର ଗରିମାର ନିର୍ଯାସ ।
ଅନବଦମ୍ୟ ହୋଇଥିବ ସେ ବିପଦର ସମଗୋତ୍ର
ସଙ୍ଗୀ ହେବ ମୋ ପଥେ ଯିଏ, ରାଜ୍ୟେ ନେବ ଅଂଶ ।

— ଶ୍ରୀଅରବିନ୍ଦ

(ଭାଷାନ୍ତର : ରବୀନ୍ଦ୍ର କୁମାର ପାଢ଼ୀ)



# ମହତ୍ତମ ଦୁଃସାହସ

## ଶ୍ରୀମା

### ସବୁଠାରୁ ବଳି ମହତ୍ତମ ଦୁଃସାହସିକ ଅଭିଯାନ

ଜୀବନରେ ଏପରି ମୁହୂର୍ତ୍ତ ଆସେ, ଯେତେବେଳେ ଜୀବନ ଯେଉଁ ଅବସ୍ଥାରେ ଅଛି, ମାନବୀୟ ଚେତନା ଯେଉଁ ସ୍ତରରେ ଅଛି, ତାକୁ ଆଉ ସହ୍ୟ କରିବା ଏକାନ୍ତ ଅସମ୍ଭବ ହୋଇପଡ଼େ । ଏହା ଏକପ୍ରକାର ବିରକ୍ତି ଓ ଅସ୍ୱସ୍ତି ସୃଷ୍ଟିକରେ; ଭିତରେ କିଏ କହେ ''ନା, ଏହା ତାହା ନୁହେଁ, ଏହା ତାହା ନୁହେଁ, ଏହା ସେଇୟା ହୋଇ ପାରିବ ନାହିଁ, ଏହା ଆଉ ଚଳିବ ନାହିଁ ।'' ବାସ୍, ଯେତେବେଳେ ତୁମେ ଏହି ଅବସ୍ଥାକୁ ଆସ ସେତେବେଳେ ତୁମ ଆଗରେ ରହିଛି ଗୋଟିଏ ମାତ୍ର କାର୍ଯ୍ୟ, ତା' ହେଲା, ଯଦି ଚାହଁ ତୁମର ସବୁକିଛିକୁ, ତୁମର ସମସ୍ତ ପ୍ରଚେଷ୍ଟା, ତୁମର ସକଳ ଶକ୍ତି, ତୁମର ସମଗ୍ର ଜୀବନ ଓ ତୁମର ସଂପୂର୍ଣ୍ଣ ସତ୍ତାକୁ ଏହି ସମ୍ଭାବନା ଭିତରକୁ ନିକ୍ଷେପ କରିଦିଅ, ଏହି ଅସାମାନ୍ୟ ପରିସ୍ଥିତିର ସୁଯୋଗ ନିଅ ଯାହାକି ତୁମକୁ ଦିଆଯାଇଛି ଜୀବନର ଗତାନୁଗତିକ ଏହି ପାର୍ଶ୍ୱ ଅତିକ୍ରମ କରି ଅପର ପାର୍ଶ୍ୱରେ ପହଞ୍ଚିଯିବା ପାଇଁ । ଜୀବନର ନୂତନ ପଥରେ ପାଦ ଦେବା ମାତ୍ରେ ତୁମେ ନିଜକୁ କେତେ ଭାରମୁକ୍ତ ମନେ ନ କରିବ, ତୁମର ମନେ ହେବ ଏଇ ନୂତନ ରାସ୍ତା ମୋତେ ନିଶ୍ଚୟ ଆଉ କେଉଁଠିକି ନେଇଯିବ ! ଏଇ ବାଟରେ ଗଲାବେଳେ ତୁମକୁ ଅନେକ ବୋଝ ପଛରେ ଫିଙ୍ଗିଦେଇ ଆସିବାକୁ ହେବ ଏବଂ ନୂତନ ଜୀବନର ସମ୍ମୁଖୀନ ହେବା ଲାଗି ତୁମକୁ ଅନେକ ଜିନିଷରୁ ମୁକ୍ତ ହେବାକୁ ହେବ ଏବଂ ଏଥିପାଇଁ ଯେଉଁ କଷ୍ଟ ଆସିବ ତାକୁ ତୁମେ ଆଗ୍ରହର ସହିତ ବରଣ କରିନେଇ ପାରିବ । ମୁଁ ସମସ୍ୟାଟିକୁ ଏହିପରି ଭାବେ ଦେଖେ ।

ପ୍ରକୃତରେ ସବୁ ଦୁଃସାହସିକ ଅଭିଯାନ ଭିତରେ ଏହାହିଁ ସବୁଠାରୁ ସମୁନ୍ନତ ଅଭିଯାନ । ଯଦି ତୁମ ଭିତରେ ଏଇଭଳି ଅଭିଯାନ ଲାଗି ସାମାନ୍ୟତମ ଯଥାର୍ଥ ଉତ୍ସାହ ରହିଛି, ତାହାହେଲେ ତୁମେ ଏହି ଅଭିଯାନର ସମସ୍ତ ଆପଦ-ବିପଦକୁ ଗ୍ରହଣ କରି ଅଗ୍ରସର ହୁଅ ।

### ଦୁଃସାହସିକ ଅଭିଯାନ

କେତେକ ଲୋକ ଅଛନ୍ତି ଯେଉଁମାନେ ଦୁଃସାହସିକ ଜୀବନ ଯାତ୍ରାକୁ ଭଲ ପାଆନ୍ତି । ସେଇମାନଙ୍କୁହିଁ ମୁଁ ଡାକୁଛି ଏବଂ କହୁଛି – ''ଦେଖ ! ଏହି ଦୁଃସାହସିକ ଜୀବନଯାତ୍ରା ପାଇଁ ମୁଁ ତୁମମାନଙ୍କୁ ନିମନ୍ତ୍ରଣ କଲି'' ।

ଆମ ପୂର୍ବରୁ ଅନ୍ୟମାନେ ଯାହାସବୁ ଆଧ୍ୟାତ୍ମିକ କାର୍ଯ୍ୟ କରି ଯାଇଛନ୍ତି ତାହାକୁ ପୁନରାବୃତ୍ତି କରିବାର ପ୍ରଶ୍ନ ଏଠି ଉଠୁ ନାହିଁ, କାରଣ ଆମର ଆଧ୍ୟାତ୍ମିକ ଅଭିଯାନ ତା'ପରଠାରୁ ଆରମ୍ଭ । ଏହା ଏକ ନୂତନ ସର୍ଜନାର ପ୍ରଶ୍ନ, ସଂପୂର୍ଣ୍ଣ ନୂତନ । ଏଥିରେ ଅନେକ ଅଦୃଷ୍ଟପୂର୍ବ ଘଟଣା ଆସିପାରେ, ଅନେକ ଆପଦ ବିପଦ ଆସିପାରେ, ବହୁକଷ୍ଟ ଭୋଗିବାକୁ ପଡ଼ିପାରେ – ଯାହାକୁ କୁହାଯାଏ **ଏକ ବାସ୍ତବ ଦୁଃସାହସିକ ଅଭିଯାନ**, ଯାହାର ଲକ୍ଷ୍ୟ ହେଉଛି ନିଶ୍ଚିତ ବିଜୟ । କିନ୍ତୁ ସେଠାକୁ ଯିବାକୁ ବାଟ ଆମକୁ ଜଣା ନାହିଁ । ସେହି ଅଜଣା ରାଜ୍ୟକୁ ବାଟ ଖୋଜି ଖୋଜି ସୋପାନ ପରେ ସୋପାନ ଅଗ୍ରସର ହେବାକୁ ହେବ । ଆମେ ଏପରି କିଛି କରିବାକୁ ଚାହୁଁଛୁ, ଯାହା ଏହି ଉପସ୍ଥିତ ବିଶ୍ୱରେ ଆଗରୁ କେବେ କରାଯାଇ ନାହିଁ ଏବଂ ଏହାପରେ ମଧ୍ୟ ଏହି ଭାବରେ ହେବ ନାହିଁ । ଯଦି ଏହା ତୁମକୁ ଭଲ ଲାଗେ ... ତେବେ ଠିକ୍ ଅଛି, ଆମ ସଙ୍ଗେ ଏକାଠି ଚାଲ । ଆସନ୍ତା କାଲି ତୁମର କ'ଣ ହେବ – ମୋର କିଛି ଧାରଣା ନାହିଁ ।

ଆଗରୁ ଯାହାସବୁ ଦେଖା ଯାଇଛି, ଆଗରୁ ଯେଉଁସବୁ ଉପାୟ ବାହାର କରାଯାଇଛି, ଆଗରୁ ଯାହାସବୁ ଗଠନ କରାଯାଇଛି, ସେସବୁକୁ ପଛକୁ ପକାଇଦିଅ, ତା'ପରେ... ସେଇ ଅଜଣା ରାଜ୍ୟକୁ ଯାତ୍ରା ଆରମ୍ଭ କରିଦିଅ ଏବଂ – ଯାହାକିଛି ଘଟିବାର ଘଟୁ ! ବାସ୍ – ଏହାହିଁ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ସାହସ

## ଶ୍ରୀମା

ତୁମେ ଜଳ ମଧ୍ୟରେ ପଡ଼ିଗଲ, କିନ୍ତୁ ସେହି ବିପୁଳ ଜଳରାଶି ତୁମକୁ ଭୀତ କରିପାରିଲା ନାହିଁ । ତୁମେ ହାତ, ଗୋଡ଼ ଚଳାଇବାକୁ ଆରମ୍ଭ କଲ । ତୁମକୁ ଯିଏ ସନ୍ତରଣ ଶିକ୍ଷା ଦେଇଥିଲେ, ତାଙ୍କ ପ୍ରତି କେତେ କୃତଜ୍ଞତା ଜ୍ଞାପନ କରିଥିଲ ଏବଂ ଢେଉଗୁଡ଼ିକ ସଙ୍ଗେ ଲଢ଼େଇ କରି ନିରାପଦରେ ଫେରିଆସିଲ । ଏହା ତୁମର ସାହସର ପରିଚୟ ।

ତୁମେ ନିଦ୍ରିତ ଥିଲ । ''ନିଆଁ ନିଆଁ !''... ଏହି ଭୟଙ୍କର ଚିତ୍କାର ଶୁଣି ତୁମେ ଜାଗି ଉଠିଲ । ଶଯ୍ୟାତ୍ୟାଗ କରି ଚାଲିଆସିଲ ଏବଂ ଅଗ୍ନିଶିଖାର ଲାଲ ରଙ୍ଗ ତୁମ ଆଖିରେ ପଡ଼ିଲା । ତୁମେ ଆଦୌ ଭୟଭୀତ ହେଲ ନାହିଁ । ଧୂଆଁ ଭିତର ଦେଇ, ସ୍ଫୁଲିଙ୍ଗ ଓ ଅଗ୍ନିଶିଖା ମଧ୍ୟଦେଇ ତୁମେ ନିରାପଦରେ ପଳାଇ ଆସିଲ । ଏହା ମଧ୍ୟ ସାହସର କାର୍ଯ୍ୟ ।

କିଛିକାଳ ପୂର୍ବେ ମୁଁ ବିଲାତରେ ଗୋଟିଏ ଶିଶୁ ବିଦ୍ୟାଳୟକୁ ଯାଇଥିଲି । ତହିଁ ଛୋଟ ଛୋଟ ଶିଶୁ-ଶିକ୍ଷାର୍ଥୀମାନଙ୍କ ବୟସ ତିନି ବର୍ଷଠାରୁ ସାତ ବର୍ଷ ମଧ୍ୟରେ । ସେମାନଙ୍କ ମଧ୍ୟରୁ କେହି ସିଲାଇ କାମ, କେହି ଛବି ଆଙ୍କିବା, କେହି ଗଳ୍ପ ଶୁଣିବା, କେହି ବା ଗୀତ ଗାଇବାରେ ବ୍ୟସ୍ତ ଥିଲେ । ବିଦ୍ୟାଳୟଟିରେ ବାଳକ ଓ ବାଳିକା ଉଭୟହିଁ ଥିଲେ ।

ବିଦ୍ୟାଳୟର ଶିକ୍ଷକ ମୋତେ କହିଲେ, ''ଆମେ ବର୍ତ୍ତମାନ ନିଆଁ ଲାଗିବାର ସତର୍କଘଣ୍ଟି ବଜାଇବାକୁ ଯାଉଛୁ । ଅବଶ୍ୟ କୌଣସିଠାରେ ନିଆଁ ଲାଗି ନାହିଁ, କିନ୍ତୁ ସଙ୍କେତଘଣ୍ଟି ବାଜିଲାମାତ୍ରେ କିପରି ଶୀଘ୍ର ବାହାରକୁ ଚାଲିଆସି ପ୍ରସ୍ତୁତ ହେବେ, ତାହା ସେମାନଙ୍କୁ ଶିକ୍ଷା ଦିଆଯାଉଛି ।''

ଶିକ୍ଷକ ଗୋଟିଏ ହୁଇସିଲ୍ ବଜାଇଦେଲେ । ତତ୍‌କ୍ଷଣାତ୍ ଶିଶୁମାନେ ସେମାନଙ୍କର ବହି, ପେନ୍‌ସିଲ୍ ଏବଂ ସିଲାଇ କରିବା ଛୁଞ୍ଚି ରଖିଦେଇ ଠିଆହେଲେ; ଅନ୍ୟ ଗୋଟିଏ ହୁଇସିଲ୍ ବଜାଇବା ସଙ୍ଗେ ସଙ୍ଗେ ସେମାନେ ଶୃଙ୍ଖଳାଭରେ ବାହାରକୁ ଚାଲିଆସିଲେ । ଅଳ୍ପ କେତେ ମିନିଟରେ କ୍ଲାସଟି ଫାଙ୍କା ପଡ଼ିଗଲା । ଏହି ଛୋଟ ଛୋଟ ଶିଶୁମାନେ ଅଗ୍ନି-ବିପଦର ସମ୍ମୁଖୀନ ହେଲେ ନିର୍ଭୀକ ହେବାକୁ ଶିକ୍ଷା କରିଥିଲେ ।

ସନ୍ତରଣ କରୁଥିବାବେଳେ ବା ଅଗ୍ନିଶିଖା ଭିତରଦେଇ ଦଉଡ଼ୁଥିବା ବେଳେ ତୁମେ କାହାକୁ ରକ୍ଷା କରିବାକୁ ଚେଷ୍ଟା କରୁଥିଲ ? ତୁମ ନିଜକୁ ରକ୍ଷା କରିବାକୁ । ପୁଣି କାହାର ନିରାପତ୍ତା ପାଇଁ ଶିଶୁଗୁଡ଼ିକ ଭୟଙ୍କର ବିପଦ ବିରୋଧରେ ଲଢ଼େଇ କରୁଥିଲେ ? ସେମାନଙ୍କ ନିଜର ନିରାପତ୍ତା ପାଇଁ । ଏହି ପ୍ରତ୍ୟେକ କ୍ଷେତ୍ରରେ ସାହସର ଯେଉଁ ଦୃଷ୍ଟାନ୍ତ ଦେଖା-ଯାଇଥିଲା ତାହା ଥିଲା ଆତ୍ମରକ୍ଷାର ପ୍ରେରଣାଜନିତ ସାହସ ।

ଏହା କ'ଣ ଖରାପ କାମ ? କେବେହେଁ ନୁହେଁ । ପ୍ରତ୍ୟେକେ ନିଜ ନିଜ ଜୀବନର ଯତ୍ନନେବା ଏବଂ ନିରାପତ୍ତା ପାଇଁ ସାହସ ଦେଖାଇବା ଉଚିତ । ତେବେ ଏହା ଅପେକ୍ଷା ଅନ୍ୟ ଏକ ମହତ୍ତର ସାହସ ରହିଛି, ଯେଉଁ ସାହସକୁ ଅନ୍ୟର ନିରାପତ୍ତା ପାଇଁ ବ୍ୟବହାର କରାଯାଇପାରେ ।

*

ମୁଁ ତୁମକୁ ଭବଭୂତିଙ୍କ ଦ୍ୱାରା ଲିଖିତ 'ମାଧବ' ଗଳ୍ପଟି କହୁଛି –

ଦିନେ ମାଧବ ଏକ ମନ୍ଦିର ବାହାରେ ଆଣ୍ଠୁମାଡ଼ି ପ୍ରାର୍ଥନା କରୁଥିଲା । ଠିକ୍ ସେତିକିବେଳେ କୌଣସି ବିପଦ୍‌ଗ୍ରସ୍ତ ବ୍ୟକ୍ତିର ଆର୍ତ୍ତକଣ୍ଠର ଧ୍ୱନି ଆସି ତା' କାନରେ ବାଜିଲା । ସେ ମନ୍ଦିର ମଧ୍ୟକୁ ପ୍ରବେଶ କରିବାର ବାଟ ଖୋଜି ଭିତରକୁ ଗଲା ଏବଂ ଦେଖିବାକୁ ପାଇଲା ଦେବୀ ଚାମୁଣ୍ଡାଙ୍କ ପୂଜାସ୍ଥଳୀ । ସେହି ଭୟଙ୍କରୀ ଦେବୀଙ୍କର ପୂଜା ସକାଶେ ଗୋଟିଏ ପ୍ରାଣୀକୁ ବଳି ଦେବା ପାଇଁ ସମ୍ପୂର୍ଣ୍ଣ ଆୟୋଜନ ହୋଇସାରିଥିଲା । ସେ ପ୍ରାଣୀଟି ଥିଲା ନିରୀହା ବାଳିକା 'ମାଳତୀ' । ସେ ଶୋଇଥିବାବେଳେ ତାକୁ ସେଠାକୁ ନିଆଯାଇଥିଲା । ସେଠାରେ ତା' ପାଖରେ ପୂଜାରୀ ଓ ପୂଜାରିଣୀଙ୍କ ବ୍ୟତୀତ ଆଉ କେହି ନଥିଲେ । ପୂଜାରୀ ଖଡ଼୍‌ଗ ଧାରଣ କରି ବଳିଦେବାକୁ ଉଦ୍ୟତ ହେଉଥିଲା ଏବଂ ସେତେବେଳେ ମାଳତୀ ତା'ର ପ୍ରିୟ ମାଧବକୁ ସ୍ମରଣ କରୁଥିଲା ।

''ହେ ମାଧବ ! ହେ ମୋର ହୃଦୟ ଦେବତା ! ମୁଁ ମୃତ୍ୟୁପରେ ମଧ୍ୟ ତୁମ ସ୍ମୃତିରେ ଯେପରି ଜୀବିତ ରହିପାରିବି !

ସେମାନଙ୍କର ମୃତ୍ୟୁ ନାହିଁ, ଯେଉଁମାନଙ୍କର ସୁଦୀର୍ଘ ଓ ସ୍ନେହମୟ ସ୍ମୃତିରେ ପ୍ରେମ ଭରି ରହିଥାଏ ।''

ବୀର ମାଧବ ଚିତ୍କାର କରି ଏବଂ ଲମ୍ଫଦେଇ ସେହି ବଳିଗୃହକୁ ପ୍ରବେଶ କଲା ଏବଂ ପୂଜାରୀ ସହିତ ମରଣାନ୍ତକ ଯୁଦ୍ଧରେ ଲାଗିପଡ଼ିଲା । ମାଳତୀ ରକ୍ଷା ପାଇଗଲା ।

କାହା ପାଇଁ ମାଧବ ଏହି ସାହସ ଦେଖାଇଲା ? ସେ ନିଜ ପାଇଁ ଯୁଦ୍ଧ କରିଥିଲା କି ? ହଁ; କିନ୍ତୁ ତା'ର ସାହସର ତାହାହିଁ ଏକମାତ୍ର କାରଣ ନୁହେଁ; ଅନ୍ୟ ଜଣକର ଜୀବନରକ୍ଷା ପାଇଁ ମଧ ସେ ଯୁଦ୍ଧ କରିଥିଲା । ସେ ବିପନ୍ନ ବ୍ୟକ୍ତିର ଆର୍ତ୍ତକଣ୍ଠ ଶୁଣିଥିଲା ଏବଂ ତାହା ତା'ର ବୀର ହୃଦୟର ଗହ୍ୱରକୁ ସ୍ପର୍ଶ କରିଥିଲା ।

ତୁମେ ଯଦି ଭଲଭାବେ ସ୍ମରଣ କର ତେବେ ତୁମ ଜୀବନରେ ମଧ ଏଭଳି ଘଟଣା ଘଟିଥିବାର ମନେପଡ଼ିବ । କୌଣସି ପୁରୁଷ, ସ୍ତ୍ରୀ ବା ଶିଶୁର କରୁଣ କ୍ରନ୍ଦନଧ୍ୱନି ଶୁଣି କେହି ତାକୁ ରକ୍ଷା କରିଥିବା ତୁମେ ନିଶ୍ଚୟ ଦେଖିଥିବ । ତୁମେ ଇତିହାସରୁ କିଂବା ଖବରକାଗଜରୁ ମଧ ଏ ଧରଣର ବୀରତ୍ୱର କଥା ନିଶ୍ଚୟ ପଢ଼ିଥିବ ।

ଜ୍ୱଳନ୍ତ ଗୃହ ମଧରେ ଥିବା ବିପନ୍ନ ବ୍ୟକ୍ତିମାନଙ୍କୁ ନିଆଁ ଲିଭାଳିଦଳ ରକ୍ଷା କରିଥିବା, ଖଣି ଶ୍ରମିକମାନେ ଖଣିର ଅତି ଗଭୀରକୁ ଯାଇ ଜଳପ୍ଲାବନ, ନିଆଁ ଅଥବା ବିଷାକ୍ତ ଗ୍ୟାସରୁ ସେମାନଙ୍କ ସହକର୍ମୀମାନଙ୍କୁ ଉଦ୍ଧାର କରିଥିବା ଏବଂ ଭୂମିକମ୍ପ ସମୟରେ କମ୍ପମାନ ଘରର କାନ୍ଥଗୁଡ଼ିକର ଚାପାପଡ଼ିବା ଭୟ ରହିଥିବା ସତ୍ତ୍ୱେ ଦୁଃସାହସିକ ବ୍ୟକ୍ତିମାନେ ତହିଁରେ ପ୍ରବେଶ କରି ଦୁର୍ବଳ ଓ ନିଃସହାୟ – ଯେଉଁମାନେ ବିନା ସାହାଯ୍ୟରେ ଭଙ୍ଗା କାନ୍ଥତଳେ ମରି ପଡ଼ିରହିଥା'ନ୍ତେ – ସେମାନଙ୍କୁ ରକ୍ଷାକରିଥିବା କଥା ତୁମେ ଶୁଣିଥିବ । ଆହୁରି ଶୁଣିଥିବ ଯେ ଦେଶସେବକମାନେ ସେମାନଙ୍କ ମାତୃଭୂମିର ରକ୍ଷା ପାଇଁ ଶତ୍ରୁ ବିରୋଧରେ ଯୁଦ୍ଧ କରି କିପରି କଷ୍ଟ, କ୍ଷୁଧା, ତୃଷା, ଆଘାତ ଏବଂ ଏପରିକି ମୃତ୍ୟୁ ପର୍ଯ୍ୟନ୍ତ ସହ୍ୟ କରିଥାଆନ୍ତି ।

ଅତଏବ ଯେଉଁ ସାହସ ଦ୍ୱାରା ନିଜକୁ ରକ୍ଷା କରାଯାଇପାରେ ଏବଂ ଯେଉଁ ସାହସ ଦ୍ୱାରା ଅପରକୁ ରକ୍ଷା କରାଯାଇପାରେ ତାହା ଆମେ ଦେଖିଲୁଁ ।

*

ବର୍ତ୍ତମାନ ମୁଁ ବୀର ବିଭୀଷଣଙ୍କ ଗଳ୍ପ କହିବି । ସେ ମଧ ଏକ ବିପଦର ସମ୍ମୁଖୀନ ହୋଇଥିଲେ, ଯାହାକି ମୃତ୍ୟୁଠାରୁ ମଧ ଅଧିକ ଭୀଷଣ ଥିଲା । ସେ ଜଣେ ରାଜାର କ୍ରୋଧର ସମ୍ମୁଖୀନ ହୋଇ ତାଙ୍କୁ ସୁପରାମର୍ଶ ଦେଇଥିଲେ, ଯାହାକି ଅନ୍ୟ କେହି କହିବାକୁ ସାହସ କରି ନ ଥିଲେ ।

ଲଙ୍କାର ରାକ୍ଷସରାଜ ରାବଣ । ତା'ର ଦଶଟି ମୁଣ୍ଡ । ସେ ସୀତାଙ୍କୁ ଚୋରିକରି ରଥରେ ବସାଇ ଲଙ୍କାଦ୍ୱୀପରେ ଥିବା ନିଜ ପ୍ରାସାଦକୁ ନେଇଆସିଲା ।

ତା'ର ପ୍ରାସାଦ ଅତୁଳନୀୟ ଐଶ୍ୱର୍ଯ୍ୟରେ ଭରା । ଯେଉଁ ଉଦ୍ୟାନରେ ସେ ରାଜକୁମାରୀ ସୀତାଙ୍କୁ ବନ୍ଦିକରି ରଖିଲା ତାହା ଅତି ମନୋମୁଗ୍ଧକର । ତଥାପି ସୀତାଙ୍କ ମନରେ ଆନନ୍ଦ ନ ଥିଲା, ଆଖିରୁ ଲୁହ ଗଡ଼ାଇ ଗଡ଼ାଇ ତାଙ୍କ ଦିନ କଟୁଥିଲା; କାରଣ ପୁନର୍ବାର ପ୍ରଭୁ ରାମଚନ୍ଦ୍ରଙ୍କ ସହ ସାକ୍ଷାତ୍ ହେବ କି ନାହିଁ – ତହିଁରେ ସେ ସନ୍ଦିହାନ ଥିଲେ ।

ଗୌରବଶାଳୀ ପ୍ରଭୁ ରାମଚନ୍ଦ୍ର ତାଙ୍କର ପତ୍ନୀ ଯେଉଁଠାରେ ବନ୍ଦିନୀ ହୋଇ ରହିଥିଲେ, ତାହା ବାନର-ରାଜା ହନୁମାନଙ୍କଠାରୁ ଜାଣିବାକୁ ପାଇଲେ । ସଙ୍ଗେ ସଙ୍ଗେ ସେ ବନ୍ଦିନୀ ସୀତାଙ୍କୁ ଉଦ୍ଧାର କରିବାକୁ ତାଙ୍କର ପ୍ରିୟ ଭାଇ ଲକ୍ଷ୍ମଣ ଓ ଏକ ବିରାଟ ସେନାବାହିନୀ ସହ ଯାତ୍ରା ଆରମ୍ଭ କଲେ ।

ରାକ୍ଷସରାଜ ରାବଣ ପ୍ରଭୁ ରାମଚନ୍ଦ୍ରଙ୍କର ଆଗମନବାର୍ତ୍ତା ପାଇ ଭୟରେ ଥରିବାକୁ ଲାଗିଲା । ତା'ର ପରାମର୍ଶଦାତାମାନେ ତାକୁ ଦୁଇ ପ୍ରକାର ପରାମର୍ଶ ଦେଲେ । ଦଳେ ଖୋସାମତିଆ ସଭାସଦ୍ ତା'ର ସିଂହାସନ ଚାରିପାଖେ ରୁଣ୍ଡହୋଇ କହିଲେ, ''ହେ ରାଜା ରାବଣ ! କିଛି ଭୟ ନାହିଁ, ସବୁ ଠିକ୍ ଅଛି । ଦେବଗଣ ଓ ରାକ୍ଷସଗଣ ସମସ୍ତଙ୍କୁ ଆପଣ ପରାଜିତ କରିଛନ୍ତି, ବର୍ତ୍ତମାନ ରାମ ଓ ତାଙ୍କ ପକ୍ଷର ହନୁମାନ୍ ଏବଂ ବାନରଦଳଙ୍କୁ ପରାସ୍ତ କରିବା ଆଦୌ କଷ୍ଟକର ହେବ ନାହିଁ ।''

ଯେତେବେଳେ ସେହି ବାକ୍‌ସର୍ବସ୍ୱ ସଭାସଦ୍‌ଗଣ ରାଜାଙ୍କ ପାଖରୁ ଚାଲିଗଲେ, ସେତେବେଳେ ତାଙ୍କର ଭାଇ ବିଭୀଷଣ ଏକାକୀ ସେଠାରେ ପ୍ରବେଶ କଲେ ଏବଂ ନତଜାନୁ ହୋଇ ରାଜାଙ୍କର ଚରଣ ଚୁମ୍ବନ କଲେ । ତା'ପରେ ଉଠି ସିଂହାସନର ଦକ୍ଷିଣରେ ବସିଲେ ଏବଂ କହିଲେ, ''ହେ ଭ୍ରାତ ! ଯଦି ଜୀବନରେ ସୁଖଶାନ୍ତି ଚାହାନ୍ତି, ରମଣୀୟ ଲଙ୍କାଦ୍ୱୀପରେ ସିଂହାସନକୁ ସୁରକ୍ଷିତ କରିବାକୁ ଚାହାନ୍ତି, ତେବେ ସୁନ୍ଦରୀ ସୀତାଙ୍କୁ ଫେରାଇ ଦିଅନ୍ତୁ; କାରଣ ସେ ଅନ୍ୟର ସ୍ତ୍ରୀ । ପ୍ରଭୁ ରାମଚନ୍ଦ୍ରଙ୍କ ପାଖକୁ ଯାଇ କ୍ଷମାଭିକ୍ଷା କରନ୍ତୁ, ସେ କେବେହେଁ ସେଥିପାଇଁ ବିମୁଖ ହେବେ ନାହିଁ । ଔଦ୍ଧତ୍ୟ ଓ ଦୁଃସାହସ ତ୍ୟାଗ କରନ୍ତୁ ।''

ମାଲ୍ୟବାନ୍ ନାମକ ଜଣେ ଜ୍ଞାନୀ ଲୋକ ବିଭୀଷଣଙ୍କର ଏହି କଥା ଶୁଣି ଅତି ଖୁସି ହେଲେ । ସେ ରାକ୍ଷସରାଜ ରାବଣଙ୍କୁ ଆଗ୍ରହରେ କହିଲେ, ''ଆପଣ ନିଜ ଭାଇଙ୍କ ପରାମର୍ଶ ଗ୍ରହଣ କରନ୍ତୁ, ସେ ଆପଣଙ୍କୁ ଯାହା କହିଛନ୍ତି, ତାହା ସମ୍ପୂର୍ଣ୍ଣ ସତ୍ୟ ।''

ରାଜା ଉତ୍ତର ଦେଲେ, ''ତୁମ ଉଭୟଙ୍କରହିଁ ମନ୍ଦ ଉଦ୍ଦେଶ୍ୟ ରହିଛି; କାରଣ ତୁମେ ଦୁହେଁ ମୋର ଶତ୍ରୁଦଳର ପକ୍ଷ ଗ୍ରହଣ କରୁଛ ।'' କ୍ରୋଧରେ ରାବଣର ଦଶମୁଣ୍ଡର ଆଖିଗୁଡ଼ିକ ନିଆଁଭଳି ଜଳିଉଠିଲା, ଫଳରେ ମାଲ୍ୟବାନ୍ ଭୀତତ୍ରସ୍ତ ହୋଇ ସେହିସ୍ଥାନରୁ ପଳାଇଗଲେ । କିନ୍ତୁ ବିଭୀଷଣ ବିଚଳିତ ହେଲେ ନାହିଁ; କାରଣ ତାଙ୍କର ଆତ୍ମସାହସ ଥିଲା ।

ବିଭୀଷଣ କହିଲେ, 'ହେ ପ୍ରଭୁ ! ପ୍ରତ୍ୟେକ ମନୁଷ୍ୟର ହୃଦୟରେ ସୁବୁଦ୍ଧି ଓ କୁବୁଦ୍ଧି ରହିଛି । ଯଦି ହୃଦୟରେ ସୁବୁଦ୍ଧି ବାସକରେ ତେବେ ଜୀବନ ସୁଖମୟ ହୁଏ, ଯଦି ଦୁର୍ବୁଦ୍ଧି ବାସ କରେ ତେବେ ସବୁହିଁ ଅମଙ୍ଗଳ ଘଟେ । ହେ ଭ୍ରାତ ! ମୋର ଆଶଙ୍କା ହେଉଛି ଯେ ଦୁର୍ବୁଦ୍ଧି ଆପଣଙ୍କ ଅନ୍ତରରେ ଆଶ୍ରୟ ନେଇଛି; କାରଣ ଆପଣ କୁପରାମର୍ଶଦାତାମାନଙ୍କର କଥାକୁ ଗ୍ରହଣ କରୁଛନ୍ତି । ସେମାନେ କେବେହେଁ ଆପଣଙ୍କର ପରମ ବନ୍ଧୁ ନୁହନ୍ତି ।''

କିଛି ସମୟ ନୀରବ ରହି ବିଭୀଷଣ ପୁନର୍ବାର ରାଜାଙ୍କର ପଦଚୁମ୍ବନ କଲେ । ଏହାପରେ ରାବଣ କ୍ରୋଧରେ ଚିତ୍କାର କରିଉଠିଲା – ''ନିର୍ବୋଧ ! ତୁ ମଧ୍ୟ ମୋର ଶତ୍ରୁ । ପୁନର୍ବାର ନିର୍ବୋଧ ପରି ମୋ ଆଗରେ ଏଭଳି କଥା କହ ନାହିଁ । ବଣରେ ଥିବା ସନ୍ନ୍ୟାସୀମାନଙ୍କ ପାଖକୁ ଯାଇ ଏଭଳି କଥା କହ, କିନ୍ତୁ ଯେଉଁ ବୀର ତା'ର ସମ୍ମୁଖକୁ ଆସିଥିବା ସମସ୍ତ ଶତ୍ରୁଙ୍କୁ ପରାସ୍ତ କରିଛି, ତା' ଆଗରେ ନୁହେଁ ।''

ଏହିପରି ଚିତ୍କାର କରି ବୀରଭ୍ରାତା ବିଭୀଷଣଙ୍କୁ ସେ ପଦାଘାତ କଲା । ତା'ପରେ ବିଭୀଷଣ ଗଭୀର ଦୁଃଖପୂର୍ଣ୍ଣ ହୃଦୟରେ ରାଜପ୍ରାସାଦ ଛାଡ଼ି ଚାଲିଗଲେ । ଯେହେତୁ ତାଙ୍କର ଭୟ ନଥିଲା, ତେଣୁ ସେ ଅକପଟ ତଥା ନିର୍ଭୟ ଚିତ୍ତରେ ସବୁ କଥା ରାବଣକୁ କହିଥିଲେ । କିନ୍ତୁ ଯେତେବେଳେ ଦଶଶିରଧାରୀ ରାବଣ ସେ କଥା ଶୁଣିବାକୁ ଅନିଚ୍ଛୁକ ହେଲା, ସେତେବେଳେ ଆଉ କିଛି ନକହି ଚାଲିଯିବା ବ୍ୟତୀତ ତାଙ୍କର ଅନ୍ୟ ଉପାୟ ନଥିଲା ।

ଏହି ହେଲା ବିଭୀଷଣଙ୍କର ଶାରୀରିକ ସାହସର ଦୃଷ୍ଟାନ୍ତ, କାରଣ ଭାଇର ପଦାଘାତକୁ ତାଙ୍କର ଭୟ ନ ଥିଲା । ଏହା ମାନସିକ ସାହସର ମଧ୍ୟ ଏକ ଦୃଷ୍ଟାନ୍ତ, ଯେହେତୁ ତାଙ୍କ ଭଳି ଶାରୀରିକ ସାମର୍ଥ୍ୟଯୁକ୍ତ ଅନ୍ୟ ସଭାସଦ୍‌ଗଣ ଯାହା ମୁହଁରେ ଆଣିବାକୁ ସାହସ କରିପାରି ନଥିଲେ ସେକଥା ସେ ବିନା ଦ୍ୱିଧାରେ କହିଥିଲେ । ମନର ଏଭଳି ସାହସକୁ କୁହାଯାଏ ନୈତିକ ସାହସ ।

*

ଇସ୍ରାଇଲର ନେତା ମୋଜେସ୍ ଯେ ମିଶର ରାଜ୍ୟର ରାଜା ଫାରାଉଙ୍କ କବଳରୁ ନିପୀଡ଼ିତ ଇହୁଦୀମାନଙ୍କୁ ଉଦ୍ଧାର କରିଥିଲେ, ତାଙ୍କର ମଧ୍ୟ ଏପରି ସାହସ ଥିଲା ।

ପୟଗମ୍ବର ମହମ୍ମଦଙ୍କର ମଧ୍ୟ ଏପରି ସାହସ ଥିଲା । ସେ ଆରବବାସୀଙ୍କୁ ଧର୍ମ ସମ୍ବନ୍ଧରେ ନିଜର ଦୃଢ଼ ମତାମତ ଦେଇଥିଲେ ଏବଂ ସେମାନେ ମୃତ୍ୟୁଭୟ ଦେଖାଇବା ସତ୍ତ୍ୱେ ନୀରବ ରହି ନ ଥିଲେ ।

ବୁଦ୍ଧଦେବଙ୍କର ସାହସ ମଧ୍ୟ ଏହିଭଳି ଥିଲା । ସେ ଭାରତବାସୀଙ୍କୁ ଏକ ନୂତନ ଏବଂ ମହାନ୍ ପଥର ସନ୍ଧାନ ଦେଇଥିଲେ । ବୋଧିଦ୍ରୁମ ମୂଳରେ ତପସ୍ୟାରତ ଥିବାବେଳେ ଯେଉଁସବୁ ଦୁଷ୍ଟଶକ୍ତି ତାଙ୍କୁ ଆକ୍ରମଣ କରିଥିଲେ, ସେମାନଙ୍କ ଦ୍ୱାରା ସେ ଭୟଭୀତ ହୋଇ ନଥିଲେ ।

ଯିଶୁଖ୍ରୀଷ୍ଟ ଯେ ମାନବସମାଜ ମଧ୍ୟରେ ପ୍ରଚାର କରିଥିଲେ – ''ପରସ୍ପରକୁ ସ୍ନେହ କର'' ଏବଂ ଜେରୁଜେଲମ୍‌ର ଯେଉଁ ପଣ୍ଡିତ ବିଚାରକମାନେ ତାଙ୍କୁ ଏପରି ପ୍ରଚାର କରିବାକୁ ବାରଣ କରିଥିଲେ, ଯେଉଁ ରୋମାନ୍‌ମାନେ ତାଙ୍କୁ କ୍ରୁଶବିଦ୍ଧ କରିଥିଲେ, ସେମାନଙ୍କୁ ସେ ଆଦୌ ଭୟ କରି ନଥିଲେ । ତାଙ୍କର ସାହସ ମଧ୍ୟ ଠିକ୍ ଏହି ଧରଣର ଥିଲା ।

ତେବେ ବର୍ତ୍ତମାନ ଆମେମାନେ ତିନି ପ୍ରକାରର ଓ ତିନୋଟି ସ୍ତରର ସାହସ ସମ୍ବନ୍ଧେ ଜାଣିବାକୁ ପାଇଲୁ :

ଆତ୍ମରକ୍ଷାଜନିତ ସ୍ଥୂଳ ଶାରୀରିକ ସାହସ ।

ଆତ୍ମୀୟସ୍ୱଜନ, ବନ୍ଧୁ, ପ୍ରପୀଡ଼ିତ ପ୍ରତିବେଶୀ ଓ ବିପଦ୍‌ଗ୍ରସ୍ତ ମାତୃଭୂମି ନିମିତ୍ତ ସାହସ ।

ପରିଶେଷରେ ନୈତିକ ସାହସ, ଯାହାର ଶକ୍ତିବଳରେ, ଯେତେ ବଡ଼ ଅନ୍ୟାୟ-ଅତ୍ୟାଚାରୀ ହୁଅନ୍ତୁ ନା କାହିଁକି, ମନୁଷ୍ୟ ସେମାନଙ୍କର ବିରୋଧରେ ଛିଡ଼ା ହୋଇପାରେ ଏବଂ ସେମାନଙ୍କୁ ସତ୍ୟ ଓ ନ୍ୟାୟର ବାଣୀ ଶୁଣାଇପାରେ ।

*

ଥରେ ଆଲ୍‌ମୋରାର ରାଜାଙ୍କୁ ତାଙ୍କର ପର୍ବତସଙ୍କୁଳ ରାଜ୍ୟରୁ କେତେକ ଆକ୍ରମଣକାରୀ ଶତ୍ରୁଙ୍କୁ ହଟାଇ ଦେବାକୁ

ହୋଇଥିଲା । ତେଣୁ ସେ କେତେକ ଲୋକ ସଂଗ୍ରହ କରି ଗୋଟିଏ ସୈନ୍ୟବାହିନୀ ଗଠନ କଲେ ଏବଂ ପ୍ରତ୍ୟେକ ସୈନ୍ୟ ହସ୍ତରେ ଗୋଟିଏ ଗୋଟିଏ ତୀକ୍ଷ୍ଣ ତରବାରି ଦେଲେ ।

ତତ୍ପରେ ରାଜା ଆଦେଶ ଦେଲେ, ''ଆଗେଇ ଚାଲ !''

ତତ୍‌କ୍ଷଣାତ୍ ସୈନ୍ୟମାନେ ଭୀଷଣ ଶବ୍ଦରେ ନିଜ ନିଜ ଖୋଳ ମଧ୍ୟରୁ ତରବାରିଗୁଡ଼ିକ ବାହାର କଲେ ଏବଂ ଚିତ୍କାର କରି ସେଗୁଡ଼ିକ ବୁଲାଇବାକୁ ଲାଗିଲେ ।

ରାଜା ପ୍ରଶ୍ନ କଲେ, ''ଏସବୁ କ'ଣ ହେଉଛି ?''

ସୈନ୍ୟମାନେ ଉତ୍ତର ଦେଲେ, ''ମହାରାଜ ! ଆମେମାନେ ପ୍ରସ୍ତୁତ ହୋଇ ରହୁଛୁ, ଯେପରି ଶତ୍ରୁମାନେ ଅପ୍ରସ୍ତୁତ ଅବସ୍ଥାରେ ଆମକୁ ଆକ୍ରମଣ କରି ନ ପାରିବେ ।''

ରାଜା ସେମାନଙ୍କୁ କହିଲେ, ''ତୁମେମାନେ ସାମାନ୍ୟ ଘଟଣାରେ ଅତି ଭୀତ ଓ ଉତ୍ତେଜିତ ହୋଇପଡ଼ୁଥିବା ସୈନ୍ୟ । ତୁମମାନଙ୍କ ଦ୍ୱାରା କୌଣସି କାର୍ଯ୍ୟ ହୋଇ ପାରିବ ନାହିଁ । ତୁମେମାନେ ସବୁ ଘରକୁ ଫେରିଯାଅ ।''

ଏଥିରୁ ତୁମେମାନେ ଦେଖିପାରିବ ଯେ ଏହି ସମସ୍ତ କୋଳାହଳ ଓ ତରବାରି ଶବ୍ଦ ରାଜାଙ୍କ ପସନ୍ଦକୁ ଆସିଲା ନାହିଁ । ସେ ଜାଣିପାରିଲେ ଯେ ହୁଙ୍କାର ଏବଂ ବୃଥା ଶବ୍ଦ ଦ୍ୱାରା ଯଥାର୍ଥ ସାହସ ପ୍ରକାଶ କରାଯାଏ ନାହିଁ ।

*

ନିମ୍ନଲିଖିତ ଗଳ୍ପରୁ ତୁମେମାନେ ଠିକ୍ ଏହାର ବିପରୀତ ଦୃଷ୍ଟାନ୍ତ ଦେଖିବାକୁ ପାଇବ : ଲୋକେ କିପରି ଧୀରସ୍ଥିର ଭାବରେ କାର୍ଯ୍ୟ କରି ସମୁଦ୍ର ମଧ୍ୟରେ ସାହସର ସହିତ ମୃତ୍ୟୁ-ବିପଦର ସମ୍ମୁଖୀନ ହୋଇଥିଲେ ।

୧୮୧୦ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସର ଶେଷ ଭାଗର କଥା । ସ୍କଟଲାଣ୍ଡର ଗୋଟିଏ ଜାହାଜ ଅଷ୍ଟ୍ରେଲିଆରୁ ଯାତ୍ରୀମାନଙ୍କୁ ନେଇ ଉତ୍ତମାଶା ଅନ୍ତରୀପକୁ ଯାଉଥିଲା । ଆକାଶରେ ମେଘର ଚିହ୍ନ ଆଦୌ ନ ଥିଲା । ସମୁଦ୍ର ଥିଲା ନୀଳବର୍ଣ୍ଣ ଓ ଶାନ୍ତ ।

ହଠାତ୍ ଜାହାଜଟି ଅଷ୍ଟ୍ରେଲିଆର ପଶ୍ଚିମ ଉପକୂଳରୁ ଛ'ମାଇଲ ଦୂରରେ ଥିବା ଏକ ଡୁବନ୍ତ ପାହାଡ଼ ଦେହରେ ଯାଇ ଧକ୍‌କା ଖାଇଲା ।

ଜାହାଜର ଚାଳକବର୍ଗ ତଥା ଯାତ୍ରୀଗଣ ତତ୍‌କ୍ଷଣାତ୍ ଜାଗ୍ରତ୍ ହୋଇ ଉଠିଲେ ଏବଂ ପ୍ରତ୍ୟେକେ ତତ୍ପରତାର ସହ ନିଜ ନିଜ କର୍ତ୍ତବ୍ୟପାଳନ କରିବାକୁ ଲାଗିଲେ । ସଙ୍ଗେ ସଙ୍ଗେ ବିପଦଘଣ୍ଟି ବାଜିଉଠିଲା । କିନ୍ତୁ ଏହା ଦ୍ୱାରା ଯେଉଁ ଶବ୍ଦ ହେଲା ସେଥିରେ ବିଶୃଙ୍ଖଳା ବା ଭୟକାତରତାର ଚିହ୍ନ ନଥିଲା ।

ଜଣକର ଆଦେଶ ଶୁଣାଗଲା – ''ଜୀବନରକ୍ଷୀ ନୌକାଗୁଡ଼ିକରେ ଯାତ୍ରୀମାନେ ବସନ୍ତୁ ।''

ଯାତ୍ରୀମାନେ ତାଙ୍କର ଜୀବନରକ୍ଷୀ କଟିବେଷ୍ଟନୀ ମଧ୍ୟ ପିନ୍ଧିବାକୁ ଲାଗିଲେ ।

ଜଣେ ଅନ୍ଧ ବ୍ୟକ୍ତିଙ୍କୁ ଡେକ୍ ଉପରଦେଇ ତାଙ୍କର ଚାକର ନେଇଗଲା । ସମସ୍ତେ ତାଙ୍କୁ ବାଟ ଛାଡ଼ିଦେଲେ । ସେହି ଅକ୍ଷମ ଲୋକଜଣଙ୍କୁ ପ୍ରଥମେ ସାହାଯ୍ୟ ମିଳିବା ଉଚିତ ବୋଲି ସମସ୍ତଙ୍କର ମନେହେଲା ।

ଅଳ୍ପ ସମୟ ପରେ ଜାହାଜଟି ଖାଲି ହୋଇଗଲା ଏବଂ ତା'ପରେ ବୁଡ଼ିବାକୁ ଆରମ୍ଭ କଲା । ଗୋଟିଏ ନୌକାରେ ଜଣେ ମହିଳା ଗାନ କରିବାକୁ ଲାଗିଲେ । ସମୟେ ସମୟେ ତାଙ୍କର କଣ୍ଠସ୍ୱର ସମୁଦ୍ର ଢେଉର ଶବ୍ଦରେ ଶୁଣାଯାଉ ନ ଥିଲେ ମଧ୍ୟ ନାବିକମାନେ କ୍ଷୀଣ ସ୍ୱରରେ ସେହି ଗାନ ଶୁଣିବାକୁ ପାଉଥିଲେ ଏବଂ ତାହା ସେମାନଙ୍କ ବାହୁରେ ବଳ ଯୋଗାଉଥିଲା :

''କୂଳକୁ ଚାଲ ନାବିକ ଭାଇ
କୂଳକୁ ବେଗେ ଚାଲ ।''

ଡୁବିଲା ଜାହାଜଟିର ଯାତ୍ରୀମାନେ ପରିଶେଷରେ କୂଳ ନିକଟରେ ଆସି ପହଞ୍ଚିଥିଲେ ଏବଂ ସାହସୀ ଧୀବରମାନେ ସେମାନଙ୍କୁ କୂଳକୁ ନେଇଯିବାରେ ସାହାଯ୍ୟ କଲେ ।

ସେମାନଙ୍କ ମଧ୍ୟରୁ ଜଣେ ହେଲେ ଯାତ୍ରୀ ପ୍ରାଣ ହରାଇ ନ ଥିଲେ । ଚାରିଶହ ପଚାଶ ଲୋକ ଏହିଭାବରେ ରକ୍ଷା ପାଇଗଲେ । ଧନ୍ୟ ସେମାନଙ୍କ ମନର ସ୍ଥିର ସାହସ !

*

ପୁନର୍ବାର ମୁଁ ତୁମମାନଙ୍କୁ ଏହି ଶାନ୍ତ ସାହସର କଥା କହୁଛି ଯାହା ବିନା କୋଳାହଳରେ, କୌଣସି ତୂରୀ ନ ବଜାଇ ବା ହୁରି ନ ପକାଇ ମହତ୍ ଏବଂ ହିତକର କାର୍ଯ୍ୟ କରିପାରେ ।

ପାଞ୍ଚଶହ ବସ୍ତିଥିବା ଗୋଟିଏ ଭାରତୀୟ ଗ୍ରାମ ନିକଟରେ ଏକ ଗଭୀର ନଦୀ ପ୍ରବାହିତ ହେଉଥିଲା । ସେପର୍ଯ୍ୟନ୍ତ ସେହି ଗ୍ରାମର ଲୋକମାନେ ଭଗବାନ୍ ସିଦ୍ଧାର୍ଥ (ବୁଦ୍ଧଦେବ)ଙ୍କର ବାଣୀ ଶୁଣି ନ ଥିଲେ । ତେଣୁ ସିଦ୍ଧାର୍ଥ ଠିକ୍ କଲେ ଯେ ସେ ନିଜେ ସେମାନଙ୍କ ନିକଟକୁ ଯାଇ ସେମାନଙ୍କୁ ସତ୍‌ପଥର ବାଣୀ ଶୁଣାଇବେ ।

ସେ ଏକ ପ୍ରକାଣ୍ଡ ବୃକ୍ଷତଳେ ଆସନ ଗ୍ରହଣ କଲେ । ସେହି ବୃକ୍ଷଟିର ଦୀର୍ଘ ଡାଳଗୁଡ଼ିକ ନଦୀଧାରର ଉପରଦେଇ ବିସ୍ତାରିତ ହୋଇଥିଲା । ଏହାପରେ ଗ୍ରାମବାସୀମାନେ ଆସି ନଦୀର ଅପର କୂଳରେ ଏକତ୍ରିତ ହେଲେ । ତା'ପରେ ବୁଦ୍ଧଦେବ ଉଚ୍ଚସ୍ୱରରେ ତାଙ୍କର ପବିତ୍ର ଓ ପ୍ରେମପୂର୍ଣ୍ଣ ବାଣୀ ପ୍ରଚାର କଲେ । ତାଙ୍କ ବାଣୀ ପ୍ରବହମାନ ନଦୀର ଧାରକୁ ଆଶ୍ଚର୍ଯ୍ୟଜନକଭାବେ ଅତିକ୍ରମ କରି ଅପର କୂଳରେ ଯାଇ ପହଞ୍ଚିଗଲା । କିନ୍ତୁ ସେ ଯେଉଁ ଶିକ୍ଷା ଦେଲେ ସେଥିରେ ଗ୍ରାମର ଲୋକମାନେ ବିଶ୍ୱାସ କରିପାରିଲେ ନାହିଁ; ବରଂ ତାଙ୍କ ବିରୋଧରେ ଚାପାକଣ୍ଠରେ କଥା ହେବାକୁ ଲାଗିଲେ ।

ସେମାନଙ୍କ ମଧ୍ୟରୁ କେବଳ ଜଣେ ଲୋକ ଅଧିକ ଜ୍ଞାନଲାଭ ଆଶାରେ ସିଦ୍ଧାର୍ଥଙ୍କ ନିକଟକୁ ଯିବାକୁ ଇଚ୍ଛା କଲା । ସେଠାରେ ନଦୀ ଉପରେ ପୋଲ ନ ଥିଲା କିଂବା ପାର ହେବା ପାଇଁ କୌଣସି ନୌକା ବି ନ ଥିଲା । ଗଳ୍ପରେ ବର୍ଣ୍ଣିତ ଅଛି ଯେ ଲୋକଟି ଅସାଧାରଣ ସାହସ ଦ୍ୱାରା ନଦୀର ଗଭୀର ଜଳ ଉପରେ ଚାଲିବାକୁ ଆରମ୍ଭ କଲା । ପରିଶେଷରେ ସେ ପ୍ରଭୁ ସିଦ୍ଧାର୍ଥଙ୍କ ନିକଟରେ ପହଞ୍ଚି ତାଙ୍କୁ ପ୍ରଣାମ କଲା ଏବଂ ଅତି ଆନନ୍ଦରେ ତାଙ୍କ ବାଣୀ ଶୁଣିବାକୁ ଲାଗିଲା ।

କଥିତ ଗଳ୍ପାନୁସାରେ ଏହା କ'ଣ କେବେ ସତ୍ୟ ହୋଇପାରେ ଯେ ଲୋକଟି ଜଳପୂର୍ଣ୍ଣ ଗଭୀର ନଦୀଟିକୁ ପାଦରେ ଚାଲି ପାର ହୋଇଗଲା ? ଆମେ ଏ ବିଷୟରେ କିଛି କହିପାରିବା ନାହିଁ । କିନ୍ତୁ ସେ ଯାହା ବି ହେଉ, ଏକଥା ସତ୍ୟ ଯେ ଯେଉଁ ମାର୍ଗ ପ୍ରଗତିର ଲକ୍ଷ୍ୟ ଆଡ଼କୁ ଅଗ୍ରସର କରାଇଦିଏ ସେ ଲୋକଟି ସେହି ମାର୍ଗ ଅନୁସରଣ କରି ସାହସର ପରିଚୟ ଦେଇଥିଲା । ଗ୍ରାମର ଅନ୍ୟ ଲୋକମାନେ ଏହି ଦୃଷ୍ଟାନ୍ତ ଦ୍ୱାରା ମୁଗ୍ଧ ହୋଇ ଶେଷରେ ବୁଦ୍ଧଙ୍କର ଶିକ୍ଷା ଗ୍ରହଣ କରିବାକୁ ଆକୃଷ୍ଟ ହେଲେ ଏବଂ ସେମାନଙ୍କ ମନର ଦରଜା ମହତ୍ତର ଚିନ୍ତା ଦିଗରେ ଉନ୍ମୁକ୍ତ ହୋଇଗଲା ।

*

ଏପରି ସାହସ ଅଛି ଯାହାଦ୍ୱାରା ନଦୀକୁ ଅତିକ୍ରମ କରାଯାଇପାରେ ଏବଂ ଅନ୍ୟ ଏକ ପ୍ରକାର ସାହସ ଅଛି ଯାହା ସତ୍‌ପଥ ଆଡ଼କୁ ଅଗ୍ରସର କରାଏ; କିନ୍ତୁ ସତ୍‌ପଥରେ ପ୍ରବେଶ କରିବା ଅପେକ୍ଷା ତହିଁରେ ଅଟଳ ରହିବା ପାଇଁ ଅଧିକ ସାହସ ଆବଶ୍ୟକ ହୁଏ ।

ମୁର୍‌ଗୀ ଓ ମୁର୍‌ଗୀ ଛୁଆର ଗଳ୍ପ ଶୁଣ ।

ଭଗବାନ୍ ସିଦ୍ଧାର୍ଥ ତାଙ୍କର ଶିଷ୍ୟମାନଙ୍କୁ ଉପଦେଶ ଦେଇ କହୁଥିଲେ ଯେ ସେମାନେ ସର୍ବଦା ଯଥାସାଧ୍ୟ ଚେଷ୍ଟା କରିବା ଉଚିତ ଏବଂ ବିଶ୍ୱାସ ରଖିବା ଆବଶ୍ୟକ ଯେ ଯଥାସାଧ୍ୟ ଚେଷ୍ଟା ନିଶ୍ଚୟ ଫଳପ୍ରସୂ ହେବ ।

ସେ କହୁଥିଲେ, ''ଯେପରି ଗୋଟିଏ ମୁର୍‌ଗୀ ଅଣ୍ଡା ଦେବା ପରେ ଅଣ୍ଡାକୁ ଉଷୁମାଇବାରେ ଲାଗିରହେ – ଛୁଆ ଖୋଳ ଫଟାଇ ବାହାରିବେ କି ନାହିଁ, ଏ ବିଷୟ ଯେପରି ଆଦୌ ଚିନ୍ତାକରେ ନାହିଁ, ଠିକ୍ ସେହିପରି ତୁମମାନଙ୍କର ଆଦୌ ଭୟ କରିବା ଉଚିତ ନୁହେଁ । ଯଦି ସତ୍‌ପଥରେ ଦୃଢ଼ ରୁହ ତେବେ ତୁମେମାନେ ମଧ୍ୟ ଆଲୋକର ସନ୍ଧାନ ପାଇବ ।''

ସିଧାସଳଖ ରାସ୍ତାରେ ଚାଲିବା, ଝଡ଼-ତୋଫାନ, ଅନ୍ଧକାର ଓ ଦୁଃଖକଷ୍ଟର ସମ୍ମୁଖୀନ ହେବା, ସର୍ବଦା ଅଧ୍ୟବସାୟ କରିଚାଲିବା ଏବଂ ଏହି ସକଳ ବାଧାବିଘ୍ନ ସତ୍ତ୍ୱେ ଆଲୋକ ଦିଗରେ ଅଗ୍ରସର ହେବା – ଏହାହିଁ ଯଥାର୍ଥ ସାହସ ।

*

ପ୍ରାଚୀନ କାଳରେ ଯେତେବେଳେ ବ୍ରହ୍ମଦତ୍ତ ବାରାଣସୀର ରାଜା ଥିଲେ ସେତେବେଳେ ଅନ୍ୟ ଏକ ଦେଶର ରାଜା ଯେ ତାଙ୍କର ଶତ୍ରୁ ଥିଲେ, ସେ ତାଙ୍କ ବିରୋଧରେ ଯୁଦ୍ଧ ପାଇଁ ଗୋଟିଏ ହାତୀକୁ ତାଲିମ ଦେଇଥିଲେ ।

ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଘୋଷିତ ହେଲା । ସେହି ସୁସଜ୍ଜିତ ଓ ତାଲିମପ୍ରାପ୍ତ ହାତୀଟି ତାହାର ପ୍ରଭୁ ରାଜାଙ୍କୁ ବାରାଣସୀ ନଗରର ପ୍ରାଚୀର ପର୍ଯ୍ୟନ୍ତ ଘେନିଗଲା । ପ୍ରାଚୀର ଉପରେ ଥାଇ ଅବରୁଦ୍ଧ ନାଗରିକଗଣ ଉତ୍ତପ୍ତ ତରଳ ବସ୍ତୁ ଓ ପଥରଖଣ୍ଡମାନ ବର୍ଷଣ କରିବାକୁ ଲାଗିଲେ ।

ପ୍ରଥମେ ହାତୀଟି ଏହି ଭୟଙ୍କର ବୃଷ୍ଟିର ସମ୍ମୁଖରୁ ପଛଘୁଞ୍ଚା ଦେବାକୁ ଆରମ୍ଭ କଲା । କିନ୍ତୁ ଏହା ଦେଖି ତାହାର ତାଲିମଦାତା ତାହା ପାଖକୁ ଚାଲିଆସି ଉଚ୍ଚସ୍ୱରରେ କହିଲା, ''ହାତୀ, ତୁ ପରା ଗୋଟିଏ ବୀର ! ବୀର ଭଳି କାର୍ଯ୍ୟ କର – ଦୁର୍ଗର ଫାଟକକୁ ଭାଙ୍ଗି ଚୂର୍‌ମାର୍ କରିଦେ ।''

ଏହି କଥାରେ ଉତ୍ସାହିତ ହୋଇ ସେହି ବିରାଟକାୟ ଜନ୍ତୁଟି ଦୁର୍ଗର ଫାଟକକୁ ଆଘାତ କରି ଭାଙ୍ଗିଦେଲା ଏବଂ ସେହି ଭଗ୍ନ ଫାଟକ ମଧ୍ୟରେ ପ୍ରବେଶ କରି ରାଜାଙ୍କୁ ବିଜୟ ପ୍ରଦାନ କଲା ।

ସାହସ ଦ୍ୱାରା କିପରି ବାଧାବିଘ୍ନ ଦୂର କରିବାକୁ ହୁଏ ଏବଂ ବିଜୟର ଦ୍ୱାର ଉନ୍ମୋଚନ କରିହୁଏ – ଏହାହିଁ ତାହାର ଦୃଷ୍ଟାନ୍ତ ।

*

ପୁନଶ୍ଚ ଲକ୍ଷ୍ୟକର ଯେ ଏକ ଉତ୍ସାହଜନକ ବାଣୀ କିପରି ମନୁଷ୍ୟ ତଥା ଅନ୍ୟ ପ୍ରାଣୀମାନଙ୍କର ସହାୟକ ହୋଇପାରେ ।

ମୁସଲମାନମାନଙ୍କର ଏକ ସୁନ୍ଦର ଗ୍ରନ୍ଥରେ ନିର୍ଭୀକ ହୃଦୟର କବି ଆବୁ ସୟଦ୍‌ଙ୍କ ଗଳ୍ପରେ ଏହି ଦୃଷ୍ଟାନ୍ତ ବର୍ଣ୍ଣିତ ହୋଇଛି ।

ଆବୁ ସୟଦ୍ ଜ୍ୱରାକ୍ରାନ୍ତ ଥିବା ଜାଣି ତାଙ୍କର କେତେକ ବନ୍ଧୁ ସେ କିପରି ଅବସ୍ଥାରେ ଅଛନ୍ତି ବୋଲି ତାଙ୍କୁ ଦେଖିବାକୁ ଆସିଲେ । ସେମାନେ ଦ୍ୱାରଦେଶରେ ଦେଖିବାକୁ ପାଇଲେ ଯେ କବି ସୟଦ୍‌ଙ୍କର ପୁତ୍ର ହସ ହସ ମୁଖରେ ଛିଡ଼ା ହୋଇଥିଲେ; କାରଣ ତାଙ୍କ ପିତାଙ୍କର ଶରୀର କ୍ରମଶଃ ସୁସ୍ଥ ହୋଇ ଆସୁଥିଲା । ସେମାନେ ଜ୍ୱରାକ୍ରାନ୍ତ ସୟଦ୍‌ଙ୍କ କୋଠରି ମଧ୍ୟକୁ ପ୍ରବେଶ କଲେ; କିନ୍ତୁ ତାଙ୍କର ସ୍ୱଭାବସୁଲଭ ରସିକତାପୂର୍ଣ୍ଣ କଥାବାର୍ତ୍ତା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ ।

ସେଦିନ ଖୁବ୍ ଗରମ ହେଉଥିବାରୁ ଆବୁ ସୟଦ୍ ଶୀଘ୍ର ଶୋଇପଡ଼ିଲେ । ତା'ପରେ ତାଙ୍କର ବନ୍ଧୁମାନେ ମଧ୍ୟ ସେଠାରେ ଶୋଇପଡ଼ିଲେ । ସେମାନେ ସମସ୍ତେ ଉଠିଲାବେଳକୁ ପ୍ରାୟ ସନ୍ଧ୍ୟା ହୋଇଯାଇଥିଲା । ସୟଦ୍ ଅତିଥିମାନଙ୍କ ପାଇଁ ଜଳଯୋଗର ବ୍ୟବସ୍ଥା କରିଥିଲେ ଏବଂ କୋଠରିକୁ ସୁଗନ୍ଧପୂର୍ଣ୍ଣ କରିବା ପାଇଁ ଧୂପ ଜାଳିଥିଲେ । ତା'ପରେ ସେ ଏକ ପ୍ରାର୍ଥନା କଲେ ଏବଂ ଶେଯରୁ ଉଠିପଡ଼ି ସ୍ୱରଚିତ ଏକ କ୍ଷୁଦ୍ର କବିତା ଆବୃତ୍ତି କଲେ । ସେହି କବିତାଟିର ଭାବାର୍ଥ ଏହିପରି :

''ବିଷାଦ ସମୟରେ ନିରାଶ ହୁଅ ନାହିଁ,
କାରଣ ଏକ ଆନନ୍ଦମୟ ମୁହୂର୍ତ୍ତ ଆସି
ତୁମର ସେହି ବିଷାଦକୁ ଦୂର କରିଦେବ ।
''ଉତ୍ତପ୍ତ ଝଞ୍ଜା ବହିପାରେ, କିନ୍ତୁ ତାହା ମଳୟ
ସମୀରଣରେ ପରିବର୍ତ୍ତିତ ହୋଇପାରେ ।
''ଘନ କଳାମେଘ ଦେଖା ଦେଇପାରେ,
କିନ୍ତୁ ତାହା ଅପସରି ଯାଏ ଏବଂ
ତାହା ଆଣେନା ପ୍ଲାବନ;
''ଅଗ୍ନି ଜଳିଉଠିପାରେ, କିନ୍ତୁ ଅଗ୍ନି ଗୃହର ସିନ୍ଦୁକ ଓ
ବାକ୍ସକୁ ନ ଛୁଇଁ ନିର୍ବାପିତ ହୋଇପାରେ ।
''ଦୁଃଖଯନ୍ତ୍ରଣା ଆସିପାରେ, କିନ୍ତୁ ତାହା ଚାଲିଯାଏ ।
''ତେଣୁ ବିପଦକାଳରେ ଧୈର୍ଯ୍ୟ ଧରି ରୁହ,
କାରଣ ମହାକାଳ ହେଉଛି
ବିସ୍ମୟସବୁର ଜନ୍ମଦାତା ।
''ଏବଂ ଭାଗବତ ଶାନ୍ତି ଯଦି ମିଳେ,
ତେବେ ଅନେକ ଆଶୀର୍ବାଦ ଲାଭର
ଆଶା ପୋଷଣ କର ।''

ଏହାପରେ କବି ସୟଦ୍‌ଙ୍କର ବନ୍ଧୁଗଣ ତାଙ୍କର ଏହି ସୁନ୍ଦର ଆଶାପୂର୍ଣ୍ଣ କବିତାରୁ ସାହସ ଓ ଆନନ୍ଦ ପ୍ରାପ୍ତ ହେଲେ ଏବଂ ତଦ୍ୱାରା ଅନୁପ୍ରାଣିତ ହୋଇ ନିଜ ନିଜ ଗୃହକୁ ଫେରିଗଲେ । ଏହିପରି ଭାବରେ ଜଣେ ରୋଗଗ୍ରସ୍ତ ବ୍ୟକ୍ତି ତାଙ୍କର ସୁସ୍ଥ ବନ୍ଧୁମାନଙ୍କୁ ସାହାଯ୍ୟ କରି ପାରିଥିଲେ ।

ଯେ କେହି ହେଉ ନା କାହିଁକି, ଯଦି ତା'ର ସାହସ ଥାଏ ତେବେ ସେ ଅନ୍ୟମାନଙ୍କୁ ମଧ୍ୟ ସାହସ ଦେଇପାରିବ, ଠିକ୍ ଯେପରି ଗୋଟିଏ ଜ୍ୱଳନ୍ତ ଦୀପ ଅନ୍ୟ ଦୀପରେ ଅଗ୍ନିସଂଯୋଗ କରିପାରେ ।

ଏହି ଗଳ୍ପକୁ ପାଠ କରୁଥିବା ହେ ନିର୍ଭୀକ ବାଳକ-ବାଳିକାଗଣ ! ତୁମ୍ଭେମାନେ ନିଜେ ନିଜେ ସାହସୀ ହେବା ପାଇଁ ଏବଂ ଅନ୍ୟକୁ ମଧ୍ୟ ସାହସ ଦେବା ପାଇଁ ଶିକ୍ଷା କର ।

(*Tales of All Times* ରୁ ସଂଗୃହୀତ)
ଅନୁବାଦ : ଶ୍ରୀପତି ଦାସ

❑❑❑

# ''ଆତ୍ମାର ମହତ୍ତ୍ୱର ଏକ ସଙ୍କେତ''

ସାହସ ବା ନିର୍ଭୀକତା ଆମ ଆତ୍ମାର ମହତ୍ତ୍ୱର ଏକ ସଙ୍କେତ ବୋଲି ଶ୍ରୀମା ଲେଖିଛନ୍ତି । ସଙ୍ଗେ ସଙ୍ଗେ ଲେଖିଛନ୍ତି, ସାହସ ରହିଥିବ ପ୍ରଶାନ୍ତ ଏବଂ ନିଜର ପ୍ରଭୁ, ଉଦାର ତଥା କଲ୍ୟାଣମୟ ।

(Courage is the sign of soul's nobility. But courage must be calm and master of itself, generous and benevolent.)

କଥାବାର୍ତ୍ତା ଅବସରରେ ଓ ତାଙ୍କ ରଚନାରେ ଶ୍ରୀମା ସାହସର ତାତ୍ପର୍ଯ୍ୟ ଓ ଗୌରବକୁ ବହୁ ଦିଗରୁ ଦର୍ଶାଇଛନ୍ତି । ସେ ସବୁରୁ ଅଳ୍ପ କେତୋଟିକୁ ମନେ ରଖିପାରିଲେହିଁ ଆମର ହେବ ଅଶେଷ ମଙ୍ଗଳ :

''ନିଜ ଭୁଲ୍ ସ୍ୱୀକାର କରିବାଠୁଁ ବଳି ଅଧିକ ସାହସ ଆଉ କିଛି ନାହିଁ ।''

''ଭଗବାନଙ୍କ ପାଖରେ ଅକୁଣ୍ଠ, ନିଷ୍କପଟ ହେବାର ସାହସ ରଖ ।''

''ଯାହା ଭିତରେ ସାହସ ରହିଛି, ସେହିଁ ଅନ୍ୟ କାହାରିକୁ ସାହସ ଦେଇ ପାରିବ, ଠିକ୍ ଯେମିତି ଗୋଟାଏ ମହମବତିର ଶିଖାହିଁ ଅନ୍ୟ ଗୋଟିଏକୁ ଦୀପ୍ୟମାନ କରିପାରିବ ।''

ସାହସର ପରିସର କେଡ଼େ ବ୍ୟାପକ, ଶ୍ରୀମା ଭିନ୍ନ ଭିନ୍ନ ଅବସରରେ ତାହା ସ୍ପଷ୍ଟ କରିଛନ୍ତି । ସ୍ଥୂଳ କ୍ଷେତ୍ରରେ ସାହସ ପ୍ରଦର୍ଶନ ଏକାନ୍ତ ପ୍ରୟୋଜନ, କିନ୍ତୁ ନିଜ ଚେତନାରେ ନୈତିକ ସାହସର ବିକାଶର ମୂଲ୍ୟ ଅପରିମେୟ ।

ଏ ସଂଖ୍ୟାରେ ସନ୍ନିବେଶିତ ଶ୍ରୀମାଙ୍କ କଥିତ କେତୋଟି ଗଳ୍ପ ଓ ଦୃଷ୍ଟାନ୍ତରେ ସାହସର ବିଭିନ୍ନ ପରିପ୍ରକାଶର ଏକ ଏକ ଝଲକ ଦେଖିବାକୁ ମିଳିବ । ଅନ୍ୟ ଗଳ୍ପଗୁଡ଼ିକରେ ମଧ୍ୟ ସାହସର ନୈତିକ ଓ ସୂକ୍ଷ୍ମ ପରିପ୍ରକାଶହିଁ ଲକ୍ଷଣୀୟ । ବୁଦ୍ଧ ଜାତକରୁ ଆହରିତ 'ଦୁଇ ବିଜୟ'ରେ ଆମେ ଦେଖୁଁ ନିଜ ଦୁର୍ବଳତା ଉପରେ ଜୟଲାଭ କରିବାରେ ଉଭୟ ଚରିତ୍ରର ସଫଳତା । 'ଏକ ସମ୍ଭ୍ରାନ୍ତ ସଂଳାପ'ରେ କୋଶଳ ରାଜାଙ୍କର ବିନୟବୋଧ ତଥା ଏକ ମହତ୍ତର ଚେତନାପ୍ରତି ସ୍ୱୀକୃତି ଏହାହିଁ ପ୍ରତିପାଦିତ କରେ ଯେ ସଚ୍ଚା ସାହସ ଯୋଗେ ସେ ଆପଣାର ଅହଂ ଉପରେ ବିଜୟ ଲାଭ କରିଥିଲେ ।

ସାହସ ସହ ସହାନୁଭୂତି ଓ ଦାୟିତ୍ୱବୋଧ ଅବିଚ୍ଛେଦ୍ୟ ଭାବେ ଜଡ଼ିତ । 'ପୁନରୁଦ୍ଧାରିତ ସଂସ୍କାର' ଓ 'ମଗ୍ନ ଉପତ୍ୟକା' ଭିତରେ, ଦୁଇ ଭିନ୍ନ ସ୍ତରରେ ହେଲେ ମଧ୍ୟ ଆମେ ସେହି ସତ୍ୟର ସ୍ପର୍ଶ ପାଉଁ । ପ୍ରଥମ ଗଳ୍ପଟିର ନାୟକ ଆପଣାର ଆତ୍ମ ସଂସ୍କାର ଜରିଆରେ ଯେଉଁ କର୍ମଧାରାରୁ ଆବ୍ୟାହତି ନେବା ନିମନ୍ତେ ସିଦ୍ଧାନ୍ତ କରିଥିଲା, ଘଟଣାଚକ୍ରରେ ଜଣକର ଜୀବନରକ୍ଷା ନିମନ୍ତେ ତାକୁ କିନ୍ତୁ ସେହି କର୍ମଧାରାର ଆଶ୍ରୟ ନେବାକୁ ପଡ଼ିଛି । ସେ ଜାଣେ, ତାହା କରିବା ଅର୍ଥ ତାକୁ ଗୋପନରେ ଅନୁସରଣ କରୁଥିବା ଜଣେ ପୁଲିସ କର୍ମଚାରୀ ହାତରେ ନିଜକୁ ସମର୍ପି ଦେବା । କିନ୍ତୁ ଜଣକୁ ରକ୍ଷା କରି କାରାବରଣ କରିବାର ସତ୍‌ସାହସ ତା'ର ଯେମିତି ଅଛି, ତାକୁ ନ ଚିହ୍ନିବାର ଅଭିନୟ କରି ନିଜ ବାଟରେ ତାକୁ ଯିବାକୁ ଦେଇ ତା' ଆତ୍ମ-ସଂସ୍କାର ସିଦ୍ଧାନ୍ତକୁ ସୁଯୋଗ ଦେବା ଭଳି ବିବେକ-ପ୍ରେରିତ ନୈତିକ ସାହସର ପରିଚୟ କର୍ମଚାରୀ ଜଣକ ମଧ୍ୟ ଦେଇଛନ୍ତି ।

ଅନେକ ସମୟରେ ଏକ ଏକ ଚରିତ୍ର ଆମ ସ୍ଥୂଳ ଦୃଷ୍ଟିରେ ରୁକ୍ଷ ଏବଂ ଅନମନୀୟ ମନେ ହୋଇପାରନ୍ତି, କିନ୍ତୁ ସେମାନଙ୍କ ହୃଦୟରେ ସଂଗୁପ୍ତ ରହିଥାଇପାରେ କରୁଣାର ଝରଣା । 'ମଗ୍ନ ଉପତ୍ୟକା'ରେ କଥକ-ବାଳକର ବାପାଙ୍କୁ ସେହି କରୁଣା ସାହସ ଦେଇଛି ଅର୍ଦ୍ଧରାତ୍ରରେ ଜୀବନ ବିପନ୍ନ କରି ଝଡ଼-ବିକ୍ଷୁବ୍ଧ ଜଳାଶୟ ଭିତରୁ ଗୋଟାଏ ଅବୋଲକରାକୁ ରକ୍ଷା କରିବା ନିମନ୍ତେ ।

ସନ୍ନିବେଶିତ ଅନ୍ୟ କେତେକ ସୁନିର୍ବାଚିତ ରଚନାରେ ସାହସର ଭୂମିକା ସ୍ପଷ୍ଟ । ଆଶା, ଏ ବିଶେଷ ସଂଖ୍ୟାର ଅନ୍ତଃସ୍ୱର ପାଠକମାନଙ୍କ ଦ୍ୱାରା ଆଦୃତ ହେବ ।

(ଉଦ୍ଧୃତିଗୁଡ଼ିକ *Words of the Mother,* Vol. 14ରୁ ଗୃହୀତ ।) ❑

# ପୁନରୁଦ୍ଧାରିତ ସଂସ୍କାର

## ଓ ହେନ୍‌ରୀ

ଜେଲର ଗାର୍ଡ଼, ଜେଲ ଭିତରେ ଥିବା ଚମଡ଼ା ଶିଳ୍ପ ବିଭାଗକୁ ଗଲାବେଳକୁ ବନ୍ଦୀ ଜିମି ଭାଲେଣ୍ଟାଇନ ମନ-ମୁନ-ଚଇତନ ଲଗେଇ ସିଲେଇ କରୁଥିଲା ଜୋତା ହଳକର ଉପର ଅଂଶକୁ । ଜିମିକୁ ଧରି ଗାର୍ଡ଼ ନେଇଗଲା ଜେଲରଙ୍କ ପ୍ରକୋଷ୍ଠକୁ । ଗଭର୍ଣ୍ଣରଙ୍କ ଦସ୍ତଖତରେ ସେଇଦିନ ସକାଳୁ ଆସିଥିବା କ୍ଷମା ପ୍ରଦତ୍ତ ଆଦେଶନାମାଟିକୁ ଜେଲର ସାହେବ ଜିମି ହାତକୁ ବଢ଼େଇ ଦେଲେ । ଦୋ ଦୋ ପାଞ୍ଚ ହୋଇ ଜିମି ସେ ଚିଠିଟି ଗ୍ରହଣ କଲା । ଚାରି ବର୍ଷର ଜେଲ ଦଣ୍ଡାଦେଶର ହୁକୁମରୁ ସେ ଦଶମାସ ଭୋଗି ସାରିଲାଣି । ଜିମି ଆଶା କରିଥିଲା ଯେ ଅତି ବେଶିରେ ସେ ତିନି ମାସରୁ ଅଧିକା ଜେଲ କାନ୍ଥ ଭିତରେ ରହିବ ନାହିଁ । ଏତେ ପ୍ରଭାବଶାଳୀ ବନ୍ଧୁ ଥାଇ ବି ଜିମିକୁ ଜେଲ ଭିତରେ ଏତେ ହନ୍ତସନ୍ତ ହେବାକୁ ପଡ଼ିଲା, ଯାହାର କିଛି କ୍ଷତି କରିବାଟା ଦୁରୂହ ବ୍ୟାପାର ହେବା କଥା ।

ଜିମି ଭାଲେଣ୍ଟାଇନ୍‌କୁ ଜେଲର ସାହେବ କହିଲେ, ''ଦେଖ୍ । କାଲି ସକାଳୁ ତୋତେ ମୁକ୍ତି ମିଳିଯିବ । ଛାତିକୁ ଦମ୍ଭକର, ନିଜକୁ ସଂସ୍କାର କରି ଭଲ ମଣିଷ ହେବା ପାଇଁ । ମୁଁ ଯାହା ଅନୁଭବ କଲି, ତୋ ଅନ୍ତରଟା ଅତି ଉତ୍ତମ । ସିନ୍ଧି, ଡକାଏତି ଧନ୍ଦା ଇତ୍ୟାଦି ଛାଡ଼ି ସରଳ ଜୀବନଯାପନ କର ।''

ଆଶ୍ଚର୍ଯ୍ୟ ହେଲା ପରି ଜିମି କହିଲା, ''ମୁଁ ! ଜୀବନରେ ଥରେ ହେଲେ ସିନ୍ଧି କରି ନାହିଁ ଆଜ୍ଞା !''

ଜିମିର ଉତ୍ତରରେ ଜେଲର ସାହେବ ଉପହାସ କରି ହସି ହସି କହିଲେ, ''ଅବଶ୍ୟ । ଅବଶ୍ୟ । ଯାହା କହୁଚୁ ଠିକ୍ । ତେବେ ଦେଖାଯାଉ, ଏବେଠାରୁ କ'ଣ ହେଉଛି । ଆଚ୍ଛା ! ସ୍ପ୍ରିଂ ଫିଲ୍‌ଡ୍ କେସ୍‌ରେ ତୁ ଜଡ଼ିତ ହୋଇ କେମିତି ଜେଲ ଖଟିଲୁ ? ପ୍ରଭାବଶାଳୀ ବନ୍ଧୁକୁ ରକ୍ଷା କରିବାକୁ ଯାଇ ନା ଠିକ୍ ପ୍ରମାଣ ଅଭାବରୁ, ନା କ'ଣ ? ନା କେଉଁ ପୁରୁଖା ଡନ୍ ତୋ ଉପରେ ଦାଉ ସାଧିଲା ? ସାଧାରଣତଃ ତୁମ ପରି ସୁଧାର ବନ୍ଦୀମାନଙ୍କ କେସ୍‌ରେ ଏ ଦୁଇଟିରୁ ଗୋଟିଏ ସମ୍ଭାବ୍ୟ କାରଣ ହୋଇଥାଏ ।''

''ମୋ କଥା କହୁଛନ୍ତି ତ ଜେଲର ମହାଶୟ ? ମୁଁ ଆଜି ପର୍ଯ୍ୟନ୍ତ ସ୍ପ୍ରିଂ ଫିଲ୍‌ଡ଼ ଦେଖି ନାହିଁ ।''

ମୁରୁକି ମୁରୁକି ହସି ଜେଲର ସାହେବ କହିଲେ, ''କ୍ରୋନିନ୍ ! (ଗାର୍ଡ଼କୁ) ତାକୁ ଜେଲ ଭିତରକୁ ନେଇଯାଅ । କାଲି ସକାଳ ସାତଟାରେ ବନ୍ଦିଶାଳାରୁ ବିଶ୍ରାମାଗାରକୁ ନେଇ ଆସିବ । ସେଠାରେ ବାହାରକୁ ଯିବା ପାଇଁ ଉଦ୍ଦିଷ୍ଟ ଡ୍ରେସ୍‌ଟା ତାକୁ ଦବ । ଭାଲେଣ୍ଟାଇନ୍ ! ମୋ ଉପଦେଶକୁ ଭୁଲିବୁ ନାହିଁଟି !''

ପରଦିନ ସକାଳ ସାତଟା ପନ୍ଦର ମିନିଟରେ ଜିମି ଜେଲର ସାହେବଙ୍କ ଅଫିସ ସାମନାରେ ଆସି ହାଜର । ସବୁ ଅତିଥିମାନଙ୍କ ପାଇଁ ବାଧ୍ୟତାମୂଳକଭାବେ ସରକାରଙ୍କ ତରଫରୁ ମିଳୁଥିବା ନୂଆ ରେଡ଼ିମେଡ୍ ସୁଟ୍ ସହିତ ବିଲକୁଲ ନୂଆ କଳା ମଚମଚ କରୁଥିବା ଜୋତା ହଳକ ପିନ୍ଧି ଜିମି ଗୋଟାଏ ଦୁର୍ବୃତ୍ତ ପରି ଲାଗୁଥିଲା । ଜେଲ କାର୍ଯ୍ୟାଳୟର ଜଣେ କିରାଣି, ଗୋଟେ ଟ୍ରେନ୍ ଟିକଟ ଆଉ ପାଞ୍ଚ ଡଲାରର ନୋଟ୍‌ଟିଏ ଜିମି ହାତକୁ ବଢ଼େଇ ଦେଲେ । ଦେଶର ନିୟମାନୁଯାୟୀ ମୁକ୍ତବନ୍ଦି ସେଇ ପାଞ୍ଚ ଡଲାରରେ ନିଜକୁ ସଂସ୍କାର କରି ଜଣେ ଉତ୍ତମ ନାଗରିକ ଭାବେ ଜୀବିକା ନିର୍ବାହ କରିବ ବୋଲି ଆଶା କରାଯାଇଥାଏ । ଜେଲର ସାହେବ ଜିମିକୁ ଡାକି ଖଣ୍ଡେ ସିଗାରେଟ ବଢ଼େଇ ଦେଇ କରମର୍ଦ୍ଦନ କଲେ । ନିର୍ଦ୍ଦିଷ୍ଟ ବହିରେ ''ଜିମି ଭାଲେଣ୍ଟାଇନ୍ ୯୭୬୨ – ଗଭର୍ଣ୍ଣରଙ୍କ ଦ୍ୱାରା କ୍ଷମାପ୍ରାପ୍ତ'' ବୋଲି ଲିପିବଦ୍ଧ କଲେ ।

ବାଟରେ ବିହଙ୍ଗମାନଙ୍କର ମନୋମୁଗ୍ଧକର ଗାନ, ସବୁଜ ବନାନୀ ଓ ସୁବାସିତ ପୁଷ୍ପମାନଙ୍କରୁ ଭାସି ଆସୁଥିବା ସୁଗନ୍ଧ ପ୍ରତି ଆକର୍ଷିତ ନହୋଇ ଜିମି ସିଧା ଚାଲିଲା ଗୋଟେ ରେଷ୍ଟୋରାଁକୁ । ମୁକ୍ତ ବାୟୁକୁ ଭରପୂର ଉପଭୋଗ କରିବା ପାଇଁ ରେଷ୍ଟୋରାଁରେ ବରାଦ କଲା ନାନାଦି ସୁଖାଦ୍ୟ, ବେଶ୍ ଦାମୀବାଲା । ଶେଷରେ ଦାମିକା ସିଗାରେଟ ମଗେଇ ନିଆଁ ଧରେଇଲା । ଏ ପର୍ବ ପରେ ଧୀରେ ଧୀରେ ପାଦ ବଢ଼େଇଲା ରେଳ ଷ୍ଟେସନକୁ । ପ୍ଲାଟ୍‌ଫର୍ମ ଗେଟ ପାଖରେ ବସିଥିବା ଅନ୍ଧ ଭିକାରିକୁ ପଚିଶ ସେଣ୍ଟର ମୁଦ୍ରାଟିଏ ବଢ଼େଇ ଦେଇ ଉଠିଗଲା ନିର୍ଦ୍ଦିଷ୍ଟ ଟ୍ରେନ୍‌ର ଡବା ଭିତରକୁ । ତିନି ଘଣ୍ଟାର ଯାତ୍ରା ପରେ ଜିମି ପହଞ୍ଚିଗଲା ରାଜ୍ୟର ସୀମା ନିକଟବର୍ତ୍ତୀ ଗୋଟିଏ ଛୋଟ

ସହରରେ । ଟ୍ରେନ୍‌ରୁ ଓହ୍ଲାଇ ସେ ସିଧା ପହଞ୍ଚିଲା ମାଇକ୍ ଡୋନାଲ୍‌ଡ୍‌ଙ୍କ ଚା' ଦୋକାନରେ । ସେତେବେଳେ ମାଇକ୍ ଦୋକାନରେ ଏକୁଟିଆ ଥିଲେ । ଜିମିକୁ ଦେଖୁ ଦେଖୁ କହିଲେ, ''ଦୁଃଖର କଥା, କାମଟା ଆଉ ଟିକିଏ ଶୀଘ୍ର ହୋଇ ପାରିଲା ନାହିଁ । ଆମେ ସ୍ପ୍ରିଂ ଫିଲ୍‌ଡ଼ରୁହିଁ କଚେରିର ଆଦେଶ ବିରୋଧରେ ଆନ୍ଦୋଳନ ଆରମ୍ଭ କଲୁ । ଗଭର୍ଣ୍ଣର ଜମା ରାଜି ନଥିଲେ । ଯାହାହେଉ କୌଣସିମତେ କାମଟା ହୋଇଗଲା । ଏବେ ସବୁ ଠିକ୍‌ଠାକ୍ ଅଛି ତ ?

''ଠିକ୍ ଅଛି, ମୋ ରୁମ୍‌ର ଚାବିଟା ଦିଅ ତ !'' ମାଇକ୍‌ଙ୍କ ହାତରୁ ଚାବି ପେଣ୍ଡାଟି ଧରି ଜିମି ଶିଡ଼ିଦେଇ ଚାଲିଲା ଉପର ମହଲାକୁ । ଗୋଟାଏ ବଖରାର ପଛପଟ ଦୁଆରର ତାଲାଟା ଫିଟେଇ ପଶିଗଲା ଜିମି । ବଖରାଟିକୁ ଯେମିତି ଅବସ୍ଥାରେ ଛାଡ଼ି ଯାଇଥିଲା ତାହା ସେମିତି ଅବସ୍ଥାରେ ଥିଲା । ଗୋଇନ୍ଦା ବେନ୍ ପ୍ରାଇସ୍‌ଙ୍କ ସହିତ ଧସ୍ତାଧସ୍ତି ବେଳେ ବେନ୍‌ଙ୍କ ସାର୍ଟରୁ ଛିଣ୍ଡି ପଡ଼ିଥିବା ବୋତାମଟି ସେମିତି ତଳେ ପଡ଼ିଥିଲା । ସେତେବେଳେ ବେନ୍ ପ୍ରାଇସ୍ ତାକୁ ବଳରେ କାବୁ କରିନେଇ ପିନ୍ଧେଇ ଥିଲେ ହାତକଡ଼ି । କାନ୍ଥକୁ ଆଉଜା ହୋଇଥିବା ଖଟଟାକୁ ଘୁଞ୍ଚେଇ ଦେଲା ଜିମି ଭାଲେଣ୍ଟାଇନ୍ । କାନ୍ଥରେ ଥିବା ଗୁପ୍ତ କବାଟ ଖୋଲି ଜିମି ଧୂଳି ଧୂସରିଆ ଆଟାଚିଟାଏ ବାହାର କଲା । ଆଟାଚିଟାକୁ ଖୋଲି ଆବେଗରେ ସେ ଆଖି ବୁଲେଇ ଆଣିଲା ଭିତରେ ଥିବା ସିନ୍ଧି ଆଉ ଡକାୟତି କରିବାର ବିଭିନ୍ନ ଯନ୍ତ୍ରପାତିଗୁଡ଼ିକ ଉପରେ । ସେଗୁଡ଼ିକ ଗୋଟିଏ ସେଟ୍ । ଅତ୍ୟାଧୁନିକ ତଥା ଉନ୍ନତ କିସମର ଇସ୍ପାତରେ ଗଢ଼ା । ତହିଁରେ ମୋଟା ମୋଟା ଲୁହା ପାତରେ କଣା କଲାଭଳି ଭଅଁର, କଂକ୍ରିଟ୍‌କୁ କାଟିଲା ଭଳି ପଞ୍ଚ, ସିନ୍ଧି ଶାବଳ ତଥା ମୋଟା ମୋଟା ଲୁହା ରଡ଼୍‌କୁ ମୋଡ଼ିବା ପ୍ଲାସ୍ ଇତ୍ୟାଦି । ସିନ୍ଧି ଡକାୟତି ଉପଯୋଗୀ ଅନେକ ଯନ୍ତ୍ରପାତି ସହିତ ଜିମି ନିଜ କଳ୍ପନାରେ ପ୍ରସ୍ତୁତ କରିଥିବା ଦୁଇ ତିନୋଟି ସ୍ୱତନ୍ତ୍ର ଧରଣର ଅସ୍ତ୍ର ସେଥିରେ ଅନ୍ତର୍ଭୁକ୍ତ, ଯେଉଁଥିପାଇଁ ଜିମିର ଅହଙ୍କାର କାହିଁରେ କ'ଣ । ଏହି ଯନ୍ତ୍ରପାତି ସେଟ୍‌କୁ ସମ୍ପୂର୍ଣ୍ଣ କରିବା ପାଇଁ ଜିମିକୁ ପ୍ରାୟ ସାତଶହ ଡଲାର ଖର୍ଚ୍ଚ କରିବାକୁ ପଡ଼ିଥିଲା । ସେଗୁଡ଼ିକ ତିଆରି ହୋଇଥିଲା ସେହି ଭାଟି ବା ଶିଳ୍ପ ସଂସ୍ଥାରେ ଯେଉଁଠି କେବଳ ଏହି ବୃତ୍ତିର ଲୋକମାନଙ୍କ ନିମନ୍ତେ ବିଭିନ୍ନ ଯନ୍ତ୍ରପାତି ପ୍ରସ୍ତୁତ କରାଯାଏ ।

ଅଧ ଘଣ୍ଟା ପରେ ଜିମି ଓହ୍ଲାଇ ଆସିଲା ଚା' ଦୋକାନକୁ । ବର୍ତ୍ତମାନ ଜିମିର ଡ୍ରେସ୍ ଥିଲା ବେଶ୍ ଉତ୍ତମ ଏବଂ ତାକୁ ଠିକ୍ ଫିଟ୍ କରୁଥିଲା ମଧ୍ୟ । ହାତରେ ତା'ର ଥିଲା ଝଡ଼ାଝଡ଼ି ହୋଇଥିବା ସେଇ ଆଟାଚିଟି ।

ଗଲା ବେଳକୁ ମାଇକ୍ ବେଶ୍ ମଜାଳିଆ ଢଙ୍ଗରେ ପଚାରିଲା ''କ'ଣ କିଛି ମିଳିଲା ?''

କିଛି ନଜାଣିଲା ପରି ଜିମି କହିଲା ''ମୋତେ ? ବୁଝିପାରିଲିନି ଯେ ତୁମେ କାହାକୁ କ'ଣ ପଚାରୁଛ । ମୁଁ ତ ନ୍ୟୁୟର୍କର ଏକ ବିସ୍କୁଟ ଓ ଗହମ କମ୍ପାନୀର ପ୍ରତିନିଧି !''

ଜିମିର ଉତ୍ତର ମାଇକ୍‌କୁ ଏତେ ପ୍ରଫୁଲ୍ଲିତ କଲା ଯେ ସେ ଜିମି ପାଇଁ ସାଙ୍ଗେ ସାଙ୍ଗେ ମୃଦୁ ପାନୀୟ ମଗାଇଲା । ଜିମି ସୁରା ଜାତୀୟ ପାନୀୟର ପାଖ ମାଡ଼େ ନାହିଁ ।

ଜିମି ଭାଲେଣ୍ଟାଇନ୍, କଏଦୀ ନମ୍ବର ୯୭୬୨ ଜେଲରୁ ଖଲାସ ହେବାର ସପ୍ତାହେ ଖଣ୍ଡେ ବିତି ଗଲାଣି । ଇଣ୍ଡିଆନା ପ୍ରଦେଶର ରିଚ୍‌ମଣ୍ଡ ସହରରେ ଗୋଟାଏ ଚୋରି ହୋଇଗଲା । ଚୋର ଏଭଳି ନିଖୁଣ ଭାବରେ ଡକାୟତି କରିଥିଲା ଯେ ପୋଲିସ କୌଣସି ସୂତ୍ର ପାଇ ପାରିଲା ନାହିଁ । ଏଥିରେ ଚୋର ଆଠଶହ ଡଲାର ନେଇଗଲା । ଏହି ଘଟଣାର ପ୍ରାୟ ଚାରି ସପ୍ତାହ ପରେ ଲୋଗାନ୍‌ସ ପୋର୍ଟର ଅତି ଦମ୍ଭିଲା ଲୁହା ଟ୍ରେଜେରିକୁ ଅଦ୍ଭୁତ ଉପାୟରେ ଛେନା କାଟିଲା ପରି କାଟି ପନ୍ଦର ଶହ ଡଲାର ଧରି ଚୋର ମାରିଲା ଚମ୍ପଟ । ମାତ୍ର ତହିଁରେ ଥିବା ମୂଲ୍ୟବାନ୍ କାଗଜପତ୍ର ସହ ମହଜୁତ ଥିବା ରୁପାକୁ ଛୁଇଁ ନାହିଁ । ଏପରି କାରବାର ଗୋଇନ୍ଦାମାନଙ୍କୁ ବଡ଼ କୌତୂହଳପ୍ରଦ ଲାଗିଲା । ପରେ ପରେ ଜାଫର୍‌ସନ୍ ନଗରୀର ସବୁଠୁ ପୁରୁଣା ବ୍ୟାଙ୍କ ଷ୍ଟ୍ରଙ୍ଗ୍ ରୁମ୍‌କୁ ସିନ୍ଧି କରି ପାଞ୍ଚ ହଜାର ଡଲାରର ନୋଟ ନେଇ କିଏ ଜଣେ ଉଭାନ ହୋଇଗଲା । ଏହି କ୍ଷତିର ପରିମାଣ ଯଥେଷ୍ଟ ହୋଇ ପଡ଼ିବାରୁ ବେନ୍ ପ୍ରାଇସ୍‌ଙ୍କ ପରି ପୋଖତ ଗୋଇନ୍ଦାଙ୍କ ସେବା ଜରୁରୀ ହୋଇ ପଡ଼ିଲା । ବେନ୍ ପ୍ରାଇସ୍ ଏହି କେସ୍‌ଟିକୁ ଧରି ତନଖିବାରୁ ସିନ୍ଧିର ଧାରାରେ କିଛିଟା ତାଳମେଳ ଲକ୍ଷ୍ୟ କଲେ । କାରଣ ଆଗରୁ ସ୍ପ୍ରିଂ ଫିଲ୍‌ଡ଼ ସିନ୍ଧି କେସ୍‌ଟି ମଧ୍ୟ ସେ ନିଜେହିଁ ତଦାରଖ କରିଥିଲେ । ତେଣୁ ଜାଣିବାକୁ ବାକି ରହିଲା ନାହିଁ ଯେ ଜିମି ଭାଲେଣ୍ଟାଇନ୍‌ର ହାତ ବ୍ୟତୀତ ଏହା ଅନ୍ୟ କାହାର ନୁହଁ । କହିଲେ ''ତେବେ ଜିମି ଜେଲରୁ ବାହାରି କିଛି ପରିବର୍ତ୍ତିତ ନହୋଇ ପୁଣି ତା' ଧନ୍ଦା ଆରମ୍ଭ କରି ଦେଇଛି । ଦେଖ, ସେ ଷ୍ଟ୍ରଙ୍ଗ ରୁମ୍‌ର ନବ୍‌ଟାକୁ କେଡ଼େ ସହଜରେ ତାଡ଼ି ଦେଇଛି, ବର୍ଷା ଋତୁରେ ମୂଳା ଉପାଡ଼ିଲା ପରି । ଏ ପ୍ରକାର କାର୍ଯ୍ୟ ପାଇଁ ଯେଉଁ କିସମର ଯନ୍ତ୍ରପାତି

ଆବଶ୍ୟକ, ତାହା ବ୍ୟତୀତ ଆଉ କାହା ପାଖରେ ନାହିଁ । ଆହୁରି ଦେଖ ସେ ଥାକକୁ, କେଡ଼େ ପରିଷ୍କାର ଭାବରେ କଟାଯାଇଛି । ଜିମି କେବେହେଲେ ଗୋଟିଏ କଣାରୁ ବେଶି କରେ ନାହିଁ । ଏ କାର୍ଯ୍ୟ ତା' ବ୍ୟତୀତ ଆଉ କାହାର ନୁହଁ । ଜିମି ଭାଲେଣ୍ଟାଇନ୍‌କୁ ଧରିବା ନିହାତି ଜରୁରୀ ହୋଇ ପଡ଼ିଲାଣି । ସେ ପରବର୍ତ୍ତୀ ସିନ୍ଧି ଏତେ ଶୀଘ୍ର କରିବ ନାହିଁ, କାରଣ ସେ ଏତେ ବୋକା ନୁହେଁ ।

ସ୍ପ୍ରିଂ ଫିଲ୍ଡ଼ କେସ୍‌ରେ ଜିମିର ଚାଲିଚଳଣ ସମ୍ବନ୍ଧରେ ବେନ୍ ପ୍ରାଇସ୍ ବେଶ୍ ଅବଗତ ଥିଲେ । ବଡ଼ ବଡ଼ ପ୍ରାଚୀରଗୁଡ଼ାକୁ ସହଜରେ ଡେଇଁଯିବା, କ୍ଷଣକ ମଧ୍ୟରେ ସୀମାପାର ହୋଇଯିବା, ଅନ୍ୟ କାହାର ସାହାଯ୍ୟ ନନେବା, ଆଉ ସମାଜର ଉଚ୍ଚ ଶ୍ରେଣୀର ଲୋକଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ଇତ୍ୟାଦି ତାକୁ ଅତି ସହଜରେ ଖସିଯିବା ପାଇଁ ସାହାଯ୍ୟ କରେ । ବେନ୍ ପ୍ରାଇସ୍ ଏହି ନିଖୁଣ କୁଶଳୀ ଲୋକର ପିଛା କରିବା ପରଠାରୁ ନିରାପଦ ସିନ୍ଦୁକ ଥିବା ଧନୀମାନୀ ବ୍ୟକ୍ତିମାନେ ଟିକିଏ ଆଶ୍ୱସ୍ତ ହେଲେ ।

ଦିନକର ଘଟଣା । ଅପରାହ୍ଣ ସମୟ । ଗୋଟିଏ ଘୋଡ଼ା ଗାଡ଼ିରୁ ଜିମି ଭାଲେଣ୍ଟାଇନ୍ ତା' ଆଟାଚିଟି ଧରି ଓହ୍ଲାଇ ପଡ଼ିଲା ଏଲମୋର ନାମକ ଗୋଟିଏ ଛୋଟିଆ ସହରରେ । ରେଳ ଷ୍ଟେସନଠାରୁ ପ୍ରାୟ ପାଞ୍ଚ ମାଇଲ ଦୂରରେ ଅନୁନ୍ନତ ମାଳ ଅଞ୍ଚଳ ଆରକାନ୍‌ସାସ୍‌ରେ ଏହି ସହରଟି ଅବସ୍ଥିତ । ବେଶ୍ ପୋଖତ ଖେଳୁଆଡ଼ ଚେହେରାର ଜିମି ଏମିତି ଦେଖା ଯାଉଥିଲା ସତେ ଯେମିତି ସଦ୍ୟ କଲେଜ ପଢ଼ୁଆ ପିଲାଟିଏ ଘରକୁ ଫେରୁଛି । ଜିମି ଘୋଡ଼ା ଗାଡ଼ିରୁ ଓହ୍ଲାଇ ରାସ୍ତା କଡ଼େ କଡ଼େ ଚାଲିଲା ହୋଟେଲ ଆଡ଼କୁ ।

ଯୁବତୀଟିଏ ରାସ୍ତାପାର ହୋଇ ଗୋଟିଏ କୋଠାରେ ପଶିଲା ଯେଉଁଠି ଲେଖାଥିଲା ''ଏଲମୋର ବ୍ୟାଙ୍କ'' । ଜିମି ଭାଲେଣ୍ଟାଇନ୍ ଯୁବତୀର ମୁହଁକୁ ଟିକିଏ ଚାହିଁ ଦେଲା । କ୍ଷଣକ ପାଇଁ ସେ ନିଜକୁ ଭୁଲିଯାଇ ପାଲଟିଗଲା ଅନ୍ୟ ଏକ ମଣିଷ ରୂପରେ । ଯୁବତୀର ମୁହଁଟି ସେତିକିରେ ଟିକିଏ ରଙ୍ଗା ପଡ଼ିଗଲା । ଲାଜରେ ତଳକୁ କରିଦେଲା ମୁହଁଟିକୁ । ଜିମି ପରି ଚେହେରା ଓ ଷ୍ଟାଇଲ୍‌ର ଯୁବକ ଏଲମୋର୍ ସହରରେ କ୍ୱଚିତ୍ ମିଳନ୍ତି ।

ବ୍ୟାଙ୍କର ପାହାଚ ଉପରେ ଏପଟ ସେପଟ ଲଙ୍ଗର ପଙ୍ଗର ହେଉଥିବା ଗୋଟାଏ ଟୋକାର କାନ୍ଧରେ ହାତ ଥୋଇଦେଲା ଜିମି, ଜଣେ ବଡ଼ ସୌଦାଗର ପରି । ସହର ବିଷୟରେ ଟିକିନିଖି ସବୁ ବିଷୟ ତାକୁ ପଚାରି ପଚାରି ତଥ୍ୟ ସଂଗ୍ରହ କରିନେଲା । ପ୍ରଲୋଭିତ କରିବା ପାଇଁ ପିଲାଟିର ପକେଟରେ ମଝିରେ ମଝିରେ କିଛି କିଛି ନୋଟ ପୂରାଉଥାଏ । କିଛି ସମୟ ଚାଲିଗଲା । ଯୁବତୀଟି ବାହାରିଲା ବ୍ୟାଙ୍କ ଭିତରୁ । ରାଜକୀୟ ଠାଣିରେ ଠିଆ ହୋଇଥିବା ଯୁବକକୁ ବା ତା' ଆଟାଚି ଆଡ଼କୁ ନଜର ନଦେଇ ସେ ତା' ରାସ୍ତାରେ ଚାଲିଗଲା ।

ଜିମି ଯୁବତୀଙ୍କ ପରିଚୟ ସିଧା ସଳଖ ନପଚାରି ପଚାରିଲା ''ଏ ଯୁବତୀ ମିସ୍ ପରିସିମ୍ପସନ୍ ତ ?''

ପିଲାଟି ଉତ୍ତର ଦେଲା ''ନା, ନା, ସେ ହେଉଛନ୍ତି ଆନାବେଲ ଆଡ଼ାମ୍‌ସ୍ । ତାଙ୍କ ପିତାହିଁ ଏହି ବ୍ୟାଙ୍କର ମାଲିକ । ଆପଣ ଏଲମୋରକୁ କାହିଁକି ଆସିଛନ୍ତି ? ଆପଣଙ୍କ ହାତ ଘଣ୍ଟାର ବ୍ୟାଣ୍ଡଟା କ'ଣ ସୁନାର ? ଆଉ କିଛି ମୁଦ୍ରା ଦିଅନ୍ତୁ । ଗୋଟାଏ ଭଲ ଜାତିଆ କୁକୁର କିଣିବି ।''

ଜିମି 'ପ୍ଲାଣ୍ଟର୍ସ' ହୋଟେଲକୁ ଯାଇ ନିଜକୁ ରାଲଫ୍ ଡି ସ୍ପେନ୍‌ସର୍ ନାମରେ ହୋଟେଲ ଖାତାରେ ଲିପିବଦ୍ଧ କରି ଗୋଟାଏ ବଖରା ଭଡ଼ା ନେଲା । ନଇଁ ପଡ଼ି ମ୍ୟାନେଜରଙ୍କୁ କହିଲା ଯେ ସେ ଆସିଛି ସହରକୁ କିଛି ଗୋଟାଏ ବ୍ୟବସାୟ କରିବା ଉଦ୍ଦେଶ୍ୟରେ । ଜୋତା ବ୍ୟବସାୟ ସହରରେ କେମିତି ଚାଲିଛି ବୋଲି ପଚାରିଲା । ଜୋତାର ଚାହିଦା ସମ୍ବନ୍ଧରେ ମଧ୍ୟ ବୁଝାବୁଝି କଲା ।

ଜିମିର ପୋଷାକ ପରିଚ୍ଛଦ ଓ ଢଙ୍ଗଢାଙ୍ଗ ମ୍ୟାନେଜରଙ୍କୁ ବେଶ୍ ଆକୃଷ୍ଟ କଲା । ଏଲମୋର୍ ସହରରେ ସେ ନିଜକୁ ଶ୍ରେଷ୍ଠ ଫେସନିଆ ବ୍ୟକ୍ତି ବୋଲି ଧରି ନେଇଥିଲେ । ମାତ୍ର ଜିମିକୁ ଦେଖି ନିଜକୁ ତୁଚ୍ଛ ମନେ କଲେ । ଜିମିର ନେକ୍‌ଟାଇର ନଟ୍‌ଟା କେମିତି ପଡ଼ିଛି ଜାଣିବାକୁ ଚେଷ୍ଟା କଲା ଭିତରେ ସେ ଜିମିକୁ ସବୁ ସୂଚନା ଦେଇଦେଲେ ।

''ହଁ, ଜୋତା ବ୍ୟବସାୟ ପାଇଁ ସହରଟା ପ୍ରକୃଷ୍ଟ ସ୍ଥାନ । କେବଳ ଜୋତା ବିକ୍ରୟ ପାଇଁ ଏ ସହରରେ ଗୋଟେ ହେଲେ ସ୍ୱତନ୍ତ୍ର ଦୋକାନ ନାହିଁ । ସାଧାରଣତଃ ମନୋହରି ଦୋକାନ ବା ଲୁଗାପଟା ଦୋକାନରେ ଏଠି ଜୋତା ବିକ୍ରି ହୁଏ ।'' ମ୍ୟାନେଜର ମନେ ମନେ ଭାବିନେଲେ ଯେ ବୋଧହୁଏ ମି. ସ୍ପେନ୍‌ସର୍ ଏହି ସହରରେ ରହିଯିବେ । କାରଣ ସହରଟି ବେଶ୍ ଶାନ୍ତ ଆଉ ବାସିନ୍ଦାମାନେ ବନ୍ଧୁବତ୍ସଳ ।

ମି. ସ୍ପେନ୍‌ସର୍‌ଙ୍କର ଚିନ୍ତା ଥିଲା ଅନ୍ୟ ପ୍ରକାରର । ମାନେ କିଛିଦିନ ସହରରେ ରହି ଅବସ୍ଥାକୁ ଅନୁଧ୍ୟାନ କରିବା ।

ମ୍ୟାନେଜର ହୋଟେଲର ବୟକୁ ଯେତେବେଳେ ଡାକିଲେ ମି. ସ୍ପେନ୍‌ସର୍‌ଙ୍କ ଆଟାଚିଟାକୁ ତାଙ୍କ କୋଠରିକୁ ନେଇ ଯିବା ପାଇଁ, ସେ ମନା କଲେ । ନିଜେ ନେଇଯିବେ ବୋଲି କହିଲେ । ତା'ର କାରଣ ହେଲା ଆଟାଚିଟି ଓଜନିଆ ଥିଲା ଓ ତାଙ୍କ ବ୍ୟତୀତ ଅନ୍ୟ କେହି ସେକଥା ଜାଣୁ, ତାହା ସେ ଚାହୁଁ ନଥିଲେ । ଫିନିକ୍ସ ଚଢ଼େଇ ପରି, ଜିମି ଭାଲେଣ୍ଟାଇନ୍‌ର ପାଉଁଶରୁ ଜାତ ରାଲ୍‌ଫ ସ୍ପେନ୍‌ସର୍, ପ୍ରଜ୍ୱଳିତ ପ୍ରେମର ଉଷ୍ମତାରେ ନିମିଷକେ ପରିବର୍ତ୍ତିତ ହୋଇ ଖୁବ୍ କମ୍ ଦିନ ଭିତରେ ଜୋତା ଦୋକାନଟିଏ ଦେଇ ରହିଗଲେ ଏଲମୋର୍‌ରେ ଆଉ ଚଢ଼ି ଚାଲିଲେ ଉନ୍ନତିର ପାହାଚରେ ।

ସମାଜରେ ତାଙ୍କର ଆଦର ବଢ଼ିଲା ଓ ସେ ଅନେକଙ୍କ ସହିତ ବନ୍ଧୁତା ସ୍ଥାପନ କଲେ ଆଉ କୃତକାର୍ଯ୍ୟ ହେଲେ ପ୍ରେୟସୀର ହୃଦୟ ଜିଣିବାରେ । ଆନାବେଲଙ୍କ ସହିତ ସାକ୍ଷାତ୍ ପରଠାରୁ ତାଙ୍କ ସୌନ୍ଦର୍ଯ୍ୟ ଜିମିଙ୍କୁ ଅଧିକରୁ ଅଧିକ ବିମୋହିତ କଲା ।

ଗୋଟାଏ ବର୍ଷ ପରେ ମି. ରାଲ୍‌ଫ ସ୍ପେନ୍‌ସର୍‌ଙ୍କ କାର୍ଯ୍ୟକଳାପ ଏପରି ହେଲା ଯେ ସେ ଧନୀମାନୀ ନାମରେ ଗଣା ହୋଇ ସମ୍ମାନ ଭାଜନ ହେଲେ । ତାଙ୍କ ଜୋତା ବ୍ୟବସାୟ ଦିନକୁ ଦିନ ବଢ଼ି ଚାଲିଲା । ଆନାବେଲ୍‌ଙ୍କ ସହିତ ତାଙ୍କର ବିବାହ ଦୁଇ ସପ୍ତାହ ପରେ ହେବାର ସ୍ଥିରୀକୃତ ହୋଇଗଲା । ମନ୍ଥର ହେଲେ ବି ସ୍ପେନ୍‌ସର୍‌ଙ୍କ ବିବାହ ପ୍ରସ୍ତାବରେ ପରିଶ୍ରମୀ ମଫସଲିଆ ବ୍ୟାଙ୍କ ମାଲିକ ମି. ଆଡ଼ାମ୍‌ସ୍ ରାଜି ହୋଇ ଯାଇଛନ୍ତି । ତାଙ୍କର ସ୍ନେହ ପାଇଁ ଆନାବେଲ୍ ବି ଗର୍ବିତା । ସେତେବେଳକୁ ଆନାବେଲ୍‌ଙ୍କ ବିବାହିତା ଭଉଣୀଙ୍କ ଘରେ ଜଣେ ପରିବାରର ସଦସ୍ୟ ପରି ସ୍ପେନ୍‌ସର୍ ଚଳୁଥାଆନ୍ତି ।

ଦିନେ ଜିମି ତା' ଘରେ ବସି ନିମ୍ନ ଚିଠିଟି ଲେଖି ସେଣ୍ଟ୍ ଲୁଇରେ ଥିବା ଜଣେ ପୁରୁଣା ବନ୍ଧୁଙ୍କ ପାଖକୁ ପଠେଇଲା –

ପ୍ରିୟ ବନ୍ଧୁ !

ଆସନ୍ତା ବୁଧବାର ଦିନ ରାତି ସାଢ଼େ ନଅଟା ବେଳେ ତୁମକୁ ଦେଖା କରିବାକୁ ଚାହେଁ । ସେଠି ମୋର ଶେଷକଥା ତୁମକୁ କହିବି । ହଁ, ମୁଁ ମୋର ଯନ୍ତ୍ର ବାକ୍ସଟି ତୁମକୁ ଉପହାର ଦେବି ମଧ୍ୟ । ମୁଁ ଜାଣେ ସେତକ ପାଇବା ପାଇଁ ତୁମେ ନିଶ୍ଚୟ ଆଗ୍ରହୀ । କାରଣ ହଜାରେ ଡଲାର ଖର୍ଚ୍ଚ କରି ବି ତୁମେ ସେ ଉପକରଣଗୁଡ଼ିକର ଅବିକଳ ନକଲ କରିପାରି ନଥିଲ । ସତ କହୁଛି ବିଲ୍ । ମୁଁ ମୋର ପୁରୁଣା ଧନ୍ଦାକୁ ତ୍ୟାଗ କରିବା ବର୍ଷେ ହୋଇଗଲାଣି । ଗୋଟିଏ ସୁନ୍ଦର ଦୋକାନଟିଏ ଖୋଲି ସତ୍ ଉପାୟରେ ଜୀବିକା ନିର୍ବାହ କରୁଛି ଓ ଦୁଇ ସପ୍ତାହ ଭିତରେ ଗୋଟିଏ ଅନିନ୍ଦ୍ୟ ସୁନ୍ଦରୀ ଝିଅ ସହିତ ବିବାହ କରିବାକୁ ଯାଉଛି । ମୋର ଜୀବନ ବିତୁଛି ଅତି ସରଳ ଭାବରେ । ବିଲ୍ ! ଏବେ ଲକ୍ଷେ ଦେଲେ ବି ପରର ପଇସାଟିଏ ଛୁଇଁବି ନାହିଁ । ବିବାହ ପରେ ଦୋକାନଟି ବିକ୍ରି କରି ପଶ୍ଚିମକୁ ଚାଲିଯିବି ଯେ ସେଠାରେ ମୋର ପୁରୁଣା କେସ୍‌ର ଫାଇଲ ଖୋଲି ମୋ ବିରୋଧରେ ସମନ ଜାରି ହେବାର ଭୟ ନଥିବ । ସତ କହୁଛି ବିଲ୍ । ଝିଅଟା ସାକ୍ଷାତ୍ ଗୋଟାଏ ଦେବୀ । ମୋ ଉପରେ ତା'ର ଅତୁଟ ବିଶ୍ୱାସ । ମୁଁ କେବେ ହେଲେ ଦୁନିଆରେ ଆଉ ସେ ବଙ୍କା ରାସ୍ତା ଧରିବି ନାହିଁ । ନିଶ୍ଚୟ ଏଲମୋର୍‌କୁ ଆସିବ । କାରଣ ତୁମ ସହିତ ସାକ୍ଷାତଟା ଜରୁରୀ ଏବଂ ଯନ୍ତ୍ରପାତିଗୁଡ଼ିକୁ ମୁଁ ଧରି ଆସିଥିବି ।

(ଇତି)

ତୁମର ପୁରୁଣା ବନ୍ଧୁ

ଜିମି

ଜିମି ଚିଠି ଖଣ୍ଡିକ ପଠେଇବା ପର ମଙ୍ଗଳବାର ରାତିରେ ବେନ୍ ପ୍ରାଇସ୍ ଅତର୍କିତଭାବେ ସରକାରୀ ଗାଡ଼ିରେ ଆସି ପହଞ୍ଚି ଗଲେ ଏଲମୋର୍‌ରେ । ଲୋକ ନଜରର ଆଢୁଆଳରେ ସହରଟା ସାରା ବୁଲାବୁଲି କରିବା ପରେ ତାଙ୍କର ଆବଶ୍ୟକ ଥିବା ସୂଚନା ତାଙ୍କୁ ମିଳିଗଲା । ମେଡ଼ିସିନ୍ ଦୋକାନ ସାମନା ରାସ୍ତା ଆରପଟକୁ ଥିବା ସ୍ପେନ୍‌ସର୍ ଜୋତା ଦୋକାନରେ ଥିବା ରାଲ୍‌ଫ ଡି ସ୍ପେନ୍‌ସର୍‌କୁ ଠିକ୍‌ଭାବେ ଦେଖି ନେଲେ । ମନେ ମନେ ଭାବିଲେ ''ବ୍ୟାଙ୍କ ମାଲିକର ଝିଅକୁ ବାହା ହେବା ପାଇଁ ଯାଉଛୁ କିରେ ଜିମି ? ମୁଁ କିଛି ଜାଣି ନାହିଁ ନା !''

ପରଦିନ ସକାଳେ ଆଦାମ୍ ପରିବାର ସହିତ ଜିମି ପ୍ରାତଃ ଭୋଜନ କଲା । ସେଦିନ ସେ ଯିବାକୁ ଥିଲା ବଡ଼ ସହରକୁ । ଲିଟିଲ୍ ରକ୍‌ର ସବୁଠୁ ନାମୀ ଦରଜିକୁ ତା ବିବାହ ଡ୍ରେସ୍ ବରାଦ ଦେବାକୁ ଏବଂ ଆନାବେଲ୍ ପାଇଁ କିଛି ଗୋଟାଏ ମୂଲ୍ୟବାନ୍ ଉପହାର ଜିନିଷ କିଣିବା ପାଇଁ । ଏଲମୋର୍‌କୁ ଆସିବା ପରେ ଏହା ତା'ର ପ୍ରଥମଥର ପାଇଁ ସହର ଛାଡ଼ିବା । ତା' ବୃତ୍ତି ଛାଡ଼ିବାର ବର୍ଷକରୁ ଅଧିକ ହୋଇଗଲାଣି । ତେଣୁ ସେ ନିଜକୁ ନିରାପଦ ମଣି ବାହାରକୁ ଯିବା ପାଇଁ ଠିକ୍ କଲା ।

ପ୍ରାତଃଭୋଜନ ପରେ ପରେ ପରିବାରର ସମସ୍ତେ ସହରକୁ ବାହାରିଲେ । ସେମାନଙ୍କ ମଧ୍ୟରେ ଥିଲେ ମି.

ଆଡ଼ାମ୍ସ୍, ଆନାବେଲ୍, ଆଉ ଆନାବେଲ୍ର ବିବାହିତା ଭଉଣୀ ସହିତ ତା'ର ଛୋଟ ଛୋଟ ଝିଅ ଦୁଇଟି । ଗୋଟିଏ ଝିଅର ବୟସ ପାଞ୍ଚ ଓ ଅନ୍ୟଟିର ବୟସ ନ' ବର୍ଷ ।

ସେମାନେ ଚାଲି ଚାଲି ଯାଇ ଜିମି ରହୁଥିବା ହୋଟେଲ ପାଖରେ ପହଞ୍ଚିଲା ବେଳକୁ ଜିମି ଆଗୁଆ ଧାଇଁଯାଇ ତା' ରୁମ୍ରୁ ଆଟାଚିଟି ଧରି ଚାଲି ଆସିଲା । ତା'ପରେ ସାଥିହୋଇ ସେମାନେ ଗଲେ ବ୍ୟାଙ୍କ ପର୍ଯ୍ୟନ୍ତ । ଜିମି ରେଳ ଷ୍ଟେସନକୁ ଯିବା ପାଇଁ ଘୋଡ଼ା ଗାଡ଼ିଟି ବ୍ୟାଙ୍କ ପାଖରେ ଅପେକ୍ଷା କରିଥିଲା ।

କାରୁକାର୍ଯ୍ୟଭରା ପ୍ରକାଣ୍ଡ ପ୍ରକାଣ୍ଡ କାଠ ଦରଜା ଦ୍ୱାରା ନିର୍ମିତ ବ୍ୟାଙ୍କ ଭିତରେ ପରିବାରର ସମସ୍ତେ ପଶିଗଲେ । ତାଙ୍କ ସାଥିରେ ଜିମି ବି ଥିଲା । କାରଣ ବ୍ୟାଙ୍କ ମାଲିକଙ୍କ ଭାବୀ ଜାମାତାଙ୍କ ପାଇଁ ଅନୁପ୍ରବେଶ କରିବାରେ କୌଣସି ବାଧାବିଘ୍ନ ନଥିଲା । ବ୍ୟାଙ୍କର କିରାଣିମାନଙ୍କୁ ଜିମି ଅଭିବାଦନ କଲାବେଳକୁ ଆନାବେଲ୍କୁ ସେ ବିବାହ କରୁଥିବାରୁ ସେମାନେ ନିଜକୁ କୃତକୃତ୍ୟ ମଣୁଥିଲେ । ଜିମି ତା' ଆଟାଚିଟାକୁ ଗୋଟାଏ ଟେବୁଲ ଉପରେ ରଖିଦେଲା । ଏତିକିବେଳେ ଆନାବେଲ୍, ଯେକି ବିବାହ ସ୍ୱପ୍ନରେ ବିଭୋର ଥିଲା, ଯୁବତୀ ସୁଲଭ ଗୁଣରେ ଜିମିର ଟୋପିଟା ନିଜ ମୁଣ୍ଡରେ ପିନ୍ଧି ଆଉ ଆଟାଚିଟାକୁ ଧରି କହିଲା, ''ମୁଁ ଏବେ ସୁନ୍ଦର ବ୍ୟାଣ୍ଡ୍ ବାଦକ ପରି ଦେଖାଯାଉଛି କି ?'' ଏତକ କହିସାରି ଆଟାଚିଟାକୁ ଟେବୁଲ ଉପରେ ରଖି ଦେଇ କହିଲା, ''ବାବାରେ, ଏ ଆଟାଚିଟା କେଡ଼େ ଓଜନିଆ ? ସତେ ଯେମିତି ସୁନା ଭରି ରହିଛି ଏଥିରେ ।''

''ସେଥିରେ ଜୋତା ପ୍ରସ୍ତୁତି ପାଇଁ ନିକେଲ ଦିଆ ବିଭିନ୍ନ ହାତ ହତିଆର ଅଛି । ସେଗୁଡ଼ିକ ଫେରେଇବା ପାଇଁ ଯାଉଛି । ପାର୍ଶଲ ଖର୍ଚ୍ଚଟା ବଞ୍ଚିଯିବ ତ । ଆଜିକାଲି ମୁଁ ଅତିଶୟ ଖର୍ଚ୍ଚ କାଟ କରୁଛି ।'' ସରଳ ଭାବରେ ଜିମି ବତେଇ ଦେଲା । ଏଲମୋର୍ ବ୍ୟାଙ୍କକୁ ସମ୍ପୂର୍ଣ୍ଣ ନିରାପଦ କରିବାକୁ ଅଳ୍ପ ଦିନ ତଳେ ନୂଆ ପ୍ରକାର ଦରଜା ଖଞ୍ଜା ଯାଇଥିବା ଷ୍ଟ୍ରଙ୍ଗ୍ ରୁମ୍ ନିର୍ମିତ ହୋଇଥିଲା । ସେଥିପାଇଁ ମି. ଆଡ଼ାମସ୍ ମନେ ମନେ ବେଶ୍ ଗର୍ବ ଅନୁଭବ କରୁଥିଲେ । ତେଣୁ ପରିବାରର ସମସ୍ତଙ୍କୁ ଆଣିଥିଲେ ଦେଖେଇବା ଉଦ୍ଦେଶ୍ୟରେ । ଷ୍ଟ୍ରଙ୍ଗ୍ ରୁମ୍ଟି କ୍ଷୁଦ୍ର ମାତ୍ର ଦରଜାଟା ଅତ୍ୟାଧୁନିକ । ତିନୋଟି ବେଶ୍ ଦମ୍ଭିଲା ଦମ୍ଭିଲା ମୋଟା ମୋଟା ଇସ୍ପାତ କଡ଼ି ସେଥିରେ ଲାଗିଛି । ସେଥିରେ ଗୋଟିଏ ଥର ହ୍ୟାଣ୍ଡଲ ଘୂରାଇଲେ ଏକା ସାଙ୍ଗରେ ଲମ୍ବିଯାଇ ଦରଜାକୁ ବନ୍ଦ କରିଦିଏ । ତା' ସହିତ ସଂଯୋଗ କରାଯାଇଛି ସତର୍କ ଘଣ୍ଟି । ମି. ଆଡ଼ାମସ୍ ବେଶ୍ ଉତ୍‌ଫୁଲ୍ଲ ହୋଇ ଦରଜାର ତାଲା ପକେଇବା ଆଉ ଫିଟେଇବା ପ୍ରଣାଳୀ ସମ୍ବନ୍ଧରେ ପରିବାରର ସମସ୍ତଙ୍କୁ ବୁଝାଉଥିଲେ । ମି. ସ୍ପେନ୍ସର୍ ତେଣିକି ମନ ନଦେଇ କେବଳ ଶିଷ୍ଟାଚାର ଦୃଷ୍ଟିରୁ ଅବଶ୍ୟ ଶୁଣୁଥିଲେ । ଛୋଟ ଝିଅ ଦୁଇଟି । ମେ ଆଉ ଆଗାଥା ଷ୍ଟ୍ରଙ୍ଗ୍ ରୁମ୍ର ଚିକ୍‌ଚିକ କରୁଥିବା ଧାତବ ପଟା ତଥା ସେ ସତର୍କ ଘଣ୍ଟିକି ଦେଖି ବେଶ୍ ଉପଭୋଗ କରୁଥିଲେ ।

ସମସ୍ତେ ଏହି କାର୍ଯ୍ୟରେ ବ୍ୟସ୍ତ ଥିଲାବେଳେ ବେନ୍ ପ୍ରାଇସ୍ ଚାଲି ଚାଲି ଆସି ବ୍ୟାଙ୍କ ଭିତରେ ପଶିଲେ । ସେ ମଧ୍ୟ ନଇଁପଡ଼ି ଆଖି ବୁଲେଇ ଦେଲେ ଷ୍ଟ୍ରଙ୍ଗ୍ ରୁମ୍ ଭିତରକୁ । ବ୍ୟାଙ୍କର କର୍ମଚାରୀମାନେ ତାଙ୍କୁ ଜେରା କରିବାରୁ ସେ କହିଲେ ଯେ ବ୍ୟାଙ୍କରେ ତାଙ୍କର କିଛି କାର୍ଯ୍ୟ ନାହିଁ । ମାତ୍ର ସେ ଆସିଛନ୍ତି ତାଙ୍କର ଜଣେ ପରିଚିତ ଲୋକ ସହିତ ସାକ୍ଷାତ୍ କରିବାକୁ ।

ହଠାତ୍ ସ୍ତ୍ରୀ ଲୋକଗୁଡ଼ାକ ଚିଲେଇବାକୁ ଆରମ୍ଭ କରିଦେଲେ, ଆଉ ହୋ-ହଲ୍ଲା ଚାଲିଲା । ବୁଝିବାକୁ ଡେରି ହେଲା ନାହିଁ ଯେ କେତେବେଳେ ବଡ଼ ଝିଅ ମେ ଗେଲ ଖେଳିବା ଉଦ୍ଦେଶ୍ୟରେ ସାନ ଝିଅ ଆଗାଥାକୁ ଷ୍ଟ୍ରଙ୍ଗ୍ ରୁମ୍ରେ ପୂରେଇ ଦେଇ ଦରଜାର ହ୍ୟାଣ୍ଡଲ୍‌ଟାକୁ ମୋଡ଼ି ଦେଇଛି । ମି. ଆଡ଼ାମ୍ସ୍ ବୁଝେଇଲା ବେଳକୁ ଯେମିତି କହିଥିଲେ ଠିକ୍ ସେମିତି ସେ କରିଛି । ମି. ଆଡ଼ାମ୍ସ୍ ସାଙ୍ଗେ ସାଙ୍ଗେ ଦୌଡ଼ିଯାଇ ଆଗ ହ୍ୟାଣ୍ଡଲ୍‌ଟାକୁ ଧରି ଫିଟେଇବାକୁ ଚେଷ୍ଟା କଲେ । ମାତ୍ର କିଛି ଲାଭ ହେଲା ନାହିଁ । କହିଲେ, ''ସତର୍କ ଘଣ୍ଟି ଠିକ୍‌ଭାବେ ଖଞ୍ଜା ଯାଇ ନଥିଲା । ତେଣୁ ଦରଜା ଫିଟୁ ନାହିଁ ।'' ଦୁଃଖରେ ମର୍ମାହତ ହୋଇ ତାଙ୍କ ପାଟିରୁ ଏତକ ବାହାରି ପଡ଼ିଲା ।

ଆଗାଥାର ମା' କାନ୍ଦି କାନ୍ଦି ସେତେବେଳକୁ ଅଣାୟତ୍ତ ହୋଇ ପଡ଼ିଲାଣି । ''ଦୟାକରି ସମସ୍ତେ ଟିକିଏ ଚୁପ୍ ରହନ୍ତୁ ତ !'' କହି ଖୁବ୍ ଜୋରରେ ଆଗାଥାର ମା' ଡାକ ଛାଡ଼ିଲା ''ଆଗାଥା, ଆଗାଥା !'' ଷ୍ଟ୍ରଙ୍ଗ୍ ରୁମ୍ ଭିତରୁ କେବଳ ଅତି କ୍ଷୀଣ ଭୟାତୁର ବିକଳ ସ୍ୱର ଶୁଭୁଥାଏ ।

ଆଗାଥାର ମା' ଖୁବ୍ ଜୋରରେ ଚିତ୍କାର କରି ବାହୁନିଲା, ''ଭୟରେ ମୋ ଧନର ପ୍ରାଣ ଛାଡ଼ିଯିବ ତା' ଭିତରେ । ଶୀଘ୍ର କିଏ ହେଲେ ସେ ଦରଜାକୁ ତାଡ଼ିଦିଅ କି ଭାଙ୍ଗିଦିଅ ! କିଛି କରି ହେବନି କି ?''

''ଲିଟିଲ୍‌ରକ୍ ସହର ବ୍ୟତୀତ ପାଖାପାଖି ଆଉ

କୋଉଠି କେହି ନାହାନ୍ତି, ଯେ କି ଏ କବାଟକୁ ଖୋଲି ପାରିବ ।'' କହିଲା ବେଳକୁ ମି. ଆଡ଼ାମ୍ସ୍‌ଙ୍କ ଗଳା ଥରୁଥିଲା । ମି. ସ୍ପେନ୍‌ସର୍‌ଙ୍କ ଉଦ୍ଦେଶ୍ୟରେ କହିଲେ, ''ଏବେ କ'ଣ କରିବା ? ପିଲାଟା ତା' ଭିତରେ ତ ବେଶୀ ସମୟ ରହିପାରିବ ନାହିଁ । ଭିତରେ ଯଥେଷ୍ଟ ପବନ ନଥାଏ । ତା' ଛଡ଼ା ଭୟରେ ପିଲାଟାର ଚେତା ବୁଡ଼ିଯିବ ।''

ବର୍ତ୍ତମାନ କାନ୍ଦି କାନ୍ଦି ଆଗାଥା ମା' ଖାଲି ସେ ଦରଜାଟାକୁ ଖୁବ୍ ଜୋର୍‌ରେ ପିଟୁଥିଲା । ଏତିକିବେଳେ ବ୍ୟାଙ୍କର କେହି ଜଣେ ଡିନାମାଇଟ୍ ବ୍ୟବହାର କରିବା କଥା ପ୍ରସ୍ତାବ ଦେଲା । ସେକଥା ଶୁଣି ଆନାବେଲ୍ ବଡ଼ ବଡ଼ ଆଖି କରି ମି. ସ୍ପେନ୍‌ସରଙ୍କ ଆଡ଼କୁ ଅନେଇଲା । ଆଖିରେ ତା'ର ଫୁଟି ଉଠୁଥିଲା ମନ ଭିତରର ଯନ୍ତ୍ରଣା । ମାତ୍ର ତା'ରି ଭିତରେ ଲୁଚି ରହିଥିଲା ଆଶାର ଝଲକ । ଭଲ ପାଉଥିବା ପୁରୁଷ ପକ୍ଷରେ କୌଣସି କାମ ଅସମ୍ଭବ ନୁହେଁ ବୋଲି ନାରୀ ଭାବିଥାଏ । ''ତୁମେ କିଛି କରି ପାରିବନି କି ରାଲ୍‌ଫ୍ ? ଟିକିଏ ଚେଷ୍ଟା କର ତ !'' କହି ଅନୁରୋଧ କଲା ।

ଆନାବେଲ୍ ଆଡ଼କୁ ପ୍ରେମପୂର୍ଣ୍ଣ ଚକ୍ଷୁରେ ଜିମି ଚାହିଁଲା । ଓଠରେ ତା'ର ସ୍ମିତହାସ୍ୟର ଛଟା । କହିଲା, ''ଆନାବେଲ୍ ! ତୁମ ଛାତିରେ ଥିବା ଗୋଲାପଟା ମୋତେ ଦିଅ । ଦବ କି ?''

ଶୁଣୁଶୁଣୁ ଆନାବେଲ୍ ଛାତିରୁ ଗୋଲାପଟା କାଢ଼ି ସ୍ପେନ୍‌ସର୍‌ଙ୍କ ହାତରେ ଥୋଇଦେଲା । ଜିମି ଶୁଂଘି ଦେଇ ପୂରେଇ ଦେଲା ପକେଟରେ । ଦେହରୁ କୋଟଟାକୁ ବାହାର କରିଦେଇ ସାର୍ଟଟା ଗୁଡ଼େଇ ଦେଲା ହାତର ଉପର ଅଂଶରେ । ବାସ୍ ସେତିକିରେ ମି. ରାଲ୍‌ଫ ଡି. ସ୍ପେନ୍‌ସର୍ ଉଭାନ ହୋଇ ଉଭା ହେଲେ ଜିମି ଭାଲେଣ୍ଟାଇନ୍ ।

''ସମସ୍ତେ ଦୁଆର ଛାଡ଼ି ଚାଲିଯାଅ ।'' ବେଶ୍ ଚଢ଼ା ଗଳାରେ ସମସ୍ତଙ୍କୁ ଆଦେଶ ଦେଲା ଜିମି । ଆଟାଚିଟା ଖୋଲି ଜିନିଷପତ୍ର ବାହାର କଲା ।

ତା' ପରଠାରୁ ସେ ଭୁଲିଗଲା ଯେ ସେଠାରେ କିଏ କିଏ ଉପସ୍ଥିତ ଅଛନ୍ତି । ପ୍ରଥମେ ଚିକ୍ ଚିକ୍ କରୁଥିବା ଯନ୍ତ୍ରପାତି ସବୁ ସଜେଇ ଦେଲା । ତା'ପରେ ହାଲକା ଭାବରେ ଶୁଶୁରି ମାରି ମାରି ଲାଗିଗଲା ତା' କାମରେ । ସାଧାରଣତଃ ସେ ଏହି କାର୍ଯ୍ୟ କରୁଥିଲାବେଳେ ପାଟିରୁ ହାଲୁକା ଶୁଶୁରି ଶବ୍ଦ ବାହାରେ । ମନ୍ତ୍ରମୁଗ୍ଧ ହେଲା ପରି ରୁଣ୍ଡ ହୋଇଥିବା ଲୋକେ ଚୁପ୍‌ଚାପ୍ ହଲଚଲ ନହୋଇ ଦୂରରୁ ଦେଖୁଥିଲେ । ଦେଖୁ ଦେଖୁ ଜିମିର ପ୍ରିୟ କରତଟା ଇସ୍ପାତ ଦରଜାକୁ କାଟିବା ଆରମ୍ଭ କରିଦେଲା । ଆଗରୁ କରିଥିବା ସିନ୍ଧିର ରେକର୍ଡ଼ ଭାଙ୍ଗି ଦଶ ମିନିଟ ଭିତରେ କବାଟଟା ଖୋଲିଗଲା । ଆଗାଥା ଚେତାଶୂନ୍ୟ ହେଲା ପରି ଅବସ୍ଥାରେ ଥିଲା । ମାତ୍ର ସାଙ୍ଗେ ସାଙ୍ଗେ ସୁସ୍ଥ ସବଳ ପିଲା ପରି ଧାଇଁ ଆସି ପଶିଗଲା ମା' କୋଳରେ ।

ଜିମି ଭାଲେଣ୍ଟାଇନ୍ ସାର୍ଟର ହାତ ବୋତାମ ଲଗେଇ ଦେଇ କୋଟଟା ପିନ୍ଧି ଦେଲା । ତା'ପରେ ଚାଲିଲା ବ୍ୟାଙ୍କ ବାହାରକୁ । ଗଲାବେଳେ କିଏ ଜଣେ କହିଲା ପରି ତାକୁ ଶୁଭିଲା, ''ମୁଁ ରାଲ୍‌ଫକୁ ଆଗରୁ ଜାଣିଛି ।'' ସେ କିନ୍ତୁ ଦୋଦୋପାଞ୍ଚ ନହୋଇ ବ୍ୟାଙ୍କର ମୁଖ୍ୟ ଦରଜା ଆଡ଼କୁ ଚାଲିଲା । ଦରଜା ପାଖରେ ହାବୁଡ଼ିଲା ଜଣେ ବିରାଟକାୟ ଲୋକ । ମାତ୍ର ପୂର୍ବର ସ୍ମିତହାସ୍ୟକୁ ନଚାପି ଜିମି କହିଲା, ''ହ୍ୟାଲୋ ମି. ବେନ୍ । ଶେଷକୁ ମୋତେ ଧରେଇ ଦେଲେ ! ଠିକ୍ ଅଛି, ଏବେ ଚାଲନ୍ତୁ ଯିବା । ଏବେ ବାହାରେ ବା ଭିତରେ ରହିବାର ଫରକ ମୋ ପକ୍ଷେ କିଛି ନାହିଁ ।''

ଏତିକିବେଳେ ବେନ୍ ପ୍ରାଇସ୍ ଅଦ୍ଭୁତ ପ୍ରକାର ବ୍ୟବହାର କଲେ ।

''ଆପଣ ବୋଧେ ମୋତେ ଚିହ୍ନି ପାରିଲେ ନାହିଁ, ମି. ସ୍ପେନ୍‌ସର୍ ! ମୁଁ କିନ୍ତୁ ଭଲ ଭାବରେ ଆପଣଙ୍କୁ ଚିହ୍ନିଛି । ଆପଣଙ୍କ ଘୋଡ଼ା ଗାଡ଼ି ଠିଆ ହୋଇଛି । ଯାଆନ୍ତୁ ।'' ତା'ପରେ ବେନ୍ ପ୍ରାଇସ୍ ସେ ଜାଗା ଛାଡ଼ି ମିଳେଇଗଲେ ଜନଗହଳି ଭିତରେ ।

(A Retrieved Reform ର ଓଡ଼ିଆ ଅନୁବାଦ)

ଭାଷାନ୍ତର : ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ

❑❑❑

# କ୍ଲାସରେ ଶ୍ରୀମା'ଙ୍କ କାହାଣୀ

[୧୯୫୦ ମସିହା ନଭେମ୍ବର ମାସରେ ଶ୍ରୀମା ପିଲାମାନଙ୍କର କ୍ଲାସନେବାକୁ ଆରମ୍ଭ କଲେ । ଆଗେ ଯେଉଁଟିକୁ Guest House କୁହାଯାଉଥିଲା ଓ ପରେ ଦର୍ତୁଆର ଆନେକ୍ସ (Dortoir – Annexe) କୁହାଗଲା, ସେଇ ଗୃହର ତଳମହଲାର ଖୋଲା ବାରଣ୍ଡାରେ ଏଇ କ୍ଲାସ ହେଉଥିଲା । ଶ୍ରୀମା ଗୋଟିଏ ଛୋଟ ଚୌକିରେ ବସୁଥିଲେ ଓ ୮/୧୦ ବର୍ଷର ବାଳକବାଳିକାମାନେ ବସୁଥିଲେ ତଳେ, ଖେଳସରିବା ପରେ ଘରକୁ ଫେରିବା ଆଗରୁ ଏଇ କ୍ଲାସଟି ବସୁଥିଲା ଠିକ୍ ସନ୍ଧ୍ୟା ହେବା ପୂର୍ବରୁ ।

ଏଇ କାହାଣୀସବୁ ସେଇ ଶ୍ରେଣୀରେ ମା' କହୁଥିଲେ ବା ବହିପଢ଼ି ପିଲାଙ୍କୁ ଶୁଣାଉଥିଲେ, ମାଧ୍ୟମ ଥିଲା ଫରାସୀ ଭାଷା । **ମୃତ୍ୟୁଞ୍ଜୟ ମୁଖାର୍ଜୀ** ସେଇ ଗଳ୍ପସବୁ ଶୁଣିଆସି ବଙ୍ଗଳାରେ ଲିପିବଦ୍ଧ କରିନେଉଥିଲେ, ପରେ ନଳିନୀଦାଙ୍କୁ ଦେଖାଇବା ପରେ 'ପୁରୋଧା'ରେ ପ୍ରକାଶିତ ହେଉଥିଲା । ଶ୍ରୀମା କ୍ଲାସ ନେଉଥିଲେ ରବିବାର, ମଙ୍ଗଳବାର ଓ ଶୁକ୍ରବାର ଦିନ, ସେଥିମଧ୍ୟରୁ କାହାଣୀର କ୍ଲାସଟି ଶୁକ୍ରବାର ହେଉଥିଲା । ସେଥିରେ ପିଲାମାନଙ୍କ ଛଡ଼ା ବୟସ୍କମାନେ ମଧ୍ୟ ବସୁଥିଲେ । ଏବେ ସେଇ କାହାଣୀମାନ ଏକତ୍ର ସଂଗୃହୀତ ହୋଇ ପୁସ୍ତକାକାରରେ ପ୍ରକାଶିତ ହୋଇଛି ।]

## ସତ୍‌ସାହସ

ଜଣେ ଲୋକ ଏକ ବ୍ୟବସାୟୀଙ୍କ ଦୋକାନରେ କର୍ମଚାରୀ ଥିଲା, ଦରମା ଅଳ୍ପ । ପ୍ରଚୁର ଖଟଣି କରି ଅଳ୍ପ ରୋଜଗାରରେ ସେ ଯାହା ପାଉଥିଲା, ସେଇଥିରେ ତା' ସଂସାର ଚାଲୁଥିଲା କୌଣସି ପ୍ରକାରେ । ସ୍ତ୍ରୀ ଓ ଝିଅପୁଅଙ୍କୁ ମିଶାଇ ସେମାନେ ଚାରିଜଣ ଥିଲେ । ଦିନକୁ ଦିନ ଘର ଚଳାଇବା ଏକ ସମସ୍ୟା ହୋଇପଡ଼ିଲା, ଜିନିଷପତ୍ରର ଦରଦାମ ବି ବଢ଼ିଚାଲିଲା । ସମସ୍ତଙ୍କ ଅଭାବ ପୂରଣ କରିବା ତା' ପକ୍ଷେ ଅସମ୍ଭବ ହେଲା ।

ଦୁର୍ଗାପୂଜା ଆଉ ବେଶୀଦିନ ନ ଥାଏ । ହେମନ୍ତର ସ୍ନିଗ୍ଧ ନିର୍ମଳ ବାୟୁମଣ୍ଡଳର ସୁଗନ୍ଧ ଓ ନୀଳ ଆକାଶର ଦେହରେ ଧଳାଧଳା ବଉଦର ମେଳା ଦେଖିଲେ ଦୁର୍ଗାଦେବୀଙ୍କ ଆଗମନୀର ଆଭାସ ମିଳୁଥିଲା । ସାହିର ପିଲାମାନେ ଓ ବୁଢ଼ାବୁଢ଼ୀ ସମସ୍ତଙ୍କ ମୁହଁରେ ସେଇ ପୂଜାର ଗଳ୍ପ ଆଲୋଚନା । ମା' ଦୁର୍ଗାଙ୍କୁ ଆବାହନ କରିବା ପାଇଁ ସମସ୍ତେ ଯେପରି ପ୍ରସ୍ତୁତ ହେବାକୁ ଲାଗିଛନ୍ତି । ମା' ଆସନ୍ତି ବର୍ଷରେ ଥରେ, ଅଥଚ ସାରାଦେଶ ସେଇ ଆଗମନ ଲାଗି ବର୍ଷକଯାକ ଅପେକ୍ଷା କରିଥାଏ । ତା'ପରେ ଚାରିଦିନ କାଳ ତାଙ୍କର ପୂଜା ଆରାଧନା ଚାଲେ । ପିଲାମାନେ ତ ସବୁଠୁ ବେଶୀ ଖୁସି । କାରଣ ସେମାନଙ୍କୁ ମିଳେ ନୂଆ ଜାମାପଟା, ନୂଆ ଜୋତାମୋଜା, ନୂଆ ନୂଆ ଖେଳଣା, ଆହୁରି କେତେ କ'ଣ ଜିନିଷ । ସେମାନେ ଆଗରୁ ସବୁ ଜିନିଷ ଠିକ୍‌ଠାକ୍ କରି ରଖିସାରିଲେଣି – ବର୍ଷକ ଯାକରେ ଏଇ ଚାରିଗୋଟି ଦିନ ସବୁଠୁ ବେଶୀ ଆନନ୍ଦର ଦିନ, କେମିତି ସେତିକିଦିନ ସେମାନେ କଟାଇବେ – ପ୍ରତିମା ଦେଖିବାକୁ ଯିବେ, କିଏ କି ପୋଷାକ ପିନ୍ଧିବ, ଏବେଠୁ ସେମାନେ ତାହା ବାଛି ରଖିଲେଣି ସେତେବେଳ କଥା ଭାବି ।

ଆମର ଏ କର୍ମଚାରୀଟିର ଘରେ ବି ପୂଜା ଲାଗି ପ୍ରସ୍ତୁତ ହେବାକୁ ପଡ଼ିଲା । ତାଙ୍କ ଘରର ପିଲାଦୁଇଟି ବି ପ୍ରସ୍ତୁତ ହେବାକୁ ଆଗ୍ରହୀ । ପୁଅଟିର ଦରକାର ଯୋଦ୍ଧା ସାଜିବାର ପୋଷାକ ଓ ଝିଅଟିର ଦରକାର ଫିକା ନୀଳରଙ୍ଗର ଫ୍ରକ୍ । ସେମାନେ ବି ଆଶାକରି ବସିଛନ୍ତି, ବାପା ନିଶ୍ଚୟ ସେମାନଙ୍କ ଲାଗି ନୂଆ ଖେଳଣା ନେଇଆସିବେ ।

ବାପାଙ୍କର କିନ୍ତୁ ଅବସ୍ଥା ଡିଲା, ସାମାନ୍ୟ କିଛି ଅଧିକା ଉପାର୍ଜନ କରି ଘରକୁ ଆଣିବେ, ତାଙ୍କର କିଛି ଉପାୟ ନାହିଁ । ସେ ବି ଅନ୍ୟସବୁ ବାପାଙ୍କ ଭଳି ନିଜ ସନ୍ତାନମାନଙ୍କୁ ଭଲପା'ନ୍ତି, ସେମାନଙ୍କୁ ସୁଖରୁ ବଞ୍ଚିତ କରିବାକୁ ତାଙ୍କ ମନ ଚାହେଁ ନାହିଁ ମୋଟେ । କିଛି ଟଙ୍କା ଧାର କରିବାକୁ ସେ ବହୁତ ଚେଷ୍ଟା-କଲେ, କେଉଁଠୁ ବି କିଛି ତାଙ୍କୁ ମିଳିଲା ନାହିଁ । ସେଦିନ କାମ ପରେ ଦରମା ପାଇବା କଥା ଦୋକାନରେ । ପୂଜା ଆଉ ମାତ୍ର ଦଶଦିନ ବାକି ଅଛି । ନିୟମ ମୁତାବକ ସେ ତାଙ୍କ କାମକୁ ଗଲେ, ମାତ୍ର କାମରେ ଜମା ମନ ଲାଗୁ ନଥାଏ କାରଣ ପୂରାଟା ସମୟ ମନ ଯାଇ ପିଲାମାନଙ୍କ ପାଖରେ, ହୁଏତ ଏ ବର୍ଷ ସେମାନେ ପୂଜାରେ କିଛିହେଲେ ବି ପାଇବେ ନାହିଁ । ଯଥାସମୟରେ କାମ ଶେଷ ହେଲା ଓ ସେ କୋଷାଧ୍ୟକ୍ଷ ମହାଶୟଙ୍କ ହାତରୁ ଲଫାପାରେ ଭର୍ତ୍ତି ହୋଇଥିବା ତାଙ୍କ ଦରମା ଟଙ୍କା ପାଇଲେ । ନିରାଶ ଓ ଦୁଃଖିତ ମନରେ ସେ ଘରକୁ ବାହୁଡ଼ିଲେ ।

ଗୃହରେ ପହଞ୍ଚି ସେ କର୍ମଚାରୀ ଲଫାପାଟିକୁ ଖୋଲିଲେ, ଦେଖିଲେ ତାଙ୍କ ଦରମା ଟଙ୍କା ବ୍ୟତୀତ ଶହେ ଟଙ୍କା ଅଧିକା ରହିଛି – ଶହେ ଟଙ୍କାର ନୋଟଟିଏ । କେମିତି ଏହା ଆସିଲା – ତାହା ତାଙ୍କୁ ଚିନ୍ତାନ୍ୱିତ କଲା ।

''ଏ ନୋଟଟି ମୋ ଲଫାପାରେ ଭୁଲ୍‌ରେ ପଶିଯାଇଛି କେମିତି । ହେଉ, ଏ ଭୁଲ୍ ଯୋଗୁଁ ଭଲ ହେଲା, ପିଲାଙ୍କୁ ସନ୍ତୁଷ୍ଟ କରିବାକୁ ସୁଯୋଗ ମିଳିଲା, ମୋ ସ୍ତ୍ରୀ ଦେହରେ କେବେଠୁ ନୂଆ ବ୍ଲାଉଜଟିଏ ଲାଗି ନାହିଁ, ଏଥର ଖଣ୍ଡିଏ ବ୍ଲାଉଜ ତ ଦେଇପାରିବି ! ମୋର ସେଇ କେଉଁ କାଳର ପୁରୁଣା ଜୋତା ହଳେ ଘୁଷୁରି ଘୁଷୁରି ଛିଣ୍ଡି ଗଲାଣି, ହଳେ ଜୋତା ତ କିଣି ପାରିବି !''

– 'ନା, ନା, ଏହା ତ ତୋର ନିଜ ଟଙ୍କା ନୁହେଁ' କର୍ମଚାରୀଙ୍କ ଅନ୍ତରରୁ କେହି ଯେପରି କହିଲା – 'ଯେହେତୁ ଏହା ତୋର ପ୍ରାପ୍ୟ ନୁହେଁ, ଖର୍ଚ୍ଚ କରିବାର ଅଧିକାର ବି ତୋର ନାହିଁ, କାଲି ସକାଳେ ଯାଇ ଫେରସ୍ତ ଦେଇ ଦେ ।'

– 'ମାତ୍ର ଏ ଟଙ୍କାଟା ମୋ ପାଖରେ ଅଛି ବୋଲି କାହାକୁ ତ ଜଣା ନାହିଁ । ଯଦି ଏଇଟିକୁ ମୁଁ ନିଜ ପରିବାର ଲାଗି ଖର୍ଚ୍ଚ କରେ, କିଏ ବା ଜାଣିବ କେମିତି ? ନିଜ ଟଙ୍କା ଭଳି ଭାବି ମୁଁ ଖର୍ଚ୍ଚ କରିଦେବି, ମୋ ପଇସା ଖର୍ଚ୍ଚ କରୁନି – ଏହା କେହି ଜାଣିବେ ଅବା କେମିତି ?'

– 'ହଁ ସେ କଥା ଅବଶ୍ୟ ସତ, ତେବେ ସେଇ କାରଣରୁ ତ ଟଙ୍କାଟା ଫେରେଇଦେବା ବେଶୀ ଦରକାର । ପାଖଲୋକେ ଜାଣିପାରିବେ ଭାବି ଯଦି ତୁ ଅନ୍ୟାୟ କାମରେ ହାତ ଦେଉ ନଥାଉ, ତା'ର ଅର୍ଥ ନୁହେଁ ଯେ ତୁ ଗୋଟାଏ ସାଧୁପୁରୁଷ । କାରଣ ଏଇଟି ନେବା ପରେ କୌଣସି ଅନ୍ୟାୟ କାମ ଆସି ତୋ ପାଖରେ ପହଞ୍ଚିଲେ, ତାହା ହାତେଇବାକୁ ପ୍ରଥମ ସୁଯୋଗ ତୁ ଛାଡ଼ିବୁ ନାହିଁ – ଯେଉଁ କାମ ବିଷୟରେ ଅନ୍ୟମାନେ ଜାଣିପାରିବେ ନାହିଁ, ଏହା ନିଶ୍ଚିତ ବୋଲି ଜାଣିଲେ ତୁ ଠିକ୍ ସେଇଟା କରି ବସିବୁ – ଯେମିତି ଏଇ ବର୍ତ୍ତମାନ କରିବାକୁ ବସିଛୁ । ଏପରି ଭାବରେ ତୁ ଅନ୍ୟସମସ୍ତଙ୍କୁ ଠକି ଦେବୁ, କିନ୍ତୁ ନିଜକୁ ଠକି ପାରିବୁ ନାହିଁ ତ ? ଏକଥା ଭାବି କାଲି ସକାଳେ ଏପଟ ସେପଟ କିଛି ନ ଭାବି ସିଧାଯାଇ ଟଙ୍କାଟା ଫେରସ୍ତ ଦେଇଦେ ।'

– 'ମାତ୍ର ଏଇଟା ରଖିଲେ ମୋ ସ୍ତ୍ରୀ, ଝିଅପୁଅ ସମସ୍ତେ ଖୁସି ହୋଇପାରନ୍ତେ ।'

– 'ଓଃ, ତୋର ଧାରଣା ତୋର ଝିଅପୁଅ ଓ ସ୍ତ୍ରୀଙ୍କୁ ଖୁସି କରିପାରିବୁ କେବଳ ଟଙ୍କାପଇସା, ଜାମାକପଡ଼ା ଓ ଖାଇବା-ପିଇବା ଜିନିଷ ଦେଇ ? ବରଂ ନିଜେ ସତ୍‌ପଥରେ ଚାଲ । ସେମାନଙ୍କୁ ମଧ୍ୟ ସତ୍‌ପଥରେ ଚାଲିବାକୁ ଶିଖାଅ । ସେତେବେଳେ ଦେଖିବୁ ତୋ'ର ଅନ୍ତର ଓ ସେମାନଙ୍କର ଭିତର ସତ୍ତାରେ କେତେ ଐଶ୍ୱର୍ଯ୍ୟ ଆସି ଠୁଳ ହେବ – ଯାହା ଯଥାର୍ଥ ଐଶ୍ୱର୍ଯ୍ୟ । ଯଥାର୍ଥ ସୁଖଶାନ୍ତି ଏଇପରି ଭାବରେହିଁ ଆସି ପହଞ୍ଚେ । ଆଉ ଯଦି ଏବେ ଯାହା କରିବାକୁ ଭାବୁଛୁ ତାହା କରୁ, ତା' ହେଲେ କେତେ ନା କ'ଣ ଦୁର୍ଦ୍ଦଶା ଆସି ଘଟିପାରେ । ହଁ, ତୁମ ସଂସାରଟିର ଭଲମନ୍ଦ, ସୁଖ-ସୌଭାଗ୍ୟ ତୋହରି ଉପରେହିଁ ନିର୍ଭର କରୁଛି – ଏକଥାଟି ଯଦି ବୁଝିଥାଉ ତା'ହେଲେ ତୁ ଅସତ୍‌ପଥର ଆଶ୍ରୟ ନେଲେ ସେମାନଙ୍କୁ ତୁ ସୁଖୀ କରିପାରିବୁ ବୋଲି ଭାବୁଛୁ ?'

– 'କିନ୍ତୁ ଏସମୟରେ ଟଙ୍କା-ପଇସାର ନିହାତି ଆବଶ୍ୟକତା ରହିଛି ଯେ...'

– 'ଯଦି ତାହାହିଁ ହୋଇଥାଏ, ତାହା ହେଲେ ସତରେ ତାହା ଆସି ପହଞ୍ଚିବ, ମନ ଖରାପ କରିବାର କ'ଣ ଅଛି ? ଯେତେବେଳେ କୌଣସି ଗୋଟିଏ ଜିନିଷ ଦରକାର ବୋଲି ଭାବୁଛ, ଅଥଚ ତାହା ତୁମ ହାତ-ପାଆନ୍ତାରେ ପହଞ୍ଚିଲା ନାହିଁ, ତାହାହେଲେ ବୁଝିରଖ ସେଇ ଜିନିଷଟା ଯଥାର୍ଥରେ ତୁମର ଦରକାର ନ ଥିଲା ।'

ଏଇପରି କର୍ମଚାରୀ ଭଦ୍ରବ୍ୟକ୍ତିଙ୍କ ଭିତରର ଦୁଇଟି ପୁରୁଷଙ୍କ ମଧ୍ୟରେ କଥା କଟାକଟି ଚାଲିଥିଲା, ରାତି ସାରା ବିଚରା ଲୋକଟି ସୁନୀତି-ଦୁର୍ନୀତିର ଦ୍ୱନ୍ଦ୍ୱରେ ଛଟପଟ ହେଲେ । ଶେଷରେ ସୁନୀତିରହିଁ ଜୟ ହେଲା । ପ୍ରଭାତରୁ ସେ ସ୍ଥିର କଲେ ଯେ ଅଧିକା ଏକଶହ ଟଙ୍କାର ନୋଟଟି ସେ ଦୋକାନ ମାଲିକଙ୍କୁ ଫେରସ୍ତ କରିଦେବେ ।

ସକାଳବେଳା ସେ ଦୋକାନକୁ କାମକୁ ଗଲେ । ଉପରିସ୍ଥ କର୍ମଚାରୀଙ୍କ ନିକଟରେ ପହଞ୍ଚି କହିଲେ – ''ଗତକାଲି ମୋର ମାସିକ ବେତନର ଖୋଳଟି ଭିତରେ ଏଇ ଏକଶତ ଟଙ୍କାର ନୋଟଟି ଭୁଲ୍‌ରେ ରହିଯାଇଥିଲା ।'' ଏହା କହି ସେ ନୋଟଟି କାଢ଼ି ତାଙ୍କୁ ଦେବାକୁ ବାହାରିଲେ । ସେ ବ୍ୟକ୍ତି ହସିହସି କହିଲେ, ''ତୁମର ଏ ସତ୍ୟତା ଦେଖି ମୁଁ ଖୁବ୍ ଖୁସି ହେଲି, ମାତ୍ର ଭୁଲ୍‌ବଶତଃ ଏହା ତୁମ ବେତନ ଖୋଳ ଭିତରେ ରଖାଯାଇ ନଥିଲା । ଏ ବର୍ଷ ବ୍ୟବସାୟରେ ଯାହା ଲାଭ ହୋଇଛି, ଆମେମାନେ ଭାବି ସ୍ଥିର କରିଛୁ ଯେଉଁମାନେ ଏ

ବ୍ୟବସାୟରେ ନିଯୁକ୍ତ ହୋଇ କାମ କରିଆସୁଛନ୍ତି, ସେମାନଙ୍କୁ ଏ ଲାଭରୁ କିଛି କିଛି ଅଂଶ ପାଉଣା ହିସାବରେ ଦିଆଯିବ । ସୁତରାଂ ଏଇ ଦଶହରା ପୂଜାରେ ତୁମର ଖର୍ଚ୍ଚ-ବାର୍ଚ୍ଚର କାମରେ ଲାଗିବ ମନେକରି ତୁମକୁ ଦିଆହୋଇଛି ଏବର୍ଷର ଲାଭାଂଶରୁ ଏକଶତ ଟଙ୍କା ।’’

ଗୋଟାଏ ଦେଶର ଯେତେବେଳେ ଦୁରବସ୍ଥା ଚରମକୁ ଉଠିଥାଏ, ସେ ଦେଶର ବହୁଲୋକ ସେମାନଙ୍କ ଜୀବନକୁ ପଣ କରି ଶତ୍ରୁଦେଶ ସହିତ ଲଢ଼େଇ କରନ୍ତି ଓ ଶେଷରେ ଶତ୍ରୁକୁ ହରାଇଥା’ନ୍ତି ଓ ସ୍ୱଦେଶକୁ ରକ୍ଷାକରନ୍ତି । ଦେଶଲୋକେ ସେଇମାନଙ୍କୁ ବୀର-ପୁରୁଷ ବୋଲି ସମ୍ମାନିତ କରନ୍ତି, ଶ୍ରଦ୍ଧା କରନ୍ତି । ତେବେ ଯେଉଁମାନେ ନିଜ ଅନ୍ତରରେ ସତ୍ୟର ପକ୍ଷ ନିଅନ୍ତି ଓ ମିଥ୍ୟାର ବିରୋଧରେ ଯୁଦ୍ଧ କରନ୍ତି, ସେମାନେ ପୂର୍ବୋକ୍ତ ଦେଶଭକ୍ତ ଯୋଦ୍ଧାଙ୍କଠାରୁ କମ୍ ସତ୍‌ସାହସୀ ନୁହନ୍ତି । ଯେଉଁମାନେ ଯଥାର୍ଥ ବୀରପୁରୁଷ, ସେମାନେ ସର୍ବଦାହିଁ ସତ୍ୟଦିଗକୁ ବରଣ କରନ୍ତି ଓ ମିଥ୍ୟା ବିରୋଧରେ ଲଢ଼ାଇ କରନ୍ତି । ସେଥିପାଇଁ ସେମାନଙ୍କୁ ଭୀଷଣ ବିପଦରେ ବି ବେଳେବେଳେ ପଡ଼ିବାକୁ ହୁଏ । ସେକଥା ଜାଣି ମଧ୍ୟ ସେମାନେ ଭୟ ପାଆନ୍ତି ନାହିଁ ବା ବିଚଳିତ ହୁଅନ୍ତି ନାହିଁ । ଶେଷରେ ସେଇମାନଙ୍କୁହିଁ ବିଜୟ ମିଳିଥାଏ – ଏହା ସୁନିଶ୍ଚିତ, ଯେପରି ଏ କର୍ମଚାରୀଙ୍କ କ୍ଷେତ୍ରରେ ଘଟିଲା ବୋଲି ଆମେ ଦେଖିଲେ । ଏହାଛଡ଼ା ତାଙ୍କୁ ଯଥେଷ୍ଟ ଆନନ୍ଦ ମିଳିଲା, ପରିବାରର ଅନ୍ୟ ସମସ୍ତେ ବି ଆନନ୍ଦିତ ହେଲେ କାରଣ ସେଇ ଲାଭାଂଶର ଅର୍ଥ ସହିତ ସ୍ୱାଚ୍ଛନ୍ଦ୍ୟ ବି ସେମାନଙ୍କୁ ମିଳିଲା ପ୍ରଚୁର ପରିମାଣରେ । ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Bhubaneswar Contact
Phone/Whatsapp: 9937786512

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ମଗ୍ନ ଉପତ୍ୟକା

## ମନୋଜ ଦାସ

ଆମ ଗ୍ରାମର ଅସ୍ତିତ୍ୱ ସମ୍ପର୍କରେ ଆମେ ଶିଶୁମାନେ ହଠାତ୍ ଅବହିତ ହୋଇଥିଲୁ ଯେଉଁଦିନ ଅପରାହ୍ଣରେ ନିମ୍ନ-ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୟୋଜ୍ୟେଷ୍ଠ ତୃତୀୟ ଶ୍ରେଣୀର ଛାତ୍ରମାନଙ୍କୁ ''ମୋ ଗ୍ରାମ'' ଶୀର୍ଷକ ରଚନା ଲେଖିବାର ନିର୍ଦ୍ଦେଶ ଦେଇଥିଲେ ।

ନିଃଶ୍ୱାସ ପ୍ରଶ୍ୱାସ ଅଥବା ଜନନୀ ପରି ଗାଁ ବି ସେଯାଏ ଆମ ସତ୍ତା ସହିତ ସାମିଲ ହୋଇ ରହିଥିଲା । ସେଦିନ ପ୍ରଥମ କରି ଗ୍ରାମର ବିଭିନ୍ନ ବିଭବ – ବୃକ୍ଷଲତା, ପୁଷ୍କରିଣୀ, ପାର୍ଶ୍ୱବର୍ତ୍ତୀ ମହାଦେବ ମନ୍ଦିର ତଥା ମନ୍ଦିର-ସଂଲଗ୍ନ ପାହାଡ଼ କେତୋଟି ତାତ୍ପର୍ଯ୍ୟପୂର୍ଣ୍ଣ ଦିଶିଥିଲେ ।

ସେସବୁ ଛଡ଼ା ବି ଆମ ଗ୍ରାମର ବ୍ୟକ୍ତିତ୍ୱର ଅନ୍ୟାନ୍ୟ ବହୁତ ଦିଗ ଥିଲା । ମନ୍ଦିର ସମ୍ମୁଖବର୍ତ୍ତୀ ଭଗ୍ନ ତୋରଣ ଉପରେ ବସି ରହି ଗୋଟାଏ ଛୋଟା କାଉ ଅପେକ୍ଷାକୃତ ଅସ୍ୱାଭାବିକ ସ୍ୱରରେ ରାବୁଥାଏ – ତାକୁ ତଡ଼ିବାକୁ କେହି ସାହସ କରୁ ନଥା'ନ୍ତି । ହରିଜନ ପଲ୍ଲୀର ଜଣେ ବ୍ୟକ୍ତି ଚର୍ମଗତ କାରଣରୁ ଆଜନ୍ମ ସଫେଦ୍ ଦିଶୁଥାଏ । କୌଣସି ରହସ୍ୟମୟ ଉତ୍ସରୁ ସେ ଗୋଟାଏ ଖାକିରଙ୍ଗର ସୋଲ ଟୋପି ସଂଗ୍ରହ କରି ହାଟ ଦିନମାନଙ୍କରେ ତାକୁ ନାଇ ବାହାରୁଥାଏ । ଲୋକେ ଯେ ତାକୁ କେବଳ 'ସାହେବ' ନାମରେ ଡାକୁଥା'ନ୍ତି ସେତିକି ନୁହେଁ, ନିଜ ନିଜ ଅଜ୍ଞାତସାରରେ ସାହେବ ଜାତିର ପ୍ରାପ୍ୟ ସମ୍ମାନରୁ ତା'କୁ କିଛି ଦେଉଥା'ନ୍ତି ।

ବିଦ୍ୟାଳୟ ପଛପଟକୁ ବ୍ୟାପିଥାଏ ମୈଦାନ । ତନ୍ମଧ୍ୟସ୍ଥ ବୃକ୍ଷମାନଙ୍କୁ ଆମେ କେବେ ଅଚେତନ ବୋଲି ଭାବି ନଥିଲୁ । ଗୋଟିଏ ବୃକ୍ଷ ଆଣ୍ଠୁମାଡ଼ି ହାତ ଯୋଡ଼କରି ବସିଥିବା ଭଳି ଏବଂ ଅନ୍ୟ ଯୋଡ଼ିଏ ବୃକ୍ଷ ସର୍ବଦା ପରସ୍ପର କଥାଭାଷା ହେଉଥିଲା ଭଳି ମନେ ହେଉଥାଏ । ଶିକ୍ଷକ ଆମକୁ ଭର୍ତ୍ସନା ବା ବେତ୍ରାଘାତ କଲେ ସେ ବୃକ୍ଷମାନେ ଆମ ପ୍ରତି ସହାନୁଭୂତି ଦେଖାଇବାର ଆମେ ଅନୁଭବ କରୁଥିଲୁଁ । କୌଣସି ଦୀର୍ଘ ଅବକାଶ ପୂର୍ବରୁ ସେମାନେ ନିଜ ନିଜ ଭିତରେ ଆମ ପାଇଁ ସଞ୍ଚିତ ବହୁତ ପୁଲକପ୍ରଦ ମୁହୂର୍ତ୍ତ ବିଷୟରେ ଅବା ଆଲୋଚନା କରୁଥିଲେ ।

ସର୍ବୋପରି ମନ୍ଦିରସଂଲଗ୍ନ ପାହାଡ଼ ଉପରେ ଜଣେ ପାଗଳୀ ବୁଢ଼ୀ ଥାଏ । ତା'ର ଗୋଟିଏ ପାଗଳ କୁକୁର ଏବଂ ଗୋଟିଏ ପାଗଳ ବିଲେଇ ଥା'ନ୍ତି । ବୁଢ଼ୀ ଏବଂ ତା' କୁକୁର କଥା ଯାହାହେଉ, ତା' ବିଲେଇଟି ମଧ୍ୟ ପାଗଳ ବୋଲି ଗ୍ରାମବାସୀମାନେ କିପରି ଜାଣିଲେ, ସେ ବିଷୟରେ ତଦାରଖ କଲାଭଳି ବୟସରେ ମୁଁ ପହଞ୍ଚିବା ପୂର୍ବରୁ ତିନିହେଁ ପ୍ରାଣତ୍ୟାଗ କରିଥିଲେ । ବୁଢ଼ୀ ଛାଡ଼ି ଯାଇଥିଲା ଗୋଟିଏ ଅଧା ପାଗଳିଆ ଭେଣ୍ଡିଆ ପୁଅ । ସେ ପୁଣି ଥିଲା ଭୀଷଣ ଜିଦ୍‌ଖୋର । ଯାହା ମନ ତାହା ଘରପିଣ୍ଡାରେ ବସିଯାଉଥିଲା – ଖାଇବାକୁ ନଦେବା ଯାଏ ଉଠୁ ନଥାଏ । କିଏ ତାକୁ ଶିଖାଇଥାଏ କେଜାଣି, ସେ ଅସ୍ୱାଭାବିକ କଣ୍ଠସ୍ୱର ଏବଂ ଅର୍ଦ୍ଧବୋଧ୍ୟ ଭାଷାରେ ଜାହିର କରୁଥାଏ ଯେ ପାହାଡ଼ୋପରି ଶୃଗାଳ ଓ ଡାମରାକାଉମାନେ ତା' ସହ ଆଳାପ-ଆଲୋଚନା କରିଥା'ନ୍ତି । ତା' ଚାଲିଚଳନର ଅସଂଲଗ୍ନତା ଓ କଥାଭାଷାର ଦୁର୍ବୋଧତା ତାକୁ କିଛିମାତ୍ରାରେ ରହସ୍ୟମୟ କରିଥାଏ । ସେଇଟା ଥିଲା ତା' ପାଇଁ ଲାଭଜନକ । ଏକାଧିକ ଚିନ୍ତାଶୀଳ ଗ୍ରାମବାସୀ ତାକୁ ଭିନ୍ନ ଭିନ୍ନ ସମୟରେ କୌଣସି ନା କୌଣସି ରଚନାତ୍ମକ କାମରେ ଲଗାଇବାର ସାଧୁ ଉଦ୍ୟମ କରିଥିଲେ । ଜଣେ ଧନୀ ଚାଷୀ ଥରେ ତାକୁ ଖରାରେ ଶୁଖୁଥିବା ଗଦାଏ ସିଝା ଧାନ ଜଗାଇ ଦେଇଥିଲେ । କିଛି ସମୟ ପରେ ଦେଖାଗଲା, ଧାନ ଅନ୍ତର୍ହିତ ଏବଂ ତା' ସ୍ଥାନରେ ମହାଦେବଙ୍କ ଷଣ୍ଢ ଶୋଇ ପାକୁଳି କରୁଛି । ଷଣ୍ଢର ସେହି ଭୋଜନାନ୍ତର ବିଶ୍ରାମକୁ ସୁଖମୟ କରିବା ପାଇଁ ଟୋକା ସଙ୍ଗୀତ ପରିବେଷଣ କରୁଛି । ଜଣେ ତାକୁ ଅରଟ ବି ଧରାଇଥିଲେ, କିନ୍ତୁ ଫଳ କିଛି ହୋଇ ନଥିଲା । ଏହିସବୁ କାରଣରୁ ବୋଧେ ତା'ର ନାମ ହୋଇଥିଲା ଅବୋଲକରା ।

ମୋର ପାଞ୍ଚବର୍ଷ ବୟସରୁହିଁ ଆମକୁ ଇଂଜିନିୟର୍ ବାପାଙ୍କ ପାଖରେ ସହରରେ ରହିବାକୁ ପଡ଼ିଲା । ଗ୍ରାମସହ ସମ୍ପର୍କ ତୁଟିଗଲା । ତଥାପି ଯେଉଁଦିନ ଶୁଣିଲି ଯେ ଆମ ଗ୍ରାମ ସମେତ ସେ ଅଞ୍ଚଳକୁ ଜଳାର୍ଣ୍ଣବ କରାହୋଇ ଗୋଟାଏ ବିରାଟ ଡ୍ୟାମ୍ ପ୍ରସ୍ତୁତ ହେବ, ସେଦିନ ତୀବ୍ର ବିଷାଦ ଅନୁଭବ କରିଥିଲି । କାନ୍ଦିଥିଲେ ମା' ଏବଂ କ୍ରମେ ଗ୍ରାମାଞ୍ଚଳର ବହୁ ବିଶିଷ୍ଟ ଲୋକେ ସହରକୁ ଆସି ଆମ ଘରେ କାନ୍ଦିବାକୁ ଲାଗିଥିଲେ । ଯଦିଓ

ବାପାଙ୍କ ସହ ସେ ଯୋଜନାର କୌଣସି ସମ୍ପର୍କ ନଥିଲା, ସେମାନେ ତଥା ମା ବାରଂବାର ବାପାଙ୍କୁ ଏହି ନିବେଦନ କରିଥିଲେ କି ସର୍ବନାଶୀ ଯୋଜନାଟି ବାତିଲ ହେବା ଦିଗରେ ସେ ତାଙ୍କ ପ୍ରଭାବ ପକାନ୍ତୁ । ବାପା ସର୍ବଦା ଅତ୍ୟନ୍ତ ଗମ୍ଭୀର ଦିଶୁଥା'ନ୍ତି ଏବଂ ଅତ୍ୟନ୍ତ କମ୍ ମାତ୍ରାରେ କଥା କହୁଥା'ନ୍ତି । ତେବେ ପ୍ରୟୋଜନ ହେଲେ ଗାମ୍ଭୀର୍ଯ୍ୟ ଅତୁଟ ରଖି ଓଜସ୍ୱିନୀ ଭାଷାରେ ବି କହିପାରୁଥା'ନ୍ତି ।

ଛତା ଓ ବୋକଚାମାନ ବାରନ୍ଦାରେ ଥୋଇ ବୃଦ୍ଧ ଓ ବିଶିଷ୍ଟ ଲୋକେ ସେଥର ଦୀର୍ଘସମୟ ବାପାଙ୍କୁ ଶୁଣାଇଥିଲେ ସେ ଅଞ୍ଚଳର ଗୌରବ ଗାଥା – ସେଠାକାର ମାଟି ଓ ପବନରେ ମିଶି ରହିଥିବା ପୂର୍ବପୁରୁଷଗଣଙ୍କ ଯଥାକ୍ରମେ ଦେହ ଓ ନିଃଶ୍ୱାସ କଥା – ମନ୍ଦିରମାନଙ୍କରେ ବାସ କରୁଥିବା ବିଶିଷ୍ଟ ଦିଅଁ ଏବଂ ଚାଷଜମିସମୂହର ଉର୍ବରଶକ୍ତି କଥା ।

''ସବୁ ଜଳଗର୍ଭରେ ଲୀନ ହେବ, ବାବୁ ? ଆମେମାନେ ଏଡ଼େ ଅଧମ, ତୁମ ଭଳି ସୁପୁତ୍ର ଉପୁଜାଇ ମଧ୍ୟ ଆମକୁ ବିଧିଦତ୍ତ ଭିଟାମାଟି ବିସର୍ଜନ ଦେବାକୁ ହେବ ?''– ଏହା କହି ବୃଦ୍ଧମାନେ ବାରଂବାର ଆଖି ପୋଛିଥିଲେ ।

ବାପା ଧୈର୍ଯ୍ୟଧରି ସବୁ ଶୁଣୁଥିବାବେଳେ ମନେ ହୋଇଥିଲା ଯେମିତି ତାଙ୍କ ହୃଦୟ ଦ୍ରବୀଭୂତ ହେଉଛି । କିନ୍ତୁ ସେ ଯେତେବେଳେ ପାଟି ଫିଟାଇଲେ ସେତେବେଳେ ସେ ପରିପ୍ରେକ୍ଷୀରେ ମୋର ମନେ ହୋଇଥିଲା କେବଳ ତାଙ୍କ ବକ୍ତବ୍ୟହିଁ ଯେ ନିର୍ଦ୍ଦୟ ଥିଲା ତାହା ନୁହେଁ, ତତ୍‌ପୂର୍ବବର୍ତ୍ତୀ ନୀରବତା ବି ଥିଲା ନିର୍ଦ୍ଦୟତାର ନାମାନ୍ତର ।

ସେ କହିଥିଲେ, ''ଦେଖନ୍ତୁ, ପୃଥିବୀର ଇତିହାସ ଦୁଇଟି ଉପାଦାନରେ ଗଢ଼ା – ନିର୍ମାଣ ଓ ଧ୍ୱଂସ । କାହିଁଗଲା ଆଟଲାଣ୍ଟିସ୍, କାହିଁଗଲା ବାବିଲୋନିଆ ବା ମହେଞ୍ଜୋଦାରୋ ସଭ୍ୟତା ? ମହାକାଳ ସେସବୁକୁ ଲୋପକରି ଦେଇଛି ଖାସ୍ ପରିବର୍ତ୍ତନ ସକାଶେ । ଅନ୍ୟ ଦିଗରେ ଆମ ମୂଲକ ଯଦି ଆଜି ଜଳମଗ୍ନ ହେବ, ତାହା ହେବ ସମଗ୍ର ରାଜ୍ୟର ହିତ ସକାଶେ । ସରକାର ତ ପୁଣି ଆମକୁ କ୍ଷତିପୂରଣ ଓ ଆହୁରି କେତେ ସୁବିଧା ସୁଯୋଗ ଦେଉଛନ୍ତି ! ପୁଣ୍ୟାତ୍ମା ପୂର୍ବପୁରୁଷ କାହାର ନଥିଲେ ? ଉର୍ବର ଜମି, ମଠ, ମନ୍ଦିର କେଉଁଠି ବା ନାହିଁ ? ସମସ୍ତେ ସେସବୁର ଦ୍ୱାହି ଦେଲେ ଦେଶରେ ବଡ଼ ବଡ଼ ଯୋଜନା କାର୍ଯ୍ୟକାରୀ ହେବ କିପରି ?''

ବୃଦ୍ଧମାନେ ଅପେକ୍ଷାକୃତ ଅଧିକ ଘନ ଘନ ଆଖି ପୋଛିଥିଲେ । ମା' ସେମାନଙ୍କ ପାଇଁ ମୋର ଏବଂ ମୋ ସାନଭଉଣୀ ପୁଟୁ ହାତରେ ଜଳଖିଆ ପଠାଇଲେ । ସେମାନେ ଯେ ସେସବୁ ଗ୍ରହଣ କରିବାକୁ କୁଣ୍ଠା ପ୍ରକାଶ କରିଥିଲେ, ତାହା ବାପାଙ୍କ ମନୋଭାବ ଯୋଗୁଁ ଏବଂ ସେମାନେ ଯେ ସେସବୁର ସଦ୍‌ବ୍ୟବହାର କରିଥିଲେ, ତାହା ମା'ଙ୍କ ପ୍ରତି ସ୍ନେହ ଯୋଗୁଁ ବୋଲି ମୁଁ ଅନୁଭବ କରିଥିଲି ।

ପରବର୍ତ୍ତୀ ଦୁଇବର୍ଷ ଭିତରେ ଆମ ମୂଲକବ୍ୟାପୀ ଯୁଗାନ୍ତକାରୀ ପରିବର୍ତ୍ତନ ସାଧିତ ହୋଇଥିଲା । ଗାଁରେ ସଭା-ସମିତି କରିବା ପରେ ଲୋକେ ଚୂଡ଼ା ଚାଉଳ ବାନ୍ଧି ଥରେ ସହରକୁ ଆସି ଶୋଭାଯାତ୍ରା କରିଥିଲେ । ତାହା ଥିଲା ଏକ ଦୟନୀୟ ଦୃଶ୍ୟ । କାର୍ ଓ ମୋଟରସାଇକେଲ ମାଡ଼ି ଆସିଲେ ସେମାନେ ତରକୁ ଥିଲେ । ଓଦା ଦିଆଶିଲିକାଠି ଜଳିବା ପୂର୍ବରୁ ମଉଳିଗଲା ଭଳି ସେମାନଙ୍କ ସ୍ଲୋଗାନ ଅଭ୍ୟାସ ଅଭାବରୁ ଅଧା ଉଚ୍ଚାରିତ ହୋଇ ମିଳେଇ ଯାଉଥିଲା । କ୍ରମେ ଆନ୍ଦୋଳନର ନେତୃସ୍ଥାନୀୟ ଲୋକେ ସେମାନଙ୍କ ଦୃଢ଼ତା ହରାଇବାର ଦେଖାଯାଇଥିଲା । ଶେଷକୁ ଯୋଜନା କାର୍ଯ୍ୟକାରୀ ହେବା ଅନିବାର୍ଯ୍ୟ ଜାଣି ସମସ୍ତେ ଛିନ୍ନଛତ୍ର ହୋଇଯାଇଥିଲେ । ଦିଅଁ ଏବଂ ତାଙ୍କ ଷଣ୍ଢ ସମେତ ଅଧିକାଂଶ ଗ୍ରାମବାସୀ ସରକାର ଯୋଗାଇଥିବା ଅଦୂରବର୍ତ୍ତୀ ବିକଳ୍ପ ଉପତ୍ୟକାକୁ ଉଠିଯାଇ-ଥିଲେ । ଅନ୍ୟମାନେ କ୍ଷତିପୂରଣ ଅର୍ଥ ଧରି ସ୍ଥାନ ସ୍ଥାନାନ୍ତର ଯାଇ ଭିନ୍ନ ଭିନ୍ନ ଧନ୍ଦା ଆଦରି ନେଇଥିଲେ । ଅନେକେ ଶେଷଥର ପାଇଁ ଗାଁ ମାଟିରେ ଦୀର୍ଘକାଳ ଗଡ଼ି ଥିଲେ ବୋଲି ଶୁଣିବାକୁ ମିଳିଥିଲା । କିନ୍ତୁ ଆମେ ଆଉ ସେ ଅଞ୍ଚଳକୁ ଯାଇ ନଥିଲୁ ।

ଡ୍ୟାମ୍ ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ ପାଞ୍ଚବର୍ଷ ବିତିଯାଇଥିଲା । ଯୋଜନାର ସାଫଲ୍ୟ ସମ୍ପର୍କରେ ଆଉ କାହାରି କୌଣସି ସନ୍ଦେହ ନଥିଲା । ତିନି ତିନୋଟି ଜିଲ୍ଲା ସମନ୍ୱିତ ଏକ ଭୂଖଣ୍ଡ ବନ୍ୟା ଦାଉରୁ ବହୁ ମାତ୍ରାରେ ରକ୍ଷା ପାଇଯାଇଥିଲା । ଜଳସେଚନର ବ୍ୟବସ୍ଥା ଅଧିକ ଫସଲ ଉପୁଯାଉଥିଲା – ଯଦିଓ ଅଧିକତର ଜନସଂଖ୍ୟା ସେ ସମୃଦ୍ଧିକୁ କେବଳ କୃଷି-ପରିସଂଖ୍ୟାନରେ ସୀମିତ କରି ରଖିଥିଲା ।

ଦିନେ ପହଞ୍ଚିଲା ଏକ ଚମକପ୍ରଦ ସମ୍ବାଦ । ସେ ବର୍ଷ ସୁଦୂର ପର୍ବତରେ ବର୍ଷାର ଅଭାବ ଯୋଗୁଁ ସଂପୃକ୍ତ ନଈ ମ୍ରିୟମାଣ ହୋଇଯାଇଥିଲା । ଡ୍ୟାମ୍‌ର ଜଳରାଶି କମିଯାଉଥିଲା । ଫଳରେ ମନ୍ଦିର ଶିଖର ତଥା ସଂଲଗ୍ନ ପାହାଡ଼ଟି ଜଳପତ୍ତନରୁ ଫୁଟି ଉଠିଥିଲା ।

ଛୋଟ ସମ୍ବାଦଟି ପ୍ରେରଣ କରିଥିଲେ ଡ୍ୟାମ୍ ଅଞ୍ଚଳର ସମ୍ବାଦଦାତା । ଖବରକାଗଜ ପଢୁ ପଢୁ ବାପା କହିଲେ, ''ସେଠାକାର ବାଂଲୋରେ ମିଟିଂ ଅଛି । ତୁମେମାନେ ଚାଲୁନ – ଲଞ୍ଚରେ ନେଇଯାଇ ସେ ଟାପୁ ବୁଲାଇ ଆଣିବି !''

ମା ଏଡ଼େ ଖୁସି ହେଲେ ଯେ ତାଙ୍କ ଆଖି ସଜଳ ହୋଇଉଠିଲା ।

ଦୁଇଦିନ ପରେ ଆମେ ସେଠାରେ ପହଞ୍ଚିବାବେଳକୁ ଆକାଶ ମେଘାଚ୍ଛନ୍ନ ହୋଇଥାଏ । ସମୁଦାୟ ଅଞ୍ଚଳର ଚେହେରା ଏମିତି ବଦଳି ଯାଇଥାଏ ଯେ, ମା' ଖାଲି ଆଶ୍ଚର୍ଯ୍ୟ ହେଉଥା'ନ୍ତି । ଦୀର୍ଘ ଆନିକଟର ଦୁଇପ୍ରାନ୍ତରେ ଠିଆହୋଇଥାଏ ଦୁଇଟି ସୁଦର୍ଶନ ଦ୍ୱିତଳ ବାଂଲୋ । ଡ୍ୟାମ୍‌ର କର୍ମଚାରୀମାନଙ୍କ ପାଇଁ ପକ୍କା ଘରଦ୍ୱାର ସମ୍ବଳିତ ଏକ କ୍ଷୁଦ୍ର ଉପନିବେଶ ଓ ଛୋଟିଆ ବଜାରଟିଏ ଗଢ଼ି ଉଠିଥାଏ ।

ବାପା ଇତି ମଧ୍ୟରେ ତାଙ୍କ ବିଭାଗର ତୁଙ୍ଗ ପାହ୍ୟାକୁ ଉନ୍ନୀତ ହୋଇଥା'ନ୍ତି, ତେଣୁ ତାଙ୍କୁ ଶଙ୍ଖୋଳିବାକୁ ଅନେକେ ତତ୍ପରତା ଦେଖାଉଥିଲେ ।

ଉତ୍ତର ପ୍ରାନ୍ତର ବଙ୍ଗଳାରେ ଯାଇ ଆମେ ଉଠିଲୁଁ । ତା'ର ଦକ୍ଷିଣ-ପଶ୍ଚିମ ବ୍ୟାପୀ ବିଶାଳ ଜଳାଶୟ । ବାଂଲୋର ଦ୍ୱିତଳରୁ ଧୂଆଁଳିଆ ହୋଇ ଦିଶୁଥାଏ ଜଳାଶୟ ମଝିରେ କ୍ଷୁଦ୍ର ମନ୍ଦିରଚୂଡ଼ା ଓ ପାହାଡ଼ – କାଳର କୁହେଳିରେ ଆଚ୍ଛନ୍ନ ଏକ ସ୍ମୃତି ଭଳି !

ମିଟିଂ ସକାଶେ ଆବଶ୍ୟକୀୟ ଅଫିସରମାନଙ୍କ ଭିତରୁ ଜଣେ ଦୁଇଜଣ ଆସି ନଥା'ନ୍ତି । ସେମାନେ ସୂର୍ଯ୍ୟାସ୍ତ ସୁଦ୍ଧା ପହଞ୍ଚିବା କଥା । ସେମାନେ ଆସିଗଲେ ସନ୍ଧ୍ୟାବେଳକୁ ମିଟିଂ ପାଇଁ ସେମାନଙ୍କୁ ପ୍ରସ୍ତୁତ ରଖିବାକୁ ପି.ଏ.ଙ୍କୁ ନିର୍ଦ୍ଦେଶ ଦେଇ ବାପା ଆମକୁ ଲଞ୍ଚରେ ବସାଇ ଟାପୁଆଡ଼େ ନେଇଗଲେ । ବାପା ସେମିତି ତରବର ହେବାର କାରଣ, ନଈର ଉତ୍ସରେ ପ୍ରବଳ ବାରିପାତର ସମ୍ବାଦ ଆସି ପହଞ୍ଚିଥାଏ । ଡ୍ୟାମ୍ ତା'ର ସ୍ୱାଭାବିକ ଜଳରାଶି ଫେରିପାଇଲେ ଟାପୁ ଅଦୃଶ୍ୟ ହୋଇଯିବ ।

ଦୂରରେ ଦୂରରେ ଆହୁରି ଦୁଇ, ଚାରିଖଣ୍ଡ ନୌକା ଟାପୁ ଆଡ଼େ ଅଗ୍ରସର ହେଉଥିଲେ । ଟାପୁ ପାଖରେ ବି ଦୁଇ, ତିନିଖଣ୍ଡ ନୌକା ଭିଡ଼ା ହୋଇଥିବାର ଦିଶୁଥାଏ ।

''ସାର୍, ଏ ଅଞ୍ଚଳର ଅନେକ ପୂର୍ବତନ ବାସିନ୍ଦା ମନ୍ଦିର ଓ ପାହାଡ଼ ଦିଶୁଥିବାର ସମ୍ବାଦ ପାଇ ଦେଖିବାକୁ ଧାଇଁ ଆସିଛନ୍ତି । ସେଠାକୁ ଯିବାକୁ ଆପଣମାନେ ଅନୁମତି ଦେଇ ନଥିଲେ ସେମାନେ ବଡ଼ ଦୁଃଖ ପାଇଥା'ନ୍ତେ ।''– ଆମ ସହଯାତ୍ରୀ ଜଣେ ସହକାରୀ ଯନ୍ତ୍ରୀ କହିଲେ ।

''ଅନୁମତି ଦେଇଛନ୍ତି ତୁମ ବିଭାଗର ହାକିମ – ବହୁବଚନ ବ୍ୟବହାର କରି ମୋତେ ଧନ୍ୟବାଦରୁ ଅଂଶ ଦେବାର ପ୍ରୟୋଜନ ନାହିଁ ।''– ବାପା କହିଲେ । ସହକାରୀ କଷ୍ଟେମଷ୍ଟେ ମେଞ୍ଚାଏ ବିକଳ ହସ ବଜାୟରଖି ବସି ରହିଲେ ।

ମୋ ସ୍ମୃତିରେ ମନ୍ଦିର ଓ ପାହାଡ଼ ସଜୀବ ଥିଲା । ତେଣୁ ମୁଁ ଏକ ଅନନୁଭୂତ ବେଦନା-ପୁଲକ-ମିଶ୍ରିତ ଶିହରଣ ଅନୁଭବ କରିବା ଥିଲା ସ୍ୱାଭାବିକ । କିନ୍ତୁ ପୁଟୁ, ଆମେ ଗାଁ ଛାଡ଼ିବାବେଳକୁ ଯା'ର ବୟସ ମାତ୍ର ଏକ ବର୍ଷ, ଆହୁରି ବେଶୀ ଶିହରିତ ବୋଲି ବୁଝୁଥିଲି ।

ମା'ଙ୍କ କଥା – ସେ ଗାଲରେ ହାତ ଦେଇ ନିଶ୍ଚଳ ହୋଇ ବସିଥିଲେ । ମୋ ଚେତନାରେ ସେଦିନର ମେଘାଚ୍ଛନ୍ନ ଆକାଶ ଓ ଉଦାସ ଜଳାଶୟ ସହ ତାଙ୍କ ଚେହେରା ଏକାକାର ହୋଇଯାଇଥିଲା ।

ସେଠାରେ ପୂର୍ବରୁ ପହଞ୍ଚିଥିବା ଯାତ୍ରୀମାନେ କୌତୂହଳୀ ହୋଇ ଅନାଇଥା'ନ୍ତି । ନୌକାର ମାଝିମାନେ ଲଞ୍ଚ ଡ୍ରାଇଭରକୁ କେଉଁ ସ୍ଥାନରେ ଟାପୁ ସ୍ପର୍ଶ କରିବା କଥା, ତା'ର ଯଥାର୍ଥ ସୂଚନା ଦେଇ ନଥିଲେ ଅସୁବିଧା ହୋଇଥା'ନ୍ତା ।

ଆମେ ପାହାଡ଼ ଉପରେ ପଦାର୍ପଣ କଲୁଁ । ବାପାଙ୍କୁ ଅନେକେ ଓ ବାପା ବି ଅନେକଙ୍କୁ ନମସ୍କାର କଲେ । ମୋତେ ବହୁତ ଲୋକ ସ୍ୱାଗତ ଜଣାଇଲେ ଓ ପୁଟୁକୁ ଗେଲ କଲେ । ମୁଁ କେତେକଙ୍କୁ ଅଧା ଅଧା ଚିହ୍ନିଲି ମାତ୍ର । ମା'ଙ୍କ ପାଖକୁ ଯାଇ ଜଣେ ଦୁଇଜଣ ବୃଦ୍ଧ ସାତବର୍ଷ ତଳର ବକେୟା ଅଶ୍ରୁ ମୋଚନ କଲେ । ସେଦିନର ବିଚଳିତ ପ୍ରତିନିଧି ଦଳର କେଉଁ କେଉଁ ସଭ୍ୟ ପରପାରିକୁ ଚାଲିଗଲେଣି, ସେମାନେ ତାହାର ହିସାବ ମଧ୍ୟ ଦେଇଗଲେ ।

ଆମେ ଜଳାଶୟ ମଝିରେ ଯେଉଁସବୁ ନୌକାକୁ ଟପି ଆସିଥିଲୁଁ, ସେମାନେ ବି ଆସି ପହଞ୍ଚିଗଲେ । ଏକଦା ପାଖ ପଡ଼ୋଶୀ ଥିବା କିଏ କେଉଁଠାରେ ଅଛନ୍ତି, କାହାର ହୋଇଛି ପତନ ଓ କାହାର ଅଭ୍ୟୁଦୟ, କିଏ ବା ସଂଗ୍ରାମରତ, ଆଗନ୍ତୁକମାନେ ସେସବୁ ଖବର ଦେଉଥିଲେ ବାପାଙ୍କୁ ।

''ବାବୁ, ଅବୋଲକରାକୁ ମନେ ଅଛି ତ ? ହେଇଟି ସିଏ ।''

ଉଚ୍ଚତମ ଶିଳାଟି ଉପରେ ବସି ଆପ୍ୟାୟିତ ଦିଶୁଥିବା ଜଣେ ଦାଢ଼ିଆ ଲୋକକୁ କେଇ ଜଣ ଦେଖାଇ ଦେଲେ ।

''ସିଏ ଆସିଲା କେମିତି ?''– ବାପା ପଚାରିଲେ ।

''ବାବୁ ! ଆପଣ ପରତେ ଯିବେ ନାହିଁ ।'' ଜଣେ ଭଦ୍ରଲୋକ କହୁ କହୁ ରହିଗଲେ ।

''ମାନେ ?''

''ସିଏ କୁଆଡ଼େ ବରାବର ଏଇଠି ଥିଲା !''

ବାପା ହସିଲେ । ଅଗତ୍ୟା ଅନ୍ୟମାନେ ବି ହସିଲେ । ମୁଁ ସେ ସମାବେଶର ମୃଦୁ ଆଳାପ-ଆଲୋଚନାରୁ ସେତେବେଳକୁ ଠଉରାଇ ନେଇଥିଲି ଯେ ସେଠାରେ ଅନେକେ ଏହି ଅଲୌକିକ କିଂବଦନ୍ତୀକୁ ପରତେ ଯିବା ସପକ୍ଷରେ ଥିଲେ । କେହି କେହି ତା' ପାଖକୁ ଯାଇ ପଚାରୁଥିଲେ, ''କହ ମ ! ତୁ ପାଞ୍ଚବର୍ଷ କାଳ ଜଳ ଭିତରେ ନିଃଶ୍ୱାସ ନେଉଥିଲୁ କେମିତି ? ଖାଉଥିଲୁ ବା କ'ଣ ?''

''କ'ଣ ଆଉ !'' ଗାଉଁ ଗାଉଁ କରି ଅବୋଲକରା ହାତହଲାଇ ଦେଇ ମାତ୍ର ଏତେକ କହୁଥିଲା । ଆଗନ୍ତୁକମାନେ କେହି କେହି ସାଥିରେ କିଛି ଖାଦ୍ୟପଦାର୍ଥ ଆଣିଥିଲେ – ସେମାନେ ତାକୁ ଯଥାସମ୍ଭବ ଦାନ କରୁଥିଲେ । ସେ ଯେପରି ନିର୍ବିବାଦରେ ଖାଇ ଲାଗିଥିଲା, ସେଥିରେ ସେ ପାଞ୍ଚବର୍ଷ କାଳ ଅନାହାରରେ ରହିଥିବା ତତ୍ତ୍ୱ ବଳିଷ୍ଠତର ହେଉଥିଲା ।

ବାପା ଅବୋଲକରା ସମ୍ପର୍କରେ ବିଶେଷ ମନୋଯୋଗ ନଦେଇ ଅନ୍ୟ ଆଲୋଚନାରେ ବ୍ୟାପୃତ ଥିଲେ । ତା'ପରେ ମନ୍ଦିରଚୂଡ଼ା ଚତୁର୍ଦିଗରେ ଚହଲୁଥିବାର ଜଳକୁ ଅନାଇଁ କଣ୍ଠସ୍ୱର ଉଚ୍ଚ କରି କହିଲେ, ''ଦେଖନ୍ତୁ, ଜଳ ବଢ଼ିବାକୁ ଆରମ୍ଭ କଲାଣି । ବର୍ଷା ବି ଆସୁଛି । ଆପଣମାନେ ଉଛୁର ନକରି ଚାଲିଯା'ନ୍ତୁ ।''

ତାଙ୍କ କଥା ଶେଷ ନ ହେଉଣୁ ଦମକାଏ ଶୀତଳ ପବନ ଆସି ଜଣେ ଉତ୍‌ଫୁଲ୍ଲ ଆଗନ୍ତୁକଙ୍କ ଚଦର ଖଣ୍ଡିକ ଉଡ଼ାଇ ନେଇଗଲା । ସେ ଧରିବାକୁ ଚେଷ୍ଟା କଲେ, ପାରିଲେ ନାହିଁ ଏବଂ ଦେଖାଗଲେ କିଂକର୍ତ୍ତବ୍ୟବିମୂଢ଼ । ଠିକ୍ ସମୟରେ ଗୋଟାଏ ସତର୍କତାମୂଳକ ଚାପୁଡ଼ାଦେଇ ମୁଁ ଦାୟିତ୍ୱହୀନ ପୁଟୁର ଉଦ୍‌ଗତ ବଣ୍ୟ ହସକୁ ରୋକି ଦେଇପାରିଲି ।

ପରେ ପରେ ଆସିଲା ଧୂଳି ବର୍ଷା । ଚାହୁଁ ଚାହୁଁ ତାହା ବାଲିକଣାର ଆକାର ନେଲା । ଲୋକେ ତରତରରେ ନୌକାରୋହଣ କଲେ ଓ ଛତାମାନ ଫିଟାଇ ବସିଲେ ।

''ଅବୋଲକରାକୁ କିଏ ଆଣିଥିଲ – ନେଇଯାଅ ।''– ବାପା ପାଟିକରି କହିଲେ ।

ପ୍ରତି ଦଳ ଅନ୍ୟ ଦଳ ଆଡ଼କୁ ଚାହିଁଲେ । ବୁଝିହେଲା ଯେ ସେମାନେ କେହି ତା'କୁ ଆଣି ନଥିଲେ । ହୁଏତ ପୂର୍ବ ଦିନର କୌଣସି ଯାତ୍ରୀଦଳ ତା'କୁ ସେଠାରେ ଛାଡ଼ି ଯାଇଥିଲେ ।

କିନ୍ତୁ ପ୍ରତି ନୌକାର ନେତୃସ୍ଥାନୀୟ ବ୍ୟକ୍ତିମାନେ ତାକୁ ଡାକିଲେ ।

''ମୁଁ ତ ଏଠି ଥିଲି, ରହିବି !'' ସେ ବାକ୍ୟଟି ଦୀର୍ଘାୟିତ କରି ସଗର୍ବ ଘୋଷଣା କରୁଥାଏ । ଲୋକଙ୍କର ସେ ଉଭଟ ଉଭାବନଟି ତାକୁ ବଡ଼ ସୁଖକର ଲାଗିଥିଲା ବୋଲି ବୁଝିପାରୁଥିଲି ।

''ସତେ ? ଏଇଠି ରହିବୁ ? ବେଶ୍, ଆପଣମାନେ ଯା'ନ୍ତୁ – ସେ ଥାଉ । ବର୍ଷାରେ ଓଦାହେଉ । ତା'ପରେ ସବୁ ବୁଡ଼ିଗଲେ ଜଳ ଭିତରେ ଆରାମରେ ରହୁ ।'' ବାପା ପ୍ରଥମ ନୌକାକୁ କହିଲେ । ସେ ଭାବୁଥିଲେ, ଗୋଟାଏ ନୌକା ଚାଲିଯିବାର ଦେଖିଲେ ଅବୋଲକରା ଡରିଯାଇ ଶିଳାରୁ ଓହ୍ଲାଇ ଆସିବ ।

କିନ୍ତୁ ଦ୍ୱିତୀୟ, ତୃତୀୟ, ଚତୁର୍ଥ ନୌକା ବି ଚାଲିଗଲା । ଅବୋଲକରା ଶିଳାଖଣ୍ଡ ଉପରେ ବସି ଗୋଡ଼ ହଲାଉଥାଏ ଓ ପାଟିକୁ ଚୀନାବାଦାମ ଛାଟୁଥାଏ ।

''କହୁଛି ଚାଲିଆ, ନ ହେଲେ ମରିବୁ ।''– ବାପା କ୍ରୁଦ୍ଧ ହୋଇ ଧମକ ଦେଲେ ।

''ମୁଁ ତ ଏଇଠି ଥିଲି, ଏଇଠି –''

''ଚୋପ୍ !''

ବାପା ଶେଷ ନୌକା ଆଡ଼କୁ ଅନାଇଲେ । ନୌକାରୋହୀମାନେ ଚାଲିଯିବାକୁ ତରତର ହେଉଥିଲେ ଏବଂ ବାପାଙ୍କ ଚାହାଣିକୁ ମୌନ ଅନୁମତି ରୂପେ ଗ୍ରହଣ କରି ଚାଲିଗଲେ । ସେମାନେ ବାପାଙ୍କୁ କହିଗଲେ, ''ବାବୁ, ଆପଣ ଯା'ନ୍ତୁ । ପାଗଳ ବଳେ ବଳେ ଯିବ – ପହଁରି ପହଁରି ଚାଲିଯିବ ।''

ଶେଷ ନୌକା ଚାଲିଯିବା ପରେ ବି ବାପା ତାକୁ କେତେଥର ଡାକିଲେ । କହିଲେ, ''ତୁ ବୋଧେ ଭାବୁଛୁ କାଲି ବି ଲୋକେ ଆସିବେ ଓ ତୋତେ ଖାଇବାକୁ ଦେବେ । ଶୁଣ, ଆଉ କାହାକୁ ଆସିବାକୁ ଅନୁମତି ମିଳିବ ନାହିଁ । କାଲିକୁ ଟାପୁ ବୁଡ଼ିଯାଇଥିବ ।''

ବର୍ଷା ଯୋଗୁଁ ଆମେ କେତେବେଳଠୁଁ ଲଞ୍ଚ ଭିତରେ ପଶି ବସିଥାଉ । ବାପା ଗୋଟାଏ ଶେଷ ଗର୍ଜନ – ଏକ ଇଂରାଜୀ ଅଭିସମ୍ପାତ ଛାଡ଼ି ଲଞ୍ଚ ଭିତରକୁ ଚାଲିଆସିଲେ ।

ଲଞ୍ଚ ଛାଡ଼ିଦେଲା । ହେଲା ଘନ ଘନ ବର୍ଷା । ଲଞ୍ଚ ଦୋହଲୁଥାଏ । ଜଳାଶୟ ଦିଶୁଥାଏ ଭୟାବହ । ପୁଟୁ ମା' କୋଳରେ ପଶିଥାଏ ।

ଆମକୁ ଉତ୍ତର ପ୍ରାନ୍ତର ବାଂଲୋରେ ଛାଡ଼ିଦେଇ ବାପା ଆନିକଟର ଅନ୍ୟ ପ୍ରାନ୍ତବର୍ତ୍ତୀ ବାଂଲୋକୁ ମିଟିଂ ପାଇଁ ଚାଲିଗଲେ । କପେ ଚାହା ପିଇବାକୁ ବି ତର ସହିଲା ନାହିଁ ।

ବର୍ଷା ହେଲା ଆହୁରି ପ୍ରବଳ । ଆମର ଖିଆପିଆ ବ୍ୟବସ୍ଥା ହୋଇସାରିଥାଏ । ମା ଆମକୁ ଖୁଆଇବା ଅବସ୍ଥାରେ ବି ଦ୍ୱିତଳର ବାତାୟନ ଦେଇ ଜଳାଶୟ ଭିତରକୁ ବାରଂବାର ଦୃଷ୍ଟିପାତ କରୁଥାନ୍ତି । ଅବିରାମ ବୃଷ୍ଟି ଯୋଗୁଁ କିଛି ଦେଖାଯିବାର ପ୍ରଶ୍ନ ନଥିଲା । ଘନ ଘନ ବିଜୁଳି ଆକାଶକୁ ବିଦୀର୍ଣ୍ଣ କରି ସେପାରିରୁ ଓଜାଡ଼ି ଦେଉଥିଲା ଝୁଡ଼ି ଝୁଡ଼ି ଶୀତଳ ଅନ୍ଧକାର । ପ୍ରତି ବଜ୍ରାଘାତ ଶବ୍ଦରେ ପୁଟୁ ଚମକୁଥାଏ ।

''ମା !''– ଗୋଟିଏ ପ୍ରଚଣ୍ଡ ବଜ୍ରପାତ ପରେ କାନ୍ଦ କାନ୍ଦ ହୋଇ ସେ ପଚାରିଲା, ''ଅବୋଲକରାର କ'ଣ ହେବ ?''

ମା ନୀରବରେ ଫୋନ୍ ପାଖକୁ ଗଲେ ଓ ମିଟିଂ ହେଉଥିବା ବାଂଲୋ ସହ ଯୋଗାଯୋଗ ପାଇଁ ଚେଷ୍ଟା କଲେ । କିନ୍ତୁ ଲାଇନ୍ ଅଚଳ ହୋଇଯାଇଥିଲା ।

ମା ଆମକୁ ଶୋଇବାକୁ କହିଲେ ଓ ଝରକା ପାଖକୁ ଚୌକିଟାଏ ଟାଣିନେଇ ବସି ରହିଲେ । ପୁଟୁ ବୋଧହୁଏ ଶୋଇଗଲା । ମୁଁ ଅବୋଲକରା କଥା, ବାପାଙ୍କ ରୋକ୍‌ଠୋକ୍ ବ୍ୟବହାର ବିଷୟ ଭାବିବା ସଙ୍ଗେ ସଙ୍ଗେ ମା'ଙ୍କୁ କ'ଣ ସାନ୍ତ୍ୱନାସୂଚକ କଥା କହିପାରିବି, ତାହା ଠଉରାଇବାର ଚେଷ୍ଟା କରୁଥାଏ ।

ସାଇଁସାଇଁ ପବନରେ ଥରେ ଥରେ ଯେମିତି କାନ୍ଦିଉଠୁଥାଏ ଅବଲୁପ୍ତ ଗ୍ରାମର ପ୍ରେତ । ମଧ୍ୟରାତ୍ରବେଳକୁ ବାପା ଆସିଲେ । ସେ ଓଦା ହୋଇଥିଲେ ଓ ପ୍ରାୟ ଥରୁଥିଲେ । ''କିଛି ଖାଇବାକୁ ଅଛି ?'' – ସେ ପଚାରିଲେ ।

''ନ ଥିବ କେମିତି ?'' କହି ମା ବାଢ଼ିବାକୁ ବାହାରିଲେ । ସେତେବେଳକୁ ବାଂଲୋର ପରିଚାରକମାନେ ଶୋଇପଡ଼ିଥିଲେ ।

''ମୋ ପାଇଁ ନୁହେଁ – ମୁଁ ଅନ୍ୟ ଅଫିସରମାନଙ୍କ ସାଥିରେ ଖାଇଦେଇଛି । ଟେଲିଫୋନ ତ ଖରାପ, କହିବି କେମିତି ?''

''ତେବେ ?'' ମା ଆଶ୍ଚର୍ଯ୍ୟ ହୋଇ ପଚାରିଲେ ।

''ଦେଖୁନ ସେଠି କିଏ ?'' ବାପା ବାହାରପଟ କୋଠରିକୁ ହାତ ଦେଖାଇ ଦେଲେ ।

ମା ଦେଖିବାକୁ ଗଲେ । ଅନୁସରଣ କଲି ମୁଁ । ବସିଥିଲା ଅବୋଲକରା । ଓଦା ଗୁଣ୍ଡୁଚି ଭଳି ଥରୁଥିଲା ଓ ହସୁଥିଲା ।

''ତାକୁ ଖଣ୍ଡିଏ କିଛି ବଦଳାଇବାକୁ ଦିଅ – ଧୋତି ହେଉ, ଶାଢ଼ି ହେଉ । ଆଉ ସେ ଆଲମିରା ଭିତରେ କମ୍ବଳ ଅଛି, ଖଣ୍ଡିଏ କାଢ଼ି ଦିଅ । ଯେତେବେଳେ ଜାଣିଲି ଟାପୁ ନିଶ୍ଚେ ବୁଡିଯିବ, ପୁଣି ଲଞ୍ଚ ନେଇ ଗଲି । ସେତେବେଳକୁ ମନ୍ଦିରଚୂଡ଼ା ଅଦୃଶ୍ୟ ହୋଇଗଲାଣି । ଖାଲି ଖଣ୍ଡିଏ ଶିଳା ଓ ଏ ବାବୁ ବସିଥା'ନ୍ତି । ବାବୁ ବିନା ଆପତ୍ତିରେ ଚାଲିଆସିଲେ । ଫେରିଲା ବେଳେ ଇଂଜିନ୍ ଖରାପ ହୋଇଗଲା । ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଗଲୁ । ଏଇ ସିଧା ଆସୁଛି । ମୁଁ ଶୋଇଲି । ତମେ ଖାଇନ ନିଶ୍ଚୟ – ଖାଇନିଅ ।''

ବାପା ଚଟାପଟ୍ ଏତକ କହି ଲୁଗାପଟା ବଦଳାଇବାକୁ ବାହାରିଗଲେ ।

ମା ଅବୋଲକରାକୁ ଖାଇବାକୁ ଦେବାବେଳେ ଏଡ଼େ ସୁନ୍ଦର ଦିଶୁଥିଲେ, ଯେମିତି ସାକ୍ଷାତ୍ ଦେବୀ !

ମା ଖାଇ ବସିଲାବେଳକୁ ବର୍ଷା କମିଥିଲେ ବି ପବନ ପ୍ରବଳତର ହୋଇଥିଲା । ସେ ମୋତେ କହିଲେ, ''ଦେଖିଲୁ, ବାପାଙ୍କ କୋଠରିରେ ଜଳାଶୟ ପଟ ଝରକା ଖୋଲାଥିଲେ ବନ୍ଦ କରିଦେ ।''

ମୁଁ ଝରକା ବନ୍ଦ କରିବା ଅବସରରେ ବାପାଙ୍କ ମୁହଁକୁ ଅନାଇଲି – ପ୍ରଗାଢ଼ ଶ୍ରଦ୍ଧାଭରେ । ମୃଦୁ ହସ ଶୁଣି କବାଟ ପାଖକୁ ଅନାଇବା ବେଳକୁ ପୁଟୁ ।

ସେ ଏକ ଗୋପନ ସମ୍ବାଦ ଦେଲାଭଳି ଥାଟରେ ମୋ କାନରେ କହିଲା, ''ବାପା ବଡ଼ ଭଲ ମଣିଷ – ନୁହେଁ ?''

''ବୋକୀ ! ତୁ ଏତେ ଦିନେ ବୁଝିଲୁ !''– ମୁଁ ବାହାଦୁରି ଦେଖାଇ କହିଲି ।

ତା'ପରେ ବଡ଼ ଭାଇର କର୍ତ୍ତବ୍ୟ ତୁଲାଇ ବାପାଙ୍କ ଗମ୍ଭୀର କଣ୍ଠର ଅନୁକରଣ କରି ତାକୁ ନିର୍ଦ୍ଦେଶ ଦେଲି, ''ଯା'... ଶୋଇବୁ ଯା' !''

❑❑❑

# ଟିଲ୍‌ଟିଲ୍‌ର ସାହସ

## ସ୍ୱପ୍ନା ଦତ୍ତ

ଦିନଟି ଥିଲା ଖୁବ୍ ସୁନ୍ଦର । ଖରା ନାଚି ଯାଉଥିଲା । ସୂର୍ଯ୍ୟଙ୍କ କିରଣ ସମୁଦ୍ର ବେଳାଭୂମି ଉପରେ ପଡୁଥିଲା । ନାଚୁଥିବା ସମୁଦ୍ର ଲହଡ଼ିକୁ ଖରା ଛୁଇଁଛୁଇଁ ଯାଉଥିଲା । ନାଆ ନେଉଥିବା ନୋଳିଆଙ୍କ ଉପରେ ସୂର୍ଯ୍ୟକିରଣ ପଡୁଥିଲା । ଚଟାଣ ପାଖରେ ଥିବା ରାଶି ରାଶି ବାଲି ଉପରେ ମଧ୍ୟ ଖରା ପଡୁଥିଲା ।

ସୂର୍ଯ୍ୟଙ୍କ କିରଣରେ ବାଲି ଖୁବ୍ ଗରମ ହୋଇ ଯାଇଥିଲା । ହଠାତ୍ ବାଲି ତଳେ କିଏ ଯେମିତି ହଲଚଲ ହେଲା । ଟିକେ ପରେ ପୁଣି ହଲଚଲ ହେଲା । ଯେମିତି କିଛି ଜିନିଷ ଭାଙ୍ଗି ଯାଉଛି । ତା'ପରେ ବହୁତ ହଲଚଲ ହେଲା । ଏହାପରେ କୁନି ଜୀବଟିଏ ଗୁରୁଣ୍ଡି ଗୁରୁଣ୍ଡି ବାଲି ଭିତରୁ ବାହାରି ଆସିଲା । ତା'ର ପିଠି ଉପରେ ଥିଲା ଛୋଟିଆ ନରମ ଖୋଳ । ସେ ଥିଲା ଟିଲ୍‌ଟିଲ୍, ସମୁଦ୍ର କଇଁଛର ଛୁଆ । ଟିଲ୍‌ଟିଲ୍ ଥିଲା ଟାଁସ୍ୱୀର ଛୁଆ । ଟାଁସ୍ୱୀ ସମୁଦ୍ରରେ ରହୁଥିଲା । ସମୁଦ୍ର ଥିଲା ତା'ର ଘର । ସେ ଦିନ ସାରା ଲହଡ଼ି ସହିତ ଖେଳୁଥିଲା । ମାତ୍ର ସମୁଦ୍ର ଥିଲା ତା'ର ରହିବା ପାଇଁ ଅଶାନ୍ତ ଜାଗା । ସେଥିପାଇଁ ଯେତେବେଳେ ଅଣ୍ଡା ଦେବାର ସମୟ ଆସିଲା ସେତେବେଳେ ସେ ସମୁଦ୍ରକୁ ଛାଡ଼ି ବେଳାଭୂମିକୁ ଚାଲି ଆସିଲା । ନୀରୋଳା ଜାଗାଟିଏ ଖୋଜିବା ପାଇଁ ବେଳାଭୂମିର ବାଲି ଉପରେ ଗୁରୁଣ୍ଡି ଗୁରୁଣ୍ଡି ଚାଲିଲା । ବାଃ ! ଚଟାଣ ପାଖରେ ଥିବା ଏଇ କୋଣ ଜାଗାଟି ବହୁତ ବଢ଼ିଆ !

ଟାଁସ୍ୱୀ ଅଣ୍ଡା ଦେଲା । ସେଗୁଡ଼ିକୁ ବାଲି ଭିତରେ ଲୁଚାଇ ଦେଇ ପହଁରି ପହଁରି ପୁଣି ସମୁଦ୍ର ଭିତରକୁ ଚାଲିଗଲା । ପକ୍ଷୀମାନଙ୍କ ପରି ଅଣ୍ଡା ଉଷୁମେଇବା ପାଇଁ ତା'ର ସେଠାରେ ରହିବା ଦରକାର ନଥିଲା । ସମୁଦ୍ର କଇଁଛର ଅଣ୍ଡା ଉଷୁମେଇବା ଦରକାର ହୁଏ ନାହିଁ । ଖରାରେ ବାଲି ଗରମ ହୋଇଯାଏ । ଅଣ୍ଡାରୁ ଯେପର୍ଯ୍ୟନ୍ତ ଛୁଆ ନଫୁଟିଛନ୍ତି ସେପର୍ଯ୍ୟନ୍ତ ଅଣ୍ଡାକୁ ଏହି ବାଲି ଉଷୁମ ରଖେ । ଅଣ୍ଡା ଆପେ ଆପେ ଫୁଟିଯାଏ ଏବଂ କଇଁଛ ଛୁଆଗୁଡ଼ିକ ଗୁରୁଣ୍ଡି ଗୁରୁଣ୍ଡି ବାଲି ଭିତରୁ ବାହାରି ଆସନ୍ତି । କାହାର ସାହାଯ୍ୟ ନେବା ଏମାନଙ୍କର ଦରକାର ପଡ଼େ ନାହିଁ ।

ଟିଲ୍‌ଟିଲ୍ ତା'ର କୁନି ବେକ ବୁଲାଇ ଚାରି ଆଡ଼କୁ ଦେଖିଲା । ସୂର୍ଯ୍ୟଙ୍କ ଟାଣୁଆ ଖରା ତା' ଆଖିକୁ କଷ୍ଟ ଦେଲା । କିଛି ସମୟ ପାଇଁ ତା'ର ମୁଣ୍ଡ ବୁଲାଇ ଦେଲା । ସେ ସମୁଦ୍ରର ଗର୍ଜନ ଶୁଣିଲା । ବାଲିରେ ଲହଡ଼ି ବାଡ଼େଇ ହେବାର ଶବ୍ଦ ସେ ଶୁଣିପାରିଲା । ତା' ମନ ଭିତରେ କିଏ ଯେମିତି କହିଦେଲା ଏବେ କ'ଣ କରିବା ଉଚିତ ? କୋଉଁଠିକି ଯିବା ଦରକାର ? ସମୁଦ୍ର ତାକୁ ହାତଠାରି ଡାକୁଥିଲା । ତା' ପାଦ ତଳୁ ବାଲି ଖସିଗଲା । ବାଲି ତଳେ ଥିବା ଆଉ ପାଞ୍ଚଟି କଇଁଛ ଛୁଆ ଗୁରୁଣ୍ଡି ଗୁରୁଣ୍ଡି ବାହାରି ଆସିଲେ । ସେମାନେ ସବୁ ଟିଲ୍‌ଟିଲ୍‌ର ଭାଇଭଉଣୀ । ଟିଲ୍‌ଟିଲ୍‌କୁ ଦେଖି ସେମାନେ କହିଲେ, ''ହାଲୋ !'' ଟିଲ୍‌ଟିଲ୍ ବି କହିଲା – ''ହାଲୋ ! ମୋ ପଛେ ପଛେ ଆସ । ଆମ ପାଖରେ ବେଶୀ ସମୟ ନାହିଁ ।''

ଜଣେ ପଚାରିଲା – ''ଆମେ ତା'ହେଲେ କୁଆଡ଼େ ଯାଉଛେ ?'' ଟିଲ୍‌ଟିଲ୍ କହିଲା – ''ସମୁଦ୍ରକୁ । ଆଉ କୁଆଡ଼େ ?''

ଟିଲ୍‌ଟିଲ୍ ବାଲି ଉପରୁ ସମସ୍ତଙ୍କୁ ପାରି କରି ନେଇଗଲା । କିଛି ସମୟ ପରେ ଆହୁରି କଇଁଛ ଛୁଆସବୁ ସାଥୀ ହୋଇଗଲେ । ଟାଁସ୍ୱୀ ପାଖାପାଖି ପଚାଶଟି ଅଣ୍ଡା ଦେଇଥିଲା । କିନ୍ତୁ ସେମାନଙ୍କ ଭିତରୁ ଅନେକଙ୍କୁ ଏପର୍ଯ୍ୟନ୍ତ ବାଲିରୁ ଅଧିକ ଉତ୍ତାପ ମିଳି ନଥିଲା । ସେଥିପାଇଁ ଅଣ୍ଡାରୁ ଛୁଆସବୁ ବାହାରି ପାରି ନଥିଲେ । ଜଣେ ଦୁଷ୍ଟ ପିଲା ମଧ୍ୟ କିଛି ଅଣ୍ଡାକୁ ବାଲିରୁ ବାହାର କରି ନିଜ ଘରକୁ ନେଇ ଯାଇଥିଲା ।

''ଚଟାଣର କୂଳେ କୂଳେ ଚାଲ'', ଟିଲ୍‌ଟିଲ୍ ସମସ୍ତଙ୍କୁ ସାବଧାନ କରି ଦେଲା ।

''ଉପରେ ଉଡୁଥିବା ସେଇ ବଡ଼ ବଡ଼ ସମୁଦ୍ର ପକ୍ଷୀମାନଙ୍କୁ ସମସ୍ତେ ଦେଖୁଛ ତ ? ବହୁତ ଦୁଷ୍ଟ ଜଣା ପଡୁଛନ୍ତି । କେହି ଆମକୁ ମାରି ନଦିଅନ୍ତୁ ।''

ଟିଲ୍‌ଟିଲ୍‌ର ପାଟିରୁ କଥା ସରିଛି କି ନାହିଁ ଗୋଟିଏ ବଡ଼ ଶିକାରୀ ପକ୍ଷୀ ଖୁବ୍ ଜୋର୍‌ରେ ତାଙ୍କ ଉପରକୁ ଝାମ୍ପ ମାରିଲା । ''ନିଜ ନିଜର ଖୋଳ ଭିତରେ ପଶିଯାଅ, ଶୀଘ୍ର !'' ଟିଲ୍‌ଟିଲ୍ ଖୁବ୍ ଜୋର୍‌ରେ କହିଲା । କିନ୍ତୁ ସେମାନେ ଟିକିଏ ଡେରି କରିଦେଲେ । ଗୋଟିଏ ସମୁଦ୍ର ପକ୍ଷୀ ଏକ କୁନି କଇଁଛ ଛୁଆକୁ ଝାମ୍ପି ନେଇ ଉଡ଼ିଗଲା । ''ଏବେ ତୁମେ ସବୁ ହୁସିଆର

ହୋଇ ରହିଥାଅ !'' ଟିଲ୍‌ଟିଲ୍ କହିଲା । ''ସମୁଦ୍ର ଆଉ କେତେ ଦୂରରେ ଅଛି କି ?'' ଜଣେ ଭାଇ ତାକୁ ପଚାରିଲା । ''ମୋତେ ତ ଭାରି ଭୋକ ଲାଗିଲାଣି, ଶୋଷ ବି'', ଆଉ ଜଣେ କହିଲା । ''ଦେଖ ଏଠାରେ କ'ଣ କିଛି ମିଳିପାରେ'', ଟିଲ୍‌ଟିଲ୍ କହିଲା । ସମସ୍ତଙ୍କଠାରୁ ବଡ଼ ହୋଇଥିବାରୁ ଟିଲ୍‌ଟିଲ୍ ଥିଲା ସେମାନଙ୍କର ଲିଡ଼ର । ଗୋଟାଏ ବାଲିଗଦା ଶୁଂଘି ସେ କହିଲା – ''ଏଠାରେ ଛୋଟ ଛୋଟ ପୋକ ଅଛନ୍ତି ଏବଂ ଏଇ ଗାତରେ ପାଣି ମଧ ଅଛି ।'' ବାସ୍ ଆଉ କ'ଣ ଦରକାର ! ଛୋଟ ଛୋଟ କଇଁଛ ଛୁଆ ସବୁ ସମଦ୍ର ବେଳାଭୂମିରେ ଖୁବ୍ ମଜାରେ ପିକ୍‌ନିକ୍ କଲେ ।

''ସମୁଦ୍ର ଆଉ କେତେ ଦୂରରେ ଅଛି ?'' ଜଣେ ଭଉଣୀ ପଚାରିଲା । ଟିଲ୍‌ଟିଲ୍ କହିଲା – ''ମୋ ଜାଣିବାରେ ଆଉ ବେଶୀ ଦୂର ନାହିଁ । ସମୁଦ୍ର ବେଳାଭୂମିରେ ଲହଡ଼ି ଭାଙ୍ଗିବାର ଶବ୍ଦ କ'ଣ ଶୁଣି ପାରୁନୁ ? ଏବଂ ଏହାର ନୀଳ ରଙ୍ଗକୁ ଦେଖ । ସେଇହିଁ ସମୁଦ୍ର ।'' ଗୋଟାଏ ଛୁଆ ପଚାରିଲା – ''ଆମର ମାଆ କ'ଣ ସେଇଠି ଆମକୁ ଅପେକ୍ଷା କରିଥିବ ?'' ଟିଲ୍‌ଟିଲ୍ ଏକ ଲୟରେ ୟାଡୁକୁ ସାଡୁକୁ ଅନାଇ କହିଲା – ''ବୋଧେ । କିନ୍ତୁ ସେ ତ ଜାଣି ନାହିଁ ଯେ ଆମେ ସବୁ ବାଲିରୁ ବାହାରକୁ ବାହାରି ଆସିଲୁଣି ବୋଲି ।''

''ଆଉ ସେମିତି ଭୟଙ୍କର ପକ୍ଷୀ ନଆସନ୍ତୁ !'' ସେମାନଙ୍କ ଭିତରୁ ସବୁଠୁଁ ଛୋଟ ଛୁଆଟି କହିଲା । ଏହାପରେ ଯେଉଁଠି ଚଟାଣ ଦେଖିଲେ ସମସ୍ତେ ତା' ପଛରେ ଲୁଚି ଲୁଚି ଖୁବ୍ ସାବଧାନ ହୋଇ ଆଗକୁ ଚାଲିଲେ । ସମୁଦ୍ର ପକ୍ଷୀମାନେ ପୁଣି ସେମାନଙ୍କୁ ଝାମ୍ପି ନେବା ପାଇଁ ଚେଷ୍ଟା କଲେ । କିନ୍ତୁ ଏଥରକ ସେମାନେ ସତର୍କ ହୋଇ ଯାଇଥିଲେ । ସେମାନେ ନିଜ ନିଜର ଖୋଳ ଭିତରେ ଲୁଚି ଯାଇଥିଲେ । ସମୁଦ୍ରର ଗର୍ଜନ ଆହୁରି ଜୋର୍‌ରେ ଶୁଭିଲା । ପାଦତଳର ବାଲି ଖୁବ୍ ଓଦାଓଦା ଲାଗିଲା । ଝପାକ୍ ! ସମୁଦ୍ର ବେଳାଭୂମିକୁ ଆସୁଥିବା ଲହଡ଼ିର ଫେଣ ସବୁ ସେମାନଙ୍କୁ ଛୁଇଁଲା । କେତେ ଥଣ୍ଡା, ବଢ଼ିଆ ଲାଗୁଛି ! ''ଆମକୁ ସମୁଦ୍ର ଖୁବ୍ ଭଲ ଲାଗୁଛି ।'' ଟିଲ୍‌ଟିଲ୍‌ର ଭାଇଭଉଣୀ ସବୁ କହି ଉଠିଲେ । ''ସତକଥା, ଆମକୁ ସମୁଦ୍ର ଭାରି ଭଲ ଲାଗୁଛି ।'' ଟିଲ୍‌ଟିଲ୍ କହିଲା । ''ଆଉ ଆଜିଠୁଁ ସମୁଦ୍ରହିଁ ଆମର ଘର ।''

ଏବେ ସେମାନେ ପାଣିରେ ଥିଲେ, କିନ୍ତୁ ବିପଦ ଟଳି ନଥିଲା । ଏତିକିବେଳେ ବଡ଼ ମାଛମାନଙ୍କର ଗୋଟାଏ ଦଳ ମାଡ଼ି ଆସି ସେମାନଙ୍କୁ ଲୋଲୁପ ଦୃଷ୍ଟିରେ ଚାହିଁଲେ ।

''ଖୁବ୍ ଶୀଘ୍ର ଶାମୁକା ଖୋଳ ତଳେ ଲୁଚିଯାଅ, ଜଲ୍‌ଦି ।'' ଟିଲ୍‌ଟିଲ୍ ବଡ଼ ପାଟିରେ କହିଲା ।

ସେମାନେ ଝଟ୍‌କିନା ଖାଲି ପଡ଼ିଥିବା ଶାମୁକା ଖୋଳ ତଳେ ଲୁଚିଗଲେ । ଟିଲ୍‌ଟିଲ୍ ଚାରି ଆଖିଆ ହୋଇ ଚାରି ଆଡ଼କୁ ଅନାଇଲା । ସେ ଚାହୁଁ ନଥିଲା ଆଉ କୌଣସି ଅଘଟଣ ଘଟୁ । ତା'ର ଗୋଟିଏ ଭାଇ କହିଲା, ''ଜୀବନଟା ବଡ଼ ଦୁର୍ବିଷହ ଲାଗୁଛି, ଆମକୁ ଶିକାରୀ କବଳରୁ ସବୁବେଳେ ବଞ୍ଚି ରହିବାକୁ ହେବ ।''

ଟିଲ୍‌ଟିଲ କହିଲା – ''ବିପଦ ସହ ଲଢ଼ିବା ହେଉଛି ଜୀବନ, ଆରେ ପାଗଳା ! ଏସବୁ ଧୀରେ ଧୀରେ ଆମର ଅଭ୍ୟାସରେ ପଡ଼ିଯିବ । ଆଉ ମଜା ବି ଲାଗିବ । ତୁ ଦେଖ୍ ।''

କିଛି ସମୟ ପରେ ବଡ଼ ମାଛଟି ଚାଲିଗଲା । ନୀଳ ପାଣି ଖୁବ୍ ସୁନ୍ଦର ଲାଗୁଥିଲା । ସତେ ଯେମିତି ରେଶମ ପରି ନରମ । ଲହଡ଼ିର ଉଠାପଡ଼ା ସଙ୍ଗୀତ ବି ଖୁବ୍ ଭଲ ଲାଗୁଥିଲା । ''ଏବେ ସବୁ ଠିକ୍ ଅଛି ।'' ଟିଲ୍‌ଟିଲ୍ ଖୁସି ହୋଇ କହିଲା । ''ଆମେ ସବୁ ଆମ ଘରେ ପହଞ୍ଚି ଯାଇଛେ ।''

ଅନୁବାଦ : ସୁନାମଣି ରାଉତ

(ସୌଜନ୍ୟ : ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ)

❑❑❑



**ଜାତକ କାହାଣୀ :**

# ଏକ ସମ୍ଭ୍ରାନ୍ତ ସଂଳାପ

କେତେ ଶହ ବର୍ଷ ତଳର କଥା । ବାରାଣସୀ ରାଜ୍ୟର ସ୍ୱନାମଧନ୍ୟ ରାଜା ବ୍ରହ୍ମଦତ୍ତଙ୍କ ପରଲୋକ ପରେ ତାଙ୍କ ସୁପୁତ୍ର ବ୍ରହ୍ମଦତ୍ତକୁମାର ସିଂହାସନ ଆରୋହଣ କଲେ ।

ତରୁଣ ବୟସରେ ପ୍ରବଳ କ୍ଷମତାର ଅଧିକାରୀ ହେବା ସତ୍ତ୍ୱେ ବ୍ରହ୍ମଦତ୍ତକୁମାର ସରଳ ଜୀବନଯାପନ କରୁଥା'ନ୍ତି । ବିଚକ୍ଷଣ ମନ୍ତ୍ରୀ ଏବଂ ଜ୍ଞାନୀ ସଭାସଦ୍‌ମାନଙ୍କ ପରାମର୍ଶକୁ ସର୍ବଦା ସମ୍ମାନ ଦେଉଥା'ନ୍ତି । ତାଙ୍କ ଦୃଷ୍ଟାନ୍ତ ଦ୍ୱାରା ଅନୁପ୍ରାଣିତ ହୋଇ ରାଜ୍ୟର କର୍ମଚାରିବୃନ୍ଦ ଶୃଙ୍ଖଳାବଦ୍ଧ ଏବଂ କର୍ତ୍ତବ୍ୟ ପରାୟଣ ଆଚରଣ କରୁଥା'ନ୍ତି । ରାଜ୍ୟରେ ଅପରାଧ ନ ଘଟିବା ଫଳରେ କଟୁଆଳ ଏବଂ ସିପାହିମାନେ ବୃଦ୍ଧ ଓ ଅସୁସ୍ଥ ବ୍ୟକ୍ତିମାନଙ୍କ ସେବାରେ ନିୟୋଜିତ ହେଉଥା'ନ୍ତି ।

ତରୁଣ ରାଜା ଦିନେ ଛଦ୍ମବେଶରେ ପ୍ରଭାତରୁ ନଅର ଛାଡ଼ି ରାଜ୍ୟ ବୁଲି ବାହାରିଲେ । ସେ ସାଧାରଣ ପୋଷାକ ପିନ୍ଧିଥା'ନ୍ତି । ସାଥିରେ ଦେହରକ୍ଷୀ ବା ସୈନ୍ୟସାମନ୍ତ ନଥା'ନ୍ତି । ସେ ଯେଉଁ ଛୋଟ ରଥ ଆରୋହଣ କଲେ, ରାଜ୍ୟର ସମ୍ଭ୍ରାନ୍ତ ସାମନ୍ତମାନେ ମଧ୍ୟ ସେହି ଭଳି ରଥ ବ୍ୟବହାର କରୁଥା'ନ୍ତି ।

ତେବେ ଗୋଟାଏ ଉଲ୍ଲେଖଯୋଗ୍ୟ କଥା ହେଲା, ସେ ଯୁଗରେ ଅନେକ ରାଜାଙ୍କ ସାରଥିମାନେ ଖାଲି ଚତୁର ନୁହନ୍ତି, ଅତ୍ୟନ୍ତ ମାର୍ଜିତ ଓ ବିବେକୀ ଥିଲେ ।

ତରୁଣ ରାଜା ରାଜ୍ୟର ଭିନ୍ନ ଭିନ୍ନ ସ୍ଥାନରେ ଅଟକିଲେ । ହାଟ, ବଜାରରେ ଲୋକଙ୍କ ସହ ମିଶିଲେ ଓ ସୁଖଦୁଃଖ ହେଲେ । ତାଙ୍କର ହୃଦ୍‌ବୋଧ ହେଲା ଯେ ଲୋକଙ୍କର ବାସ୍ତବିକ ବିଶେଷ କିଛି ଅଭିଯୋଗ ନାହିଁ । ଅନ୍ତତଃ ରାଜାଙ୍କ ପ୍ରତି ସମସ୍ତଙ୍କ ହୃଦୟରେ ଅକୃତ୍ରିମ ଶ୍ରଦ୍ଧା ଓ ସମ୍ମାନ ରହିଛି ।

ସୂର୍ଯ୍ୟାସ୍ତ ବେଳକୁ ସେ ଗୋଟାଏ ଅପ୍ରଶସ୍ତ ପଥରେ ନିଜ ରାଜଧାନୀକୁ ଫେରୁଛନ୍ତି, ଦେଖିବା ବେଳକୁ ବିପରୀତ ଦିଗରୁ ଆଉ ଏକ ରଥ ତାଙ୍କ ଆଡ଼େ ଆସୁଛି । ଦୁଇ ରଥ ଅଟକି ଗଲେ । ଗୋଟାଏ ରଥ ଯଥାସମ୍ଭବ କଡ଼କୁ ଘୁଞ୍ଚି ନଗଲେ ଅନ୍ୟ ରଥ ଆଗକୁ ଯାଇ ପାରିବ ନାହିଁ ।

ଯୋଗାଯୋଗ ଏମିତି ଯେ ଦ୍ୱିତୀୟ ରଥଟିର ଆରୋହୀ ହେଲେ କୋଶଳର ରାଜା ମଲ୍ଲିକ । ଛଦ୍ମବେଶ ପକାଇ ମଝେ ମଝେ ରାଜ୍ୟ ରାଜ୍ୟାନ୍ତର ବୁଲି ଅଭିଜ୍ଞତା ଅର୍ଜନ କରିବା ଥିଲା ତାଙ୍କର ସଉକ । ସେ ମଧ୍ୟ ଥିଲେ ଜଣେ ଆଦର୍ଶ ଶାସକ ।

ପ୍ରଥମ ରଥର ସାରଥି ଦ୍ୱିତୀୟର ସାରଥିକୁ ସମ୍ବୋଧନ କରି କହିଲେ, ''ଯଦିଓ ଏ ରଥର ଆରୋହୀ ଜଣେ ସାଧାରଣ ଲୋକ ଭଳି ତୁମକୁ ଦିଶୁଥିବେ, ବର୍ତ୍ତମାନ ତାଙ୍କର କାର୍ଯ୍ୟକ୍ରମ ଶେଷ ହୋଇ ଯାଇଥିବା ଦୃଷ୍ଟିରୁ ତାଙ୍କ ପରିଚୟ ପ୍ରକାଶ କରିବାରେ ମୋର ଦ୍ୱିଧା ନାହିଁ । ସେ ବାରାଣସୀର ମହାନ୍ ରାଜା ବ୍ରହ୍ମଦତ୍ତକୁମାର । ତାଙ୍କ ରଥକୁ ତୁରନ୍ତ ବାଟ ଛାଡ଼ି ଦେବା ତୁମର କର୍ତ୍ତବ୍ୟ ।''

''ସାରଥିବର ! ତାଙ୍କୁ ମୋର ଅଭିବାଦନ । ଏ ରଥର ଆରୋହୀଙ୍କ ପରିଚୟ ପ୍ରକାଶ କରିଦେବାରେ ମଧ୍ୟ ବର୍ତ୍ତମାନ ମୋର ଆପତ୍ତି ନାହିଁ । ସେ କୋଶଳର ମହାନ୍ ନରପତି ମଲ୍ଲିକ । ଅତଏବ ମୁଁ ବାଟ ନଛାଡ଼ି ତୁମେ ଛାଡ଼ିଦେବା ଅସଙ୍ଗତ ହେବ ନାହିଁ ।'' କହିଲେ ଦ୍ୱିତୀୟ ରଥର ସାରଥି ।

''ତୁମ ଆରୋହୀଙ୍କୁ ମୋର ଅଭିବାଦନ । ଦୁଇ ରାଜା ମହାନ୍ । ଅତଏବ ବର୍ତ୍ତମାନ ଅନ୍ୟ କଥା ବିଚାରକୁ ନେବା । ଯିଏ ବୟସରେ ସାନ, ସେ ବାଟ ଛାଡ଼ିଦେବା ଯୁକ୍ତିଯୁକ୍ତ ।'' ପ୍ରସ୍ତାବ ଦେଲେ ବାରାଣସୀ ସାରଥି ।

''ଯଥାର୍ଥ !'' କୋଶଳ ସାରଥି କହିଲେ ।

କିନ୍ତୁ ଦେଖାଗଲା, ଦୁଇ ରାଜାଙ୍କ ବୟସ ସମାନ !

ତା'ପରେ ଏକ ପରେ ଏକ ତଥ୍ୟ ବିଚାରକୁ ନିଆଗଲା । ଦେଖିବା ବେଳକୁ ଉଭୟ ରାଜ୍ୟର ଆୟତନ ସମାନ; ସୈନ୍ୟ ବଳ ସମାନ; ଉଭୟଙ୍କ ବଂଶ ପରମ୍ପରା ସମାନଭାବେ ସମ୍ଭ୍ରାନ୍ତ । ଉଭୟ ରାଜାଙ୍କ ଶିକ୍ଷାଦୀକ୍ଷା ସମାନ ।

କିଛି ସମୟ ନୀରବତା ଉତ୍ତାରୁ ବାରାଣସୀ ସାରଥି କହିଲେ, ''ପରିସ୍ଥିତି ଚମତ୍କାର । ଆଚ୍ଛା, ବର୍ତ୍ତମାନ ନିଷ୍କପଟରେ ଉଭୟ ରାଜାଙ୍କର ଅନ୍ୟମାନଙ୍କ ପ୍ରତି ଦୃଷ୍ଟିକୋଣ କିପରି, କିଏ କେଉଁ ପ୍ରକାର ନୀତି ନିୟମ ପାଳନ କରନ୍ତି, ତାହା ବିଚାରକୁ ନିଆଯାଉ । କ'ଣ କହୁଛ ?''

''ବେଶ୍ ।'' ମୁଁ ଆମ ରାଜାଙ୍କର କଥା କହୁଛି । ''ସେ ଦୃଢ଼ମତି, ନ୍ୟାୟପରାୟଣ ଓ ଶୃଙ୍ଖଳା-ଚାଳିତ । ସେ ସାଧୁ ଓ

ଦୟାବାନ୍‌ମାନଙ୍କ ପ୍ରତି ସାଧୁ ଓ ଦୟାଶୀଳ ଆଚରଣ କରନ୍ତି । କିନ୍ତୁ ଯିଏ କ୍ରୂରମତି ଓ ଖଳ, ତା' ପ୍ରତି କଠୋର ଦଣ୍ଡବିଧାନ କରନ୍ତି । ଅର୍ଥାତ୍ ସେ ନ୍ୟାୟପୂର୍ଣ୍ଣ ଶାସନରେ ବିଶ୍ୱାସୀ ।'' ଉଦାତ୍ତ କଣ୍ଠରେ କହିଲେ କୋଶଳ ସାରଥି ।

''ଉତ୍ତମ !'' ମନ୍ତବ୍ୟ ଦେଲେ ବାରାଣସୀ ସାରଥି ଏବଂ ତା'ପରେ କହିଲେ, ''ସାଧୁ ଓ ଦୟାବାନ୍ ପ୍ରତି ଆମ ରାଜା ଯେ ଅନୁରୂପ ଆଚରଣ କରିବେ, ତାହା ସ୍ୱାଭାବିକ । କିନ୍ତୁ କ୍ରୂରମତି ପ୍ରତି ସଦୟ ହୋଇ ଏବଂ ଖଳ ପ୍ରତି ଉଦାର ହୋଇ ଆମ ରାଜା ସେମାନଙ୍କ ସ୍ୱଭାବ ବଦଳାଇ ଦିଅନ୍ତି ! ସତ୍ୟଯୋଗେ ସେ ମିଥ୍ୟା ଉପରେ ବିଜୟ ଲାଭ କରନ୍ତି, ନିଜର ମହାନୁଭବତା ଯୋଗେ ସେ ସଂକୀର୍ଣ୍ଣମନାମାନଙ୍କର ଦୃଷ୍ଟିକୋଣ ବଦଳାଇ ଦିଅନ୍ତି ।''

ଉଭୟ ସାରଥି ଭିତରେ ଚାଲିଥିବା ଏ କଥୋପକଥନ ଏକାଗ୍ର ଚିତ୍ତରେ ଶୁଣୁଥିଲେ କୋଶଳ-ରାଜ । ସେ ହଠାତ୍ ନିଜ ରଥରୁ ଡେଇଁପଡ଼ି ବ୍ରହ୍ମଦତ୍ତ କୁମାରଙ୍କୁ ପ୍ରଣିପାତ କଲେ । ତାଙ୍କ ସାରଥି ମଧ୍ୟ ତାହାହିଁ କଲେ ।

ବ୍ରହ୍ମଦତ୍ତ କୁମାର କୋଶଳ ରାଜାଙ୍କୁ ଶୁଭେଚ୍ଛା ଜଣାଇଲେ ଏବଂ ନିଜ ନଅର ଅଭିମୁଖେ ଅଗ୍ରସର ହେଲେ ।

ବ୍ରହ୍ମଦତ୍ତ କୁମାର ଥିଲେ ବୋଧିସତ୍ତ୍ୱ – ଅର୍ଥାତ୍ ଗୌତମ ବୁଦ୍ଧଙ୍କର ପୂର୍ବବର୍ତ୍ତୀ ଏକ ଜୀବନର ସତ୍ତା । ❑

## ଜୀବନର ରଙ୍ଗ

ଜଣେ ୟୁରୋପୀୟ ପରିବ୍ରାଜକ ଥରେ ଆଫ୍ରିକାର ଗୋଟିଏ ଅରଣ୍ୟ ପଥରେ ଅଗ୍ରସର ହେଉଥା'ନ୍ତି । ତାଙ୍କ ସାଥିରେ ଥାଏ ଜଣେ ସ୍ଥାନୀୟ ପରିଚାରକ ।

କ୍ଲାନ୍ତ ହୋଇ ଦୁହେଁ ଗୋଟାଏ ଗଛମୂଳରେ ବସି ପଡ଼ିଲେ । ପରିଚାରକଟି ଖିଆପିଆ କରୁଥାଏ । ପରିବ୍ରାଜକ ମହାଶୟ ଗଛ ଚାରିପଟେ ବୁଲୁଁ ବୁଲୁଁ ଦେଖିଲେ, ଗୋଟାଏ ବୁଦା ଭିତରେ କୋମଳ ପ୍ରଜାପତିଟିଏ ନିଜ ଖୋଷା ଭିତରୁ ପଦାକୁ ବାହାରିବାକୁ ଚେଷ୍ଟା କରୁଛି । (ସୁକୁମାର ଡେଣା ପିଟି ପିଟି ପ୍ରଜାପତିମାନେ ସେମିତି ଭାବରେ ଜାଲ ଭଳି ସେମାନଙ୍କୁ କାବୁ କରି ରଖିଥିବା ଖୋଷାରୁ ମୁକ୍ତିଲାଭ କରି ଉଡ଼ିବାକୁ ଆରମ୍ଭ କରନ୍ତି ।)

ପରିବ୍ରାଜକ ଦେଖିଲେ ପ୍ରଜାପତିଟି ଖୋଷାରୁ ସହଜରେ ବାହାରି ପାରୁ ନାହିଁ । ଅଥଚ ବାହାରିବାକୁ ଛଟପଟ ହେଉଛି । ସେ ନିଜ ପକେଟରୁ ଛୁରୀଟିଏ ବାହାର କରି ସେ ଖୋଷାକୁ ସାବଧାନରେ କାଟିଦେଲେ । ପ୍ରଜାପତିଟି ସୁରୁଖୁରୁରେ ବାହାରି ଆସିଲା । ସେ ଖୁସି ହେଲେ ।

ସ୍ଥାନୀୟ ପରିଚାରକଟି ଉଠିପଡ଼ି ତାଙ୍କୁ ପଚାରିଲା, ''ଆପଣ ସେମିତି କାହିଁକି କଲେ ?''

''ପ୍ରଜାପତିଟି ବର୍ତ୍ତମାନ କେଡ଼େ ସହଜରେ ଉଡ଼ିଯାଇ ଏ ଡାଳରେ ଆସି ବସିଛି ଦେଖି ପାରୁନା ?'' ପରିବ୍ରାଜକ ଓଲଟା ପ୍ରଶ୍ନ କଲେ ।

''ଆଜ୍ଞା, ଆପଣ ଏ ପ୍ରଜାପତିଟି ସହ ବୁଦାର ଅନ୍ୟ ଡାଳରେ ବସିଥିବା ପ୍ରଜାପତିମାନଙ୍କ ସହ ତୁଳନା କରନ୍ତୁ । କିଛି ପାର୍ଥକ୍ୟ ଦେଖୁଛନ୍ତି ?'' ପଚାରିଲା ପରିଚାରକ ।

ପରିବ୍ରାଜକ ଲକ୍ଷ୍ୟ କରି ଦେଖିଲେ, ସେ ମୁକୁଳାଇଥିବା ପ୍ରଜାପତିଟି ଦେହରେ ରଙ୍ଗ କମ୍ ଏବଂ ମାନ୍ଦା । ଅନ୍ୟ ପ୍ରଜାପତିମାନେ ତା' ତୁଳନାରେ ବହୁତ ଚହଟ ଚିକ୍କଣ ଏବଂ ସେମାନଙ୍କ ଡେଣାରେ ଅନେକ ଅଧିକ ରଙ୍ଗ ।

ସେ ଯାହା ଲକ୍ଷ୍ୟ କଲେ, ତାହା କହିଲେ ।

ପରିଚାରକଟି ହସି ହସି ବୁଝାଇ ଦେଲା, ''ପ୍ରତି ପ୍ରଜାପତି ସେମିତି ଖୋଷା ଭିତରୁ ବାହାରିବା ବେଳେ ଲଢ଼େଇ କରନ୍ତି । ସେମିତି କରିବା ଭିତରେ ସେମାନଙ୍କ ପକ୍ଷରେ ରଙ୍ଗସବୁ କ୍ରମେ କ୍ରମେ ଉଜ୍ଜ୍ୱଳ ହୁଅନ୍ତି ।''

ପରିବ୍ରାଜକ ବୁଝିଲେ – ବିନା ଶ୍ରମ, ବିନା ପ୍ରଚେଷ୍ଟା, ବିନା ବାଧାରେ ଜୀବନର ରଙ୍ଗ ମଧ୍ୟ ଫୁଟି ପାରେନା ! ❑

# ଅପହୃତ ବିମାନର ରକ୍ଷାକର୍ତ୍ରୀ

## ସୂର୍ଯ୍ୟକାନ୍ତି ମହାନ୍ତି

ପ୍ରେମ, ସାହସ, ସମର୍ପଣ ଓ ସଂବେଦନଶୀଳତାର ପ୍ରତୀକ 'ନିରଜା ଭାନୋଟ୍' ।

ମାନବଜାତିର ନମସ୍ୟା ଏହି ମହୀୟସୀ ସାହସୀ ମହିଳା ଭୂମିଷ୍ଠ ହୋଇଥିଲେ ପବିତ୍ର ଭାରତ ମାଟିର ବୀରଭୂମି ପଞ୍ଜାବର ଚଣ୍ଡିଗଡ଼ରେ । ସେ ଥିଲେ 'ଦି ହିନ୍ଦୁସ୍ଥାନ ଟାଇମସ' ସମ୍ବାଦପତ୍ରର ବରିଷ୍ଠ ସାମ୍ବାଦିକ ଶ୍ରୀ ହରିଶ ଭାନୋଟ୍ ଏବଂ ଶ୍ରୀମତୀ ରମା ଭାନୋଟ୍‌ଙ୍କର ସୁକନ୍ୟା । ତାଙ୍କର ଦୁଇ ଭ୍ରାତା ହେଉଛନ୍ତି ଅଖିଲ ଓ ଅନୀଶ । ନିରଜାଙ୍କର ପ୍ରାରମ୍ଭିକ ଶିକ୍ଷା ଚଣ୍ଡିଗଡ଼ର 'ସେକ୍ରେଡ୍ ହାର୍ଟ ସିନିଅର୍ ସେକେଣ୍ଡାରୀ ସ୍କୁଲ'ରେ ହୋଇଥିଲା । ପରବର୍ତ୍ତୀ ସମୟରେ ତାଙ୍କ ପରିବାର ବମ୍ବେକୁ ସ୍ଥାନାନ୍ତରିତ ହେବା କାରଣରୁ ତାଙ୍କର ଶିକ୍ଷା ବମ୍ବେର 'ସ୍କଟିସ୍ ସ୍କୁଲ'ରେ ଏବଂ ସ୍ନାତକ 'ସେଣ୍ଟ୍ ଜାଭିଅରସ୍ କଲେଜ'ରେ ହୋଇଥିଲା । ତାଙ୍କର ବ୍ୟବସ୍ଥିତ ବୈବାହିକ ଜୀବନ ୧୯୮୫ ମସିହା ମାର୍ଚ୍ଚରେ ଆରମ୍ଭ ହୋଇଥିଲେ ମଧ୍ୟ ଶ୍ୱଶୁର ଘର ତରଫରୁ ଅଧିକ ଯୌତୁକ ଦାବି ହେତୁ ମାତ୍ର ଦୁଇ ମାସରେ ସେହି ବିବାହ ବନ୍ଧନ ନଷ୍ଟ ହୋଇ ଯାଇଥିଲା । ପରେ ପରେ ନିରଜା ବମ୍ବେରେ ଥିବା ତାଙ୍କ ପିତାଙ୍କ ଗୃହକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

ତା'ପରେ ତାଙ୍କ ଜୀବନର ପରିବର୍ତ୍ତିତ ଯାତ୍ରା ପଥରେ ସେ ପୂର୍ଣ୍ଣ ପ୍ରାଣରେ ଅଗ୍ରସର ହୋଇଥିଲେ । ପ୍ରଥମ ଅବସ୍ଥାରେ ବମ୍ବେରେ ମଡ଼େଲିଂ ବୃତ୍ତି ସଫଳତାର ସହିତ ଆରମ୍ଭ କରିଥିଲେ ମଧ୍ୟ ସମାନ ସମୟରେ ୧୯୮୫ ମସିହାରେ ବିମାନ ପରିଚାରିକା (Air hostess) ଭାବେ ପାନ୍ ଆମେରିକାନ୍ ଏୟାରୱେଜରେ ଆବେଦନ କରି ମନୋନୀତ ହୋଇ ଜାନୁଆରୀ ୧୬, ୧୯୮୬ରେ କାର୍ଯ୍ୟରେ ଯୋଗଦାନ କରିଥିଲେ । ଏଥିନିମନ୍ତେ ସେ ଫ୍ଲୋରିଡାର 'ମିଆମି'ରେ ପ୍ରଶିକ୍ଷଣ ଲାଭ କରିଥିଲେ । ତାଙ୍କର ଅସାଧାରଣ କାର୍ଯ୍ୟଦକ୍ଷତା ଯୋଗୁଁ ଏପ୍ରିଲ ୧, ୧୯୮୬ରେ ତାଙ୍କୁ ସିନିଅର ପରସର୍ (Senior Purser) ପଦବୀକୁ ଉନ୍ନୀତ କରାଯାଇଥିଲା ।

୧୯୮୬ ମସିହା ସେପ୍ଟେମ୍ବର ୫ ତାରିଖ ଦିନ ପାନ୍ ଆମେରିକାନ୍ ଏୟାରୱେଜ୍ ୭୩ର ଉଡ଼ାଣ ମୁମ୍ବାଇରୁ କରାଚୀ ବାଟ ଦେଇ ନ୍ୟୁୟର୍କ ଯାଉଥିବା ବେଳେ ନିରଜା ସିନିଅର୍ ପରସର (Senior Purser) ଭାବରେ କାର୍ଯ୍ୟରତ ଥିଲେ । ବିମାନରେ ୧୪ଟି ବିଭିନ୍ନ ଦେଶର ୩୬୧ ଜଣ ଯାତ୍ରୀ ଏବଂ ୧୯ ଜଣ ବିମାନ କର୍ମଚାରୀ ଥିଲେ । ଏହି ବିମାନକୁ କରାଚୀ ବିମାନ ବନ୍ଦରରେ ବନ୍ଧୁକ ଓ ଗୋଳାବାରୁଦଧାରୀ ୪ ଜଣ ପାଲେଷ୍ଟାଇନ୍ ଉଗ୍ରବାଦୀ 'ଆବୁ ନିଦାଲ୍' ସଂଘର ସଦସ୍ୟମାନେ ଅପହରଣ କରିଥିଲେ । ସେମାନେ ବିମାନ ବନ୍ଦରର ସୁରକ୍ଷାକର୍ମୀଙ୍କ ପୋଷାକ ପରିଧାନ କରି ବିମାନ ମଧ୍ୟକୁ ପ୍ରବେଶ କରିଥିଲେ । ସେମାନଙ୍କ ପାଖରେ ବନ୍ଧୁକ, ଗ୍ରେନେଡ୍ ଏବଂ ବୁଲେଟ୍ ଭର୍ତ୍ତି ବେଲ୍ଟ ଥିଲା ।

ଅପହରଣକାରୀମାନେ ବିମାନକୁ ସାଇପ୍ରସ୍ ନେଇ ଯିବା ପାଇଁ ଲକ୍ଷ୍ୟ ରଖିଥିଲେ । କାରଣ, ସାଇପ୍ରସ୍‌ରେ ଥିବା ପାଲେଷ୍ଟାଇନ୍ ବନ୍ଦିମାନଙ୍କୁ ମୁକ୍ତ କରିବା ପାଇଁ ଏହି କଠିନ ଉପାୟ ଅବଲମ୍ବନ କରିଥିଲେ । ମାତ୍ର ନିରଜା କକ୍‌ପିଟରେ ଥିବା ବୈମାନିକମାନଙ୍କୁ ବିମାନଟି ଯେ ଅପହରଣକାରୀଙ୍କ କବ୍‌ଜାରେ ଅଛି, ଏକଥା କୋଡ୍ ଭାଷାରେ ଜଣାଇବାକୁ ସକ୍ଷମ ହୋଇଥିଲେ । ଫଳରେ କକ୍‌ପିଟରେ ଥିବା ପାଇଲଟ୍, ସହକାରୀ ପାଇଲଟ୍ ଏବଂ ବିମାନ ଯନ୍ତ୍ରୀ – ଏହି ତିନିଜଣ କକ୍‌ପିଟର ଉପରି ଭାଗରେ ଥିବା ଦ୍ୱାର ମଧ୍ୟ ଦେଇ ପଳାୟନ କରି ପାରିଥିଲେ । ଏହି ସମୟ ମଧ୍ୟରେ ନିରଜା ବିମାନ ମଧ୍ୟରେ ଚାଲିଥିବା ଭୟଙ୍କର ପରିସ୍ଥିତିର ଦାୟିତ୍ୱ ନେଇଥିଲେ । ଏୟାର ଲାଇନ୍‌ସ ସହିତ ଯୋଗାଯୋଗ କରିବା ପାଇଁ ଅପହରଣ-କାରୀମାନେ ନିରଜାଙ୍କୁ ବ୍ୟବହାର କରିଥିଲେ ।

ଅଳ୍ପ ସମୟ ମଧ୍ୟରେ ଜଣେ ଆମେରିକୀୟ ଯୁବକ ରାକେଶ କୁମାରଙ୍କୁ ସେମାନେ ଚିହ୍ନଟ କରିଥିଲେ । ତାଙ୍କୁ ଘୋଷାରି ଘୋଷାରି ଆଣି ପ୍ରସ୍ଥାନ ଦ୍ୱାର ନିକଟରେ ଗୁଳି ଚଳାଇଥିଲେ ଏବଂ ତାଙ୍କ ମୃତ ଶରୀରକୁ ବାହାରକୁ ଫୋପାଡ଼ି ଦେଇଥିଲେ । ସେହି ସମୟରେ ସେମାନେ ଆରବୀ ଭାଷାରେ ଚିତ୍କାର କରିଥିଲେ । ତା'ପରେ ଆମେରିକୀୟମାନଙ୍କୁ ଚିହ୍ନଟ କରିବା ଉଦ୍ଦେଶ୍ୟରେ ସମସ୍ତ ଯାତ୍ରୀଙ୍କର ପାସ୍‌ପୋର୍ଟ ସଂଗ୍ରହ କରିବା ପାଇଁ ନିରଜାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିରଜା ଏବଂ ତାଙ୍କ ଅଧୀନରେ ଥିବା ଅନ୍ୟ ପରିଚାରିକାମାନେ ୪୧ ଜଣ

ଆମେରିକୀୟମାନଙ୍କର ପାସ୍‌ପୋର୍ଟ ସିଟ୍‌ତଳେ ଏବଂ ଅଳିଆ ଟୋକେଇ ତଳେ ଲୁଚାଇ ଦେଇଥିଲେ, ଯେପରିକି ସେମାନେ ଆମେରିକୀୟ ଏବଂ ଅଣଆମେରିକୀୟ ଯାତ୍ରୀଙ୍କ ମଧ୍ୟରେ ପାର୍ଥକ୍ୟ ବୁଝି ପାରିବେ ନାହିଁ । ତଥାପି ବି ଦୁଇଜଣ ଆମେରିକୀୟଙ୍କର ମୃତ୍ୟୁ ହୋଇଥିଲା । ସତର ଘଣ୍ଟା ପରେ ସେମାନେ ଗୁଳି ଚଳାଇବା ଏବଂ ବିସ୍ଫୋରଣ କରିବା ଆରମ୍ଭ କରି ଦେଇଥିଲେ ।

ଏହାର କିଛି ସମୟ ପରେ ଅପହରଣକାରୀମାନେ ଯାତ୍ରୀମାନଙ୍କୁ ପାଉଁରୁଟି ଖାଇବାକୁ ଦେଇଥିଲେ । ବର୍ତ୍ତମାନର ବୟୋଜ୍ୟେଷ୍ଠ ସଙ୍ଗୀତଜ୍ଞ ଏବଂ ସେତେବେଳକାର ଏକୋଇଶ ବର୍ଷୀୟ ଯୁବକ ନାରାୟଣ ପାଞ୍ଚୋଲି, ଯିଏ ସେହି ବିମାନରେ ଯାତ୍ରା କରୁଥିଲେ, ଏହି ପ୍ରସଙ୍ଗରେ ସେ ସ୍ମୃତିଚାରଣ କରି କହନ୍ତି, ‘‘ଏପ୍ରକାର ସାଂଘାତିକ ପରିସ୍ଥିତିରେ ବିମାନ ମଧ୍ୟରେ କ୍ରନ୍ଦନରତ ଯାତ୍ରୀମାନଙ୍କ ମଧ୍ୟରେ କିଏ ଏପରି ଥିଲା, ଯେକି ଖାଦ୍ୟ ଗ୍ରହଣ କରିପାରିଥା’ନ୍ତା ! କେହି ଜଣେ ବି ଖାଦ୍ୟ ଗ୍ରହଣ କରିପାରିଲେ ନାହିଁ । ସନ୍ଧ୍ୟାରେ ସମସ୍ତଙ୍କୁ ଛାଡ଼ିଥିଲେ ପାଇଖାନା ଯିବା ପାଇଁ, ତାହା ପୁଣି ଗୁରୁଣ୍ଡିବା ଅବସ୍ଥାରେ !’’

ପ୍ରାୟ ସତର ଘଣ୍ଟା ପରେ ବିମାନର ଜାଳେଣି ଶେଷ ହୋଇଗଲା । ଏଣୁ ଜେନେରେଟର ବନ୍ଦ ହୋଇଗଲା । ଯାହା ଫଳରେ ବିମାନଟି ସମ୍ପୂର୍ଣ୍ଣ ଅନ୍ଧକାର ହୋଇଗଲା । ଏହାପରେ ସେମାନେ ଅଧିକ ଭୟଙ୍କର ହୋଇଗଲେ ଏବଂ ଗ୍ରେନେଡ୍ ମଧ୍ୟ ଫୋପାଡ଼ିବାକୁ ଆରମ୍ଭ କରିଦେଲେ ।

ନାରାୟଣ ପାଞ୍ଚୋଲି କହନ୍ତି, ‘‘ସମଗ୍ର ମାନବଜାତି ପାଇଁ ସେହି ଦିବସଟି ଥିଲା ଅତ୍ୟନ୍ତ ଦୁଃଖଦ ଓ ଯନ୍ତ୍ରଣାଦାୟକ । ବିମାନ ମଧ୍ୟରେ ସେହି ସମୟରେ ଯାତ୍ରୀମାନେ ନିଜର ଧର୍ମ, ଜାତୀୟତା, ବର୍ଣ୍ଣ – ଏ ସବୁକିଛିର ପାର୍ଥକ୍ୟ ଭୁଲିଗଲେ ବରଂ ଅନୁଭବ କରିଥିଲେ ପରସ୍ପର ପ୍ରତି ମାନବିକତାର ଆକର୍ଷଣ ଏବଂ ପରସ୍ପରକୁ ସାହାଯ୍ୟ କରିବା ଓ ରକ୍ଷା କରିବାର ଅଦମ୍ୟ ଚେଷ୍ଟା । ସେଠାରେ ଗୋଟିଏ ମାତ୍ର ଧର୍ମ କାମ କରିଥିଲା । ତାହା ହେଲା ମାନବ ଧର୍ମ । ଏହାହିଁ ଥିଲା ମାନବ ଧର୍ମର ଯଥାର୍ଥ ଉଦାହରଣ । ଏହାହିଁ ଥିଲା ମାନବିକତାର ଯଥାର୍ଥ ନିଦର୍ଶନ ।’’

ବିମାନ ମଧ୍ୟରେ ଏହିପରି ଭୟଙ୍କର ପରିସ୍ଥିତି ମଧ୍ୟରେ ନିରଜା ବୁଦ୍ଧିମତ୍ତା ଏବଂ କ୍ଷିପ୍ରତାର ସହିତ ଜରୁରୀକାଳୀନ ଦ୍ୱାର ଉନ୍ମୁକ୍ତ କରି ଯାତ୍ରୀମାନଙ୍କୁ ମୁକ୍ତ କରିବାରେ ପ୍ରାଣମୂର୍ଚ୍ଛା ଉଦ୍ୟମ ଆରମ୍ଭ କରିଦେଲେ । ସେ ୩୮୦ ଜଣ ଯାତ୍ରୀଙ୍କ ମଧ୍ୟରୁ ୩୬୦ ଜଣଙ୍କ ଜୀବନ ରକ୍ଷା କରିପାରିଥିଲେ । ତିନିଜଣ ଶିଶୁଙ୍କୁ ବୁଲେଟ୍‌ରୁ ବଞ୍ଚାଇବାକୁ ଯାଇ ନିଜେ ସାଂଘାତିକ ଭାବରେ ଆହତ ହୋଇଥିଲେ ।

ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତିରେ ଅଦ୍ଭୁତ ସାହସ ପ୍ରଦର୍ଶନ କରି ବାଇଶ ବର୍ଷୀୟା ନିରଜା ଅନ୍ୟମାନଙ୍କ ଜୀବନ ରକ୍ଷା କରିବାକୁ ଯାଇ ନିଜ ଜୀବନକୁ ବଳିଦାନ ଦେଲେ । ତାଙ୍କ ଜନ୍ମଦିନର ଗୋଟିଏ ଦିନ ପୂର୍ବରୁ ନିରଜାଙ୍କ ଘରେ ପହଞ୍ଚିଲା ତାଙ୍କର ଶବ । ଆନ୍ତର୍ଜାତିକ ସ୍ତରରେ ସେ ପରିଚିତା ହେଲେ ‘ଅପହୃତ ବିମାନର ରକ୍ଷାକର୍ତ୍ତ୍ରୀ’ଭାବେ ।

ସେ ସମୟରେ ଉପସ୍ଥିତ ଥିବା ସାତ ବର୍ଷ ବୟସର ଜଣେ ଶିଶୁ ଯାତ୍ରୀ ବର୍ତ୍ତମାନ ଏକ ମୁଖ୍ୟ ବିମାନ ସଂସ୍ଥାର କ୍ୟାପ୍‌ଟେନ ଅଛନ୍ତି । ସେ ନିରଜାଙ୍କୁ ତାଙ୍କର ପ୍ରେରଣା ରୂପେ ଗ୍ରହଣ କରିଛନ୍ତି ଏବଂ ନିଜର ଜୀବନ ପାଇଁ ନିରଜାଙ୍କ ନିକଟରେ ଚିରଋଣୀ ବୋଲି ପ୍ରକାଶ କରନ୍ତି ।

ନିରଜା ହେଉଛନ୍ତି ଏକମାତ୍ର ଭାରତୀୟ ଯିଏ ଯୁକ୍ତରାଷ୍ଟ୍ର ଆମେରିକାର Flight Safety Foundations ଆନୁକୂଲ୍ୟରେ ପ୍ରଦତ୍ତ ‘Heroism Award’ ପ୍ରାପ୍ତ ହୋଇଛନ୍ତି । ଏହା ୧୯୮୭ ମସିହାରେ ଆମେରିକା ତାଙ୍କୁ ପ୍ରଦାନ କରିଥିଲା । ସାହସିକତା ପାଇଁ ସେ ଭାରତର ଶାନ୍ତି ସମୟର ଶ୍ରେଷ୍ଠ ପୁରସ୍କାର ‘ଅଶୋକ ଚକ୍ର’ ମରଣୋତ୍ତର ଭାବରେ ୧୯୮୭ରେ ପ୍ରାପ୍ତ କରିଥିଲେ । ଏହି ପୁରସ୍କାର ପାଇବାରେ ସେ ହେଉଛନ୍ତି ସର୍ବକନିଷ୍ଠ ଭାରତୀୟ ଏବଂ ପ୍ରଥମ ମହିଳା । ଶାନ୍ତି ସମୟରେ ଏହି ପୁରସ୍କାର ଶୌର୍ଯ୍ୟ, ବୀରତ୍ୱ, ନିର୍ଭୀକତା ଓ ସାହସିକତା ପାଇଁ ସର୍ବୋଚ୍ଚ ସମ୍ମାନ । ଏଥିପାଇଁ ତାଙ୍କୁ ଯେଉଁ ମାନପତ୍ର ପ୍ରଦାନ କରାଯାଇଥିଲା ତାହା ଏହିପରି :

“Her loyalities to the passengers of the air craft in distress will forever be a lasting tribute to the finest qualities of the human spirit.”

ଅର୍ଥାତ୍ – ବିପନ୍ନ ଅବସ୍ଥାରେ ଥିବା ଯାତ୍ରୀମାନଙ୍କ ପ୍ରତି ତାଙ୍କର ବିଶ୍ୱସ୍ତତା, ମାନବତାର ସର୍ବୋଚ୍ଚ ଉତ୍କର୍ଷତା ପ୍ରତି ଏକ ସତତ ଶ୍ରଦ୍ଧାଞ୍ଜଳି ।

ସେ ମଧ୍ୟ ପାକିସ୍ତାନର ‘ତାମ୍‌ଘା-ଉ-ଇନ୍‌ସାନିଅତ୍’ ପୁରସ୍କାର ଲାଭ କରିଥିଲେ । ଏହା ହେଉଛି ଶ୍ରେଷ୍ଠ ମାନବିକ

ଅନୁକମ୍ପା ନିମିତ୍ତ ପୁରସ୍କାର । ନିରଜାଙ୍କର ଭ୍ରାତା ଅନିଶ କୁମାର ୨୦୦୫ରେ ୱାଶିଂଟନ ଡି. ସି.କୁ ଯାଇ ନିରଜାଙ୍କୁ ପ୍ରଦତ୍ତ 'Justice for Crimes Award' ଗ୍ରହଣ କରିଥିଲେ । ଏହା କଲମ୍ବିଆ ଜିଲ୍ଲାର ସଂଯୁକ୍ତ ରାଜ୍ୟ ଆଟର୍ଣ୍ଣିଙ୍କ ଅଫିସରେ 'Annual Crimes Rights' ସପ୍ତାହ ପାଳନ ଅବସରରେ ପ୍ରଦାନ କରାଯାଇଥିଲା ।

ପୁନଶ୍ଚ ୨୦୦୬ରେ ନିରଜା ଏବଂ ପାନ୍ ଆମେରିକାନ୍ ଫ୍ଲାଇଟ୍, ୭୩ର ଅନ୍ୟ ପରିଚାରିକାମାନେ ଏବଂ ପାନ୍ ଆମେରିକାର ପାକିସ୍ତାନ ପାଇଁ ନିର୍ଦ୍ଦେଶକ – ଏ ସମସ୍ତେ ସ୍ୱତନ୍ତ୍ର ସାହସିକତା ପାଇଁ ଯୁକ୍ତରାଷ୍ଟ୍ରର ଜଷ୍ଟିସ୍ ବିଭାଗ ତରଫରୁ ପୁରସ୍କୃତ ହୋଇଥିଲେ । ୨୦୧୦ରେ ଭାରତର Civil Aviation Ministry ନୂଆଦିଲ୍ଲୀରେ 'Indian Aviation Centenary' ପାଳନ ଅବସରରେ ନିରଜାଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରିଥିଲେ । ୨୦୧୬ ଜୁଲାଇ ୨ ତାରିଖରେ ଇଂଲଣ୍ଡ ପାର୍ଲିଆମେଣ୍ଟର House of Commons ନିରଜାଙ୍କୁ 'ଭାରତ ଗୌରବ' ଘୋଷଣା କରିଥିଲେ ।

ଏସବୁ ବ୍ୟତୀତ ନିରଜାଙ୍କ ପରିବାର 'ନିରଜା ଭାନୋଟ୍ ପାନ୍ ଆମେରିକାନ୍ ଟ୍ରଷ୍ଟ' ନାମରେ ବୀମା ଏବଂ ସମାନ ପରିମାଣର ପାନ୍ ଆମେରିକାନ୍‌ର ଦାନ ସହିତ ଏକ ସଂସ୍ଥା ଗଠନ କରିଛନ୍ତି । ଏହି ସଂସ୍ଥା ପ୍ରତିବର୍ଷ ଦୁଇଟି ପୁରସ୍କାର ପ୍ରଦାନ କରିଥାଏ । ଗୋଟିଏ ହେଉଛି – ପୃଥିବୀର ସମସ୍ତ ଦେଶର ବିମାନ କର୍ମଚାରୀ(Crew)ଙ୍କ ପାଇଁ, ଯିଏ କର୍ତ୍ତବ୍ୟର ଊର୍ଦ୍ଧ୍ୱରେ ସାହସିକତାର ସହିତ କାମ କରିଥିବେ । ଅନ୍ୟଟି ହେଉଛି – 'ନିରଜା ଭାନୋଟ୍ ପୁରସ୍କାର' ଜଣେ ଭାରତୀୟ ମହିଳାଙ୍କୁ ପ୍ରଦାନ କରାଯାଏ, ଯିଏ ସାମାଜିକ ଅନ୍ୟାୟକୁ ସାହସିକତାର ସହିତ ସମ୍ମୁଖୀନ ହୋଇଥା'ନ୍ତି ଏବଂ ସେହିପରି ସାମାଜିକ ଦୈନ୍ୟ ଅବସ୍ଥାରେ ଯନ୍ତ୍ରଣା ଭୋଗ କରୁଥିବା ଅନ୍ୟ ମହିଳାଙ୍କୁ ସାହାଯ୍ୟ ବି କରିଥା'ନ୍ତି ।

ନିରଜାଙ୍କ ସମ୍ମାନାର୍ଥେ 'ଭାନୋଟ୍ ହାଉସ୍ ଅଫ୍ ଅଷ୍ଟ୍ରେ ସ୍କୁଲ' ତାଙ୍କ ନାମରେ ନାମିତ ମଧ୍ୟ ହୋଇଛି ।

ନିରଜା ଭାନୋଟ୍‌ଙ୍କ ଜୀବନୀ ଉପରେ ଆଧାରିତ ହିନ୍ଦୀ ଚଳଚ୍ଚିତ୍ର 'ନିରଜା' ୨୦୧୬ ଫେବ୍ରୁଆରୀ ୧୯ ତାରିଖ ଦିନ ମୁକ୍ତିଲାଭ କରିଥିଲା । ଏହାର ନିର୍ଦ୍ଦେଶକ ହେଉଛନ୍ତି ରାମ ମାଧବାନି । ଲେଖକ ହେଉଛନ୍ତି ସାଇଉଇନ୍ କ୍ୱାଡ୍ରାସ । ଏହି ଚଳଚ୍ଚିତ୍ରରେ ନିରଜା ଭୂମିକାରେ ସୋନମ୍ କପୁର ଚମତ୍କାର ଅଭିନୟ କରିଛନ୍ତି । ଚଳଚ୍ଚିତ୍ରଟିକୁ ଖୁବ୍ ହୃଦୟସ୍ପର୍ଶୀ କରାଯାଇ ପାରିଛି । ଶ୍ରୀଅରବିନ୍ଦ ଆଶ୍ରମ ପ୍ଲେ-ଗ୍ରାଉଣ୍ଡରେ ୨୦୧୬, ମେ ୪ ତାରିଖରେ ଏହି ଚଳଚ୍ଚିତ୍ରଟି ପ୍ରଦର୍ଶିତ ହୋଇଥିଲା । (୨୦୧୭ରେ ଏହି ଚଳଚ୍ଚିତ୍ର ୬୪ତମ National Film Awards ଉତ୍ସବରେ ଦୁଇଟି ଏବଂ ୬୨ ତମ Filmfare Awards ଉତ୍ସବରେ ଛଅଟି ପୁରସ୍କାର ଲାଭ କରିଛି ।)

ଭାରତ ସରକାର ୨୦୦୪ ଅକ୍ଟୋବର ୧୦ ତାରିଖ ଦିନ ନିରଜା ଭାନୋଟ୍‌ଙ୍କ ସମ୍ମାନାର୍ଥେ ସ୍ମାରକ ଡାକ ଟିକଟ (Commemorative Postage Stamp) ପ୍ରକାଶ କରି ଏହି ମହୀୟସୀ ମହିଳାଙ୍କୁ ଗୌରବାନ୍ୱିତ କରିଛନ୍ତି ।

ନିରଜାଙ୍କର ଜୀବନ ଓ ଅତିମାନବୀୟ ସାହସିକତା ମାନବସମାଜକୁ ଅନୁପ୍ରାଣିତ କରୁଥିବ ଯୁଗ ଯୁଗ ଧରି । ଶ୍ରୀମାଙ୍କ ଭାଷାରେ, "It is right to take care of your life and to defend it bravely. But there is a greater courage, the courage which is shown for the sake of others." (CWM, Vol. 2, P. 179)

ଅର୍ଥାତ୍ – ''ତୁମେ ତୁମ ଜୀବନର ଯତ୍ନ ନେବା ଏବଂ ସାହସିକତାର ସହିତ ନିଜର ପ୍ରତିରକ୍ଷା କରିବା ଯଥାର୍ଥ । କିନ୍ତୁ ଅନ୍ୟମାନଙ୍କ ସୁରକ୍ଷା ପାଇଁ ପ୍ରଦର୍ଶିତ ସାହସ ତା' ଅପେକ୍ଷା ଅଧିକ ମହତ୍ତର ଅଟେ ।''

❑❑❑

ଯଥାର୍ଥ ସାହସରେ ଧୈର୍ଯ୍ୟହୀନତା ଏବଂ ଅବିବେକିତା ଲାଗି କୌଣସି ସ୍ଥାନ ନଥାଏ ।

– ଶ୍ରୀମା

# ନୂତନ ଅନୁଭୂତିର ସଂଧାନରେ


## ସନ୍ତୋଷ କୁମାର ଯୋଗାଣିଆ


[ସ୍ୱାମୀ ରାମ ପିଲାଟିବେଳୁ ହିମାଳୟର ଜଣେ ମହାନ୍ ଯୋଗୀ ଓ ସନ୍ଥଙ୍କ ଦ୍ୱାରା ଲାଳିତପାଳିତ ହୋଇଥିଲେ । ସେ ପ୍ରୟାଗ, ବାରାଣସୀ ଓ ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରିଥିଲେ । ମାତ୍ର ୨୪ ବର୍ଷ ବୟସରେ ସେ ଦକ୍ଷିଣ ଭାରତର କରଭୀର୍ ପୀଠମ୍‌ର ଶଙ୍କରାଚାର୍ଯ୍ୟ ହୋଇଥିଲେ । ସେତେବେଳେ ଭାରତରେ ଏହା ସର୍ବୋଚ୍ଚ ଅଧ୍ୟାତ୍ମ ପଦବୀ । କିନ୍ତୁ ସେ ଏହି ପଦବୀ ତ୍ୟାଗକରି ପୁଣି ହିମାଳୟକୁ ଫେରି ଯାଇଥିଲେ । ତାଙ୍କର ସାଧନା, ଅନୁଧ୍ୟାନ ଓ ଅନୁଶୀଳନର ଜ୍ଞାନ ସେ ବିତରଣ କରିଥିଲେ ପାଶ୍ଚାତ୍ୟ ଜଗତରେ । ବିଶେଷ କରି ଆମେରିକାରେ ।

ସ୍ୱାମୀ ରାମ 'Himalayan International Institute of Yoga Science & Philosophy'ର ପ୍ରତିଷ୍ଠାତା । ବିଶ୍ୱର ଚାରିଆଡ଼େ ତାଙ୍କର କେନ୍ଦ୍ରଗୁଡ଼ିକ ସକ୍ରିୟ । ତାଙ୍କ ଲିଖିତ 'Living with The Himalayan Masters' ପୁସ୍ତକରୁ ସଂଗୃହୀତ କେତୋଟି ବିଷୟ ଏଠାରେ ଉଲ୍ଲେଖ କରାଯାଉଛି, ଯାହାକି ଯୋଗ ଜୀବନରେ ଶିକ୍ଷା ଓ ଅଭିଜ୍ଞତାକୁ ନେଇ ପ୍ରେରଣାଦାୟକ ହେବ ।]

ତରୁଣ ଅବସ୍ଥାରେ ମୁଁ ଭାବୁଥିଲି ଯେ ମୁଁହିଁ ଠିକ୍ । ମୋର ଆଉ ଶିକ୍ଷା ହାସଲ କରିବା କି ତାଲିମ ପାଇବାର ଆବଶ୍ୟକତା ନାହିଁ । ଏ ଦେଶରେ ମୋ ଭଳି ସ୍ୱାମିଜି ଆଉ କେହି ନାହାନ୍ତି । ବହୁ ସ୍ୱାମିଜିଙ୍କୁ ଶିକ୍ଷା ଦେଉଥିବାରୁ ମୁଁ ଅନ୍ୟମାନଙ୍କଠାରୁ ଖୁବ୍ ଜ୍ଞାନୀ ବୋଲି ମଧ୍ୟ ଅନୁଭବ କରୁଥିଲି ।

ମୋ ଗୁରୁଦେବଙ୍କୁ ମୁଁ ଯେତେବେଳେ ଏ କଥା କହିଲି ସେ ମୋତେ ଚାହିଁଲେ । କହିଲେ – ତୁମେ ନିଶାଗ୍ରସ୍ତ କି ? ଏମିତି କ'ଣ ସବୁ କହୁଛ ?

କିଛିଦିନ ପରେ ମୋ ଗୁରୁଦେବ ଏହି ପ୍ରସଙ୍ଗ ଉଠାଇ କହିଲେ – ତୁମେ ଏବେ ବି ଶିଶୁ । କେବଳ ଶିକ୍ଷାଗ୍ରହଣ କଥାହିଁ ଜାଣିଛ, ଆଉ କିଛି ନୁହେଁ । ଚାରିଟି କଥା ଉପରେ ତୁମର ନିୟନ୍ତ୍ରଣ ନାହିଁ । ଏହି ଚାରିଟି କଥାକୁ ନିଜ ନିୟନ୍ତ୍ରଣରେ ରଖିଲେ ତୁମେ କିଛିଟା ହାସଲ କରିପାରିବ । ଈଶ୍ୱରଙ୍କୁ ଜାଣିବାକୁ ଓ ସାକ୍ଷାତ୍ କରିବାକୁ ମନରେ ଅଭିଳାଷ ରଖ, କିନ୍ତୁ ଏହି ଅଭିଳାଷ ସ୍ୱାର୍ଥକୈନ୍ଦ୍ରିକ ହେବା ଉଚିତ ନୁହେଁ । ରାଗ, ଲୋଭ ଓ ମୋହ ତ୍ୟାଗ କର ଏବଂ ନିୟମିତ ଧ୍ୟାନ କର । ଏହି ଚାରିଟି କଥା ଉପରେ ତୁମର ନିୟନ୍ତ୍ରଣ ରହିଲେ ତୁମେ ଠିକ୍ ବୋଲି ନିଜକୁ କହିପାରିବ ।

ଗୁରୁଦେବ ମୋତେ କେତେ ଜଣ ନିର୍ଦ୍ଦିଷ୍ଟ ସାଧୁଙ୍କ ନିକଟକୁ ଯିବାକୁ ନିର୍ଦ୍ଦେଶ ଦେଲେ । କହିଲେ – ସେହି ସାଧୁଙ୍କ ଗହଣରେ ଥିବା ସମୟରେ ତୁମେ ନମ୍ର ହେବ । ନହେଲେ ସେମାନଙ୍କ ଜ୍ଞାନରୁ ତୁମେ ବଞ୍ଚିତ ହେବ । ସେମାନେ ଆଖି ବନ୍ଦକରି ଧ୍ୟାନରେ ମଗ୍ନ ହୋଇଯିବେ ।

ଯେଉଁ ସାଧୁମାନଙ୍କ ନିକଟକୁ ଯିବାକୁ ଗୁରୁଦେବ ମୋତେ କହିଲେ ସେମାନେ ସମସ୍ତେ ତାଙ୍କର ବନ୍ଧୁ ଥିଲେ । ପିଲାଟି ଦିନରୁ ମଧ୍ୟ ସେମାନେ ମୋତେ ଜାଣିଥିଲେ, ମୁଁ ଗୁରୁଦେବଙ୍କ ସହ ଥିଲି ଓ ବହୁ ଦୁଷ୍ଟାମି କରୁଥିଲି । ସେମାନେ ଯେତେବେଳେ ଗୁରୁଦେବଙ୍କ ନିକଟକୁ ଆସୁଥିଲେ ଗୁରୁଦେବଙ୍କୁ ପଚାରୁଥିଲେ – ସେ ପିଲା କ'ଣ ଆପଣଙ୍କ ନିକଟରେ ଅଛି ?

ପ୍ରଥମେ ମୁଁ ଯେଉଁ ସାଧୁଙ୍କ ନିକଟକୁ ଗଲି ସେ ତାଙ୍କର ନିରବତା ପାଇଁ ପ୍ରସିଦ୍ଧ ଥିଲେ । ସେ ଥିଲେ ମହାତ୍ୟାଗୀ । ତାଙ୍କ ଚାରିପଟେ ଯାହା ଘଟିଲେ ବି ସେଥିପ୍ରତି ଦୃଷ୍ଟି ଦେଉ ନଥିଲେ । ତାଙ୍କ ନିକଟକୁ ଯିବାବେଳେ ବାଟରେ ମୁଁ ଆଖପାଖ ଗାଁ ଲୋକଙ୍କୁ ସାଧୁଙ୍କ ବିଷୟରେ ପଚାରିଲି । ସେମାନେ କହିଲେ – ସାଧୁ ମହାରାଜ କାହା ସହ କଥାବାର୍ତ୍ତା କରୁ ନାହାନ୍ତି, କାହାକୁ ଚାହୁଁ ନାହାନ୍ତି କି କିଛି ବି ଖାଉ ନାହାନ୍ତି । ତିନିମାସ ହୋଇଗଲାଣି, କେଉଁ ଆଡ଼େ ନଯାଇ ଗୋଟିଏ ସ୍ଥାନରୁ ସେ ଉଠୁ ନାହାନ୍ତି । ଆମେ ତାଙ୍କପରି ସାଧୁ କେବେ ଦେଖି ନାହୁଁ ।

ସେ ସାଧୁ ଯେଉଁ ଅବସ୍ଥାରେ ଥିଲେ ତାହାକୁ କୁହାଯାଏ 'ଅଜଗର ବୃତ୍ତି' । ଅଜଗର ସର୍ପ ଯେପରି ଗୋଟିଏ ସ୍ଥାନରେ ଦୀର୍ଘଦିନ ଯାଏ ପଡ଼ି ରହିପାରେ, କେତେକ ସାଧୁ ମଧ୍ୟ

ସେହିପରି ଗୋଟିଏ ସ୍ଥାନରେ ବହୁଦିନ ଯାଏ ଗଭୀର ଧ୍ୟାନ-ମଗ୍ନ ହୋଇ ରହିପାରନ୍ତି ।

ମୁଁ ସାଧୁଙ୍କ ନିକଟରେ ପହଞ୍ଚିବା ସମୟରେ ଏକ ବରଗଛ ମୂଳେ ଛୋଟ ପାହାଡ଼ ଉପରେ ସେ ଶୋଇ ରହିଥିଲେ । ସ୍ମିତ ହସୁଥିଲେ କିନ୍ତୁ ଆଖି ତାଙ୍କର ବନ୍ଦ ଥିଲା । ଯେପରି ସେ ଥିଲେ ବିଶ୍ୱବ୍ରହ୍ମାଣ୍ଡର ମାଲିକ । ଗ୍ରୀଷ୍ମ ହେଉ କି ଶୀତ ବା ବର୍ଷା, କିଛି ବି ପିନ୍ଧୁ ନଥିଲେ ସେ । ତାଙ୍କର ତ୍ୱଚା ଦେଖି ମନେ ହେଉଥିଲା ସେ ଯେମିତି ୱେଦର-ପ୍ରୁଫ, ଠିକ୍ ହାତୀ ପରି । ନିଜର ବୋଇଲେ କୌଣସି ଜିନିଷ ନଥିଲା ତାଙ୍କର, କିନ୍ତୁ ସେ ଥିଲେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ।

ତାଙ୍କୁ ଏପରି ଭାବରେ ଶୋଇ ରହିଥିବା ଦେଖି ମୁଁ ଭାବିଲି, ତାଙ୍କର ଟିକିଏ ରୁଚିବୋଧ ରହିବା ଆବଶ୍ୟକ । ପୁଣି ଭାବିଲି, ମୋ ଗୁରୁଦେବ ମୋତେ ପଠାଇଛନ୍ତି ତାଙ୍କ ନିକଟରୁ ଜ୍ଞାନ ଆହରଣ କରିବା ଲାଗି ଏବଂ ମୋର ସମୟ ନଷ୍ଟ ହେଉ ଏହା ମୋର ଗୁରୁଦେବ କେବେବି ଚାହିଁବେ ନାହିଁ । ମୁଁ ତ କେବଳ ଏହି ସାଧୁଙ୍କ ଶରୀରକୁହିଁ ଦେଖୁଛି । ମୁଁ ତାଙ୍କର ପାଦ ସ୍ପର୍ଶ କଲି । ଆମର ପରମ୍ପରା ଅନୁଯାୟୀ ଜଣେ ମହାନ୍ ବ୍ୟକ୍ତିଙ୍କର ପାଦସ୍ପର୍ଶ କଲେ ସେ ଆଶୀର୍ବାଦ କରନ୍ତି । ସେହି ସାଧୁ କିନ୍ତୁ ବାହ୍ୟ ଜଗତ୍ ବାହାରେ ଥିଲେ । ତିନି, ଚାରିଥର ମୁଁ ତାଙ୍କୁ ଡାକିଲି । କିନ୍ତୁ ସେ ଅନ୍ୟ କେଉଁଠି ବିଚରଣ କରୁଥିଲେ । ସେ କୌଣସି ଉତ୍ତର ଦେଲେ ନାହିଁ । ନା ହଲ୍ ନା ଚଲ୍, ସେମିତି ନିଶ୍ଚଳ । ମୁଁ ତାଙ୍କର ପାଦ ମାଲିସ କରିବା ଆରମ୍ଭ କଲି । ଆମର ଗୁରୁମାନେ ଯେତେବେଳେ ଥକି ପଡ଼ିଥା'ନ୍ତି ଆମେ ସେତେବେଳେ ଏହିପରି କରୁ । ମୁଁ ଭାବିଲି ସାଧୁ ବୋଧହୁଏ ଖୁସି ହେବେ, କିନ୍ତୁ ସେ ମୋତେ ଏକ ଶକ୍ତ ଗୋଇଠା ମାରିଲେ । ତାଙ୍କ ପାଦରେ ଏତେ ଶକ୍ତି ଥିଲା ଯେ, ମୁଁ ସେହି ଛୋଟ ପାହାଡ଼ ତଳକୁ ଖସିପଡ଼ିଲି । ତଳକୁ ଖସିଲା ବେଳେ ଗଛଲତା ଓ ପଥର ବାଜି ମୋ ଶରୀର ଆଞ୍ଚୁଡ଼ି ହୋଇଗଲା । ଭାରି ଯନ୍ତ୍ରଣା ବି ହେଲା । ମୁଁ ପ୍ରତିହିଂସା ପରାୟଣ ହୋଇଉଠିଲି । ଭାବିଲି, କାହିଁକି ସେ ଏପରି କଲେ ? ମୁଁ ତାଙ୍କ ପାଦ ମୋଡ଼ି ଦେଲି କିନ୍ତୁ ସେ ମୋତେ ଗୋଇଠା ମାରିଲେ ? ସେ ସାଧୁ ନୁହନ୍ତି । କି ସାଧୁ ସେ ? ତାଙ୍କୁ ପାନେ ଦେବି । ତାଙ୍କର ଦୁଇଟିଯାକ ଗୋଡ଼ ଭାଙ୍ଗିଦେବି । ବୋଧହୁଏ ତାଙ୍କୁ ପାନେ ଦେବା ପାଇଁ ମୋ ଗୁରୁଦେବ ମୋତେ ପଠାଇଛନ୍ତି ।

ମୋ ରାଗ ସୁଝାଇବା ପାଇଁ ମୁଁ ତାଙ୍କ ନିକଟରେ ପହଞ୍ଚିବା ବେଳକୁ ସେ ବସିଥିଲେ ଓ ହସୁଥିଲେ । ମୋତେ କହିଲେ – 'ପୁଅ, କେମିତି ଅଛ ?' ମୁଁ କହିଲି – 'କେମିତି ଅଛି ? ଗୋଇଠା ମାରି ପାହାଡ଼ ଉପରୁ ମୋତେ ତଳେ ପକାଇ ଦେଇ ପଚାରୁଛନ୍ତି ପୁଅ, କେମିତି ଅଛ ବୋଲି ?'

ସାଧୁ କହିଲେ – 'ତୁମର ଗୁରୁଦେବ ତୁମକୁ କହିଛନ୍ତି ଚାରିଟି କଥାକୁ ନିଜ ନିୟନ୍ତ୍ରଣରେ ରଖିବାକୁ । ପ୍ରଥମଟି ତୁମେ ନଷ୍ଟ କରିଦେଲ । ମୁଁ ତୁମକୁ ଗୋଇଠା ମାରିଲି, ରାଗ ଉପରେ ତୁମର ନିୟନ୍ତ୍ରଣ ରହିଛି କି ନା ଏହା ଜାଣିବାକୁ । ତୁମେ ଏତେ ରାଗି ଯାଇଛ ଯେ ବର୍ତ୍ତମାନ ଏଠାରେ ତୁମେ କିଛି ଶିକ୍ଷା କରିପାରିବ ନାହିଁ । ତୁମର ସ୍ଥିରତା ନାହିଁ କି ତୁମେ ପ୍ରଶାନ୍ତ ନୁହଁ । ଏବେ ବି ତୁମେ ଅପରିପକ୍ୱ । ତୁମର ଗୁରୁଦେବ ଖୁବ୍ ନିଃସ୍ୱାର୍ଥପର । ତାଙ୍କର ଆଧ୍ୟାତ୍ମିକ ଶିକ୍ଷା ତୁମେ ଆଦୌ ଅନୁସରଣ କରୁ ନାହଁ । ମୋଠାରୁ ତୁମେ କ'ଣ ଶିଖିବ ? ତୁମେ ମୋ ଶିକ୍ଷା ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇ ନାହଁ । ଏଠାରୁ ଚାଲିଯାଅ ।'

ମୋତେ କେହି କେବେ ଏପରି କହି ନଥିଲେ । ମୁଁ ଚିନ୍ତା କଲି । ଅନୁଭବ କଲି ଯେ ସେ ଯାହା କହିଲେ ସତ କହିଲେ । ମୋତେ ମୋର ରାଗ କବଳିତ କରିଥିଲା । ମୁଁ କାନ୍ଦିଲି । ଭାବିଲି, କିଛିଦିନ ପୂର୍ବେ ଭାବୁଥିଲି ମୁଁ ଠିକ୍ ବୋଲି, କିନ୍ତୁ ମୁଁ ଆଦୌ ଠିକ୍ ନୁହେଁ । ସେହି ସାଧୁଙ୍କୁ ମୁଁ କହିଲି – 'ମୁଁ ଯେତେବେଳେ ମୋର ରାଗକୁ ନିୟନ୍ତ୍ରଣ କରିବି ସେତେବେଳେ ଆପଣଙ୍କ ନିକଟକୁ ଆସିବି ।'

ତାଙ୍କ ନିକଟରୁ ଆସି ମୁଁ ଆଉ ଜଣେ ସାଧୁଙ୍କ ନିକଟକୁ ଗଲି । ଭାବିଲି, ସେ ଯାହା କଲେ ମଧ୍ୟ ମୁଁ ଆଦୌ ରାଗିବି ନାହିଁ । ସେହି ସାଧୁଙ୍କର ଏକ ସୁନ୍ଦର ଫାର୍ମ ଥିଲା । ସେ ମୋତେ କହିଲେ – 'ଏହି ଫାର୍ମଟିକୁ ମୁଁ ତୁମକୁ ଦେଇଦେବି । ତୁମକୁ ଏହା ଭଲ ଲାଗୁଛି ?' ମୁଁ ହଁ କହିବାରୁ ସେ ହସିଲେ । କହିଲେ, 'ତୁମ ଗୁରୁଦେବ ମୋହମାୟା ଉପରେ ନିୟନ୍ତ୍ରଣ ହାସଲ କରିବାକୁ ତୁମକୁ କହିଛନ୍ତି, କିନ୍ତୁ ତୁମେ ମୋହରେ ବାନ୍ଧିହେବାକୁ ଚାହୁଁଛ ।' ନିଜକୁ ଖୁବ୍ ଛୋଟ ମନେକଲି ମୁଁ । ରାଗ ଓ ମୋହଠାରୁ ମୋର ମନ ଯାଇପାରି ନଥିଲା ଊର୍ଦ୍ଧ୍ୱକୁ ।

ଏହା ସତ୍ତ୍ୱେ ଆଉ ଜଣେ ସାଧୁଙ୍କ ନିକଟକୁ ମୋତେ ପଠାଯାଇଥିଲା । ମୁଁ ତାଙ୍କ ନିକଟକୁ ଯାଉଛି ବୋଲି ସେହି ସାଧୁ ଜାଣିଥିଲେ । ମୋର ଯିବା ବାଟରେ ଥିଲା ଏକ ଝରଣା । ସାଧୁ ଝରଣା ନିକଟରେ ପକାଇ ଦେଇଥିଲେ କିଛି ସ୍ୱର୍ଣ୍ଣମୁଦ୍ରା ।

ମୋ ଆଖିରେ ତିନିଟି ସ୍ୱର୍ଣ୍ଣମୁଦ୍ରା ପଡ଼ିଲା । ମୁଁ ଅଟକି ଗଲି । ସ୍ୱର୍ଣ୍ଣମୁଦ୍ରାକୁ ଉଠାଇନେବି ବୋଲି ଭାବିଲି । ଉଠାଇ ନେଲି ମଧ୍ୟ । ମୋର ବସ୍ତ୍ର ଭିତରେ ସ୍ୱର୍ଣ୍ଣମୁଦ୍ରା ତିନିଟିକୁ ରଖିବା ପରେ ଭାବିଲି – ଏ ସ୍ୱର୍ଣ୍ଣମୁଦ୍ରା ତ ମୋର ନୁହେଁ, ମୁଁ ନେଉଛି କାହିଁକି ? କ'ଣ କରିବି ଏସବୁ ନେଇ ? ଏହା ଆଦୌ ଠିକ୍ ନୁହେଁ । ସ୍ୱର୍ଣ୍ଣମୁଦ୍ରା ତିନିଟିକୁ ମୁଁ ପୁଣି ସେହି ସ୍ଥାନରେ ଛାଡ଼ିଦେଇ ସାଧୁଙ୍କ ନିକଟରେ ପହଞ୍ଚି ମୁଣ୍ଡ ନୁଆଁଇ ପ୍ରଣାମ କଲି । ସେ ପଚାରିଲେ, 'ତୁମେ ସେହି ସ୍ୱର୍ଣ୍ଣମୁଦ୍ରା ଉଠାଇଲ କାହିଁକି ? ଏବେ ବି କ'ଣ ସୁନା ପ୍ରତି ତୁମର ଲୋଭ ଅଛି ? ଏଠାରୁ ଚାଲିଯାଅ । ଏ ସ୍ଥାନ ତୁମ ପାଇଁ ନୁହେଁ ।' ମୁଁ ପ୍ରତିବାଦ କରି କହିଲି – 'କିନ୍ତୁ ସେହି ସ୍ୱର୍ଣ୍ଣମୁଦ୍ରା ତ ମୁଁ ସେହିଠାରେ ଛାଡ଼ିଆସିଲି ।' ସେ କହିଲେ – 'ତୁମେ ପ୍ରଥମେ ସ୍ୱର୍ଣ୍ଣମୁଦ୍ରା ଉଠାଇଲ ଓ ପରେ ତାହା ରଖିଦେଲ । ସମସ୍ୟା ହେଉଛି, ସ୍ୱର୍ଣ୍ଣମୁଦ୍ରା ପ୍ରତି ତୁମେ ଆକୃଷ୍ଟ ହୋଇଥିଲ । ହୋଇଥିଲ ନା ନାହିଁ ?'

ଏହି ସାଧୁମାନଙ୍କ ନିକଟରୁ ମୋର ଯେଉଁ ଅଭିଜ୍ଞତା ହୋଇଥିଲା ସେଥିରୁ ମୁଁ ଜାଣି ପାରିଥିଲି ଯେ, ପୋଥିଜ୍ଞାନ ଓ ବ୍ୟାବହାରିକ ଜ୍ଞାନ ମଧ୍ୟରେ ପାର୍ଥକ୍ୟ କ'ଣ । ମୋ ନିଜର ବହୁ ତ୍ରୁଟି ମୋତେ ଜଳ ଜଳ ଦିଶିଲା । ଶେଷରେ ମୋ ଗୁରୁଦେବଙ୍କ ନିକଟକୁ ମୁଁ ଫେରି ଯାଇଥିଲି । ସେ ମୋତେ ପଚାରିଲେ – 'କ'ଣ ସବୁ ଶିକ୍ଷା କଲ ?' ମୁଁ କହିଲି – 'ଏଇଆ ଶିକ୍ଷା କଲି ଯେ ମୁଁ ବୌଦ୍ଧିକ ଜ୍ଞାନ ହାସଲ କରିଛି କିନ୍ତୁ ଏହି ଜ୍ଞାନ କାର୍ଯ୍ୟରେ ଲଗାଇ ପାରିଲି ନାହିଁ ।' ଗୁରୁଦେବ କହିଲେ – 'ବୌଦ୍ଧିକ ଜ୍ଞାନ ହାସଲ କରିଥିବା ବ୍ୟକ୍ତିଙ୍କର ସର୍ବଦା ଏହି ସମସ୍ୟା ରହିଥାଏ । ସେମାନେ ସେମାନଙ୍କର ଜ୍ଞାନକୁ ନେଇ ଖୁବ୍ ଗର୍ବ କରନ୍ତି । ବର୍ତ୍ତମାନ ମୁଁ ତୁମକୁ ଶିକ୍ଷା ଦେବି କିପରି ଏହାକୁ ଅଭ୍ୟାସ କରିବାକୁ ପଡ଼ିବ ।'

*

ସଂସାର ତ୍ୟାଗୀର ଜୀବନ ମୁଁ ପୁଣି ଆଦରି ନେବାକୁ ନିଷ୍ପତ୍ତି ନେବା ପରେ ମୋ ଗୁରୁଦେବ ଭାବିଲେ ମୁଁ ବୋଧହୁଏ ନିଜକୁ ଦୋଷୀ ମନେ କରୁଛି । ତେଣୁ ସେ ମୋତେ ନିର୍ଦ୍ଦେଶ ଦେଲେ ନର୍ମଦା ନଦୀ କୂଳରେ ରହି କଠୋର ସାଧନା କରିବାକୁ । ଓମ୍‌କାରେଶ୍ୱର ନିକଟରେ ଖେରି ଘାଟର ଦକ୍ଷିଣରେ ୩୦ ମାଇଲ ଦୂରରେ ଥିବା ଘଞ୍ଚ ଓ ନିକାଞ୍ଚନ ଅରଣ୍ୟକୁ ମୋତେ ଚାଲିଯିବାକୁ ସେ କହିଲେ । ସେହି ସ୍ଥାନରେ ମୁଁ ପହଞ୍ଚିଲି । ସେଠାକାର ନଦୀରେ କେବଳ କୁମ୍ଭୀର ଆଉ କୁମ୍ଭୀର । ସକାଳେ ଓ ସନ୍ଧ୍ୟାରେ ବହୁ କୁମ୍ଭୀର ନଈ ବାଲିକୁ ଚାଲି ଆସୁଥିଲେ । ନଦୀ କୂଳରେ ମୁଁ ଛଅ ମାସ ରହିଲି । ସେଠାରେ ମୋତେ କେହି ଅସୁବିଧା କରିବାର ନଥିଲା । ମୋ ନିକଟରେ ଥିଲା ଏକ ପାଣିପାତ୍ର, ଗୋଟିଏ କମ୍ବଳ ଓ ଦୁଇଟି କପଡ଼ା । ଛଅ ମାଇଲ ଦୂରରେ ଥିବା ଏକ ଗ୍ରାମର ଲୋକେ ମୋତେ ଦିନରେ ଥରେ କ୍ଷୀର ଆଉ ଗରମ ରୁଟି ଖାଇବାକୁ ଦେଉଥିଲେ । ସେହି ଛଅମାସ ସାଧନା ସମୟ ମୋ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ ଥିଲା ।

ଦିନେ ଦଳେ ଶିକାରୀ ସେହି ସ୍ଥାନକୁ ଆସିଲେ । ମୁଁ ଧ୍ୟାନରେ ବସିଥିଲି । ମୋ ଚାରିପଟେ ନଦୀ ବାଲିରେ ଥିଲେ ଅନେକ କୁମ୍ଭୀର । କେତୋଟି କୁମ୍ଭୀର ମୋ'ଠାରୁ ମାତ୍ର କେଇ ଗଜ ଦୂରରେ ଥିଲେ । ଏ ଦୃଶ୍ୟ ଦେଖି ମୋ ଅଜାଣତରେ ମୋର ଫଟୋ ଉଠାଇ ନେଲେ ସେମାନେ । ଏହି ଫଟୋକୁ ସେମାନେ ସମ୍ବାଦପତ୍ରକୁ ମଧ୍ୟ ପଠାଇଦେଲେ । ବହୁ ସମ୍ବାଦପତ୍ରରେ ମୋର କାହାଣୀ ଓ ଫଟୋ ପ୍ରକାଶ ପାଇଗଲା । ସେହି ସମୟରେ କରଭୀର୍ ପୀଠମ୍‌ର ଶଙ୍କରାଚାର୍ଯ୍ୟ ତାଙ୍କର ଉତ୍ତରାଧିକାରୀ ସନ୍ଧାନରେ ଥିଲେ । ତାଙ୍କର କେତେ ଜଣ ପଣ୍ଡିତଙ୍କୁ ସେ ନିର୍ଦ୍ଦେଶ ଦେଲେ ମୋର ପ୍ରତିଦିନର କାର୍ଯ୍ୟକଳାପ କିଛି ଦୂରରୁ ଲକ୍ଷ୍ୟ କରିବାକୁ । ସେମାନେ ରାତିରେ ଗାଁରେ ରହିଲେ ଓ ଦିନରେ ମୋ କାର୍ଯ୍ୟକଳାପ ଲକ୍ଷ୍ୟ କଲେ । ମୋର କାର୍ଯ୍ୟକଳାପ ଲକ୍ଷ୍ୟ କରିବା ସହ ଓ ମୋ ସମ୍ପର୍କରେ ବହୁତ କିଛି ଜାଣିବା ପରେ ମୋତେ ସାକ୍ଷାତ୍ କରିଥିଲେ ସେମାନେ । ଶଙ୍କରାଚାର୍ଯ୍ୟଙ୍କର ଉତ୍ତରାଧିକାରୀ ହେବା ପାଇଁ ମୋତେ ପ୍ରବର୍ତ୍ତାଇ ଥିଲେ । ଶଙ୍କରାଚାର୍ଯ୍ୟଙ୍କର ଉତ୍ତରାଧିକାରୀ ଅର୍ଥ – ଭବିଷ୍ୟତର ଶଙ୍କରାଚାର୍ଯ୍ୟ ।

ସେତେବେଳେ ଶଙ୍କରାଚାର୍ଯ୍ୟ ଥିଲେ ଡକ୍ଟର କୁର୍ଟକୋଟି । ସଂସ୍କୃତରେ ସେ ଥିଲେ ମହାପଣ୍ଡିତ । ସେ ଥିଲେ ଭାରତୀୟ ଲିଡ଼ର ତିଳକଙ୍କର ଘନିଷ୍ଠ ବନ୍ଧୁ ଏବଂ 'ଗୀତା ରହସ୍ୟ'ର ରଚୟିତା । ମୋତେ ଡକ୍ଟର କୁର୍ଟକୋଟିଙ୍କ ନିକଟକୁ ନିଆଗଲା । ସେ ମୋତେ ପସନ୍ଦ କଲେ ।

ଏହାପରେ ମୁଁ ଗୁରୁଦେବଙ୍କ ନିକଟକୁ ଗଲି ଓ ଶଙ୍କରାଚାର୍ଯ୍ୟଙ୍କର ଉତ୍ତରାଧିକାରୀ ହେବା ପାଇଁ ତାଙ୍କର ଅନୁମତି ଆଣିଲି । ଅଠର ଦିନ ଧରି ବିଧିସମ୍ମତ ଧର୍ମ-କର୍ମ ଚାଲିବା

ପରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଉତ୍ତରାଧିକାରୀଭାବେ ମୁଁ ଅଧିଷ୍ଠିତ ହୋଇଥିଲି । ପୋପ ଓ ଅନ୍ୟ ଧର୍ମ ସମ୍ପ୍ରଦାୟର ମୁଖ୍ୟମାନଙ୍କର ବାର୍ତ୍ତା ସମେତ ସାରା ବିଶ୍ୱର ଶହ ଶହ ଶୁଭେଚ୍ଛୁମାନଙ୍କର ଟେଲିଗ୍ରାମ ମୋ ନିକଟରେ ପହଞ୍ଚୁଥିଲା । ଛଅ ମାସର କଠୋର ସାଧନା ପରେ ଏହା ମୋତେ ଅପ୍ରତ୍ୟାଶିତଭାବେ ମିଳିଥିଲା । ମୋର ବୟସ ସେତେବେଳେ ତିରିଶ ବର୍ଷରୁ କମ୍ । କିନ୍ତୁ କାନ୍ଧରେ ଗୁରୁ ଦାୟିତ୍ୱ ।

ଡକ୍ଟର କୁର୍ତକୋଟି ସାମାଜିକ ସଂସ୍କାର ସହ ଆଧାତ୍ମିକ ସଂସ୍କାରରେ ବିଶ୍ୱାସ କରୁଥିଲେ । ଅନ୍ୟ ଧର୍ମର ମୁଖ୍ୟ ଓ ରାଜନୈତିକ ନେତାମାନଙ୍କ ସହ ଆଦାନପ୍ରଦାନ ହୋଇଥିବା ଚିଠିପତ୍ର ସହିତ ତାଙ୍କର ମୂଲ୍ୟବାନ୍ ଫାଇଲପତ୍ର ସେ ମୋତେ ହସ୍ତାନ୍ତର କରିଥିଲେ । ବିଭିନ୍ନ ଗୋଷ୍ଠୀ ଓ ନେତାଙ୍କ ସହ ହେଉଥିବା ସମ୍ମିଳନୀରେ ମୋତେ ଯୋଗ ଦେବାକୁ ପଡୁଥିଲା । ବିଭିନ୍ନ ସ୍ଥାନ ମୁଁ ଗସ୍ତ କରୁଥିଲି, ଭାଷଣ ଦେଉଥିଲି । ସକାଳୁ ସନ୍ଧ୍ୟା ଯାଏ ଲୋକେ ମୋତେ ସାକ୍ଷାତ୍ କରିବାକୁ ଆସି ମୋର ଆଶୀର୍ବାଦ ଲୋଡୁଥିଲେ । ମୋର କିଛି ବି ସ୍ୱାଧୀନତା ନଥିଲା । ଧୀରେ ଧୀରେ ଏସବୁ କଷ୍ଟକର ମନେ ହେଲା । ମୁଁ ଭାବିଲି, ଧ୍ୟାନ ଓ ଅଧ୍ୟାତ୍ମ କାର୍ଯ୍ୟ କରିବାକୁ ମୋ ନିକଟରେ ସମୟ ନାହିଁ । ସାରାଦିନ ମୁଁ ଲୋକଙ୍କୁ ଆଶୀର୍ବାଦ କରୁଛି, ଏହା ଆଦୌ ଠିକ୍ ନୁହେଁ ।

ମୁଁ ଖୁସି ନଥିଲି । ମୋ ଭିତରୁ କିଏ କହିଲା, 'ଏହା ତୋର କାର୍ଯ୍ୟ ନୁହେଁ ।' ତେଣୁ ଦୁଇବର୍ଷ ପରେ ମୁଁ ସେଠାରୁ ପଳାଇଗଲି । ମୋ ନିକଟରେ ପଇସାଟିଏ ବି ନଥିଲା । ଦିନେ ମୋ ନିକଟରେ ଥିଲା ରହିବା ପାଇଁ ବିରାଟ ଘର ଓ ଚଢ଼ିବା ପାଇଁ ବହୁ କାର, ବର୍ତ୍ତମାନ ମୋ ନିକଟରେ କିଛି ନଥିଲା, ପିନ୍ଧାବସ୍ତ୍ର ବ୍ୟତୀତ । ମୁଁ ହିମାଳୟକୁ ଫେରି ଯିବାକୁ ଚାହିଁଲି । ଟ୍ରେନର ଏକ ତୃତୀୟ ଶ୍ରେଣୀ ଡବାରେ ଉଠିଲି ବିନା ଟିକେଟରେ । ଟ୍ରେନରେ ଥିବା ଲୋକେ ନିଶ୍ଚୟ ଜାଣି ପାରିଥିବେ ମୁଁ କାହା ପୋଷାକ ଚୋରି କରିଥିଲି । କାରଣ ସେପର୍ଯ୍ୟନ୍ତ ମୁଁ ପିନ୍ଧିଥିଲି ଶଙ୍କରାଚାର୍ଯ୍ୟଙ୍କ ଦାମୀ ପୋଷାକ । ଟିକଟ କଲେକ୍ଟର ମୋତେ ପରବର୍ତ୍ତୀ ଷ୍ଟେସନରେ ଓହ୍ଲାଇ ଯିବାକୁ କହିଥିଲେ, କାରଣ ମୋ ନିକଟରେ ପଇସା ନଥିଲା କି ମୁଁ ମୋର ପରିଚୟ ଦେଉ ନଥିଲି । ବିନା ଟିକଟରେ ଯାତ୍ରା କରିବାର ଅପରାଧ ମୁଁ କେବେ ବି କରି ନଥିଲି ଏହା ପୂର୍ବରୁ । ମୁଁ ମୁଣ୍ଡ ତଳକୁ କରି ଚୁପ୍‌ଚାପ୍ ଓହ୍ଲାଇ ଯାଇଥିଲି ପରବର୍ତ୍ତୀ ଷ୍ଟେସନରେ । ମୋ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରି ନଥିବାରୁ ତାଙ୍କୁ ଧନ୍ୟବାଦ ବି ଦେଇଥିଲି ।

ଏହିଭଳି ଏକ ମର୍ଯ୍ୟାଦାଜନକ ପଦବୀକୁ ମୁଁ ଏଡ଼ାଇ ଦେଇ ଚାଲି ଆସିବାରୁ ଶଙ୍କରାଚର୍ଯ୍ୟଙ୍କ ଅନୁଗତ ଓ ପ୍ରଶଂସକମାନେ ଏହାକୁ ଆଦୌ ପସନ୍ଦ କରି ନଥିଲେ । ମୁଁ ଦାୟିତ୍ୱ ନେବାକୁ ଚାହୁଁ ନାହିଁ ବୋଲି ଭାବିଥିଲେ । କିନ୍ତୁ ମୁଁ ଖୁସି ନଥିଲି । ସେ ସ୍ଥାନକୁ ମଧ୍ୟ ଆଉ ଫେରି ନଥିଲି କେବେ ।

ଗୁରୁଦେବଙ୍କ ନିକଟକୁ ମୁଁ ଫେରି ଆସିବା ପରେ ସେ ମୋତେ କହିଥିଲେ – 'ଦେଖିଲ ତ, ପାର୍ଥିବ ପ୍ରଲୋଭନ କିପରି ଜଣେ ସାଧୁଙ୍କ ପଛରେ ଗୋଡ଼ାଇ ଥାଏ । ଏ ବିଶ୍ୱ କିପରି ଜଣେ ଅଧ୍ୟାତ୍ମ ବ୍ୟକ୍ତିକୁ ଗୋଟାପଣେ ଗିଳି ଦେବାକୁ ଚାହେଁ ! ବର୍ତ୍ତମାନ ତୁମକୁ ଆଉ କିଛି ବି ପ୍ରଭାବିତ କରିପାରିବ ନାହିଁ; ପଦବୀ, ଅନୁଷ୍ଠାନ ଓ ତ୍ୟାଗ – ସବୁକିଛିର ଅଭିଜ୍ଞତା ତୁମେ ହାସଲ କଲ । ଜ୍ଞାନାଲୋକ ବିତରଣ କରିବାକୁ ତୁମେ ଚାହୁଁଛ ତାହା କର, କିନ୍ତୁ ନିଜର ରାସ୍ତା କେବେ ଭୁଲିବ ନାହିଁ ।'

❑❑❑

ସଂପୂର୍ଣ୍ଣ ସାହସ : ଯେକୌଣସି କ୍ଷେତ୍ର ହୋଇଥାଉ ଓ ଯେକୌଣସି ବିପଦ ହୋଇଥାଉ ପଛକେ, ଦୃଷ୍ଟିକୋଣ ସେହିପରି ସ୍ଥିର ଓ ସୁନିଶ୍ଚିତ ହୋଇ ରହିଥିବ, କେବେହେଲେ ବଦଳୁ ନଥିବ ।

– ଶ୍ରୀମା

**ଜାତକ କାହାଣୀ :**

# ଦୁଇ ବିଜୟ

ଧନ, ମାନ, ବୀରତ୍ୱ ଓ ପ୍ରତିପତ୍ତି – କେଉଁଥିରେ ରାଜା କମ୍ ନଥିଲେ । କିନ୍ତୁ ସବୁବେଳେ ସେ ଅନୁଭବ କରୁଥିଲେ କିଛି ଗୋଟାଏ ଅଭାବ ।

ଏ ଅଭାବବୋଧ ତାଙ୍କୁ ଥରେ ଥରେ ବଡ଼ ଅସ୍ଥିର କରୁଥାଏ । ତେଣୁ ଯେତେବେଳେ ତାଙ୍କ ସେନାପତି ପଡ଼ୋଶୀ ରାଜ୍ୟ ଆକ୍ରମଣ କରି ତାକୁ ନିଜ ରାଜ୍ୟ ସହ ମିଶାଇ ଦେବାର ପ୍ରସ୍ତାବ ଦେଲେ, ରାଜା ସେଥିରେ ଅନୁଭବ କଲେ ପ୍ରବଳ ଉତ୍ସାହ । ମନେକଲେ ରାଜ୍ୟଟି ଜୟ କଲେହିଁ ତାଙ୍କ ଅଭାବବୋଧର ଅବସାନ ହେବ । ପଡ଼ୋଶୀ ରାଜ୍ୟର ରାଜା ଅତୀତରେ ତାଙ୍କ ରାଜ୍ୟ ସୀମାନ୍ତର କିଛି କିଛି ମୁଲକ ଆତ୍ମସାତ୍ କରିବାକୁ ଚେଷ୍ଟା କରୁଥା'ନ୍ତି । ବର୍ତ୍ତମାନ ସେ ରାଜା ଅସୁସ୍ଥ । ତାଙ୍କୁ ପରାଜିତ କରିବା ସହଜ ହେବ ।

ବାସ୍ତବିକ ତାହା ସହଜ ହେଲା । ଅସୁସ୍ଥ ରାଜା ଯୁଦ୍ଧକ୍ଷେତ୍ରକୁ ନଆସି ତାଙ୍କର ଏକ ବନ୍ଧୁ ରାଜ୍ୟକୁ ପଳାୟନ କଲେ । ତାଙ୍କ ସେନାପତି କିଛି ସମୟ ଯୁଦ୍ଧ କରି ପରାଜୟ ସ୍ୱୀକାର କଲେ ।

ବିଜୟୀ ରାଜା ତାଙ୍କର ଜଣେ ମନ୍ତ୍ରୀଙ୍କୁ ବିଜିତ ରାଜ୍ୟର ଶାସନ ଦାୟିତ୍ୱ ଦେଇ ସଗର୍ବ ନିଜ ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କରୁଥା'ନ୍ତି । ନିଜକୁ ନିଜେ ସାବାସ ଦେଉଥା'ନ୍ତି – ''ମୁଁ ବିଜୟୀ !'' ବୋଲି ନିଜେ ବାରଂବାର ମନେ ପକାଇ ।

ସେ ହାତୀ ଉପରେ ବସିଥା'ନ୍ତି । ବିଜୟବାଦ୍ୟ ବାଜୁଥାଏ । ତାଙ୍କ ସୈନ୍ୟବାହିନୀ ତାଙ୍କର ଜୟଧ୍ୱନି ଦେଉଥା'ନ୍ତି ।

ଶୋଭାଯାତ୍ରା ଗୋଟାଏ ନଈ ପାଖରେ ଅଟକିଲା । ବାଦ୍ୟଧ୍ୱନି ଓ କୋଳାହଳ ସ୍ଥଗିତ ରହିଲା ।

ହଠାତ୍ ରାଜା ଚମକି ପଡ଼ିଲେ । ସେ ମନେ ମନେ କହୁଥିଲେ, ''ମୁଁ ବିଜୟୀ !'' ସତେ ଯେମିତି ତାଙ୍କୁ କେହି ଜଣେ ଥଟ୍ଟା କରିବା ପାଇଁ ଅଦୂରବର୍ତ୍ତୀ ବଣ ଭିତରୁ ଉଚ୍ଚ କଣ୍ଠରେ କହିଲା ''ମୁଁ ବିଜୟୀ !''

ରାଜାଙ୍କ ନିର୍ଦ୍ଦେଶରେ ସୈନ୍ୟମାନେ ପାଖ ବଣ ଭିତରକୁ ଖେପି ଗଲେ ଓ ଅଳ୍ପ ସମୟ ଭିତରେ ଜଣେ ଯୁବକକୁ କାବୁ କରି ଆଣି ରାଜାଙ୍କ ଆଗରେ ହାଜର କରାଇଲେ ।

ଯୁବକଟି ଅତି ସାଧାରଣ ମଣିଷ । ନା ତା'ର ଅଛି କୌଣସି ମୂଲ୍ୟବାନ୍ ବେଶ ନା ହାତରେ କୌଣସି ଅସ୍ତ୍ର । ରାଜା ତାକୁ ଆପାଦ ମସ୍ତକ ନିରୀକ୍ଷଣ କଲେ । ସୈନିକମାନେ ତାକୁ ଧକ୍କାଧକ୍କି ଓ ଠେଲାପେଲା କରି ନେଇ ଆସିଥିବା ସତ୍ତ୍ୱେ ତା' ମୁହଁରେ ଟିକିଏ ବୋଲି ବିରକ୍ତି ଭାବ ନଥିଲା, ଭୟଭାବ ତ ଦୂରର କଥା । ସେ ବରଂ ଦିଶୁଥିଲା ଶାନ୍ତ ଓ ପ୍ରଫୁଲ୍ଲ ।

''ତୁମେହିଁ ନିଜକୁ ବିଜୟୀ ବୋଲି ପାଟି କରି ଘୋଷଣା କରୁଥିଲ ?'' ରାଜା ପ୍ରଶ୍ନ କଲେ ।

''ଆଜ୍ଞା, ମୁଁ କିଛି ଘୋଷଣା କରୁ ନଥିଲି । କାହାକୁ ଶୁଣାଇବା ମୋର ଉଦ୍ଦେଶ୍ୟ ନଥିଲା । ବଳେ ବଳେ କଥା ପଦକ ମୋ ମୁହଁରୁ ବାହାରି ଗଲା !'' ଯୁବକ ଉତ୍ତର ଦେଲେ ।

''କିନ୍ତୁ ତୁମେ କ'ଣଟା ବିଜୟ କରି ପକାଇଲ ବୋଲି ବଳେ ବଳେ ପାଟିରୁ ସେମିତି କଥା ବାହାରି ଗଲା ?''

ମନ୍ତ୍ରୀ ପରିହାସ କରିବା ଭଙ୍ଗୀରେ ପଚାରିଲେ ।

ଯୁବକ ନୀରବ ରହିଲେ । ରାଜା ଧୀର କଣ୍ଠରେ କହିଲେ, ''ଶୁଣ ଯୁବକ, ମୁଁ ବାସ୍ତବିକ କୌତୂହଳୀ । ମୁଁ ଗୋଟାଏ ରାଜ୍ୟ ବିଜୟ କରି ଫେରୁଛି । ମୁଁ ବିଜୟୀ ବୋଲି କୁହାଯାଇପାରେ ଏବଂ ମୁଁ ମନେ ମନେ ତାହାହିଁ ଭାବୁଥିଲି । ତୁମେ କେଉଁ କାରଣରୁ ନିଜକୁ ବିଜୟୀ ଆଖ୍ୟା ଦେଲ ?''

ରାଜାଙ୍କ ପ୍ରଶ୍ନ କରିବାର ଭଙ୍ଗୀରୁ ଯୁବକ ବୁଝିପାରିଲେ ଯେ ପାତ୍ର, ମିତ୍ର, ମନ୍ତ୍ରୀମାନଙ୍କ ଭଳି ରାଜା ତାଙ୍କୁ ମଉଜିଆ ଆଖିରେ ଦେଖୁ ନାହାନ୍ତି କି ତାଙ୍କୁ ଥଟ୍ଟା କରୁ ନାହାନ୍ତି । ସେ କହିଲେ, ''ମହାରାଜ ! କଥାଟି ଏହିପରି : ମୁଁ ସଂସାରୀ ଥିଲି; କିନ୍ତୁ ଆବାଲ୍ୟ ମୁଁ ପୋଷଣ କରୁଥିଲି ଗୋଟାଏ ପ୍ରବଳ ଇଚ୍ଛା; ମୁଁ ସତ୍ୟର ସନ୍ଧାନରେ, ଜୀବନର ଲକ୍ଷ୍ୟ ଜାଣିବା ଉଦ୍ଦେଶ୍ୟରେ ସାଧନା କରିବି । ସଂସାର ମାୟା ମୋତେ ତାହା କରାଇ ଦେଉ ନଥାଏ । କିନ୍ତୁ ଗତ ବର୍ଷକ ଭିତରେ ମୋ ସ୍ତ୍ରୀ ଓ ପୁତ୍ର କନ୍ୟା ମହାମାରୀରେ ପରଲୋକ ଗଲେ । ବର୍ତ୍ତମାନ ମୁଁ ମୁକ୍ତ । ମାସକ ତଳେ ବାହାରିଲି ହିମାଳୟ ଅଭିମୁଖେ । ପୂର୍ବରୁ ବଣରୁ କାଠ କାଟି ବିକ୍ରି କରିବା ଥିଲା ମୋର ଜୀବିକା । କାଠୁରିଆଟାଏ ଭାବରେ ମୋର ସମ୍ପତ୍ତି ବୋଇଲେ ଗୋଟାଏ କୁଠାର । ସେ

*(ଅବଶିଷ୍ଟାଂଶ ପୃଷ୍ଠା ୪୫ରେ ଦେଖନ୍ତୁ)*

# ସତ୍‌ସାହସର ଉପହାର

## ମୁନ୍‌ସି ପ୍ରେମଚାନ୍ଦ

[‘କଥା-ସମ୍ରାଟ’ ମୁନ୍‌ସି ପ୍ରେମଚାନ୍ଦ ହିନ୍ଦୀ ସାହିତ୍ୟରେ ଜଣେ ପ୍ରସିଦ୍ଧ ଗଳ୍ପ ଓ ଉପନ୍ୟାସ ରଚୟିତା । ତାଙ୍କ ରଚିତ ଉପନ୍ୟାସ ‘ଗୋଦାନ’ ହିନ୍ଦୀ ସାହିତ୍ୟ ସକାଶେ ଏକ ଅମୂଲ୍ୟ ଅବଦାନ । ନାନା ପତ୍ର-ପତ୍ରିକାର ସମ୍ପାଦନା କରିବା ସଙ୍ଗେ ସଙ୍ଗେ ଅନେକ କାହାଣୀ ଓ କ୍ଷୁଦ୍ର ଗଳ୍ପ ବି ଲେଖିଛନ୍ତି । ତାଙ୍କର କାହାଣୀ-ସଂଗ୍ରହ ମଧ୍ୟରେ କିଛି କିଛି ଲେଖା ରହିଛି, ଯାହା କିଶୋର-ମାନସର ବିକାଶ-ଉପଯୋଗୀ, ସେଥିରୁ ଏହି ରଚନାଟି କିଶୋରମାନଙ୍କ ପାଇଁ ଦେବାକୁ ଉଦ୍ୟମ କରାଯାଉଛି । – ଅନୁବାଦିକା]

ବରାମ୍ଵ ତହସିଲରେ ଗ୍ରାମୀଣ ମଦ୍ରାସାରେ ପ୍ରଧାନ ଶିକ୍ଷକ ଥିଲେ ମୁନ୍‌ସି ଭବାନୀସହାୟ; ଉଦ୍ୟାନ ଓ ବଗିଚା କରିବାରେ ତାଙ୍କର ବେଶ୍ ସଉକ ଥିଲା । ସେଥିପାଇଁ ବିଦ୍ୟାଳୟର ଶ୍ରେଣୀକକ୍ଷସବୁର ଆଗରେ ଥିବା ଖୋଲାଜାଗା ଉପରେ ଓ ବିଦ୍ୟାଳୟ ପଛପଟେ କିଆରି କରି ନାନା ଜାତିର ଫୁଲଗଛ ଲଗାଇଥିଲେ ପିଲାଙ୍କୁ ନେଇ, ଲତାଗଛ ଲଗାଇ ମଡ଼ାଇ ବି ଥିଲେ ମଞ୍ଚାରେ । ତାଙ୍କର ଇଚ୍ଛା ଏସବୁଥିରେ ବିଦ୍ୟାଳୟର ଶୋଭା ବଢ଼ିବ ଆଉ ପିଲାମାନେ ବି ପାଠପଢ଼ା ଛଡ଼ା ଅନ୍ୟାନ୍ୟ ଶାରୀରିକ ଶ୍ରମ କରିବେ । ନିଜେ ସେ ପରିଶ୍ରମ କରନ୍ତି, ଛାତ୍ରମାନଙ୍କୁ ବି କାମରେ ଲଗାନ୍ତି – ପାଣି ମଡ଼ାଇବା, ଗଛଚାରା ଲଗାଇବା, ବଗିଚା ସଫା କରାଇବା ଇତ୍ୟାଦିରେ ନିଜେ ସହାୟତା କରନ୍ତି । ପିଲାଙ୍କୁ ପଢ଼ାରୁ ଫୁରସତ୍ ମିଳୁଥିଲା, ମନୋରଞ୍ଜନ ବି ହେଉଥିଲା । କିନ୍ତୁ ଜମିଦାରଙ୍କ ଘରର ଚାରି, ପାଞ୍ଚଜଣ ପୁଅ ସେ ସ୍କୁଲରେ ବିଦ୍ୟାର୍ଥୀ ଥିଲେ । ପିଲାଦିନରୁ ଅଳସୁଆମି ଭିତରେ ବଢ଼ିଛନ୍ତି, ଧନବାନ୍ ହେବାର ବୃଥା ଅହଂକାର ଭରିଥିଲା ସେମାନଙ୍କଠି । ନିଜେ ପରିଶ୍ରମ କରିବା, ପୁଣି ଜମିରେ କୋଡ଼ି ଲଗାଇବା, ଖୁରୁପି ଚଳାଇବା ! – ଏସବୁ ନିନ୍ଦାଜନକ-କାମ; ସେମାନଙ୍କ ମନରେ ଏଥିପ୍ରତି ଘୃଣା ଥିଲା । ଯେଉଁଦିନ ସେମାନଙ୍କ ପାଳି ପଡୁଥିଲା କିଛି ନା କିଛି ବାହାନା କରି ଅନୁପସ୍ଥିତ ରହୁଥିଲେ । ଗୁରୁଜିଙ୍କ ସାମନାରେ ନକହି ପଛରେ କହୁଥିଲେ, ‘‘ଆମେ ପଢ଼ିବାକୁ ଆସିଛୁ ନା କୋଦାଳ ଚଳାଇବାକୁ ଆସିଛୁ, ଯଦି ଏକାମ କରିବାର ଥିଲା, ତେବେ ଆମେ କିଆଁ ବହିପତ୍ରରେ ମୁଣ୍ଡ ବାଡ଼େଇ ହେଉଥିଲୁ ?’’ ଏଇ ଧନୀ ପିଲାଏ ନିଜେ ତ କାମ କରୁ ନଥିଲେ ଆଉ ଅନ୍ୟମାନଙ୍କୁ ବି ନିଜ ଦଳକୁ ଭିଡୁଥିଲେ, ନ କରିବା ପାଇଁ ବତାଉଥିଲେ । କେବେ କେବେ ଔଦ୍ଧତ୍ୟ ପାଇଁ ଶିକ୍ଷକଙ୍କ ପାଖରୁ ଦଣ୍ଡ ମିଳୁଥିଲା, ଏସବୁ ଅସନ୍ତୋଷ ହେତୁ ପ୍ରଧାନ ଶିକ୍ଷକଙ୍କ ପ୍ରତି ଅବଜ୍ଞା ଓ ବିଦ୍ଵେଷର ଭାବ ବି ଜାଗି ଉଠିଲା । ଶେଷରେ ସେମାନେ ଏ ବଗିଚାକୁ ପୂରାପୂରି ନଷ୍ଟ କରି ବଗିଚାର ବାଡ଼ ପର୍ଯ୍ୟନ୍ତ ବି ନ ରଖିବାକୁ ଠିକ୍ କରିନେଲେ । ସେପରି କରିପାରିଲେ ସବୁଦିନ ପାଇଁ ଅଡୁଆ ତୁଟିଯିବ – ବଗିଚା ରହିବ ନାହିଁ କି ମଜୁରିଆଙ୍କ ପରି ଖଟିବାକୁ ପଡ଼ିବ ନାହିଁ ।

ସକାଳ ଦଶଟାରେ ସ୍କୁଲର ଘଣ୍ଟି ବାଜେ । ସେଦିନ ସକାଳ ୮ଟାରେ ଏଇ କେତେଜଣ ପହଞ୍ଚିଗଲେ ସ୍କୁଲ ହତାରେ । ତରତର ହୋଇ ଫୁଲବଗିଚାର କିଆରି ଭିତରେ ପଶି ଫୁଲଗଛ ସବୁ ଉପାଡ଼ି ପକାଇଲେ, ଲତା ମାଡ଼ି ଥିବା ମଞ୍ଚାସବୁ ନଷ୍ଟ କରିଦେଲେ, ଲତାସବୁ ଓଟାରି ପକାଇଲେ । ପାଣି ମଡ଼ାହେଉଥିବା ନାଳସବୁକୁ ଦଳିଚକଟି ପକାଇଲେ । ଏପଟ ସେପଟକୁ ତରକି ଚାହୁଁଥା’ନ୍ତି, ଚିକିଏ ମଦ୍ରାସାର ଫାଟକ ଆଡ଼କୁ ନଜର ଦେଉଥା’ନ୍ତି । ଜଣେ, ଦୁଇଜଣ ଅନ୍ୟମାନଙ୍କୁ ସାବଧାନ କରିଦେଉଥା’ନ୍ତି – କାଳେ କିଏ ସେମାନଙ୍କ ଅପକର୍ମ ଦେଖି ପକାଇବ ଓ ପ୍ରଧାନ ଶିକ୍ଷକଙ୍କ ଆଗରେ ତାଙ୍କ ନାଁ କହିଦେବ । ଏତେଦିନର ସଯତ୍ନ ସୁଦୃଶ୍ୟ ବଗିଚା ଅଳ୍ପ ସମୟ ଭିତରେ ନଷ୍ଟ-ଭ୍ରଷ୍ଟ ହୋଇଗଲା । ସେମାନେ ଛପି ଛପି ବାହାରି ଯାଉଛନ୍ତି ସେତିକିବେଳେ ସେମାନଙ୍କର ଜଣେ ସହପାଠୀର ଚେହେରା ଦେଖାଗଲା । ପିଲାଟି ପତଳା ନିବଳିଆ, ଗରିବ କିନ୍ତୁ ଖୁବ୍ ଚତୁର । ପାଠପଢ଼ାରେ ଖୁବ୍ ମନୋଯୋଗୀ, ନାଁ ବାଜ୍-ବାହାଦୁର । ସତରେହିଁ ସେ ବାହାଦୁର ବଚ୍ଚା – ଶାନ୍ତ, ଗମ୍ଭୀର ପରିଶ୍ରମୀ । ଏସବୁ ମତୁଆଲା ପିଲାଙ୍କ ଭିତରୁ ଅନେକେ ତା’ ଭଲ ଗୁଣ ପାଇଁ ତାକୁ ଈର୍ଷା କରୁଥିଲେ । ସେମାନେ ବୁଝିନେଲେ – ଏହାକୁ ଭୟ ନ ଦେଖାଇଲେ ଇଏ ସବୁ ପ୍ରକାଶ କରିଦେବ । ସେମାନଙ୍କ ନାଁରେ ଫେରାଦ କରିବ । ଆଉ ଜଣେ

ବୁଦ୍ଧିକରି କହିଲା, ''ଚାଲ, ଏହାକୁ ଆମ ଦଳରେ ମିଶାଇ ନେବା । ବେଟାକୁ ଭଲ ଭଲ ଜିନିଷ ଖାଇବାକୁ ଦେଲେ ସେ ଆମ ଦଳକୁ ଆସିଯିବ ।' କଥାଟା ସମସ୍ତଙ୍କ ମନକୁ ପାଇଗଲା । ଦଳର ନେତା ଥିଲା ଜଗତ୍ ସିଂ । ସେ ଆଗେଇ ଯାଇ ଡାକିଲା – 'କଣ ବାଜ୍ ଭାଇ, ଆଜି ସକାଳୁ ସକାଳୁ ଆଗମନ ! ସମସ୍ତଙ୍କ ତରଫରୁ ଆଜି ଲାଲାକୁ ବୁଦ୍ଧି ଶିଖାଇ ଦେଇଛୁ, ବାଗ-ବଗିଚା ଥିବ ନା ତୁମକୁ ସବୁ କାମକୁ ଡକରା ପଡ଼ିବ । ତେବେ ତୁ ଯଦି ଆମକୁ ଏଠି ଦେଖିଛୁ ବୋଲି କହିଦେବୁ ନା, ତୋ ଚୁଟି ରହିବ ନାହିଁ ।'

ଜୟରାମ କହିଲା : କହିବ କ'ଣ ସିଏ, ସେ ବି ତ ଆମ ସାଙ୍ଗରୁ ଜଣେ, ଆମେ କ'ଣ ଖାଲି ଆମ ପାଇଁ କରିଛୁ ନା କ'ଣ ? ଆମ ସଭିଙ୍କ ପାଇଁ କରିଛୁ । ନହେଲେ ଲାଲା ଆଜି ବତାଇବ ଏଇଟା କର, କାଲି କହିବ ସେଇଟା କର – କ'ଣ ଆମକୁ ଫାଲତୁ ପାଇଛି । ଦେଖ ବାଜ୍, ଯଦି ତୁ ଆମ ନାଁରେ ଲାଲା ଭବାନୀକୁ ନାଲିଶ କରିଛୁ ନା ତୋ ସାଧୁପଣିଆ ଏକେବାରେ ଛଡ଼ାଇ ଦେବୁ ।

ଦଳଭିତରୁ ଆଉ ଜଣେ ବାହାରି ପଡ଼ିଲା : ଚାଲିଲ, ଚାଲିଲ । ମଦ୍ରାସା ଖୋଲିବାକୁ ତ ବେଳ ଅଛି, ବଜାର ଆଡ଼େ ବୁଲି ଆସିବା । ଲାଲା ଆସିବାବେଳକୁ ଆମେ ଫେରିଆସିବା । କିଏ କ'ଣ ଅବା ଜାଣିବ ?

ବାଜ୍-ବାହାଦୁର ବସ୍ତାନିଟିକୁ ଜାବୁଡ଼ି କହିଲା : ନା, ଘରେ ଆଜି ଅସୁବିଧା ଥିଲା, ପଢ଼ି ହେଲା ନି ବୋଲି ଏଠିକୁ ଜଲଦି ଆସିଛି – ସ୍କୁଲ ଖୋଲିବା ଆଗରୁ ପାଠ ଶେଷ କରିବି ।

ଜଗତ୍ ସିଂ : ମୁନ୍‌ସିଜିକୁ କହିବୁ ନାହିଁ ତ କିଛି ?

ବାଜ୍-ବାହାଦୁର : ନିଜ ଆଡୁ କିଛି କହିବି ନାହିଁ, କିନ୍ତୁ ସିଏ ପଚାରିଲେ, କହିଦେବି ଯାହା ଦେଖିଛି ।

ଜଗତ୍ ସିଂ : ଜାଣେ ପରା, ତୁ କହିଦେବୁ, କାହିଁ, ତୁ କହିଦେବୁ ନାହିଁ – 'ମୁଁ ଜାଣି ନାହିଁ, ମୁଁ କାହାକୁ ଦେଖି ନାହିଁ ।'

ବାଜ୍ : ନା, ମିଛ ମୁଁ କହିପାରିବି ନାହିଁ । ନ ପଚାରିଲେ କିଛି କହିବି ନାହିଁ – ସିଧା କଥା ।

ଜଗତ୍ ସିଂ : ଦେଖ ବେଟା, ଯଦି ତୁ ଆମ ନାଁ କହିଛୁ ଆଉ ଆମଠି ମାଡ଼ ବସିଛି, ତା'ହେଲେ ମନେ ରଖିଥା – ତୋ ପିଠିରୁ ଛାଲ ଛଡ଼ାଇଦେବୁ !

ବାଜ୍ : ମୁଁ ତ କହୁଛି ନିଜ ଆଡୁ କିଛି କହିବି ନାହିଁ, ମାତ୍ର ଗୁରୁଜି ପଚରାପଚରି କଲେ ଚୁପ୍ ରହିପାରିବି ନାହିଁ, ମିଛ ମୋ ଦ୍ୱାରା ସମ୍ଭବ ନୁହେଁ ।

ଜଗତ୍ ସିଂ : ଦେଖ ବାହାଦୁର ! ଶେଷଥର ପାଇଁ କହିରଖୁଛି ଏକଥା ଯଦି ଗୁରୁଜିଙ୍କ କାନରେ ପଡ଼େ, ତେବେ ତୋ ହାଡ଼-ଗୋଡ଼ ଚୂନା କରିଦେବି, ଜୀବନ ସାରା ପଙ୍ଗୁ ହୋଇ ଘରେ ପଡ଼ିଥିବୁ, ଆଉ ପଢ଼ିବାକୁ ଆସିପାରିବୁନି ।

ବାଜ୍ : ହଁ, ମୁଁ ଜାଣେ, ଏ ଅଧିକାର ତୁମର ଅଛି ।

କଥାବାର୍ତ୍ତା ସେତିକିରେ ଶେଷ ହେଲା ।

ଦଶଟା ବାଜିଲା, ଶିକ୍ଷକମାନେ ଫାଟକ ଭିତରେ ପଶିଲେ, ପ୍ରଧାନ ଶିକ୍ଷକ ବି । ଆଖି ଆଗରେ ବଗିଚାର ଦୁର୍ଦ୍ଦଶା ପଡ଼ିଲା, ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ । ପାଖକୁ ଯାଇଁ ଦେଖିଲେ ଏପରି କାଣ୍ଡ ଷଣ୍ଢ ବା ଗାଈ ପଶି କରିବ ନାହିଁ, ପିଲାମାନେହିଁ କରିଛନ୍ତି । କାହା ମୁଣ୍ଡରେ ଏ ଦୁର୍ବୁଦ୍ଧି ପଶିଲା ? କେଉଁ ନିଷ୍ଠୁର ଏ ଅପକର୍ମର ନେତା ? ବଗିଚାର ଯାହା ତ ଦୁର୍ଦ୍ଦଶା ହେଲା ହେଲା, ପିଲାମାନେ ଏତେ ନିର୍ଦ୍ଦୟ-ନିଷ୍ଠୁର କେମିତି ହୋଇପାରିଲେ – ପ୍ରଧାନ ଶିକ୍ଷକଙ୍କୁ ଏକଥାଟା ବହୁତ ପୀଡ଼ା ଦେଲା, ଭିତରଟା ଜଳିଉଠିଲା । ସେ ଥିଲେ ମଧ୍ୟମ ଶ୍ରେଣୀର ଦାୟିତ୍ୱରେ । ଶ୍ରେଣୀ ଭିତରକୁ ଚଣ୍ଡମୂର୍ତ୍ତି ନେଇ ପଶି ଆସିଲେ, ମନେ ମନେ ଅନୁମାନ କରିନେଲେ । ଗର୍ଜି ଉଠି ପଚାରିଲେ – 'ବଗିଚାସବୁ ଲଣ୍ଡଭଣ୍ଡ କରିଛି କିଏ ?' ଏ କକ୍ଷରେ ପଚିଶ ଜଣ ଛାତ୍ର ଥିଲେ । ସମସ୍ତଙ୍କୁ ଜଣା ଥିଲା – ଏଥିରେ କେଉଁମାନଙ୍କ ହାତ, କାହାର କଞ୍ଚାମୁଣ୍ଡରେ ପାକଲା ବୁଦ୍ଧିର ପରାମର୍ଶରେ ଏହା କରାଯାଇଛି – ସେସବୁ ଜାଣିଥିବା ସତ୍ତ୍ୱେ ବି କାହାରି ତୁଣ୍ଡ ଖୋଲିଲା ନାହିଁ । ସମାନ ପ୍ରଶ୍ନ ସେ କକ୍ଷର ସମସ୍ତଙ୍କୁ ଜଣ ଜଣ କରି ପଚାରିଲେ, କିଏ ଚୁପ୍ ରହିଲା, କିଏ ମୁଣ୍ଡ ହଲାଇ ନା କହିଲା । କାହାର ବାପର ସାଧ ଅଛି ଜଗତ୍ ସିଂ ବିରୋଧରେ ମୁହଁ ଖୋଲିବ... । ଶେଷରେ ଭବାନୀ ସାର୍ କ୍ରୋଧରେ କହିଲେ – ଯିଏ ଯିଏ ଏ କାମରେ ଥିଲେ, ତାଙ୍କ ନାଁ କହିଦିଅ, ନହେଲେ ସମସ୍ତଙ୍କୁ ବେତ-ପ୍ରହାର ବସିବ । ସେତେବେଳେ କେହି ଯେପରି ନକହେ – ନିରପରାଧରେ ସାର୍ ପିଟିଲେ ବୋଲି ।

ତଥାପି ପିଲାମାନେ ଚୁପ୍ ରହିଲେ । ଶିକ୍ଷକ ପଚାରିଲେ – ଦେବୀପ୍ରସାଦ ! ତୁମେ ଜାଣ କିଏ ଏ ବଦମାସି କରିଛି, କିଏ ଏହାର ମୁଖିଆ ?

ଦେବୀପ୍ରସାଦ : ନା ସାର୍, ଆଜି ମୁଁ ଡେରିରେ ଆସିଛି ।

ଶିକ୍ଷକ : ବାଜ୍ ବାହାଦୁର । ଶୁଣାଯାଏ ତୁମେ ମିଛ କୁହ ନାହିଁ । ତୁମମାନଙ୍କ ଭିତରୁ କିଏ କରିଛି, କହିପାରିବ କି ?

ବାଜ୍-ବାହାଦୁର : ହଁ ସାର, ମୁଁ ଜାଣେ ।

ଅପରାଧୀମାନେ ବାହାଦୁରକୁ ରକ୍ତବର୍ଣ୍ଣ ଚକ୍ଷୁରେ ଚାହିଁଲେ, ଅନୁଚ୍ଚ କଣ୍ଠରେ କହିଲେ – ଥା'ରେ ବେଟା, ତୋର ସତପଣିଆ ଛଡ଼ାଇ ଦେଉଛୁ...

ପ୍ରଧାନ ଶିକ୍ଷକ ଲାଲା ଭବାନୀପ୍ରସାଦ ଧୈର୍ଯ୍ୟବାନ୍ ଲୋକ, ଚେଷ୍ଟା କରୁଥିଲେ ପିଲାଙ୍କ ମନ ଶିକ୍ଷାରେ ଲାଗୁ, ଭଲ ଆଚରଣ କରନ୍ତୁ, ଜୀବନରେ ସବୁକିଛିର ମୂଲ୍ୟ ବୁଝନ୍ତୁ, ମାଡ଼ ଦେବା ତାଙ୍କର ପସନ୍ଦ ନଥିଲା ଯଦିବା ପାଖରେ ବେତଟିଏ ଥାଏ । ଆଜି କିନ୍ତୁ ତାଙ୍କର ସବୁ ଧୈର୍ଯ୍ୟ ଭାଙ୍ଗିଗଲା । ଏ ପ୍ରକାର ଦୁଷ୍ଟାମି ପିଲାଙ୍କ ଚରିତ୍ରରେ ଏକ କଳଙ୍କ, ଆଉ ଏମାନେ ହେବେ ସାନମାନଙ୍କ ଦୃଷ୍ଟାନ୍ତ । ନା, ଏମାନଙ୍କ ପ୍ରତି ଲେଶମାତ୍ର ଦୟା ନାହିଁ – ପ୍ରତିଟି ଅପରାଧୀଙ୍କୁ ଅନ୍ୟମାନଙ୍କ ଉପସ୍ଥିତିରେ ଦଶଦଶ ବେତ ବସିଲା ଓ ସାରାଦିନ ବେଞ୍ଚ ଉପରେ ଠିଆହେବାର ଦଣ୍ଡ । ଆଉ ଏ ଶିକ୍ଷାର୍ଥୀଙ୍କ ଚାଲି-ଚଳନର ରେଜିଷ୍ଟର-ଖାତାରେ ସେମାନଙ୍କ ନାଁ ପାଖରେ ଦିନବାର ସହ କଳାଦାଗ ବସିଗଲା ।

ଶିକ୍ଷକମାନଙ୍କ ସୁନଜରରେ ଥିବା ହେତୁ ବାଜ୍-ବାହାଦୁରର କିଛି ଦୋଷ ନଥାଇ ମଧ୍ୟ ସେଇ ପିଲାମାନେ ତାକୁ ନାପସନ୍ଦ କରୁଥିଲେ । ଆଜିକାର ପ୍ରହାର ପରେ ସେମାନେ ଯେପରି ରକ୍ତ-ପିପାସୁ ହୋଇ ଉଠିଲେ ତା' ପ୍ରତି । ଛୁଟି ହେଲା, ପିଲାମାନେ ମେଣ୍ଟ ବାନ୍ଧି ଯୋଜନା କଲେ କେମିତି କେଉଁଠି ବାହାଦୁରକୁ ଉତ୍ତମ-ମଧ୍ୟମ ଦିଆଯିବ, ଇଏ ଘର-ଭେଦୀ, ଦଗାବାଜ୍ – ତା' କାର୍ଯ୍ୟର ଦଣ୍ଡ ତାକୁ ମିଳିବା ଦରକାର । ନୀରବରେ ଷଡ଼ଯନ୍ତ୍ର ହେଲା, ସେଇ ଅପରାଧୀମାନେ ଛୁଟି ହେବା ମାତ୍ରେ ଦୌଡ଼ି ପଳାଇଥିଲେ, ସନ୍ଧ୍ୟା ହୋଇଯାଉଛି, କିଛି କରିବାକୁ ହେବ ।

ବାଜ୍-ବାହାଦୁରର ଘର ଦୂରବାଟ । ସେ ବହିପତ୍ରର ଥଳି ପିଠିରେ ଓହଳାଇ ଘରମୁହାଁ ଚାଲିଲା । ବାଟରେ ଟିକିଏ ଖୋଲା ଜାଗା ଉପରେ ଚାରି, ପାଞ୍ଚଟି ପିଜୁଳି ଗଛ । ସେଇ ନିର୍ଜନ ସ୍ଥାନରେ ଦୁଇ, ତିନିଜଣ ଗଛ ଡାଳରେ ଓ ଚାରି, ପାଞ୍ଚଜଣ ଗଛ ମୂଳରେ ବୁଦା ଉହାଡ଼ରେ ଛପି ରହିଲେ । ବାଜ୍-ବାହାଦୁରର ସେଇ ବାଟ ଦେଇ ଯିବା ଛଡ଼ା ଅନ୍ୟ ରାସ୍ତା ନାହିଁ ।

ଗଛ ପାଖାପାଖି ହେବା ଆଗରୁ ବାହାଦୁର ଜାଣି ନେଲା ଏମାନେ ଏଇଠାରେ ତାକୁ ଅପେକ୍ଷା କରିଛନ୍ତି ମାଡ଼ ଦେବାକୁ । ଦୋଦୋ-ପାଞ୍ଚ ହୋଇ ସେ ପାଦ ବଢ଼ାଇଲା । ଜୟରାମ ଆଗେ ବାହାରି ଆସିଲା, ଥଟ୍ଟା କରି କହିଲା – 'ବାବୁ ! ସତ କହିବାର ପୁରସ୍କାର ତ ନେଇଯାଅ' । ଛପିବା ଜାଗାରୁ ଜଣ ଜଣ କରି ଆସି ବାଟ ଓଗାଳିଲେ ଅନ୍ୟମାନେ ।

ବାଜ୍-ବାହାଦୁର : ମୋ ବାଟରୁ ହଟିଯାଅ, ମୋତେ ଘରକୁ ଯିବାକୁ ଦିଅ ।

ଅନ୍ୟପଟରୁ ପ୍ରଥମେ ଆଗେ ଗାଳିଗୁଲଜ ଚାଲିଲା – 'ଆହା-ହା ସତ୍ୟବାଦୀ, ସତ କହିବାର ମଜା ତ ଚାଖିଯାଅ । ଏପରି କହି ଜଣେ ପେଟକୁ ଲକ୍ଷ୍ୟକରି ଘୁଷି ମାରିଲା । ତଥାପି ବାହାଦୁର ଦବିଲା ନାହିଁ, କହିଲା – ମୁଁ ତ ପ୍ରଥମରୁ ଜଣାଇ ଦେଇଥିଲି, ସାର୍ ଯଦି ମୋ ନାଁ ଧରି ପଚାରିବେ, ଯାହା ଜାଣେ ମୁଁ କହିଦେବି । ନ ପଚାରିଲେ କିଛି କହିବି ନାହିଁ ।

– ଆମେ ବି ତ କହିଥିଲୁ ପାଟି ଖୋଲିଲେ ହାତଗୋଡ଼ ଭାଙ୍ଗିଦେବୁ – ଏକଥା କହି ଜଗତ୍ ସିଂ ଆସି ତା' ହାତଦୁଇଟିକୁ ଛନ୍ଦିଦେଲା । ଜୟରାମର ସାନଭାଇ ଶିବରାମ ପିଜୁଳି ଡାଳରୁ ଖଣ୍ଡେ ଛାଟ ଭାଙ୍ଗି ଦୌଡ଼ି ଆସିଲା । ଅନ୍ୟମାନେ ଚାରିଆଡୁ ଘେରିଗଲେ । ଅନ୍ୟ କେଇଜଣ ଟିକିଏ ଛାଡ଼ି ସତର୍କରେ ଠିଆହୋଇ ଚାହୁଁଥା'ନ୍ତି, ସତେକି ଯେମିତି ରିଜର୍ଭ ଫୋର୍ସ୍, ସାହାଯ୍ୟ ଦରକାର ପଡ଼ିଲେ, ସାଙ୍ଗେ ସାଙ୍ଗେ ମାଡ଼ିଆସିବେ । ବାଜ୍-ବାହାଦୁର ପିଲାଟା ପତଳା, କିନ୍ତୁ ତରକା ଓ ଫୁର୍ତ୍ତିଲା, ତାକୁ ଧରୁ ଧରୁ ଖସିଯାଏ ସିଏ । ଝପଟି ଯାଇଁ ଶିବରାମ ହାତରୁ ପିଜୁଳି ଛାଟଟି ଟାଣି ଆଣିଲା ଓ ଏତେ ଜୋରରେ ଘୂରାଇଲା ଯେ କିଛି ସମୟ ଯାଏଁ ତା' ପାଖରେ କେହି ପଶି ପାରିଲେ ନାହିଁ । ମାତ୍ର ଛାଟଖଣ୍ଡକର ବଳ କେତେ ? ଛତୁ ହୋଇଗଲା ସେଇଟା । ତା' ପରେ ବି ସେ କହୁଣିରେ ଠେସ ଦେବାକୁ ଲାଗିଲା, ହାତମୁଠା କରି ଘୁଷାମାରିଲା, ମାତ୍ର ଏତେଜଣ ବଳୁଆ ପିଲାଙ୍କୁ ସେ ଜଣେ ଅଟକାଇବ କେତେ ସମୟ – ତାକୁ ସାବାଡ଼ କରିବାକୁ ସମସ୍ତେ ତିଆର୍ ଯେତେବେଳେ । ଶିବରାମ ଅବାଗିଆ କରି ଏକ ଜୋର ମୁଷ୍ଟି ଦେଲା ଯେ ବାହାଦୁର ମୁହଁମାଡ଼ି ତଳେ ପଡ଼ିଗଲା । ଏବେ ସମସ୍ତେ ମିଳିମିଶି ତା' ଦେହରେ ବିଧା ଚାପଡ଼ା, ଗୋଇଠା ବସାଇ ଚାଲିଲେ ତା'ପରେ ତା'ପରେ ଯେ ସେ ଆଉ ଉଠିପାରିଲା ନାହିଁ ତଳୁ । ଏମାନଙ୍କୁ ଲାଗିଲା- ମରିଗଲା ପିଲାଟା । ଶିବରାମର ଘୁଷିଟା ଏତେ ବାଧିଥିଲା ଯେ ସେ ଆତ୍ମରକ୍ଷା କରିବା କଥା ଆଉ ଭାବିପାରିଲା ନାହିଁ । ତା'ଉପରେ ସମସ୍ତଙ୍କ ଆଡୁ ଆହୁରି ପ୍ରହାର, ପିଲାଟାର ମେରୁହାଡ଼ ଭାଙ୍ଗିଦେଲା ପରା ! ମୃତପ୍ରାୟ ପଡ଼ିରହିଲା ସିଏ । ଏମାନଙ୍କର ତ ହାଲୁକ ଶୁଖିଗଲା – ପିଲାଟା ମରିଗଲା ନା କ'ଣ ? ଡରରେ କିଏ କୁଆଡ଼େ ଦୌଡ଼ି ପଳାଇ ଯିବାକୁ ଲାଗିଲେ । ଦଳଛାଡ଼ି କିଏ କେଉଁଠି ଲୁଚିଗଲେ; ମୁଖ୍ୟ ତିନିଜଣ

ଟିକିଏ ଅପେକ୍ଷା କରି ଦେଖିଲେ ଯେତେବେଳେ ବାହାଦୁର ଉଠୁ ନାହିଁ — ଦେଲେ ଚମ୍ପଟ ଏକାଠି, ଜୟରାମର ଘର ପର୍ଯ୍ୟନ୍ତ ଯାଇ କେଉଁଆଡ଼େ ଉଭେଇ ଗଲେ ।

ସନ୍ଧ୍ୟା ହୋଇ ଆସିଲା, ବାଜ୍-ବାହାଦୁରର ଚେତା ଫେରିଲା, ବୋଧକଲା ଯେପରି କଲିଜାରେ ମାଡ଼ଟା ଜୋର୍ ବସିଛି । ଉଠିବାକୁ ଯାଇ ଅଣ୍ଟାରେ ବଳ ପାଇଲା ନାହିଁ । ଠିଆ ହୋଇ ଚାଲିବାକୁ ବାହାରିଲା, ପାଦ ଥରୁଛି, ସିଧା ପଡୁ ନାହିଁ ମାଟିରେ, ତଥାପି ଛୋଟେଇ ଛୋଟେଇ ଘରଯାଏଁ ଗଲା ।

ଏଣେ ପିଲାମାନେ ଏକେ ଅନ୍ୟକୁ ଦୋଷ ଦେବାକୁ ଲାଗିଲେ । ଜୟରାମକୁ ବେଢ଼ିଗଲେ, କହିଲେ : ଏଡ଼େ-ଘାଏଁ ମାରିଲେ ନ ମରି ସେ ବଞ୍ଚନ୍ତା କେମିତି ? କିଏ କହିଲା : ଶିବରାମ ! ତୋର ଘୁଷିରେ ତ ସେ ତଳେ ପଡ଼ିଗଲା ମୁହଁ ମାଡ଼ି, ଆଉ ଉଠିଲା ନାହିଁ । ତୁହିଁ ଦାୟୀ...

ଜଣେ ବାହାରି ପଡ଼ି କହି ଉଠିଲା — ଯଦି ସିଏ ଭଲ ହୋଇ ପ୍ରଧାନ ଶିକ୍ଷକଙ୍କ ପାଖରେ ଆମ ନାଁରେ ଖଚମିଛ ଲଗାଇ କହେ, ତେବେ ...?

ଜୟରାମ : କ'ଣ କରିବା ଏବେ ?

ଜଗତ୍‌ସିଂ : ଚୁପ୍‌ଚାପ୍ ରହିଯାଅ, କଥାଟା ଚାପା ପଡ଼ିଯାଉ ।

ଶିବରାମ : ଦେଖ, ମୁନ୍‌ସିଜି ଆମ ଛାଲ ଉତାରି ନ ଦିଅନ୍ତି ଯଦି ମୋତେ କହିବ ।

ଜଗତ୍ ସିଂ : କାଲି କେହି ମଦ୍ରାସା ଯିବା ନାହିଁ ବେମାର ବାହାନା କରି । ଘରଲୋକଙ୍କୁ କହିବା ଅନ୍ୟ ସ୍କୁଲରେ ଭର୍ତ୍ତି କରିଦେବେ ଏଠୁ ନାଁ କଟାଇ । ନ'ହେଲେ ପଛେ ମାସେ ଖଣ୍ଡେ ଘରେ ରହିବା । ମାମଲା ଥଣ୍ଡା ପଡ଼ିଲେ ବାହାରକୁ ବାହାରିବା ।

ଶିବରାମ : ଏ କ'ଣ କହୁଛୁ ? ମାସକ ପରେ ତ ପରୀକ୍ଷା, ନ ଯିବା କେମିତି ?

ଜୟରାମ : ଆରେ, ମନେ ତ ନଥିଲା, ଏତେଦିନର ପରିଶ୍ରମ ପଣ୍ଡ ଯିବ ।

ଜଗତ୍ ସିଂ : ଆରେ, ଜୟରାମ ! ଏଥରକର ପୁରସ୍କାର ତୋତେ ମିଳିଥା'ନ୍ତା ! ବଞ୍ଚିତ ହେଲୁ ସେଥିରୁ ତୁ ।

ଜୟରାମ : କେଜାଣି, ଏଥର ପୁରସ୍କାରଟା ବାଜ୍-ବାହାଦୁରକୁ ମିଳିଯାଇପାରେ ।

କଥାଟା ଟିକିଏ ବିଷଣ୍ଣ ମନରେ କହିଲା ଜୟରାମ ।

ଜଗତ୍ ସିଂ : ଭଲ ହୁଅନ୍ତା ମିଳିଲେ ତାକୁ, ଏତେ ଗୁଡ଼ାଏ ମାଡ଼ ତା' ପିଠିରେ ବସିଛି । କିଛି ତ ମିଳୁ —

ପରଦିନ ଯଥାରୀତି ମଦ୍ରାସା ଖୋଲିଲା, ମୁଖ୍ୟ ତିନିବନ୍ଧୁ ଗାୟବ । ବଲ୍ଲୀ ମହମ୍ମଦ ମିଛକୁ ଗୋଡ଼ରେ ପଟି ବାନ୍ଧି ଆସିଛି । ମନ ଭିତରେ ଭୟ ଯେ କାହିଁରେ କ'ଣ — ଛାତି ଧଡ଼ଧଡ଼ ହେଉଥାଏ । ଅନ୍ୟସବୁ ରିଜର୍ଭ-ଫୋର୍ସ୍‌ର ଦର୍ଶକଗଣ ଭାବୁଥିଲେ — ତାଙ୍କ କପାଳରେ କ'ଣ ଅଛି ? ସେମାନଙ୍କ ଅବସ୍ଥା, ବିରି ମାଡ଼ ଦେଖି କୋଳଥ ଚୋପା ହେବା ପରି ।

ମାତ୍ର ବାଜ୍-ବାହାଦୁର ସବୁଦିନ ପରି ନିୟମିତ ଯାହା ଯେମିତି କରେ, ସେମିତି କରିଚାଲିଲା । ବରଂ ଅନ୍ୟାନ୍ୟ ଦିନ ଅପେକ୍ଷା ବେଶୀ ପ୍ରସନ୍ନ — 'ସଂଖ୍ୟାରେ ଅଧିକ ଥିଲେ ବୋଲି ଜିତାପଟ ସେ ଦଳର ହେଲା, ନ ହେଲେ ସେ ତ ଆତ୍ମରକ୍ଷା ପାଇଁ ପଛେଇ ନାହିଁ । ଅସଲରେ ଜିତାପଟ ତା'ର ।' ଏସବୁ ଛଡ଼ା ସତ୍-ସାହସର ସ୍ୱତନ୍ତ୍ର ଏକ ବରଦାନ ରହିଛି — ଯେମିତି ଗତକାଲିର ଘଟଣାକୁ ସେ ଖାତିର କରି ନାହିଁ । ଅବଶ୍ୟ ଦେହରେ ବେଦନା ଯଥେଷ୍ଟ ଥିଲା । ଆଜି ବେପରୁଆ ବୋଧ ହେଉଛି । ରାତିଯାକ ଭାବି ଭାବି ଠିକ୍ କରିଛି — ନିଶ୍ଚୟ ବନ୍ଧୁମାନେ ମୋତେ ମାରି ଲଜ୍ଜିତ ଥିବେ ଓ ମୋର ଖାତିର ବଢ଼ିଥିବ ନିଶ୍ଚୟ ସେମାନଙ୍କ ପାଖେ । ମୋ ତରଫରୁ ସେମାନେ ନିଶ୍ଚିନ୍ତ ରହନ୍ତୁ — ମାଡ଼ ସେମାନେ ଦେଇଛନ୍ତି ଅବଶ୍ୟ,— ଏ ନେଇ ମୁଁ କାହା ପାଖରେ ଗୁହାରି କରିବି ନାହିଁ ।

ତିନିବନ୍ଧୁଯାକ ଲାଗଲାଗ ତିନିଦିନ ଅନୁପସ୍ଥିତ ମଦ୍ରାସାରେ । ଅନ୍ୟ ଯୋଦ୍ଧାଗଣଙ୍କ ପାଖରୁ ଖବର ମିଳିଲା ମୁନ୍‌ସିଜି କାହାକୁ ଡାକି କିଛି ପଚାରି ନାହାନ୍ତି କି ବେତପାହାର କାହା ଦେହରେ ବାଜି ନାହିଁ । କିଏ ଜାଣେ, ଖାଲି ଆମ ନାଁ କହି ଦେଇଥିବ ବାହାଦୁର ଆଉ ଲାଲା ଅପେକ୍ଷା କରିଥିବ ଜେରା କରିବାକୁ, ସାହସ ପାଉ ନାହିଁ ଏଣେ ସ୍କୁଲ ଯିବାକୁ, ତେଣେ ଘର ଲୋକଙ୍କୁ କିଛି କହିବାକୁ — ପ୍ରତିଦିନ ତିନିହେଁ ନିର୍ଦ୍ଦିଷ୍ଟ ସମୟରେ ଘରୁ ପୋଥିପତ୍ରର ବସ୍ତାନି ଧରି ବାହାରି ଯା'ନ୍ତି ଓ ସ୍କୁଲ ଛୁଟି ସମୟରେ ଘରକୁ ଫେରନ୍ତି । ଆଖପାଖ ଗାଁର ଗଛମୂଳେ ବସି ବସି ବା ଗୁଲି-ଦଣ୍ଡା ଖେଳି ସମୟ କଟାନ୍ତି ଓ ସନ୍ଧ୍ୟାପୂର୍ବରୁ ଫେରି ଆସନ୍ତି ସବୁଦିନ ଭଳି — ସାହସର ଅଭାବ ସବୁଥିରେ — ଆଗର ଫୁଟାଣି କମି ଆସିଲାଣି ।

ଚତୁର୍ଥ ଦିନ ସକାଳୁ ସକାଳୁ ତିନି ଅପରାଧୀ ବିଦ୍ୟାର୍ଥୀ ନିଜ ଭିତରେ ଆଲୋଚନା କରୁଥିଲେ — ଆଜି କ'ଣ କରିବେ । ସେତିକିବେଳେ ଆଖି ପଡ଼ିଲା ବାଜ୍-ବାହାଦୁର ତାଙ୍କରି ଆଡ଼କୁ ଆସୁଛି । ସେମାନଙ୍କୁ ଆଶ୍ଚର୍ଯ୍ୟ ଲାଗିଲା, ଆଶା ଓ ଆଶଙ୍କାରେ

ମନ ଉଦ୍‌ବେଳିତ ହେଲା । ବାଜ୍-ବାହାଦୁର ଆଗେ କହିଲା – ଆରେ, ମଦ୍ରାସାକୁ ଆସୁନ କାହିଁକି, ତିନିଦିନ ହୋଇଗଲା – ତୁମର ଅନୁପସ୍ଥିତି ପଡ଼ୁଛି କି ନାହିଁ ?

ଦଳପତି ଜଗତ୍ ସିଂ ମୁହଁଟାଣ କରି କହିଲା – ଆମ ଜୀବନ କ'ଣ ଆମକୁ ପିତା ଲାଗୁଛି ? ଯିବୁ, ଆଉ ମୁନ୍‌ସି ଆମ ଦେହରେ ହାଡ଼ଖଣ୍ଡିଏ ବି ରଖିବ ନାହିଁ ।

ବାଜ୍ ବାହାଦୁର : କାହିଁକି ବଲ୍ଲୀ ମହମ୍ମଦ, ଦୁର୍ଗା ଆଉମାନେ ବି ତ ଯାଉଛନ୍ତି । ମୁନ୍‌ସି କ'ଣ କାହାକୁ କିଛି କହିଛନ୍ତି ନା ପିଟିଛନ୍ତି ?

ଜୟରାମ : କିଏ ଜାଣେ, ସେମାନଙ୍କ ନାଁରେ ନାଲିସ କରି ନ ଥିବୁ, ଆମ ନାଆଁରେ ଗୋଟାଏ ଜାଗାରେ ପାଞ୍ଚଟା କଥା ଯୋଡ଼ି ନକହି ଥିବୁ ?

ଶିବରାମ : ଆମକୁ ମାଡ଼ ଖୁଆଇବାର ମତଲବ ନେଇ ଆସିନୁ ତ ତୁ ? ଆରେ, ୟା'ର କଥା କାନରେ ଦିଅ ନାହିଁ କେହି, ବେଟା ଭବାନୀ ସାର୍‌ଙ୍କୁ ନ କହି ଛାଡ଼ି ନ ଥିବ ।

ବାଜ୍-ବାହାଦୁର : ଆଜି ଆସି ପରୀକ୍ଷା କରିନିଅ । ମୁଁ ଯଦି ମିଛ କହୁଥାଏ, ମୁଁ ତ କୁଆଡ଼େ ଚାଲି ଯାଉନି । ସେଦିନ ସତ କହିବାର ସଜା ଦେଇଥିଲ, ଆଜି ନହେଲେ ମିଛ କହିବାର ସଜା ଦେଇ ଦେବ ତୁମେସବୁ ।

ଜଗତ୍ ସିଂ : ସତ କହୁଛୁ ତୁ – ଆମ ନାଁରେ ମିଛଖଚ ଲଗାଇ ତୁ ନାଲିସ କରିନୁ ?

ବାଜ୍-ବାହାଦୁର : ସେଦିନ ତୁମେ ଯେପରି ମାରିଲ, ମୁଁ ବି ତ ସେମିତି ଆତ୍ମରକ୍ଷା ପାଇଁ ତୁମ ସମସ୍ତଙ୍କୁ ମାରିଛି, ତୁମ ସଂଖ୍ୟା ଅଧିକ ଥିଲା ବୋଲି ଜିତିଗଲ । ଶିବରାମର ଘୁଷିଟା ମୋ ପେଟରେ ବାଜି ନଥିଲେ, ଦେଖିଥା'ନ୍ତ ମୁଁ ଏକାହିଁ ତୁମ ସମସ୍ତଙ୍କୁ ହରାଇ ଦେଇଥା'ନ୍ତି । ଆଉ ଅଭିଯୋଗ କାହିଁକି କରିବି, ଆମ ଆମ ଭିତରର କଥା ନେଇ ଆଉ କାହା ପାଖରେ କାହିଁକି ଗୁହାରି କରିବି ? ସେମିତିଆ ପିଲା ମୁଁ ନୁହେଁ ।

ପିଲାମାନେ ଟିକିଏ ସମୟ ଚୁପ୍ ରହିଲେ । ତା'ପରେ କଥା ଚାଲିଲା ।

ଜଗତ୍ ସିଂ : ଯିବୁ ତ ନିଶ୍ଚେ, ତଥାପି ତୋ କଥାରେ ପରତେ ହେଉ ନି ।

ବାଜ୍-ବାହାଦୁର : ତୁମେ ସମସ୍ତେ ଜାଣ, ମିଛ କହିବା ମୋର ପସନ୍ଦ ନୁହେଁ । ତୁମକୁ ଡାକିଦେଲି, ଏଣିକି ତୁମ ଇଚ୍ଛା...

ଏପରି ବଡ଼ମଣିଷ ପରି କହି ସେ ମୁହଁ ବୁଲାଇ ଚାଲିଗଲା । ତଥାପି ବନ୍ଧୁ ତିନିହେଁ କିଛି ସମୟ ସେଠି ବସି ରହିଲେ । ଚର୍ଚ୍ଚା କଲେ ସ୍କୁଲରେ ପହଞ୍ଚି ଦେଖାଯାଉ – ଦଶଟା ସୁଦ୍ଧା ପହଞ୍ଚିଗଲେ । ସୁନା ପିଲା ଭଳି ଶ୍ରେଣୀକକ୍ଷରେ ନିଜ ନିଜ ଜାଗାରେ ବସିଲେ । କିଛି ସମୟ ପରେ ଆସିଲେ ସାର୍ ଭବାନୀ-ସହାୟ । ଏ ପିଲାଙ୍କ ଉପରେ ନଜର ପଡ଼ିଲା, ଟିକିଏ ଗଭୀର ଦୃଷ୍ଟିରେ ଚାହିଁଲେ କିଛି ସମୟ, ଏ ତିନିଙ୍କର ଛାତି ଖାଲି ପଡୁଥାଏ-ଉଠୁଥାଏ, ମୁହଁ ଶେଥା ପଡ଼ିଗଲାଣି ସେତେବେଳକୁ । ସାର୍ କହିଲେ – 'ତିନିଦିନ ଧରି ଅନୁପସ୍ଥିତ, କବାଟ ପାଖ କଳାପଟାରେ ପାଠ ଲେଖା ରହିଛି, ଟିପି ନିଅ ତିନିହେଁ ।''

ପ୍ରଧାନ ଶିକ୍ଷକଙ୍କ କଥା ଶୁଣି ପିଣ୍ଡରେ ପ୍ରାଣ ପଶିଲା ଅବା, ଶେତା ମୁହଁରେ ଲାଲିମା ଆସିଗଲା । ପଢ଼ାପଢ଼ି ଯେମିତି ଚାଲିବା କଥା, ସେମିତି ଚାଲିଲା । ମଧ୍ୟାହ୍ନ ଟିଫିନ୍ ଛୁଟିରେ ଆକ୍ରମଣକାରୀ ଦଳ ଏକାଠି ହେଲେ । ବଲ୍ଲୀ ମହମ୍ମଦ ଆଗେ କହିଲା – ଦେଖିଲ ତ ଭଲପିଲା କାହାକୁ କହନ୍ତି, ଏତେ ମାଡ଼ ଖାଇଲା, ତଥାପି ନାଲିଶ କଲା ନାହିଁ ।

ଜୟରାମ : ଆମେ ଯଦିବା ଆସିଥିଲୁ, କିନ୍ତୁ ମୁନ୍‌ସିଜିଙ୍କ ପାଖରୁ ପ୍ରାଣନେଇ ଫେରିବୁ ବୋଲି ଭରସା ନ ଥିଲା ।

ଶିବରାମ : ଏପରି ପିଲା ସାଙ୍ଗେ ଆମର ବ୍ୟବହାର ଭଲ ହେଲା ନାହିଁ ।

ଜଗତ୍ ସିଂ – ଆଉଥରେ ଦୋସ୍ତି କରିନେବା ଚାଲ ।

ଦୁର୍ଗା : କେମିତି କରିବା; କ୍ଷମା ମାଗିନେଲେ ହୁଅନ୍ତା ନାହିଁ ? ଦଳପତି ଜଗତ୍ ବି ପାହୁଣ୍ଡେ ଆଗେଇ ଆସିଲା । ନିଜ ତରଫରୁ କହିଲା – ଠିକ୍ କହିଛୁ ଦୁର୍ଗା, ମୁଁ ତୁମକୁ ମତାଇଥିଲି ମାଡ଼ଦେଇ ସାବାଡ଼ କରିବାକୁ, ଏବେ ମୁଁହିଁ ଆମ ସମସ୍ତଙ୍କ ତରଫରୁ କ୍ଷମା ମାଗିବି, ତୁମେସବୁ ମୋ ସାଙ୍ଗେ ରହିବ ଖାଲି ।

ମଦ୍ରାସା ଛୁଟି ହେଲା, ପିଲାମାନେ ନିଜ ନିଜ ଶ୍ରେଣୀରୁ ବାହାରି ଆସିଲେ । ଭଲ କିଛି କରିବାକୁ ଯାଉଛନ୍ତି ବୋଲି ସେମାନଙ୍କ ମୁହଁକୁ ଦେଖିଲେ ବୁଝି ହେଉଥିଲା । ତରତର ହୋଇ ମୁଖ୍ୟ ଫାଟକ ପାଖରେ ଜମାହେଲେ । ବାଜ୍-ବାହାଦୁର ବି ତା'ର ଥଳିଟି ପିଠିରେ ପକାଇ ସେଠାକୁ ଆସିଲା । ଜଗତ୍-ସିଂ, ଯିଏ କେବେ ବି ଭଦ୍ରଭାଷାରେ ପଦେ କଥା କହି ନାହିଁ, ଟିକିଏ ଆଗେଇ ଆସି ବାହାଦୁରର ହାତ ଧରିପକାଇଲା । ତା' ନିଜ ଅଜାଣତରେ 'ଭାଇ' ଶବ୍ଦ ବାହାରି ଆସିଲା । କହିଲା, ''ବାହାଦୁର ଭାଇ ! ଆମେ ସମସ୍ତେ ତୁମ ପାଖରେ ଦୋଷୀ, ତୁମକୁ ଆମେ ଅଭଦ୍ର ଭାଷାରେ ଗାଳି-ଗୁଲଜ କରିଛୁ, ସମସ୍ତେ

ମିଶି ବାଡ଼ିଆବାଡ଼ି କରିଛୁ । ତଥାପି ତୁମେ ସାର୍‌ଙ୍କ ପାଖରେ ଆମ ନାଁରେ କିଛି କହି ନାହଁ – ଏଇଟା ମହାଉପକାର ନୁହେଁ ତ ଆଉ କ'ଣ ?

''ଆମେ ସବୁ ମୂର୍ଖ, ଗାଉଁଲି – ଭଲକଥା ଭାବିନୁ, ଶିଖିନୁ, ଆମକୁ ସମସ୍ତେ ନଷ୍ଟ ଛାତ୍ର ବୋଲି ଜାଣିଛନ୍ତି, ତେବେ ବି ତୁମେ ଆମେ ଅନୁପସ୍ଥିତ ରହୁଛୁ ଦେଖି ଡାକିଆସିଲ, ଏସବୁ ଦେଖି ଆମର ତୁମ ସାଙ୍ଗରେ ରହିବାକୁ ମନ ଡାକୁଛି । ଆମକୁ ମାଫ୍ କରିଦିଅ । ଆମ ଭୁଲ୍ ପାଇଁ ଆମେ ଲଜ୍ଜା ଅନୁଭବ କରୁଛୁ ।''

ବାଜ୍-ବାହାଦୁରର ଖୁସିରେ ଆଖି ଛଳଛଳ ହୋଇଗଲା – ''ମୁଁ ତ ତୁମକୁ ଆଗରୁ ଭାଇ ବୋଲି ଜାଣିଛି, ଏବେ ବି ସେଇ ଭାବ ଅଛି । ଭାଇ-ଭାଇ ମଧରେ କେତେ ଝଗଡ଼ା ହୁଏ, ପିଟା-ପିଟି ବି ହୁଏ, କିନ୍ତୁ ତେବେ ବି ସେମାନଙ୍କ ମେଣ୍ଟ ଭାଙ୍ଗେ ନାହିଁ । କିଏ ସେଗୁଡ଼ା ମନେ ରଖେ ଯେ ମୁଁ ମନେ ରଖିବି, ଆଉ ସେଥିପାଇଁ କ୍ଷମା କ'ଣ ? ତୁମ ସାଙ୍ଗ ହେବାକୁ ମୁଁ କ'ଣ ମନା କରିଛି ?''

ଆଉ ସମସ୍ତେ ଧାଇଁ ଆସି ଜଗତ୍‌କୁ ଓ ବାହାଦୁରକୁ କୁଣ୍ଢାଇ ପକାଇଲେ । ଏକାଭଳି ହସ ସମସ୍ତଙ୍କ ମୁହଁରେ ଖେଳିଗଲା, ସମସ୍ତେ ଖୁସିରେ ଗପକରି ବାହୁଡ଼ିଲେ ଘରମୁହାଁ । ପରଦିନ ଘଟଣାଟା ସ୍କୁଲ ପିଲାଙ୍କର ଚର୍ଚ୍ଚାର ବିଷୟ ହୋଇଗଲା । ସମସ୍ତଙ୍କ ଭିତରେ ବାଜ୍-ବାହାଦୁର ପ୍ରତି ଏକ ପ୍ରକାର ପ୍ରସନ୍ନତା ରହିଲା – ଯେମିତି ସତରେ ସେ ବନ୍ଧୁ, ଭାଇ, ଆପଣାର – ସର୍ବୋପରି ମୁଖିଆ ନେତା ଭଳି ତାକୁ ସମସ୍ତେ ବୋଧ କଲେ । ଖାତିରି ତା'ର ବଢ଼ିଗଲା ।

ତାକୁ ପ୍ରଥମେ ମିଳିଥିଲା ସତ୍-ସାହସର ପରିଣାମ ସ୍ୱରୂପ ଦଣ୍ଡ । ଏବେ ତାକୁ ଯାହା ମିଳିଲା, ସେଇଟା ସତ୍-ସାହସକୁ ବଜାୟ ରଖିବାର ଉପହାର ।

ମର୍ମାନୁବାଦ : କୃଷ୍ଣାଦେବୀ ❑

---

*(ପୃଷ୍ଠା ୩୯ର ଅବଶିଷ୍ଟାଂଶ)*

ଗୋଟିକ ମାଟିତଳେ ପୋତିଦେଇ ବାହାରି ଗଲି । କିନ୍ତୁ ଦିନଟିଏ ବାଟ ଚାଲିବା ପରେ କୁଠାରର ମାୟା ମୋତେ ପଛକୁ ଟାଣିଲା । ଫେରି ଆସି ସେ ଗୋଟିକୁ ମାଟି ତଳୁ ବାହାର କଲି । କିଛିଦିନ ପରେ ପୁଣି ହିମାଳୟ ଯାତ୍ରା ସକାଶେ ବଦ୍ଧ ପରିକର ହୋଇ କୁଠାରଟିକୁ ଗୋଟାଏ ବୁଦା ଭିତରେ ଲୁଚାଇ ଦେଇ ବାଟ ଚାଲିଲି । କିନ୍ତୁ ପୁନର୍ବାର ତା'ର ମାୟା ମୋତେ ଟାଣିଲା । ଫେରିଆସି ତାକୁ ବାହାର କଲି । କିନ୍ତୁ ଆଜି ଦୃଢ଼ ନିଶ୍ଚୟ କଲି, ଏ ମାୟା ମୋତେ କାଟିବାକୁ ହେବହିଁ ହେବ । କୁଠାର ଧରି ନଈ କୂଳେ କୂଳେ ଆଖି ବନ୍ଦ କରି ଦୌଡ଼ିଲି ଓ କିଛି ସମୟ ପରେ କୁଠାରଟିକୁ ନଈ ଭିତରକୁ ଫୋପାଡ଼ି ଦେଇ ପୁଣି ଘଣ୍ଟାଏ କାଳ ଦୌଡ଼ିବା ପରେ ବୁଝିଲି ଯେ କୁଠାର ପ୍ରତି ମୋର ଆଉ ମୋହ ନାହିଁ କି ତାକୁ ଖୋଜି ପାଇବା ମଧ୍ୟ ସମ୍ଭବପର ନୁହେଁ । ଅର୍ଥାତ୍ ଆସକ୍ତି ଉପରେ ମୋର ବିଜୟ ହୋଇଛି । ବଣ ଟପିବା ଅବସରରେ ସେହି ଆନନ୍ଦରେ ସେମିତି ପାଟି କରି ନିଜକୁ ବଧେଇ ଜଣାଇଥିଲି । କ୍ଷମା କରିବେ ।''

ରାଜା ନୀରବ ରହିଲେ ଓ ଅଳ୍ପ ସମୟ ଉତ୍ତାରୁ ହାତୀରୁ ଓହ୍ଲାଇ ପଡ଼ିଲେ । ତାଙ୍କୁ ଅନୁସରଣ କରୁଥିଲେ ଅନ୍ୟ ଏକ ହାତୀରେ ରାଜପୁତ୍ର ।

ରାଜା ତାଙ୍କ ମନ୍ତ୍ରୀ, ସେନାପତି ଓ ପାତ୍ରମିତ୍ରମାନଙ୍କୁ ଡାକିଲେ ଓ ରାଜପୁତ୍ରଙ୍କୁ ମଧ ନିଜ ସାମନାକୁ ଆସିବାକୁ କହିଲେ । ସମସ୍ତେ ବିସ୍ମିତ ।

''ଏ ଯୁବକ ମହାନ୍ ବିଜୟୀ । ଯାହାର ସ୍ଥୂଳ ବଳ ଥିବ, ସେ ଗୋଟାଏ ପରେ ଗୋଟାଏ ରାଜ୍ୟ ଜୟ କରିପାରିବ । ତାହା ମାମୁଲି ବିଜୟ । କିନ୍ତୁ ନିଜ ଭିତରେ, ନିଜ ଚେତନାରେ ଥିବା ଦୁର୍ବଳତା ଉପରେ ବିଜୟ ଅତ୍ୟନ୍ତ ଦୁରୂହ । ସମସ୍ତଙ୍କ ଆଗରେ ଘୋଷଣା କଲି, ରାଜପୁତ୍ର ଏଯାଏ ଯୁବରାଜ ଥିଲେ; ବର୍ତ୍ତମାନ ତାଙ୍କୁ ରାଜପଦ ଅର୍ପଣ କଲି । ଆଉ ଗୋଟାଏ କଥା, ବିଜିତ ରାଜ୍ୟ ତା'ର ରାଜାଙ୍କୁ ଫେରାଇ ଦିଆଗଲା ।'' ଏହା କହି ରାଜା ତାଙ୍କ ମୁକୁଟ ଏବଂ ଉତ୍ତରୀୟ ଯୁବରାଜଙ୍କୁ ପିନ୍ଧାଇ ଦେଇ ସେ କାଠୁରିଆ ଯୁବକ ଜଣଙ୍କୁ କହିଲେ, ''ଚାଲ ବାବୁ ଚାଲ । ମୋତେ ମଧ ବାଟ ଦେଖାଇ ଯେତେଦୂର ସମ୍ଭବ ନେଇଚାଲ ।''

ସେ ଯୁବକ ଥିଲେ ବୋଧିସତ୍ତ୍ୱ । ❑

# ଏଭରେଷ୍ଟରେ ଉଡ଼ିଲା ମାଆଙ୍କ ପତାକା

## (ଯୋଗାବ୍ୟାସଙ୍କ* ନିଜସ୍ୱ ଅନୁଭୂତି)

ଅସାଧାରଣ ହେବାର ପ୍ରବୃତ୍ତି ନଥିଲେ ବି ଦୁଃସାହସିକତାକୁ ସ୍ୱୀକାର କରିବାର ଇଚ୍ଛା ଥିଲା ପିଲାଟି ଦିନରୁ । କାହିଁକି କେଜାଣି ଶୀର୍ଷାରୋହଣର ଅଭାବନୀୟ ଅନୁଭୂତିର ଭାବନାରେ ନିଜକୁ ସାମିଲ କରିଦେବା ବେଳେ ଦେହ ମୋର ରୋମାଞ୍ଚିତ ହୋଇଉଠେ । ପ୍ରାଣରେ ଭରିଯାଏ ପୁଲକ, ଯାହା ବର୍ଣ୍ଣନାତୀତ । ଖାଲି ସେତିକି ନୁହେଁ, ବେଳେବେଳେ ମୁଁ ଲମ୍ଫଦିଏ, ଉପରୁ ତଳକୁ । ଖସିପଡ଼େ ଶିଖରରୁ ନିଗଡ଼କୁ । ଅଣନିଃଶ୍ୱାସୀ ହୋଇଉଠେ । ସେତେବେଳେ ଭାବେ ନା, ଏସବୁ କିଛି ନୁହେଁ, ବିଫଳତାହିଁ ସଫଳତାର ଆସ୍ଫାଳନ ।

ଏମିତି କେତେ ଭାବନା, କେତେ ସ୍ୱପ୍ନ ମିଶିଥିଲା ପିଲାଦିନର ଚପଳତାରେ । ୨୦୦୧ ମସିହା କଥା । ମୁଁ ସେତେବେଳକୁ ଟିଟିଲାଗଡ଼(ବଲାଙ୍ଗିର ଜିଲା)ସ୍ଥିତ ଶ୍ରୀଅରବିନ୍ଦ ଯୋଗକେନ୍ଦ୍ରରେ ରହୁଥିଲି । ଦିନକର ଘଟଣା – ପାଠଚକ୍ରରେ ବସିଥାଏ, ଚିରନ୍ତନୀ ପୁସ୍ତକରୁ 'ଦୁଃସାହସିକ ଅଭିଯାନ' ଅଧ୍ୟାୟଟି ପଢ଼ା ହେଉଥିଲାବେଳେ ହଠାତ୍ ଏକ ବଳିଷ୍ଠ ଚିନ୍ତା ମୋ ଭିତରକୁ ଧସେଇ ପଶିଆସିଲା । ମୁଁ ଅନ୍ଧ ପରି ତାହାକୁ ଅନୁସରଣ କରି ଚାଲିଲି । ସାମନାରେ ମାଆଶ୍ରୀଅରବିନ୍ଦଙ୍କ ଫଟୋ । ମନେହେଲା ମାଆ ସାକ୍ଷାତ୍ ବିଦ୍ୟମାନ । ମନେମନେ ପଚାରି ବସିଲି –''ମାଆ, ଏଭରେଷ୍ଟ ଶୃଙ୍ଗ ହେଉଛି ସର୍ବୋଚ୍ଚ ଶିଖର । ଆଉ ତାହାକୁ ଆରୋହଣ କରିବା ହେଉଛି ସବୁଠାରୁ ବଡ଼ ଦୁଃସାହସିକ ଅଭିଯାନ । ମୁଁ କ'ଣ ସେଇ ଅଭିଯାନରେ ଭାଗନେଇ ପାରିବିନି ? ତୁମେ ସାହା ହେଲେ ତୁମ ବିଜୟ ପତାକା ନେଇ ମୁଁ ଏଭରେଷ୍ଟ ଶୃଙ୍ଗରେ ଉଡ଼ାଇବି । କୁହ ମାଆ, ତୁମେ ମୋତେ ସାହା ହେବ ତ !''

ମନରେ ଏହି ଚିନ୍ତା ଅହରହ ଘାରି ହେଲା । ପର୍ବତାରୋହୀ ହେବାକୁ ହେଲେ କ'ଣ ସବୁ ଦରକାର – ତଥ୍ୟସବୁ ସଂଗ୍ରହ କଲି । ଶାରୀରିକ ପ୍ରସ୍ତୁତି ନିମନ୍ତେ କେତେକ ବିଶେଷ ଧରଣର ବ୍ୟାୟାମ ମଧ୍ୟ ନିୟମିତ ଅଭ୍ୟାସ କଲି । ପ୍ରସ୍ତୁତିର ପର୍ବ ଆଗେଇ ଚାଲିଲା । ଅବଶ୍ୟ ଏହି କଥା ମୁଁ ଜାଣିଥିଲି ଯେ ଅଭିଯାନଠାରୁ ଆଶା ମୋର ଥିଲା ଅଧିକ ଦୁଃସାହସିକ । କାରଣ ଏହା ଖୁବ୍ ବ୍ୟୟ-ସାପେକ୍ଷ, ଯେଉଁଥି ପାଇଁ ମୁଁ ଅଯୋଗ୍ୟ । ତଥାପି ବିଶ୍ୱାସରୁ ବିଚ୍ୟୁତ ହୋଇ ନଥାଏ । ପ୍ରତିଦିନ ଏକାଧିକବାର ଶ୍ରୀଅରବିନ୍ଦଙ୍କ ରଚିତ ଦୁର୍ଗାସ୍ତୋତ୍ର ପାଠ କଲେ ସବୁଠାରୁ ମୋତେ ଛୁଇଁଯାଏ –''ଦିଅ ମାଆ ପ୍ରାଣେ, ମନେ ଅସୁରର ଶକ୍ତି, ଅସୁରର ଉଦ୍ୟମ, ଦିଅ ମା, ହୃଦୟରେ ବୁଦ୍ଧିରେ ଦେବଚରିତ୍ର, ଦେବଜ୍ଞାନ ।।'' ସାକ୍ଷାତ୍ ଭବାନୀ ଯେମିତି ମୋ ସାମନାରେ ବିଦ୍ୟମାନ । ମାଆଙ୍କ ଫଟୋକୁ ଲକ୍ଷ୍ୟ କରେ, ଆଶା ଭରସା ଏଭରେଷ୍ଟର ଶିଖର ଛୁଏଁ ।

ମାଆଙ୍କ ଅପାର କରୁଣାରୁ ୨୦୧୧ ମସିହାରେ ଏଭରେଷ୍ଟ ଶୃଙ୍ଗ ଆରୋହଣ ପାଇଁ ନିର୍ବାଚିତ ହୋଇଥିବା ଅଭିଯାତ୍ରୀ ଦଳରେ ସାମିଲ ହେବାର ସୁଯୋଗ ମିଳିଲା । ମୁଁ ଆଶ୍ଚର୍ଯ୍ୟଚକିତ ହୋଇଗଲି । ସଙ୍ଗେ ସଙ୍ଗେ ମୋ ଆଖି ଆଗରେ ଭାସିଉଠିଲା ସେଇ ଦୃଶ୍ୟ – ତୁଷାର ଧବଳ ଏଭରେଷ୍ଟର ଶିଖରରେ ଉଡୁଛି ମାଆଙ୍କର ବିଜୟ ପତାକା । ଝିରି ଝିରି ବରଫର ବୃଷ୍ଟି । ଆହା ! କି ଆନନ୍ଦ ! ଜୟ ମା ଜୟ ମା ।

ଅଭିଯାନ ପାଇଁ ଆଉ ମାତ୍ର ପନ୍ଦର ଦିନ ବାକି । ସେତେବେଳକୁ ମୁଁ ଭୁବନେଶ୍ୱରରେ ଥାଏ । ବ୍ୟକ୍ତି-ବିଶେଷଙ୍କଠାରୁ ଅନୁଷ୍ଠାନ ପର୍ଯ୍ୟନ୍ତ, କେତେ ଦ୍ୱାର ବୁଲିଲି । କେହି ଉପହାସ କଲେ ତ କେହି ମୁହଁ ଫେରାଇଲେ । କାହାରି ପାଖରୁ ଆଶ୍ୱାସନା ଟିକେ ପାଇଲେ ମଉଳା ମନଟା ମୋର ଚେଇଁ ଉଠୁଥିଲା । ହେଲେ କିଛି ଲାଭହେଲା ନାହିଁ । ଅର୍ଥ ଯୋଗାଡ଼ର ସମସ୍ତ ଆଶା ବ୍ୟର୍ଥ ହେଲା । ମାଆଙ୍କ ଉପରେ

---

* ପର୍ବତ ଆରୋହୀ ମାତୃସନ୍ତାନ ଯୋଗାବ୍ୟାସ ଭୋଇ ତାଙ୍କ ନିଜସ୍ୱ ଅନୁଭୂତିକୁ ଓଡ଼ିଶାର ମୟୂରଭଞ୍ଜ ଜିଲା କପ୍ତିପଦା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ହୋଇଥିବା ''ରିଭେରୋ ସ୍ପିରିଟ୍ - ୨୦୧୧ (RIVERO SPIRIT : An adventure with Spiritual Camp for the Youth)ରେ ୨୦୧୧ ମସିହା ଡିସେମ୍ବର ୨୯ ତାରିଖ ଅପରାହ୍ଣ ଅଧିବେଶନରେ ଶିବିରାର୍ଥୀମାନଙ୍କ ଗହଣରେ ବର୍ଣ୍ଣନା କରିଥିଲେ । ତାଙ୍କର ଅନୁଭୂତିକୁ ନେଇ ଆଲେଖ୍ୟଟି ପ୍ରସ୍ତୁତ କରାଯାଇଛି ।

ଗୁଡ଼ାଏ ଅଭିମାନ ଅଜାଡ଼ି ଦେଲି । ମୋର ଠିକ୍ ମନେ ଅଛି, ସେଦିନ ଥିଲା ଏପ୍ରିଲ ପହିଲା । ପଣ୍ଡିଚେରୀ ଆଶ୍ରମରୁ ଆସିଥିବା ମାଆଙ୍କର ପୁଷ୍ପ-ପ୍ରସାଦ ମୋତେ ମିଳିଲା । ମନର କୋହ ସମ୍ଭାଳି ପାରିଲି ନାହିଁ । ସବୁ ବ୍ୟର୍ଥତା ଭିତରେ ଏପୁଣି କି ଭେଳିକି ! ସେଦିନ ରାତିରେ ନିରାଶ ହୋଇ ମୋ ପକେଟରେ ଥିବା ମାଆଙ୍କ ଫଟୋକୁ ଚାହିଁ ପ୍ରଶ୍ନ କଲି –''ଏ କି ପରୀକ୍ଷା ମା ! ତୁମର ପତାକା ନେଇ ଏଭରେଷ୍ଟ ଶିଖରରେ ଉଡ଼ାଇବାର ସୁଯୋଗ ମୋତେ କ'ଣ ଦେବ ନାହିଁ ? ଯଦି ତୁମେ ନଚାହଁ ତେବେ ମୋତେ ନିର୍ବାଚିତ କରୁଥିଲ କାହିଁକି ?'' ତା'ପରେ ମୁଁ ଶୋଇ ଯାଇଥିଲି । ସକାଳ ହେଲା, ଉଠି ପ୍ରସ୍ତୁତ ହେଉଥାଏ ଘରକୁ ଫେରିଯିବା ପାଇଁ । ହଠାତ୍ ମୋତେ ଜଣେ ବ୍ୟକ୍ତି ଫୋନ କଲେ –''ତୁମର ଅର୍ଥ ଯୋଗାଡ଼ ହୋଇଯାଇପାରେ ।'' ମୁଁ ସ୍ତବ୍ଧ ହୋଇଗଲି । ଅପରିଚିତ ହେଲେ ବି ପରିଚିତ ମନେ ହେଉଥିଲା ସେଇ କଣ୍ଠସ୍ୱର । ସତକୁ ସତ ଖୁବ୍ ଅନାୟାସରେ ଆବଶ୍ୟକତାଠାରୁ ଅଧିକ ଅର୍ଥ (ପ୍ରାୟ ଅଣତିରିଶି ଲକ୍ଷ) ଯୋଗାଡ଼ ହୋଇଗଲା । ଆଖିରୁ ମୋର ଝରି ପଡ଼ିଲା କୃତଜ୍ଞତାର ଅଶ୍ରୁ । ମାଆଙ୍କର ଚରଣରେ ସଅଁପି ଦେଲି । ମନ ତଥାପି ପ୍ରଶ୍ନ କରୁଥାଏ – ଏହାହିଁ କ'ଣ ମାଆ ଭଗବତୀଙ୍କର ଅହେତୁକୀ କୃପା ? ପ୍ରସ୍ତୁତିର ଅନ୍ୟାନ୍ୟ ପର୍ବସବୁ ଖୁବ୍ ସୁରୁଖୁରୁରେ ହୋଇଗଲା । ଏପ୍ରିଲ ୧୫, ୨୦୧୧ରେ ମୁଁ ଓଡ଼ିଶାରୁ କାଠମାଣ୍ଡୁ ଅଭିମୁଖେ ଯାତ୍ରାକଲି ।

ବିଶ୍ୱର ଉଚ୍ଚତମ ଗିରିଶୃଙ୍ଗ ମାଉଣ୍ଟ ଏଭରେଷ୍ଟର ଉଚ୍ଚତା ପ୍ରାୟ ୮୮୪୮ ମିଟର ବା ୨୯,୦୮୪ ଫୁଟ । ପଥ ବିପଦ-ସଙ୍କୁଳ ଓ ବରଫାବୃତ । ତାପମାତ୍ରା -୪୦ ଡିଗ୍ରୀରୁ -୫୦ ଡିଗ୍ରୀ ସେଣ୍ଟିଗ୍ରେଡ୍ । ଅତ୍ୟଧିକ ନିମ୍ନ ତାପମାତ୍ରାରେ ଶରୀରକୁ ଅଭ୍ୟସ୍ତ କରିବା ପାଇଁ ଅଭିଯାନ ପୂର୍ବରୁ ସବୁ ପର୍ବତାରୋହୀ ପ୍ରାୟ ଗୋଟିଏ ମାସ ବେସ୍ କ୍ୟାମ୍ପ (Base Camp)ରେ ରହି ଶରୀରକୁ ଖାପଖୁଆଇ ଥାଆନ୍ତି । ବିଳମ୍ବ ହେତୁ ମୁଁ ଏହି ସୁଯୋଗରୁ ବଞ୍ଚିତ ହୋଇଥିଲି । ମାଉଣ୍ଟ ଏଭରେଷ୍ଟ ଚଢ଼ିବା ପାଇଁ ଚାରୋଟି ପର୍ଯ୍ୟାୟ ଦେଇ ଯିବାକୁ ପଡ଼େ, ଯଥା – କ୍ୟାମ୍ପ ଏକ (୫୯୦୦ ମି.), କ୍ୟାମ୍ପ ଦୁଇ (୬,୪୦୦ ମି.), କ୍ୟାମ୍ପ ତିନି (୭,୨୦୦ ମି.) ଏବଂ ଶେଷ କ୍ୟାମ୍ପ – କ୍ୟାମ୍ପ ଚାରି (୮୦୦୦ ମି.) ଯାହାକୁ ଡେଥିଜୋନ୍ ବୋଲି କହନ୍ତି ।

ଗୋଟାଏ ମାସ ବ୍ୟବଧାନରେ ମୁଁ ଯାଇ ବେସ୍ କ୍ୟାମ୍ପରେ ପହଞ୍ଚିଲି । ପାଗ ସେତେବେଳକୁ ବହୁତ ଖରାପ ଥିଲା ଏବଂ କେତେ ଜଣ ପର୍ବତାରୋହୀ ମଧ୍ୟ ମୃତ୍ୟୁବରଣ କରି ସାରିଥିଲେ । ସେଦିନ ଥିଲା ମେ ୨ ତାରିଖ ୨୦୧୧ ମସିହା । ସମୟ ସନ୍ଧ୍ୟା ୬ଟା । ବେସ୍ କ୍ୟାମ୍ପରେ ପହଞ୍ଚିଯାଇ ଖୁସିରେ ମୁଁ ପାଟିକରି ଉଠିଲି – ''Victory to the Divine Mother'' (ମା'ଙ୍କର ଜୟ ହେଉ) ।'' ଆନନ୍ଦର ଆଗ୍ନେୟଗିରିରୁ ସତେ ଯେମିତି ଲାର୍ଭା ଉଦ୍‌ଗିରଣ ହେଲା । ମୋର ଗାଇଡ୍ ପାସାଙ୍ଗ ସେର୍ପା (Pasang Sherpa) ଥିଲେ ଜଣେ ନେପାଳୀ । ବଳିଷ୍ଠ ଚେହେରା ସହ ଅତ୍ୟନ୍ତ ଦକ୍ଷ ଅଭିଯାତ୍ରୀ । ମୋ ଖୁସିରେ ସେ ମଧ୍ୟ ଖୁସି ହୋଇଗଲେ । ମାତ୍ର ମୋ ସ୍ଲୋଗାନରୁ କ'ଣ ବୁଝିଲେ କେଜାଣି ହଠାତ୍ ପ୍ରଶ୍ନ କଲେ – ''ତୁମେ କାହାର ଜୟଗାନ କରୁଛ ?''

''ମୋ ମାଆର, ଯେ ମୋତେ ଏଠାକୁ ପଠାଇଛି ।''– ମୋ ଉତ୍ତରରେ ସେ ସନ୍ତୁଷ୍ଟ ହୋଇଗଲେ, ''ଖୁବ୍ ଭଲ, ଖୁବ୍ ଭଲ'' କହି ମୋ ପିଠି ଥାପୁଡ଼ାଇଲେ ।

ବେସ୍ କ୍ୟାମ୍ପର ଉଚ୍ଚତା ୫, ୫୬୪ ମି. । ସେଠାରେ ପହଞ୍ଚିବା ବେଳକୁ ଅନେକ ଥକି ଯାଇଥାଆନ୍ତି । ମାତ୍ର ମୋର ହାଇ ଅଲଟିଚ୍ୟୁଡ୍ ସିକ୍‌ନେସ୍ (high altitude sickness) ଟିକିଏ ବି ହୋଇ ନଥିଲା । ମୋର ଦୁର୍ଗାସ୍ତୋତ୍ର ଏବଂ ମା' ବହିର ତୃତୀୟ ଅଧ୍ୟାୟ ମୁଖସ୍ଥ ଥାଏ । ଚାଲିଲା ବେଳେ ଦୁର୍ଗାସ୍ତୋତ୍ର ଏବଂ ମା' ବହିର ତୃତୀୟ ଅଧ୍ୟାୟ ବାରଂବାର ମନେ ମନେ ଆବୃତ୍ତି କରୁଥାଏ ଏବଂ ମାଆଙ୍କୁ ଡାକୁଥାଏ । ପଥ ତିଖ ଯେତିକି, ପିଚ୍ଛିଳ ସେତିକି । ବିପତ୍ତି ଅଜଗର ଭଳି ଆଁ-କରି ରହିଥାଏ । କେତେବେଳେ ଯେ କ'ଣ ଘଟିବ କିଏ କହିବ ? ତଥାପି ନିର୍ଭୀକ ଥାଏ । ମନେ ପଡ଼ି ଯାଉଥାଏ ମାଆ ବହିର ତୃତୀୟ ଅଧ୍ୟାୟର ଧାଡ଼ି କେତୋଟି –''ଏହି (ମାଆଙ୍କ) କରୁଣାର ସ୍ପର୍ଶରେ ସଙ୍କଟ ସୁଯୋଗରେ, ବ୍ୟର୍ଥତା ସାର୍ଥକତାରେ, ଦୁର୍ବଳତା ଅମୋଘ ସାମର୍ଥ୍ୟରେ ପରିଣତ ହୁଏ ।'' ଏମିତି ଚାଲିଲା ମୋ ଅଭିଯାନ ।

ଆମ କ୍ୟାମ୍ପର ନାମ ଥିଲା ''ସ୍ପିରିଚୁଆଲ ମାଉଣ୍ଟ ଏଭରେଷ୍ଟ ଏକ୍ସପେଡ଼ିସନ୍ – ୨୦୧୧'' (Spiritual Mount Everest Expedition-2011) । ଏହି ଅଭିଯାନରେ ଆମେ ୭ ଜଣ ପର୍ବତାରୋହୀ ଥିଲୁ । ଜଣେ ଝିଅ ଏବଂ ୬ ଜଣ ପୁଅ । ସେର୍‌ପାମାନଙ୍କର ସଂସ୍କୃତି ଓ ପରମ୍ପରା ଅନୁସାରେ ବେସ୍ କ୍ୟାମ୍ପରୁ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଭଗବାନ୍ ବୁଦ୍ଧଙ୍କୁ ଗୋଟିଏ ଦିନ ପୂଜାର୍ଚ୍ଚନା କରାଯାଏ । ସେହିଦିନ

ବୌଦ୍ଧଧର୍ମାବଲମ୍ବୀଙ୍କ ପୂଜକ ପୂଜା ଆରମ୍ଭ କଲା ବେଳେ ମୁଁ ମାଆଙ୍କର ପତାକାକୁ ଦେଖାଇ 'ଆଧ୍ୟାତ୍ମିକ ପତାକାକୁ ବି ପୂଜା କରନ୍ତୁ' ବୋଲି କହିଲି । ଏହି ସମୟରେ ପୂଜକ ଜଣକ ପତାକାକୁ କେମିତି କେଉଁ ଜାଗାରେ ରଖିବେ ବୋଲି ତାଙ୍କ ମଧ୍ୟରେ ଆଲୋଚନା କଲେ । ସେତିକିବେଳେ ମୁଁ କହିଲି, ''ଯେଉଁଠି ବି ରଖନ୍ତୁ, ହେଲେ ତଳେ ରଖନ୍ତୁ ନାହିଁ ।'' ମୋତେ ପୂଜକ ଜଣକ ପଚାରିଲେ, ''ଏଇଟା କାହାର ପତାକା ?'' ମୁଁ କହିଲି, ''ମା'ଙ୍କର ପତାକା, ଭାରତବର୍ଷର ଆଧ୍ୟାତ୍ମିକ ପତାକା ।'' କିଛି ସମୟ ନୀରବ ରହିବା ପରେ, ପୂଜକ ଜଣକ କହିଲେ, ''ଯେହେତୁ ମାଆଙ୍କର ପତାକା, ଭଗବାନ୍ ବୁଦ୍ଧଙ୍କର ବି ମାଆ ଥିଲେ ।'' ତେଣୁ ଏହାକୁ ଭଗବାନ୍ ବୁଦ୍ଧଙ୍କର ମୂର୍ତ୍ତି ଉପରେ ରଖିବା ପାଇଁ ନିର୍ଦ୍ଦେଶ ଦେଲେ ଏବଂ ସେହିପରି ରଖାଗଲା । ସେତିକି ବେଳେ ପତାକାନିହିତ ମାତୃଶକ୍ତିକୁ ଅନୁଭବ କରୁଥିଲି ଓ ବାରଂବାର କୃତଜ୍ଞତାରେ ଶ୍ରୀମାଶ୍ରୀଅରବିନ୍ଦଙ୍କର ମହାମହିମମୟ ଶ୍ରୀପଦାରବିନ୍ଦରେ ମୋର ମସ୍ତକ ନଇଁ ଯାଉଥିଲା ।

ଯେତେବେଳେ ଆମେ ବେସ୍ କ୍ୟାମ୍ପରୁ ପ୍ରଥମ କ୍ୟାମ୍ପ (୫,୯୦୦ ମି.) ପାଇଁ ଯାତ୍ରାରମ୍ଭ କଲୁ, ସେହି ସମୟରେ ଭୟଙ୍କର ଝୁମ୍ପୁ ବରଫପାତର ସାମନା କରିବାକୁ ପଡ଼ିଥିଲା । ମୁଁ କ୍ୟାମ୍ପ-୧ରେ ଗୋଟିଏ ରାତି ରହିବା ପରେ ପୁଣି ଶରୀରକୁ ଟିକେ ଖାପ ଖୁଆଇବା ପାଇଁ ବେସ୍ କ୍ୟାମ୍ପକୁ ଫେରିଆସିଲି । କ୍ୟାମ୍ପ-୧ରେ ରହିବା ସମୟରେ ମୋର ମା'ଙ୍କର ଫଟୋଥିବା ଆଶୀର୍ବାଦ-ପୁଷ୍ପ ପ୍ୟାକେଟ୍‌ଟି ହଜିଗଲା । ଯାହା ଫଳରେ ମୋର ବହୁତ ମନ ଦୁଃଖ ହେଲା । ବେସ୍ କ୍ୟାମ୍ପକୁ ଫେରି ମୁଁ ଏହିକଥା ଚିନ୍ତା କରୁଥାଏ । ମନକୁ ମା'ଙ୍କ ଆଡ଼କୁ ଲଗାଇ ଦେଇ ରାତିରେ ତମ୍ବୁ ଭିତରେ ମା' ବହି ବାହାର କରି ପଢୁପଢୁ ଶୋଇପଡ଼ିଲି । ଏହି ସମୟରେ ଦେଖିଲି : ''ମୋ ସାମନାରେ ଗୋଟିଏ ଆଲୋକ ବରଫ ରାସ୍ତାରେ ଯାଉଛି । ସେହି ଆଲୋକକୁ ଅନୁସରଣ କରି କରି ମୁଁ ବି ଯାଉଛି । ସେହି ଆଲୋକ ଯାଇ ମାଉଣ୍ଟ ଏଭରେଷ୍ଟର ଶିଖରରେ ପହଞ୍ଚିଗଲା ଏବଂ ତତ୍‌ସଙ୍ଗେ ସଙ୍ଗେ ମୁଁ ମଧ୍ୟ ଯାଇ ପହଞ୍ଚିଗଲି ।'' ସେତିକିବେଳକୁ ମୁଁ ମୋ ଗାଇଡ୍‌ଙ୍କ କଣ୍ଠସ୍ୱର ଶୁଣିଲି – ''ସାର୍ ! ପ୍ରସ୍ତୁତ ହୋଇ ଯାଆନ୍ତୁ ଯାତ୍ରା ଆରମ୍ଭ କରିବା ।'' ହଠାତ୍ ମୋ ନିଦ ଭାଙ୍ଗିଗଲା । ସେତେବେଳେ ରାତି ଦୁଇଟା । ମୁଁ ଟିକିଏ ଚମକି ପଡ଼ିଲି । ମୋ' ଆଖି ସାମନାରେ ସ୍ୱପ୍ନଟି ନାଚି ଉଠୁଥାଏ ଏବଂ କ୍ୟାମ୍ପର ରାସ୍ତା, ଆମେସବୁ କେଉଁଠି ରହିବୁ, କେମିତି କେଉଁ ବାଟ ଦେଇ ଆଗେଇବୁ... ସେସବୁ ଜଳ ଜଳ ହୋଇ ଦିଶୁଥାଏ – ଯାହାକି ମୁଁ ସ୍ୱପ୍ନରେ ଦେଖିଥିଲି । ମୋର ସ୍ୱପ୍ନର ଅନୁଭୂତି ମୁଁ ସେର୍‌ପା ଓ ଅନ୍ୟାନ୍ୟ ସଦସ୍ୟଙ୍କ ଆଗରେ କହିଲି, କିନ୍ତୁ ସେମାନେ ଟିକିଏ ଆଶ୍ଚର୍ଯ୍ୟ ହେଲେ ଏବଂ ମୋତେ କହିଲେ – ତୁମେ କାହାଠାରୁ ଏସବୁ ଶୁଣିଛ ? ମୋର ପୂର୍ଣ୍ଣ ଭରସା ଏବଂ ବିଶ୍ୱାସ ହେଲା ଯେ, ଏହା ନିଶ୍ଚିତ ଭାବରେ ମୋର ଅନ୍ତରର ଆରାଧ୍ୟ ଯୁଗାବତାର ଶ୍ରୀମାଶ୍ରୀଅରବିନ୍ଦଙ୍କର ଶକ୍ତି ଛଡ଼ା ଅନ୍ୟ କିଛି ନୁହେଁ । ତାଙ୍କର ଶକ୍ତି ଆଗରୁ ପଥ ପ୍ରସ୍ତୁତ କରି ଶିଖରରେ ପହଞ୍ଚି ସାରିଛି, ତେଣୁ ମୁଁ ନିଶ୍ଚୟ ସେଠାରେ ପହଞ୍ଚିବି । କାରଣ ସେହି ଶକ୍ତିହିଁ ମୋ ଭିତରେ କାର୍ଯ୍ୟ କରୁଛି ।

ଯେତେବେଳେ କ୍ୟାମ୍ପ-୩ (୭,୨୦୦ ମି.)ରୁ କ୍ୟାମ୍ପ-୪ (୮୦୦୦ମି.) ଡେଥ୍ ଜୋନ୍ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲୁ, ଏହା ଥିଲା ମେ ୧୮ ତାରିଖ ଭୋର ଚାରିଟା । ଏହି ସମୟର ଯାତ୍ରା ବହୁତ କଷ୍ଟକର । ତା' ସାଙ୍ଗକୁ ଅନେକ ବରଫ ଝଡ଼ର ସାମନା କରିବାକୁ ପଡ଼ିଥିଲା । ମୁଁ ପାଟିରେ କେବଳ ଦୁର୍ଗାସ୍ତୋତ୍ର ଓ ମା' ବହିର ତୃତୀୟ ଅଧ୍ୟାୟ ବାରଂବାର ଆବୃତ୍ତି କରୁଥିଲି ଏବଂ ଆନ୍ତର ଚକ୍ଷୁରେ ମା'ଙ୍କୁ ଦେଖିଦେଖି ବାଟ ଚାଲୁଥିଲି । ଏହି ଯାତ୍ରାର ଅନୁଭୂତି ସବୁଠାରୁ ବେଶୀ ବିପଜ୍ଜନକ । ସବୁ ଯେମିତି ବିଗିଡ଼ି ବିଗିଡ଼ି ଯାଉଥାଏ ଏବଂ ମା' ତାକୁ ଆଶ୍ଚର୍ଯ୍ୟଜନକ ଭାବରେ ସଜାଡ଼ି ଦେଉଥାଆନ୍ତି । ସେଦିନ ପାଗ ବି ବହୁତ ଖରାପ ଥିଲା । ମୁଁ ମୋର ଦଳର ସଦସ୍ୟମାନଙ୍କୁ କହିଥିଲି : ''ମାଆ ଆମ ପାଖରେ ଅଛନ୍ତି । ସବୁକିଛି ଠିକ୍ ହୋଇଯିବ''... । ସେତିକିବେଳେ ପାସଙ୍ଗ ହସି ହସି କହିଥିଲେ, ''ଯୋଗାବ୍ୟାସର ମାଆଙ୍କର ଜୟ ହେଉ ।'' ପ୍ରକୃତରେ ଏହା ଯେ ମା'ଙ୍କର ଶକ୍ତି ସିଧାସଳଖ କାର୍ଯ୍ୟ କରୁଛି, ଏକଥା ହୃଦୟରେ ଅନୁଭବ କରୁଥିଲି । ମୋତେ ଲାଗୁଥାଏ : ''ଯେପରି ମୁଁ ନୁହେଁ, ମୋ ଭିତରେ ରହି ମା'ହିଁ ବାଟ କଢ଼ାଇ ନେଉଛନ୍ତି ।''

ସେଦିନ ସନ୍ଧ୍ୟା ୫ଟାରେ ଆମେ କ୍ୟାମ୍ପ-୪ ଡେଥ୍-ଜୋନ୍‌ରେ ପହଞ୍ଚିଲୁ । ଡେଥ୍‌ଜୋନ୍‌ର ଅର୍ଥ ସୁନିଶ୍ଚିତ ମୃତ୍ୟୁ । ସମୁଦ୍ରପତନଠାରୁ ଏହାର ଉଚ୍ଚତା ୮୦୦୦ ମି. । ସେଠାର ତାପମାତ୍ରା ବହୁତ କମ୍ । ଦେହର କମ୍ପନ ରୋକିବା କଷ୍ଟକର । ସର୍ବାଙ୍ଗ ହେମାଳ । ଥଣ୍ଡାରେ ହାଡ଼ ଭିତର କୋଲମାରି ଯାଉଥାଏ । ସେଠାରେ ପହଞ୍ଚି କରି ଆମ ତମ୍ବୁ ଭିତରେ ସମସ୍ତ ସଦସ୍ୟ ଠେଲାପେଲା ହୋଇ ବସିଲୁ । କିଛି ଗରମ ସୁପ୍ ଏବଂ ଜୁସ୍ ପାନକଲୁ ।

ତମ୍ବୁ ଭିତରେ ଥିବା ସମୟରେ କ୍ଲିନିଙ୍ଗ୍ ଟିମ୍ (cleaning team)ର ଜଣେ ସେର୍‌ପା ଆସି ଆମ ସହ ଯୋଗଦେଲେ । ଏକ ଅହେତୁକୀ ଘଟଣା ଘଟିଲା । ସେ ମୋ ସହିତ ଖୁବ୍ ମିଶିଗଲେ ଏବଂ ଯେତେବେଳେ ଜାଣିଲେ ଯେ ମୁଁ ଭାରତୀୟ ଏବଂ ମୋର ମାଉଣ୍ଟ ଏଭରେଷ୍ଟ ଚଢ଼ିବା ହେଉଛି ଏକ ଆଧ୍ୟାତ୍ମିକ ଅଭିଯାନ, ସେତେବେଳେ ତାଙ୍କ ମନରେ ପ୍ରଶ୍ନ ଆସିଲା – ଏହି ଆଧ୍ୟାତ୍ମିକ ଅଭିଯାନର ଅର୍ଥ କ'ଣ ଏବଂ କାହା ଉଦ୍ଦେଶ୍ୟରେ ? ମୁଁ ସୁଯୋଗ ପାଇଲି । ପକେଟରୁ ମା'ଙ୍କ ଫଟୋ ଥିବା ଆଶୀର୍ବାଦ ପୁଷ୍ପ ପ୍ୟାକେଟ୍‌ଟି ବାହାର କରି ଦେଖାଇଲି ଏବଂ କହିଲି – ''ମା ଓ ଶ୍ରୀଅରବିନ୍ଦ ହେଉଛନ୍ତି ମୋର ଗୁରୁ, ମୋ ଭାଗ୍ୟର ନିୟନ୍ତା । ଦିନ ଆସିବ ସମଗ୍ର ମାନବଜାତି ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହେବେ ଏବଂ ଭାରତହିଁ ହେବ ଆଧ୍ୟାତ୍ମିକ ପ୍ଳାବନର କେନ୍ଦ୍ରବିନ୍ଦୁ ।''

ସେ ସଙ୍ଗେସଙ୍ଗେ ନିଜ ପକେଟରୁ ଆଶୀର୍ବାଦ ପୁଷ୍ପଟିଏ ବାହାର କରି କହିଲେ –''ମୋ ପାଖରେ ମଧ୍ୟ ଅଛି । ମୁଁ ଏହାକୁ କ୍ୟାମ୍ପ ସଫା କରିବା ସମୟରେ ବରଫରେ ପୋତି ହୋଇ ରହିଥିବାର ଦେଖିଲି । ଭାବିଲି କେହି ଜଣେ ପର୍ବତ ଚଢ଼ାଳି ତା' ମାଆକୁ ଖୁବ୍ ଭଲପାଏ । ତେଣୁ ତାହାର ଫଟୋ ନେଇ ଚଢ଼ିବା ପାଇଁ ଆସିଛି । ଯାହାର ମାଆ ହେଲେ ବି ମାଆ ତ ମାଆ – ତା' ହୃଦୟର ସ୍ନେହ ଅମାପ ଆଉ ଅଭଙ୍ଗା । ସଭିଏଁ ତା'ର ସନ୍ତାନ ।''

''ସେର୍ପାଜି ! ଏ ଆଶୀର୍ବାଦ ପୁଷ୍ପଟି ମୋର । ମୁହିଁ କ୍ୟାମ୍ପରେ ହଜାଇ ବସିଥିଲି'' – କହିବା ସଙ୍ଗେ ସଙ୍ଗେ ସେ ମୋ ହାତକୁ ଆଶୀର୍ବାଦ ପୁଷ୍ପଟି ବଢ଼ାଇ ଦେଇ କହିଲେ – ଦେଖ, ତୁମର ମାଆ କେମିତି ତୁମ ପାଖକୁ ଫେରି ଆସିଛନ୍ତି; ଯଥାର୍ଥ ମାଆର ଯଥାର୍ଥ ସନ୍ତାନ । ତୁମର ଅଭିଯାନ ସଫଳ ହେଉ ।

ମୁଁ ମାଆଙ୍କର ଆଶୀର୍ବାଦ ପୁଷ୍ପକୁ ମୁଣ୍ଡରେ ମାରି ଚୁମ୍ବନ ଦେଇ ଛାତିରେ ଆନନ୍ଦରେ ଚାପି ଧରିଲି, ମନେ ପଡ଼ିଗଲା ସେଇ ଧାଡ଼ିସବୁ – ''ଯଦି ମାଆ ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି, ତେବେ ଆଉ ଏପରି କ'ଣ ଅଛି ଯାହା ତୁମକୁ ସ୍ପର୍ଶ କରିବ ବା ଆଉ କାହାକୁ ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ବି ତୁମକୁ ସକଳ ବାଧା-ବିପତ୍ତି ଓ ସଙ୍କଟରୁ ପାର କରିଦେବ ... ... । '' ମୁଁ ସେତେବେଳକୁ ସମ୍ପୂର୍ଣ୍ଣ ନିର୍ଭୀକ । ଆଖିରେ କୃତଜ୍ଞତାର ଅଶ୍ରୁ, ଦେହରେ ମାତୃଶକ୍ତିର ଅମିତ ପରାକ୍ରମ । ମୁଁ ମୋ ସାଥୀମାନଙ୍କୁ ଦୃଢ଼କଣ୍ଠରେ କହିଲି – ''ଏଭରେଷ୍ଟ ଶିଖରରେ ପହଞ୍ଚିବାକୁ ଆମମାନଙ୍କୁ ଆଉ କେହି ବି ରୋକି ପାରିବେ ନାହିଁ । ବିଜୟ ସୁନିଶ୍ଚିତ । ଚାଲ ଆଗେଇ ଯିବା । ଜୟ ମାତାଜୀ, ଜୟ ମାତାଜୀ ।'' ସତକୁ ସତ ମୋ ନିର୍ଭୀକତାର ସାଞ୍ଜୁ ସମସ୍ତେ ପିନ୍ଧି ନେଲେ । ଆରମ୍ଭ ହେଲା ଶେଷ ଅଭିଯାନ ।

ସେହି ମେ ୧୮ ତାରିଖ ରାତି ଘ ୯.୩୦ ମିନିଟରୁ ଡେଥ୍ ଜୋନରୁ ଶିଖର ଅଭିମୁଖେ ରାତିସାରା ଚାଲିଲୁ । ଗଲା ବେଳେ ଅନେକ ଶବ ଦେଖୁଥାଉ । ସେସବୁ ମାଛ ବରଫରେ ପଡ଼ିଲା ପରି କଠିନ ହୋଇ ଯାଇଥା'ନ୍ତି । ଏହି ଦୁଃସାହସିକ, ବିପତ୍‌ସଂକୁଳ, ରୋମାଞ୍ଚକର ଯାତ୍ରା ସମୟରେ ବାଲ୍‌କୋନି, ରକ୍ ଏଲଭେନ୍, ଆଉ ଶେଷ ହେଲାରୀ ଷ୍ଟେପ୍ ଦେଇ ୧୯ ତାରିଖ ମେ ମାସ ୨୦୧୧ ମସିହା ସକାଳ ଘ.୯-୨୫ ମିନିଟରେ ଶିଖରରେ ପାଦଦେଲୁ । ପ୍ରଥମେ ମାଆଙ୍କର ଆଧ୍ୟାତ୍ମିକ-ପତାକା ଏଭରେଷ୍ଟରେ ଉଡ଼ାଇ, ପ୍ରଣାମ କରି ''Victory to the Divine Mother'' ସ୍ଲୋଗାନ୍ ଦେଇଥିଲୁ । ଭୌତିକ ଜଗତ୍ ଉପରେ ଏହା ଏକ ଆଧ୍ୟାତ୍ମିକ ବିଜୟ ଯେଉଁଥିପାଇଁ ଶିଖର ଶ୍ରେଣୀ ତୃଷିତ ହୋଇ ରହିଥିଲେ । ସମଗ୍ର ଜଗତ୍ ସେଦିନ ଦେଖିଲା ମା'ଙ୍କ ପତାକାର ବିଜୟ ବୈଜୟନ୍ତୀ ।

ଆମେମାନେ ଖୁସିରେ କାନ୍ଦୁଥିଲୁ କିନ୍ତୁ ଲୁହ ସଙ୍ଗେ ସଙ୍ଗେ ବରଫ ହୋଇ ଯାଉଥିଲା । ଭାରତର ତ୍ରିରଙ୍ଗା ପତାକା ଉଡ଼ାଇଲୁ । ମାଉଣ୍ଟ ଏଭରେଷ୍ଟରେ ସେଦିନ ତାପମାତ୍ରା ଥିଲା -(ମାଇନସ୍)୪୨° ସେଣ୍ଟିଗ୍ରେଡ୍ । ଆମେମାନେ ଶିଖରରେ ପ୍ରାୟ ୪୫ ମିନିଟ ସମୟ ବିତାଇଲୁ । ମୁଁ ସତେ ଯେମିତି ମା'ଙ୍କୁ ଭୂସ୍ୱର୍ଗରେ ଦେଖୁଥିଲି, ଦେଖୁଥିଲି ପୂର୍ଣ୍ଣ-ସ୍ୱରୂପା ଭାରତ ଜନନୀଙ୍କୁ, ଯିଏ ସାରା ଜଗତରେ ଅନନ୍ୟା । ଧନ୍ୟ ହୋଇଥିଲା ସେଦିନ ଏଭରେଷ୍ଟର ଶିଖରଦେଶ । ଧନ୍ୟ ହୋଇଥିଲା, ହିମାଳୟର ଦିଗନ୍ତ କଳେବର । ବନ୍ଦନା ଜଣାଇଲି : ଏ ଯାତ୍ରା ହେଉଛି ଶ୍ରୀମାଶ୍ରୀଅରବିନ୍ଦଙ୍କର ଜୟଯାତ୍ରା; ଆଧ୍ୟାତ୍ମିକ ଶକ୍ତି ଓ ପ୍ରକୃତିର ମହାମିଳନ ।

ସଂଯୋଜନା ଓ ଉପସ୍ଥାପନା : ସନ୍ତୋଷ ରଥ

❑❑❑

# ଟିଟ୍ଟିଭ ଦମ୍ପତିଙ୍କର ସଂକଳ୍ପ ଓ ସାହସ

ସମୁଦ୍ରର ସୁଖଦ ବେଳାଭୂମିରେ ବାସ କରୁଥିଲେ ନୂତନ କରି ଦାମ୍ପତ୍ୟ-ଜୀବନ ଆରମ୍ଭ କରିଥିବା ଟିଟ୍ଟିଭ ଦମ୍ପତି । ଉପଯୁକ୍ତ ସମୟରେ ଟିଟ୍ଟିଭୀ ଅନ୍ତଃସତ୍ତ୍ୱା ହେଲା । ପ୍ରସବ ସମୟ ସମାଗତ ହେବାରୁ ସେ ତା'ର ସ୍ୱାମୀକୁ ଅନୁରୋଧ କଲା ଏକ ନିରାପଦ ସ୍ଥାନର ସଂଧାନ କରିବାକୁ, ଯେଉଁଠି ତା'ର ଅଣ୍ଡାଗୁଡ଼ିକ ଶାବକ ହେବା ପର୍ଯ୍ୟନ୍ତ ସୁରକ୍ଷିତ ରହିପାରିବେ । ଟିଟ୍ଟିଭ ଖୁବ୍ ଆତ୍ମ-ବିଶ୍ୱାସର ସହ କହିଲା ସମୁଦ୍ରର ବେଳାଭୂମିହିଁ ଖୁବ୍ ନିରାପଦ ତଥା ରମଣୀୟ ସ୍ଥାନ । ଏହିଠାରେ ଅଣ୍ଡା ଦେବା ଅଧିକ ଯୁକ୍ତିଯୁକ୍ତ ବୋଧ ହେଉଛି । ଆପଣାର ବାସସ୍ଥାନ ପରିତ୍ୟାଗ କରି ଅନ୍ୟତ୍ର ଯିବା ଭୀରୁତାର ଲକ୍ଷଣ ।

ପୂର୍ଣ୍ଣିମା ତିଥି ଭଳି ରାତ୍ରିମାନଙ୍କରେ ସମୁଦ୍ର କୂଳ ଲଂଘନ କରିପାରେ – ଏହିସବୁ ଭୟ ଟିଟ୍ଟିଭୀର ଚିନ୍ତାକୁ ଆନ୍ଦୋଳିତ କରୁଥିଲେ ବି ଟିଟ୍ଟିଭର ନିର୍ଭୀକ ଉକ୍ତି ଓ ନିଜର ସାମର୍ଥ୍ୟ ପ୍ରତି ଗଭୀର ଆସ୍ଥା ଟିଟ୍ଟିଭୀକୁ ଭୟମୁକ୍ତ କଲା । ସମୁଦ୍ର ବେଳାଭୂମିର ନିରାପଦ ସ୍ଥାନରେ ଟିଟ୍ଟିଭୀ ନିଜର ଅଣ୍ଡାଗୁଡ଼ିକ ରଖି ଶାବକମାନଙ୍କ ଆଗମନକୁ ଅପେକ୍ଷା କରି ରହିଥାଏ ।

ସମୁଦ୍ରର ରାଜା କିନ୍ତୁ ଟିଟ୍ଟିଭ ଦମ୍ପତିଙ୍କ ଔଦ୍ଧତ୍ୟ ପ୍ରତି ଅନୁଦାର ଥିଲେ । ସୁଯୋଗ ପାଇଲେ ସେମାନଙ୍କୁ କିଛି ଶିକ୍ଷା ଦେବା ପାଇଁ ଅପେକ୍ଷାରେ ଥିଲେ ସେ । ଦିନେ ଟିଟ୍ଟିଭୀ ତା'ର ସ୍ୱାମୀ ସହ ଖାଦ୍ୟ ଅନ୍ୱେଷଣରେ ଯିବା ସମୟରେ ସମୁଦ୍ର-ରାଜାଙ୍କ ନିର୍ଦ୍ଦେଶରେ ଲହରିମାନେ ବେଳାଭୂମିରୁ ସେମାନଙ୍କର ଅଣ୍ଡା ଚୋରାଇ ନେଇଗଲେ ସମୁଦ୍ରର ଗଭୀର ଅତଳକୁ ।

ଟିଟ୍ଟିଭୀ ଫେରିଆସି ନିଜର ଅଣ୍ଡାମାନଙ୍କୁ ନଦେଖି ବିଳାପ କରିବାକୁ ଲାଗିଲା । ସ୍ୱାମୀଙ୍କୁ ଧିକ୍କାର କରି କେତେ କ'ଣ କହିଲା । କ୍ରୋଧାନ୍ୱିତ ଟିଟ୍ଟିଭ କିନ୍ତୁ ପଛଘୁଞ୍ଚା ଦେବାକୁ ଚାହୁଁ ନଥିଲା । ନିଜର ଉତ୍ସାହ ଓ ଶକ୍ତି ବଳରେ ସମଗ୍ର ସମୁଦ୍ରକୁ ଜଳଶୂନ୍ୟ କରିବାର ଆକାଂକ୍ଷା ପୋଷଣ କରୁଥିଲା ।

ଟିଟ୍ଟିଭୀ ସ୍ଥିର ଚିତ୍ତରେ ତାଙ୍କୁ ପରାମର୍ଶ ଦେଲା ଗଙ୍ଗା ଓ ସିନ୍ଧୁ ନଦୀ ଭଳି ବିରାଟ ବିରାଟ ନଦୀସବୁ ଶହ ଶହ ଉପନଦୀଙ୍କ ସହ ସମୁଦ୍ରରେ ମିଶିଛନ୍ତି । ଏ ବିଶାଳ ସମୁଦ୍ରକୁ ତୁମେ କିପରି ଜଳଶୂନ୍ୟ କରିପାରିବ ! ତୁମ ଥଣ୍ଟରେ ତ ମାତ୍ର ବୁନ୍ଦାଏ ପାଣି ଧରିବ । ଯଦି ତୁମେ ସମୁଦ୍ର ସହ ଯୁଦ୍ଧ କରିବା ପାଇଁ ଦୃଢ଼ ନିଶ୍ଚିତ ତେବେ ଅନ୍ୟ ପକ୍ଷୀମାନଙ୍କ ସାହାଯ୍ୟ ନେବା ଅଧିକ ଯୁକ୍ତିଯୁକ୍ତ । କୁହାଯାଇଛି ଦୁର୍ବଳ ବସ୍ତୁସବୁ ଏକାଠି ମିଶିଗଲେ ତାହା ଦୁର୍ଜୟ ହୋଇଯାଏ । ଅନେକ ଘାସ ମିଶି ଦଉଡ଼ି ତିଆରି ହୁଏ ଏବଂ ସେହି ଦଉଡ଼ିରେ ହାତୀକୁ ମଧ୍ୟ ବନ୍ଧା ଯାଇପାରେ ।

ଅନେକ ବିଚାର ବିମର୍ଶ ପରେ ଟିଟ୍ଟିଭ ନିଜର ବନ୍ଧୁମାନଙ୍କ ଦ୍ୱାରସ୍ଥ ହୋଇ ଗୁହାରି ଜଣାଇଲା । ବଗ, ସାରସ, ମୟୂର, ଶୁକପକ୍ଷୀ ଆଦି ନାନା ଜାତିର ପକ୍ଷୀ ସମୁଦ୍ରର ବେଳାଭୂମିରେ ଏକତ୍ରିତ ହେଲେ । ଶହ ଶହ ପକ୍ଷୀଙ୍କର କଳରବରେ ମୁଖରିତ ହୋଇଉଠିଲା ବେଳାଭୂମି । କିଛି ଚିନ୍ତା କରିବା ପୂର୍ବରୁ ସେମାନେ କାମରେ ଲାଗି ପଡ଼ିଲେ । ସମୁଦ୍ର ରାଜାଙ୍କ ଅନ୍ୟାୟ ବିରୋଧରେ ଏହା ଏକ ଅଭିଯାନ । ସେମାନେ ଉତ୍ସାହୀ ଥିଲେ, ବିଶ୍ୱାସ କରୁଥିଲେ ମିଳିତ ଭାବରେ ସେମାନେ ସମୁଦ୍ରକୁ ସମ୍ପୂର୍ଣ୍ଣ ଶୁଖାଇ ଦେବେ । ସେମାନଙ୍କର ନିରଳସ, ଅବିରତ ପ୍ରୟାସ ପରିବେଶରେ ଅପୂର୍ବ ଶିହରଣ ସୃଷ୍ଟି କରୁଥିଲା । ସମୁଦ୍ର ଦେବତାଙ୍କର ଏପରି ଲଜ୍ଜାଜନକ କାର୍ଯ୍ୟ ଦେଖି ସୂର୍ଯ୍ୟଦେବ ବାଦଲ ଆଢୁଆଳରେ ନିଜର ମୁଖ ଢାଙ୍କି ଦେଲେ । ସମବେଦନାରେ ଦ୍ରବିତ ବାୟୁ ଦେବତା ଶୀତଳ ସମୀରଣ ଦ୍ୱାରା ପକ୍ଷୀମାନଙ୍କର କ୍ଳାନ୍ତି ଅପନୋଦନ ପାଇଁ ପ୍ରଯତ୍ନ କରୁଥିଲେ ।

ସୂର୍ଯ୍ୟଅସ୍ତ ଗଲେ । ଅବାକ୍-ବିସ୍ମିତ ତାରାଗଣ ପକ୍ଷିକୁଳର ଅପୂର୍ବ ପ୍ରୟାସ ଦେଖି ସାଧ୍ୟମତେ ଆଲୋକ ଢାଳି ଦେଲେ, ଚନ୍ଦ୍ରମା କଲେ ଶୀତଳତା ବିତରଣ । ମାତ୍ର ପକ୍ଷୀମାନଙ୍କର ଦିବାରାତ୍ର ଅତନ୍ଦ୍ର ପରିଶ୍ରମ ସତ୍ତ୍ୱେ ସମୁଦ୍ର ସେମିତି ସମଭାବରେ ପରିପୂର୍ଣ୍ଣ । ପକ୍ଷୀମାନଙ୍କ ପାଇଁ ଏହା ଥିଲା ବେଶ୍ ଦୁଃଖଦ ଦୃଶ୍ୟ । କିନ୍ତୁ ସେମାନଙ୍କର ଉତ୍ସାହ ପୂର୍ବଭଳି ଥିଲା ଅତୁଟ ।

ପରିଶେଷରେ ସେମାନେ ପରସ୍ପର ସହ ଆଲୋଚନା କରି ସ୍ଥିର କଲେ ପକ୍ଷିରାଜ ଗରୁଡ଼ଙ୍କ ନିକଟରେ ସେମାନଙ୍କର ଗୁହାରି ଜଣାଇବେ । ହୋଇପାରେ ତାଙ୍କର ଶତ୍ରୁ ଖୁବ୍ ବଳଶାଳୀ କିନ୍ତୁ ତାଙ୍କର ପ୍ରଭୁ କିଛି କମ୍ ଶକ୍ତିଶାଳୀ ନୁହନ୍ତି ।

ସମସ୍ତେ ଦଳବଦ୍ଧ ହୋଇ ପକ୍ଷିରାଜ ଗରୁଡ଼ଙ୍କ ନିକଟରେ ଉପନୀତ ହେଲେ । ସମୁଦ୍ର ରାଜାଙ୍କର ଅନ୍ୟାୟ ଆଚରଣ କଥା ବର୍ଣ୍ଣନା କରି ତାହାର ନିରାକରଣ ପାଇଁ ସବିନୟ ପ୍ରାର୍ଥନା

*(ଅବଶିଷ୍ଟାଂଶ ପୃଷ୍ଠା ୫୪ରେ ଦେଖନ୍ତୁ)*

# ଅଭୁଲା କାହାଣୀ

## ରମାକାନ୍ତ ସାହୁ

ପ୍ରାକ୍-ପ୍ରାଥମିକ ଶ୍ରେଣୀର ଯେଉଁ କାହାଣୀଟି ଏବେ ବି ମନରେ ସାଇତା ହୋଇ ରହିଛି :

### ସିଂହ ଓ ମୂଷିକ କଥା

ଖାଦ୍ୟ ଅନ୍ୱେଷଣରେ ଏଣେତେଣେ ବୁଲୁବୁଲୁ ଅନ୍ୟମନସ୍କ ଭାବେ ମୂଷିକଟି ଚଢ଼ିଯାଇଛି ବିଶ୍ରାମ ନେଉଥିବା ସିଂହ ଉପରେ ଓ ଧରାପଡ଼ି ଯାଇଛି ସିଂହ ହାତରେ । ବିଶ୍ରାମରେ ବିଘ୍ନ ଘଟାଇଥିବା ମୂଷିକଟିକୁ ଚକୋଲେଟ୍‌ଟିଏ ପରି ପାଟିରେ ପକାଇ ଗର୍ଭସ୍ଥ କରିବାକୁ ବେଶୀ ସମୟ ଲାଗି ନଥା'ନ୍ତା କିନ୍ତୁ ପେଟପୂରା ଖାଦ୍ୟଗ୍ରହଣ ଉପରାନ୍ତେ ବିଶ୍ରାମ ପ୍ରବଣ ସିଂହଟି ମୂଷାଟିକୁ କେବଳ ଧମକ ଚମକ ଦେଇ ଛାଡ଼ିଦେବାକୁ ମନସ୍ଥ କରିଥିଲା । ସାକ୍ଷାତ୍ ଯମ ହାତରେ ପଡ଼ି ମୃତ୍ୟୁକୁ ଜଳଜଳ ଚାହିଁ ଥରି ଥରି ମୂଷିକଟି ତା'ର ଅଜସ୍ର ଚୂନା ଚୂନା ସାହସକୁ ଠୁଳ କରି ପ୍ରସ୍ତାବଟିଏ ବାଢ଼ିଥିଲା – ତାକୁ ଛାଡ଼ିଦେବାକୁ ଓ ପ୍ରାଣଘାତୀ ବିପଦବେଳେ ସେ ଟିକି ଜୀବଟିକୁ ସାହାଯ୍ୟାର୍ଥେ ମନେ ପକାଇବାକୁ । ସେ ପ୍ରକାର ଦରକାରୀ ବେଳର ସାହାଯ୍ୟହିଁ ହେବ ତା'ର ସ୍ୱ-ଅର୍ଜିତ ଭୁଲ୍‌ର ପ୍ରାୟଶ୍ଚିତ୍ତ ।

ତା' ପରେ ପରେ ହଠାତ୍ ଜଙ୍ଗଲଟି ଥରି ଉଠିଲା ସିଂହ ବାପୁଡ଼ାର ବିକଟ ଅଟ୍ଟହାସ୍ୟରେ । କିନ୍ତୁ ମୂଷିକଟି ଥିଲା ତଥାପି ଆଶାବାଦୀ । ଖାଦ୍ୟର ଅନାବଶ୍ୟକତା ହେଉ ବା ସାମୟିକ ଦୟା କିଂବା ଏଡ଼େ ବକଟେ ଜୀବଟିକୁ ଖାଇବାର ନିର୍ଲୋଭତା ହେଉ – ସିଂହଟି ତାକୁ ଛାଡ଼ିଦେଲା । ଆଖି ପିଛୁଳାକେ କେଉଁଠାରେ ଲୁଚିଗଲା ମୂଷିକଟି ଜଙ୍ଗଲ ଭିତରେ ।

ବିଧିର ବିଧାନ ବିଚିତ୍ର । କିଛିଦିନ ପରେ ଶିକାରୀର ଫାଶରେ ଫସିଗଲା ସେହି ସିଂହଟି । ତା'ର ସମସ୍ତ ଉଦ୍ୟମ କେବଳ ଫାଶର ଗଣ୍ଠିଗୁଡ଼ିକୁ ଶକ୍ତ କଲା ସିନା ମୁକ୍ତି ଦେଲା ନାହିଁ । ଶେଷରେ ବିକଟ ଆର୍ତ୍ତନାଦରେ ଆଖ ପାଖ ଜଙ୍ଗଲ କମ୍ପି ଉଠିଲା ।

ଗର୍ଜନ ଶୁଣି ମୂଷିକଟି ଆସି ପହଞ୍ଚିଗଲା ଓ ତା'ର ତୀକ୍ଷ୍ଣ ଦନ୍ତ ପଂକ୍ତିରେ କିଛି କ୍ଷଣ ମଧ୍ୟରେ ସିଂହକୁ କଲା ଫାଶ ମୁକ୍ତ ।

ସାହସ ଓ ସତ୍ୟ ରକ୍ଷାର ସୁନ୍ଦର କାହାଣୀଟିଏ ।

*

ପ୍ରାଥମିକ ଶ୍ରେଣୀରେ ଶୁଣିଥିଲି ନିମ୍ନୋକ୍ତ କାହାଣୀଟି –

### ଠେକୁଆ ଓ ସିଂହ କଥା

କୌଣସି ଏକ ବନଖଣ୍ଡଟି ଅହଂକାରୀ ସିଂହର ଉତ୍ପୀଡ଼ନ ଯୋଗୁଁ ହାହାକାର କରୁଥାଏ । ଦୁଷ୍ଟଟି ଖାଦ୍ୟ ପାଇଁ ଯେତିକି ଶିକାର କରୁଥାଏ ତତୋଽଧିକ ଶିକାର କରୁଥାଏ ନିଜର ବୀରତ୍ୱ ଦେଖାଇବାକୁ, ଜୀବହତ୍ୟା ପ୍ରତିଯୋଗିତାରେ ପ୍ରଥମ ହେବାକୁ ବା ଜଙ୍ଗଲର ଜୀବଜନ୍ତୁଙ୍କୁ ଡରେଇ ମରେଇ ରାଜୁତି କରିବାକୁ । ଫଳରେ ଅନେକ ନିରୀହ ଜୀବଜନ୍ତୁ ମରିଯାଉଥା'ନ୍ତି । ଶେଷକୁ ସବୁ ପଶୁପକ୍ଷୀ ସଭା ଡାକି ନିଷ୍ପତ୍ତି ନେଲେ ଯେ – ସିଂହଟିର ଗୁମ୍ଫାକୁ ନିର୍ଦ୍ଦିଷ୍ଟ ସଂଖ୍ୟକ ପଶୁପକ୍ଷୀ ପେଟପୂରା ଖାଦ୍ୟ ହେବା ପାଇଁ ସ୍ୱୟଂ ପହଞ୍ଚିଯିବେ । ସେ ଆଉ ବୁଲିବୁଲି ଅଯଥା ଶିକାର କରିବ ନାହିଁ । ଏ କଥାରେ ଦୁର୍ଦ୍ଦାନ୍ତ ସିଂହ ସମେତ ସମସ୍ତ ଜୀବଜନ୍ତୁ ରାଜି ହେଲେ । ତଦନୁସାରେ କିଛି ଦିନ ଏହା ଠିକ୍ ରୂପେ କାର୍ଯ୍ୟ କରି ଚାଲିଲା ।

କିନ୍ତୁ କାହାର ଆକ୍ରମଣରେ ହଠାତ୍ ମୃତ୍ୟୁବରଣ କରିବା ଅପେକ୍ଷା ସ୍ୱ-ଇଚ୍ଛାରେ ମୃତ୍ୟୁ ମୁଖକୁ ଟାଣିହୋଇ ଯିବାର କଷ୍ଟଟା ଢେର ଅଧିକ ପୀଡ଼ାଦାୟକ ହେଉଥାଏ । ସେଦିନ ପାଳି ପଡ଼ିଥାଏ ଏକ ଯୁବ ହରିଣ ସହ ସୁନ୍ଦର ଧଳା ଠେକୁଆଟିର । ବୁଦ୍ଧିମାନ୍ ଠେକୁଆଟି ହରିଣକୁ ତା' ପରିବାର ପାଖକୁ ସହି-ସଲାମତ ପଠାଇ ଦେଇ ଏକଲା ସିଂହ ପାଖକୁ ଯିବାକୁ ନିଷ୍ପତ୍ତି ନେଲା । ଅବଶ୍ୟ ଅନ୍ୟସବୁ ଜୀବଜନ୍ତୁ ଯୋଜନାର ବିଫଳତାକୁ ନେଇ ଆସନ୍ନ ବିପତ୍ତିରେ ଆତଙ୍କିତ ଥିଲେ । କିନ୍ତୁ ସମସ୍ୟା ସମାଧାନର କ୍ଷୀଣ ସମ୍ଭାବନା ଆଶାରେ ସମସ୍ତେ ଚୁପ୍ ରହିଥିଲେ ।

ନିର୍ଦ୍ଦିଷ୍ଟ ସମୟଠୁଁ କିଛିଟା ବିଳମ୍ବରେ ଗୁମ୍ଫା ପାଖରେ ପହଞ୍ଚିଲା ଠେକୁଆଟି । ସେତେବେଳକୁ ଭୋକରେ ଆଉଟୁ ପାଉଟୁ ହୋଇ ସିଂହଟି ଗୁମ୍ଫା ଦ୍ୱାରରେ ପଦଚାରଣ କରୁଥାଏ ଓ ମଝିରେ ମଝିରେ ଗର୍ଜନ ଛାଡୁଥାଏ । ଆଗରେ କେବଳ ଠେକୁଆଟିକୁ ଦେଖି ଦାନ୍ତ କଡ଼ ମଡ଼ କରି ବିଳମ୍ବ ଓ ଏକଲା ଆସିବାର କାରଣ ପଚାରିଲା ।

ଆମ କାହାଣୀର ନାୟକ ଠେକୁଆଟି ସିଂହକୁ ଶୁଣାଇଲା ଏକ ସରସ ସୁନ୍ଦର ମନଗଢ଼ା କାହାଣୀଟିଏ : ''ଜଙ୍ଗଲରେ ଦେଖା ଦେଇଛି ଆଉ ଏକ ମାରାତ୍ମକ ସିଂହ । ଖାଦ୍ୟ ପାଇଁ ଆସୁଥିବା ହରିଣଟିକୁ ସେହିଁ ମାରି ଖାଇ ଦେଇଛି । କୌଣସି ପ୍ରକାରେ ଲୁଚି ଖସିଆସିଛି ମୁଁ ରାଜାଙ୍କୁ ଖବର ଦେବା ପାଇଁ ।''

ଅହଂକାରୀ ପାଇଁ ପ୍ରତିଦ୍ୱନ୍ଦ୍ୱୀହିଁ ସବୁଠୁ ବଡ଼ ଆକର୍ଷଣ । କ୍ଷୁଧା, କ୍ରୋଧ ଓ ଅହଂକାରରେ ଜର୍ଜରିତ ସିଂହଟି ଠେକୁଆଟିକୁ ଅନୁସରଣ କରି ନିମିଷକରେ ପହଞ୍ଚିଗଲା ଜଙ୍ଗଲର କୋଣରେ ଥିବା ଏକ ପୁରୁଣା ବାଙ୍ଗୀ ପାଖରେ । ଠେକୁଆ କଥାରେ ତା' ମଧକୁ ଝାଙ୍କ ମାରି ଦେଖିଲା ସ୍ଥିର ଜଳରେ ପ୍ରତିବିମ୍ବିତ ଅନ୍ୟ ଏକ ସିଂହ ତା'ରି ଆଡ଼କୁହିଁ ଚାହିଁ ରହିଛି । ସେ କାଳ ବିଳମ୍ବ ନକରି ଭୟଙ୍କର ଗର୍ଜନ ସହ ଲମ୍ଫ ପ୍ରଦାନ କଲା ବାଙ୍ଗୀ ଭିତରକୁ ।

ତା'ପରେ ସମଗ୍ର ଜଙ୍ଗଲରେ ଶାନ୍ତି ବିରାଜମାନ କଲା ।

*

କୈଶୋରରେ ପଢ଼ିଥିବା ଯେଉଁ କାହାଣୀଟିକୁ ଭୁଲି ହୁଏ ନାହିଁ :

## ଭୟଙ୍କର ବେତାଳ କଥାର ପଟ୍ଟଭୂମି

ଗୋଦାବରୀ ତଟରେ ପ୍ରତିଷ୍ଠାନ ବୋଲି ଏକ ନଗର ଥିଲା । ଏହାର ରାଜା ତ୍ରିବିକ୍ରମ ସେନ (ଯାହାଙ୍କୁ ସମସ୍ତେ ବିକ୍ରମାଦିତ୍ୟ ବୋଲି ଜାଣନ୍ତି) ପ୍ରତିଦିନ ସିଂହାସନ ଆରୋହଣ କରିବା ସମୟରେ ଜଣେ ଭିକ୍ଷୁ ଦେଖା ଦିଅନ୍ତି । ସେ ରାଜସଭାରେ ପହଞ୍ଚି ରାଜାଙ୍କୁ ବଢ଼ାଇ ଦିଅନ୍ତି ସୁନ୍ଦର ଫଳଟିଏ । ରାଜା ଆଗ୍ରହ ସହକାରେ ଫଳଟି ଗ୍ରହଣ କରି ବଢ଼ାଇ ଦିଅନ୍ତି କୋଷାଧକ୍ଷଙ୍କୁ । ଦଶ ବର୍ଷ ଧରି ଏହା ଅବିରତ ଚାଲୁଥିଲା ।

ଦିନେ ଭିକ୍ଷୁଟି ରାଜାଙ୍କୁ ଫଳଟି ପ୍ରଦାନ କରି ଚାଲି ଯିବା ଅନ୍ତେ, ରାଜା ପାଳିତ ମର୍କଟ ଶିଶୁ ହାତକୁ ତାହାକୁ ବଢ଼ାଇ ଦେଲେ । ମର୍କଟ ଶିଶୁଟି ସେ ଫଳକୁ କିଛି ସମୟ ଧରି ଖେଳିବା ପରେ ଖାଇବାକୁ ଉଦ୍ୟମ କରିବାରୁ, ସେଥିରେ ଲୁଚି ରହିଥିବା ବହୁମୂଲ୍ୟ ରତ୍ନଟି ଖସି ପଡ଼ିଲା । ରାଜା ତତ୍‌କ୍ଷଣାତ୍ କୋଷାଧକ୍ଷଙ୍କୁ ଅବଶିଷ୍ଟ ଫଳଗୁଡ଼ିକର ଅବସ୍ଥିତି ବିଷୟରେ ପ୍ରଶ୍ନ କଲେ । କୋଷାଧକ୍ଷଙ୍କ ସହ ରାଜା ଭଣ୍ଡାର ଘରେ ପହଞ୍ଚି ଦେଖିଲେ ପଚା, ଶଢ଼ା, ଶୁଖିଲା ଫଳଗୁଡ଼ିକ ଭିତରେ ଉଜ୍ଜ୍ୱଳ ଓ ମୂଲ୍ୟବାନ୍ ରତ୍ନଗୁଡ଼ିକ ସୁରକ୍ଷିତ ରହିଛି । ସଚ୍ଚୋଟତା ପାଇଁ କୋଷାଧକ୍ଷଙ୍କୁ ସେତକ ପୁରସ୍କାର ସ୍ୱରୂପ ଦିଆଗଲା ।

ପରଦିନ ଭିକ୍ଷୁ ପୂର୍ବପରି ଫଳଟି ପ୍ରଦାନ କରନ୍ତେ ରାଜା ବିନମ୍ରଭାବେ ଏହାର ବିରୋଧ କରି କହିଲେ –

''ଭିକ୍ଷୁ ଶ୍ରେଷ୍ଠ ! ତୁମେ ପ୍ରତିଦିନ ଏହିପରି ବହୁମୂଲ୍ୟ ରତ୍ନରାଶି ଦାନ କରି ମୋର ଅବିରତ ସେବା କରିବାର ଅଭିପ୍ରାୟ କ'ଣ ହୋଇପାରେ ? ଉଦ୍ଦେଶ୍ୟ ନଜାଣି ଏହାକୁ ଗ୍ରହଣ କରିବା ମୋ ପକ୍ଷେ ସମ୍ପୂର୍ଣ୍ଣ ଅସମ୍ଭବ ।''

ରାଜାଙ୍କ କଥା ଶୁଣି ଭିକ୍ଷୁଟି ତାଙ୍କୁ ଗୋଟିଏ ଏକାନ୍ତ ସ୍ଥାନକୁ ଡାକି ନେଇ କହିଲା, ''ରାଜନ୍, ମୋର ଏକ କଷ୍ଟ ସାଧ ମନ୍ତ୍ର ସିଦ୍ଧିରେ ଆପଣଙ୍କ ପରି ବୀର ପୁରୁଷଙ୍କ ସାହାଯ୍ୟ ଏକାନ୍ତ ଆବଶ୍ୟକ । ତେଣୁ ମୁଁ ଆପଣଙ୍କ ଅନୁଗ୍ରହ ପ୍ରାର୍ଥୀ ।'' ରାଜା ରାଜି ହେଲେ । ଆଗାମୀ କୃଷ୍ଣ ଚତୁର୍ଦ୍ଦଶୀରେ ନଗରର ମହାଶ୍ମଶାନରେ ଥିବା ବିଶାଳ ବଟ ବୃକ୍ଷ ପାଖରେ ଏକାକୀ ପହଞ୍ଚିବାକୁ ଅନୁରୋଧ କରି ଭିକ୍ଷୁଟି ରାଜସଭାରୁ ଅପସରି ଗଲା ।

ସେଦିନ ମହାଶ୍ମଶାନର ଗାଢ଼ ଅନ୍ଧକାର ମଧରେ ରାଜା ତ୍ରିବିକ୍ରମସେନ ସେହି ଭୟାନକ ଏବଂ ପୂତିଗନ୍ଧମୟ ରାସ୍ତା ଅତିକ୍ରମ କରୁଥା'ନ୍ତି । କୃଷ୍ଣ ବସ୍ତ୍ର ପରିଧାନ କରି କପାଳରେ ଚିତା ଓ ହାତରେ ଖୋଲା ତରବାରି ଧରି ଅନ୍ଧାରରେ ସେ ଏକାକୀ ଚାଲିଥା'ନ୍ତି । କେବଳ ତରବାରିର ତୀକ୍ଷଣଧାରଟି ବେଳେ ବେଳେ ଚିତାଗ୍ନି ଆଲୋକରେ ଝଲସି ଉଠୁଥାଏ । ସ୍ଥାନେ ସ୍ଥାନେ ପ୍ରଜ୍ଜ୍ୱଳିତ ଚିତାଗ୍ନି, ମଲା ମଣିଷର ଦରପୋଡ଼ା ଦେହର ଗନ୍ଧ, ମୁଣ୍ଡ, ହାଡ଼ଗଣ୍ଡି, ବାଉଁଶ ଗଣ୍ଡି... ଇତ୍ୟାଦି ନିଆଁରେ ପୋଡ଼ିହୋଇ ଠୋ, ଠା ଫୁଟିବାର ବିକଟ ଶବ୍ଦ ତଥା ଶୃଗାଳମାନଙ୍କର ଲହରା ସ୍ୱର ଭୟକୁ ବହୁଗୁଣିତ କରୁଥାଏ । ଇତସ୍ତତଃ ହୋଇ ପଡ଼ିଥିବା ନରକଙ୍କାଳ, କପାଳ ଓ ଅସ୍ଥି ସମୂହ ବିକ୍ଷିପ୍ତ ଭାବେ ମଶାଣି ସାରା ପଡ଼ିଥା'ନ୍ତି । ଭୂତ, ପ୍ରେତ, ପିଶାଚ, ବେତାଳମାନେ ପ୍ରସନ୍ନ ଚିତ୍ତରେ ଆତଯାତ ହେଉଥା'ନ୍ତି । ଗଛ କୋରଡ଼ରୁ ପେଚାଟିଏ କୁହ୍ଳେଇ କୁହ୍ଳେଇ ରାବୁଥାଏ । କେବେ କେମିତି ଦରପୋଡ଼ା ଚିତାଗ୍ନିର ନିଆଁଝୁଲ ଓ କଳା କଳା ଚେମେଣିଆସବୁ ରାଜାଙ୍କ ପୋଷାକରେ ପିଟି ହୋଇ ଯାଉଥା'ନ୍ତି । ରାଜା କିନ୍ତୁ ନିର୍ଭୀକ ଭାବେ ସେହି ଭିକ୍ଷୁର ସନ୍ଧାନରେ ମାଡ଼ି ଚାଲିଥା'ନ୍ତି । କଳାଅନ୍ଧାର ରାତିରେ ମିଞ୍ଜି ମିଞ୍ଜି ତାରା ଆଲୋକ ବି ଗଛପତ୍ର ଉଢ଼ାଳରୁ ମଶାଣିର ମାଟିକୁ ଛୁଇଁ ପାରୁ ନଥା'ନ୍ତି । ଶେଷରେ ଏକ ଝଙ୍କା ବଟବୃକ୍ଷ ତଳେ ଭିକ୍ଷୁ ଏକ ମଣ୍ଡଳ ପ୍ରସ୍ତୁତ କରୁଥିବାର ଦୃଶ୍ୟ ରାଜା ଦେଖିଲେ । ରାଜାଙ୍କୁ ସେହି ମ୍ଳାନ ଆଲୋକରେ ଦେଖି ପକାଇ ଭିକ୍ଷୁ ଆନନ୍ଦିତ

ହେଲା । ସେଠାରୁ ଦକ୍ଷିଣକୁ ଗଲେ ଖଣ୍ଡେ ଦୂରରେ ଏକ ଶିଂଶପା ବୃକ୍ଷରେ ଝୁଲୁଥିବା ଶବଟିକୁ ଆଣିବାକୁ ସେ ଅନୁରୋଧ କଲା । ସତ୍ୟବଦ୍ଧ ରାଜା କାଳବିଳମ୍ବ ନକରି ଦକ୍ଷିଣ ଦିଗକୁ ଚାଲିଲେ । କଣ୍ଟା-ଝଟା ଦୁର୍ଗମ ମଶାଣି ମଧ୍ୟରେ ବେଶ୍ କିଛି ବାଟ ଗଲା ପରେ ଭିକ୍ଷୁଙ୍କ କଥିତ ଶିଂଶପା ବୃକ୍ଷ ରାଜାଙ୍କର ଦୃଷ୍ଟି ଗୋଚର ହେଲା । ଶ୍ମଶାନ ଧୂମରେ କଳାପଡ଼ି ଯାଇଛି ବୃକ୍ଷଟି । ବୃକ୍ଷ ଦେହରୁ ପଚା, ପୋଡ଼ା ମାଂସର ଦୁର୍ଗନ୍ଧ ବାହାରୁଛି । ସେହି ବୃକ୍ଷଟିର ଶାଖାରୁ ତଳକୁ ଝୁଲି ରହିଛି ଶବଟିଏ । ବୃକ୍ଷଟିରେ ଚଢ଼ିଯାଇ ରଶିଟିକୁ କାଟିଦେବାରୁ ଭୂପତିତ ହେଲା ଶବଟି । ତା' ପାଟିରୁ ବାହାରିଗଲା ଏକ ବିକଟ ଚିତ୍କାର – ଯେପରି ତାକୁ ଶକ୍ତ ଆଘାତ ଲାଗିଛି । ରାଜା ତଳକୁ ଓହ୍ଲାଇବା ମାତ୍ରେ ଶବଟି ପୁନର୍ବାର ହେଲା ବୃକ୍ଷାରୂଢ଼ । ପୂର୍ବପରି ଝୁଲି ରହିଲା ବୃକ୍ଷ ଶାଖାରେ । ବାରଂବାର ଶବର ରଶିଟିକୁ କାଟି ରାଜା ତଳେ ପକାଇବାକୁ ଚେଷ୍ଟା କଲେ ମଧ୍ୟ ଶବଟି ଅଟ୍ଟହାସ୍ୟ କରି ଗଛକୁ ଉଡ଼ି ଯାଇ ଗଛ ଡାଳରେ ଅବସ୍ଥାନ କରୁଥିଲା । ଅନନ୍ୟୋପାୟ ହୋଇ ଶବଟିକୁ ରାଜା କାନ୍ଧରେ ବୋହି ଗଛରୁ ଓହ୍ଲାଇଲେ ଓ ଭିକ୍ଷୁଙ୍କ ପାଖକୁ ଅଗ୍ରସର ହେଲେ ।

ଚୁପ୍‌ଚାପ୍ ଭାବେ ବାଟ ଚାଲୁଥିବା ରାଜାଙ୍କର ମୌନଭଙ୍ଗ କରିବାକୁ ଯାଇ ଶବ ଭିତରୁ ବେତାଳଟି ଗପି ଚାଲିଲା – ''ରାଜନ୍, ପଥକ୍ଲେଶ ଦୂର କରିବା ନିମନ୍ତେ ଗଳ୍ପଟିଏ କହୁଛି ଶୁଣନ୍ତୁ'' ।...

ପ୍ରତି ଗଳ୍ପଟିର ଶେଷରେ ନିହିତ ଥାଏ ପ୍ରଶ୍ନଟିଏ । ରାଜା ବିବେକାନୁମୋଦିତ ଯଥାର୍ଥ ଉତ୍ତରଟି ନଦେଇ ରହିପାରୁ ନଥା'ନ୍ତି । ଉତ୍ତର ଦେବା ମାତ୍ରେ ନିଜର ମାୟା ବଳରେ ବେତାଳ ହୁଏ ଅଦୃଶ୍ୟ । ତ୍ରିବିକ୍ରମସେନ ବିଚଳିତ ନହୋଇ ପୁଣି ଫେରି-ଯା'ନ୍ତି ଶିଂଶପା ବୃକ୍ଷ ନିକଟକୁ । ଏହିପରି ପଚିଶିଟି ଗଳ୍ପ କହି ସାରିବା ପରେ ରାଜାଙ୍କ ପ୍ରଖର ବୁଦ୍ଧି, ବିନୟଭାବ ଓ ଅସୀମ ଧୈର୍ଯ୍ୟ ଯୋଗୁଁ ତାଙ୍କ ପ୍ରତି ବେତାଳ ମନରେ ସୃଷ୍ଟି ହେଲା ଗଭୀର ଶ୍ରଦ୍ଧା ଓ ସମ୍ମାନ । ଶେଷକୁ ଛଦ୍ମବେଶୀ କପଟୀ ତାନ୍ତ୍ରିକର ସଂଗୁପ୍ତ ଉଦ୍ଦେଶ୍ୟଟିକୁ ବେତାଳ ରାଜାଙ୍କ ଆଗରେ କହି ଦେଲା । ପୁଣି ବତାଇ ଦେଲା ତା'ଠାରୁ ମୁକ୍ତି ପାଇବାର ସହଜ ସୁନ୍ଦର ଉପାୟ ।

ପ୍ରାୟ ଶେଷ ପ୍ରହର ଆଡ଼କୁ ରାଜା ଶବ ଧରି ତା' ପାଖରେ ପହଞ୍ଚିବାର ଦେଖି ଭିକ୍ଷୁଟି ଖୁସି ହୋଇଗଲା । ଶବକୁ ସ୍ନାନ କରାଇ, ବେତାଳ ତୁଷ୍ଟି ଉଦ୍ଦେଶ୍ୟରେ ମନ୍ତ୍ର ପଢ଼ି ରାଜାଙ୍କୁ ମଣ୍ଡଳ ପାଖରେ ଭୂମିଷ୍ଠ ପ୍ରଣାମ କରିବାକୁ ପରାମର୍ଶ ଦେଲା । ଯୋଜନା ମୁତାବକ ରାଜା ଭୂମିଷ୍ଠ ପ୍ରଣାମ ବିଷୟରେ ନିଜର ପୂର୍ଣ୍ଣ ଅଜ୍ଞତା ପ୍ରକାଶ କରି ତାହା କରି ଦେଖାଇ ଦେବାକୁ ଭିକ୍ଷୁକୁ ଅନୁରୋଧ କଲେ । ସେ ଭୂମିଷ୍ଠ ପ୍ରଣାମ କରିବା ମାତ୍ରକେ ରାଜାଙ୍କ ତୀକ୍ଷଣ ତରବାରି ଚୋଟରେ ତା'ର ମୁଣ୍ଡ-ଗଣ୍ଡି ଦୁଇ ଗଡ଼ ହୋଇଗଲା । ତାନ୍ତ୍ରିକର ସମସ୍ତ ସିଦ୍ଧି ପ୍ରାପ୍ତ ହେଲା ରାଜାଙ୍କୁ । ଏତଦ୍ ବ୍ୟତୀତ ବେତାଳ ବରଦାନ କଲା – ଯେ କେହି ଆଦର ପୂର୍ବକ ଏହି ପଞ୍ଚ ବିଂଶତିର ମାତ୍ର ଗୋଟିଏ ବି ଶ୍ଳୋକ ପାଠ କରିବ କିଂବା ଶୁଣିବ ସେ ନିଶ୍ଚିତ ପାପ ମୁକ୍ତ ହେବ । ଯେଉଁ ସ୍ଥାନରେ ପଢ଼ାଯିବ ବା କୁହାଯିବ ସେଠାରେ ଯକ୍ଷ, ବେତାଳ, ଡାକିନୀ, ରାକ୍ଷସ, ପିଶାଚ ପ୍ରଭୃତିଙ୍କ ପ୍ରଭାବ ରହିବ ନାହିଁ ।

ଅବଶ୍ୟ ଗଳ୍ପଗୁଡ଼ିକର ପଠନ, ମନନ ଓ ଚିନ୍ତନରେ ବିବେକର ଯେଉଁ ଅଂଶଟି ଆଲୋକିତ ହେବ ସେଠାରେ ଉକ୍ତ ଭୂତ, ପ୍ରେତ, ପିଶାଚ ପ୍ରତି ଭୟ ନରହି ପାରେ । ପୁଣି ଯେଉଁଠି ଭୟ ନାହିଁ ସେଠି ସେମାନଙ୍କର ସ୍ଥିତି ଅବା ରହିବ କେଉଁଠି ?

*

ଆଦ୍ୟ ତରୁଣ ଜୀବନରେ ଇତିହାସରେ ପଢ଼ିଥିବା ଅଭୁଲା କାହାଣୀଟି :

## ଆଲେକ୍‌ଜାଣ୍ଡାର ଓ ସାଧୁ

ଦିଗ୍‌ବିଜୟ ସାରି ଭାରତରୁ ସ୍ୱଦେଶ ଅଭିମୁଖେ ଯାତ୍ରା କରୁଥା'ନ୍ତି ଗ୍ରୀକ୍ ବୀର । ଆଗ ଓ ପଛରେ ବିଶାଳ ସେନାବାହିନୀର ଥାଟ । ହଠାତ୍ ସେମାନଙ୍କ ପଥରୋଧ କଲେ ଜଣେ ଅକିଞ୍ଚନ ଅର୍ଦ୍ଧନଗ୍ନ ସାଧୁ ଓ ସେନାବାହିନୀ ଆଗରେ ନୃତ୍ୟ କରିବାକୁ ଆରମ୍ଭ କରିଦେଲେ ।

ସେନାପତି ନିର୍ଦ୍ଦେଶ ଦେଲେ ଅବିଳମ୍ବେ ମାର୍ଗରୁ ହଟିଯିବା ପାଇଁ । କିନ୍ତୁ ସେ କିଛି ବି କର୍ଣ୍ଣପାତ କଲେ ନାହିଁ ବରଂ ଓଲଟି କହିଲେ ତୁମମାନଙ୍କ ଗତିପଥ ବଦଳାଇ ଦିଅ । ଉଦ୍ଧତ ସେନାପତି ତାଙ୍କୁ ହତ୍ୟାକରି ପଥ ପରିଷ୍କାର କରିବାକୁ ଉଦ୍ୟତ ହେଲା ବେଳକୁ ଘଟଣା ସ୍ଥଳରେ ପହଞ୍ଚି ଯାଇଥିଲେ ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡାର । ସେ ମଧ୍ୟ ରାଜକୀୟ ଠାଣିରେ ନିର୍ଦ୍ଦେଶ ଦେଲେ ମାର୍ଗରୁ ହଟିଯିବାକୁ । କିନ୍ତୁ ଉଦ୍ଦଣ୍ଡ ନୃତ୍ୟରତ ସାଧୁଟି କିଛି ବି କର୍ଣ୍ଣପାତ କଲେ ନାହିଁ ବରଂ ଏ ନିର୍ଦ୍ଦେଶକୁ ହସରେ ଉଡ଼ାଇ ଦେଲେ । ଅସହାୟ ସମ୍ରାଟ ଏଥର ତରବାରି ଖୋଳରୁ ମୁକ୍ତ କରି ଧମକ ଦେଲେ, ''ପଥ ଛାଡ଼, ନଚେତ୍

ମୃତ୍ୟୁବରଣ ଅନିବାର୍ଯ୍ୟ ।'' ସ୍ୱର ଥିଲା ଉଚ୍ଚ ଚିତ୍କାର ପ୍ରାୟ । ମାତ୍ର ପ୍ରତିକ୍ରିୟାରେ ସାଧୁଙ୍କ ହସ ଥିଲା ଅଧିକ ପ୍ରାଣବନ୍ତ, ମହିମମୟ । ମୃତ୍ୟୁ ନିଶ୍ଚିତ ଦେଖି ଦୁଃଖରେ ମ୍ରିୟମାଣ ହେବା ବା କ୍ରନ୍ଦନ କରିବା ପରିବର୍ତ୍ତେ ସଂସାରର ପ୍ରଥମ ବ୍ୟକ୍ତି ମୃତ୍ୟୁକୁ ହସି ହସି ସାମନା କରିବା ଆଲେକ୍‌ଜାଣ୍ଡାର ଦେଖିଲେ । ପୂର୍ବରୁ ଭାରତୀୟ ସାଧୁଙ୍କ ଚମତ୍କାରିତାର କିଛିଟା ଆଭାସ ପାଇଥିବା ଆଲେକ୍‌ଜାଣ୍ଡାର କ୍ଷଣେ ସ୍ତବ୍ଧ ହୋଇଗଲେ ଲୋକଟାର ଦୁଃସାହସ ଦେଖି । ସାଧୁ ହସି ହସି କହିଲେ,– ''ହେ ରାଜନ୍, ତୁମେ ତ ମୋ ଦାସର ଦାସ, ତୁମକୁ ଭୟ କ'ଣ କରିବି ? ବରଂ ଦୟା ଆସୁଛି ତୁମ ଦୁର୍ବଳତା ଦେଖି । ମୁଁ ମୋର କ୍ରୋଧକୁ ଜୟ କରି ତାକୁ ଦାସ କରି ରଖିଛି । ଆଉ ତୁମେ ସାମାନ୍ୟ କଥାରେ କ୍ରୋଧର କବଳିତ, ତା'ର ଅଧୀନ । ଯେହେତୁ ସାମାନ୍ୟ କଥାରେ ତରବାରି କାଢ଼ି କ୍ରୋଧବଶତଃ ହତ୍ୟା କରିବାକୁ ଉଦ୍ୟତ ହେଉଛ ତେଣୁ ତୁମେ ବୀର ନୁହଁ ଦୁର୍ବଳ ପୁରୁଷ । ସମ୍ରାଟ ସବୁ ବୁଝି ଶାନ୍ତ ହେଲେ । ନିଜର ବୃଥା ଆସ୍ଫାଳନ ପାଇଁ ଅନୁତପ୍ତ ହେଲେ ମଧ୍ୟ । ସାଧୁଙ୍କୁ ସେଠାରେ ଛାଡ଼ି ବାଟ ଭାଙ୍ଗି ଅନ୍ୟ ରାସ୍ତାରେ ଚାଲିଗଲେ ।

ଏହା ମଧ୍ୟ ଥିଲା ଦୁଃସାହସ ।

*

ଅଧୁନା ଯେଉଁ କାହାଣୀଟି ମନକୁ ଛୁଇଁଚି ... ...

ମକା ମଞ୍ଜି ଦୁଇଟି ବଗିଚାରେ ପଡ଼ିଥା'ନ୍ତି । ଗଲା କାଲି ଛାଡ଼ି ଯାଇଥିବା ବର୍ଷା ପ୍ରଭାବରେ ଉଭୟେ ସ୍ଫୀତ । ପ୍ରଥମଟିର ଗଜାଟି ମାଟି ଆଡ଼କୁ ମୁହାଁଇଛି ତ ଦ୍ୱିତୀୟଟି ଖରା ପିଠିଆ ପଡ଼ି ରହିଛି । ପ୍ରଥମଟି ପ୍ରସ୍ତାବ ଦେଲା – ''ହେ, ଉଠିପଡ଼, ଖୋଳପା ଫଟାଇ ମୁଣ୍ଡଟେକ, ମାଟି ଭିତରକୁ ଚେର ମଡ଼ାଇ ଦେ, ଆକାଶ ଆଡ଼କୁ ପତ୍ର ମେଲିଯାଉ । ଦେଖ କେତେ ସୁନ୍ଦର ସକାଳ ଆମକୁ ଅପେକ୍ଷା କରିଛି ।''

ଦ୍ୱିତୀୟଟି କହିଲା, ''ନା ବାବା ନା । ମାଟି ଭିତରେ କିଟି କିଟି ଅନ୍ଧାର, ଆକାଶ ସାରା ଟାଇଁ ଟାଇଁ ଖରା । ମୋର ଫୁଲିବା କି ଫାଟିବା ଦରକାର ନାହିଁ । ମୁଁ ପୂର୍ବପରି ମଞ୍ଜିଟିଏ ହୋଇ ବଞ୍ଚି ରହିବାକୁ ଚାହେଁ, ବରଂ ଏଇ ମାଟି ଉପରେ ଆରାମରେ ଶୋଇଯାଏ ।'' କହୁ କହୁ ସେ ଶୋଇଗଲା ।

ପ୍ରଥମଟି ମାଟି ଭିତରକୁ ଭିତରକୁ ଚେର ପଶାଇଲା । କୁନି ପତ୍ରଟିଏ ଉପରକୁ ଉଠିଲା । ପରଦିନ ସକାଳୁ ସକାଳୁ ଦାନା ଖୋଜି ଖୋଜି କୁକୁଡ଼ାଟିଏ ଆସିଲା । ଶୁଖିଲା ମକାଦାନାଟିକୁ କଲା ଉଦରସ୍ଥ ।

ଭଗବାନ୍ ଉଭୟଙ୍କ ପ୍ରାର୍ଥନା ଶୁଣିଲେ । ଜଣେ ଗଲା ଆଲୋକ ଆଡ଼କୁ । ଜଣେ ଅନ୍ଧାରକୁ । ଜଣେ ରୂପାନ୍ତରିତ ହେଲା କୁକୁଡ଼ା ମଳରେ ଅନ୍ୟ ଜଣେ ରୂପାନ୍ତରିତ ହେଲା ସମ୍ଭାବନାମୟ ସବୁଜ ସୁନ୍ଦର ଚାରା ଗଛଟିରେ । ରୂପାନ୍ତର ବିଧିନିର୍ଦ୍ଦିଷ୍ଟ । ଆମେ ନିଜ ଗଳ୍ପର ନାୟକ ହିସାବରେ ବାଛି ନେବା – ଆମ ଗତି କୁଆଡ଼େ ? ଆଲୋକକୁ ନାଁ ଅନ୍ଧାରକୁ, ସାହସକୁ ନା ଭୀରୁତାକୁ । ❑

(ପୃଷ୍ଠା ୫୦ର ଅବଶିଷ୍ଟାଂଶ)

କଲେ । ନ୍ୟାୟମାର୍ଗରେ ଜୀବନ ଯାପନ କରୁଥିବା ପ୍ରଜାମାନଙ୍କ ପାଇଁ ରାଜା ହେଉଛନ୍ତି ରକ୍ଷାକର୍ତ୍ତା, ମାତାପିତା ଓ ବନ୍ଧୁ ସଦୃଶ ।

ଗରୁଡ଼ ସବୁ ଶୁଣି କ୍ରୋଧାନ୍ଧ ହୋଇ ସମୁଦ୍ରକୁ ସମ୍ପୂର୍ଣ୍ଣ ଶୁଖାଇ ଦେବାକୁ ନିଷ୍ପତ୍ତି ନେଲେ । କିନ୍ତୁ ପର ମୁହୂର୍ତ୍ତରେ ଅନୁଭବ କଲେ ଏହା ଅସମ୍ଭବ । ଭଗବାନ୍ ବିଷ୍ଣୁଙ୍କର ଶରଣ ନେବା ବ୍ୟତୀତ ଅନ୍ୟ ଗତି ନାହିଁ ।

ଗରୁଡ଼ଙ୍କର ଦୁଃଖ ଓ ଅଭିମାନଭରା ଆବେଦନ ଭଗବାନ ବିଷ୍ଣୁଙ୍କ ହୃଦୟକୁ ବିଗଳିତ କଲା । ସେ ତତ୍‌କ୍ଷଣାତ୍ ସମୁଦ୍ର ରାଜାଙ୍କୁ ଡାକି ତାଙ୍କର ଏପରି ହୀନ କାର୍ଯ୍ୟ ପାଇଁ ଧିକ୍କାର କଲେ ଓ ଯଥାଶୀଘ୍ର ନିରୀହ ଟିଟ୍ଟିଭ ଦମ୍ପତିଙ୍କ ଅଣ୍ଡାଗୁଡ଼ିକ ଫେରାଇ ଦେବାକୁ ନିର୍ଦ୍ଦେଶ ଦେଲେ ।

ଭଗବାନଙ୍କର ଆଦେଶ ତତ୍‌କ୍ଷଣାତ୍ କାର୍ଯ୍ୟକାରୀ ହେଲା । ଅନୁତପ୍ତ ସମୁଦ୍ର ରାଜା କ୍ଷମା ଯାଚନା ଭଙ୍ଗୀରେ ଲହରିମାନଙ୍କ ହାତରେ ଅଣ୍ଡାଗୁଡ଼ିକ ବେଳାଭୂମିରେ ଫେରାଇ ଦେଇ ଆସିଲେ ।

ପରିତୃପ୍ତ ପକ୍ଷିଗଣ ଆନନ୍ଦ ଉଲ୍ଲାସରେ କଳରବ କରି ଆପଣା ଆପଣା ବାସସ୍ଥାନକୁ ପ୍ରତ୍ୟାବର୍ତ୍ତନ କଲେ ।

ଟିଟ୍ଟିଭ ଦମ୍ପତି ଅନୁଭବ କଲେ ଦୃଢ଼ ସଂକଳ୍ପ, ଅତୁଟ ସାହସ, ଆନ୍ତରିକ ପ୍ରଚେଷ୍ଟା ସର୍ବୋପରି ଅହେତୁକୀ କୃପାଶକ୍ତି ସବୁ ଅସମ୍ଭବକୁ ସମ୍ଭବ କରିପାରେ । କୃତଜ୍ଞତା ସହ ସେମାନେ ପରମ ପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଣତି ଜଣାଇଲେ ।

(ପଣ୍ଡିତ ବିଷ୍ଣୁଶର୍ମାକୃତ ପଞ୍ଚତନ୍ତ୍ରର 'ସମୁଦ୍ର ଓ ଟିଟ୍ଟିଭ ପକ୍ଷୀ' ଗଳ୍ପର ଛାୟାରେ ରଚିତ) ❑

ଚେତନାର ଦିଗ୍‌ବଳୟ :

# ରୁଚିର ଅବମାନନା

କ୍ୟାଥୋଲିକ୍ ଖ୍ରୀଷ୍ଟିଆନ ଜଗତର ସର୍ବୋଚ୍ଚ ନିୟାମକ ପୋପ ଫ୍ରାନ୍‌ସିସ୍ ମହୋଦୟ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି । ଆମେରିକା ସଂପ୍ରତି ଗୋଟିଏ ପ୍ରଚଣ୍ଡ ବୋମା ନିର୍ମାଣ କରିଛି ଏବଂ ତା'କୁ ''ବୋମା ସମଗ୍ରର ଜନନୀ'' (Mother of all bombs) ବୋଲି ବିଜ୍ଞାପିତ କରାଯାଇଛି । ପୋପଙ୍କର ବକ୍ତବ୍ୟ, ସେଭଳି ନାମକରଣ ଅତ୍ୟନ୍ତ ଅବିବେକିତାର ପରିଚୟ । ଜନନୀ ଜୀବନ-ଦାତ୍ରୀ, ବୋମା ମୃତ୍ୟୁର ପ୍ରତୀକ । ବୋମା ସହିତ ଜନନୀକୁ ଯୋଡ଼ିବା ଭଳି ମାନସିକତା ତାଙ୍କୁ ଲଜ୍ଜିତ କରିଛି ।

ମାଆ ଖାଲି ଜନ୍ମଦିଏ ନାହିଁ, ଯୁଗେ ଯୁଗେ ଜୀବନ ଯାତ୍ରାରେ ସଂକଟ ଦେଖାଦେଲେ ମାଆ ପାଖରେହିଁ ସନ୍ତାନ ସାନ୍ତ୍ୱନା ପାଇଥାଏ । ବାଇବେଲ୍ (ଇସାଇହା)ରେ ଏକ ବାଣୀ : ''ମାଆ ଯେମିତି ଜଣକୁ ଆଶ୍ୱାସନା ଦିଏ, ମୁଁ ସେମିତି ଆଶ୍ୱାସନା ଦେବି ।'' (As one whom his mother comforts, so will I comfort you.)

ଭାରତୀୟ ପରଂପରାରେ ଜନନୀ ଏବଂ ଜନ୍ମଭୂମି ସ୍ୱର୍ଗଠାରୁ ମହତ୍ ଭାବରେ ସ୍ୱୀକୃତ । ପାଶ୍ଚାତ୍ୟରେ ମଧ୍ୟ ଜନନୀ ପ୍ରତି ମନୋଭାବ ଭିନ୍ନ ନୁହେଁ । କବି କୋଲରିଜ୍‌ଙ୍କ ବର୍ଣ୍ଣନାରେ ଜନନୀହିଁ ପବିତ୍ରତମ ପ୍ରତିଷ୍ଠାନ ! (The Mother is a Mother still / The holiest thing alive.)

'ମା' ଶବ୍ଦଟିର ମହିମା ରହସ୍ୟମୟ । ପୃଥିବୀର ସମସ୍ତ ମୁଖ୍ୟ ଆଦିଭାଷାରେ ଏହା ପ୍ରାୟ ସମାନ । ଅବଶ୍ୟ ପ୍ରଖ୍ୟାତ ଐତିହାସିକ ଓ ଚିନ୍ତାବିତ୍ ଉଇଲ୍ ଡୁରାଣ୍ଟଙ୍କ ମତରେ ସମସ୍ତ ସଭ୍ୟ ଭାଷାର ଜନନୀ ହେଲା ସଂସ୍କୃତ । ସଂସ୍କୃତ 'ମାତୃ' ଶବ୍ଦରହିଁ ଭିନ୍ନ ଭିନ୍ନ ଉଚ୍ଚାରଣ ହେଲେ ଲାଟିନ୍ ଓ ଗ୍ରୀକ୍ ଭାଷାରେ 'ମାତେର୍' (Mater), ଡଚ୍ 'ମୋଡ଼େର' (Moeder), ଜର୍ମାନ 'ମୁଓଟାର୍' (Moutar) ଇତ୍ୟାଦି । ଭାରତର ସବୁ ଭାଷାରେ (ଉର୍ଦ୍ଦୁ ସମେତ) ମାଆ କିଂବା ମାଆର ସାମାନ୍ୟ ପୃଥକ୍ ଉଚ୍ଚାରଣ ପ୍ରଚଳିତ; ଯଥା : କାଶ୍ମୀରୀରେ ମା'ଜ୍, ସିନ୍ଧିରେ ମାଉ, ଓଡ଼ିଆରେ ମା ସମେତ ବୋଉ, ତେଲୁଗୁରେ ଅମ୍ମା, ତାମିଲରେ ଆମ୍ମା (ତଥା 'ତାଇ'), କେବଳ ମରାଠୀରେ ମାଆ ଅପେକ୍ଷା 'ଆଇ' ବୋଧହୁଏ ଅଧିକ ପ୍ରଚଳିତ ।

ମା', ମଦର୍, ଏଭଳି ଶବ୍ଦର ହାଲୁକା ପ୍ରୟୋଗ ହାଲୁକା ମାନସିକତାରହିଁ ପ୍ରମାଣ । ମିଲଟନ୍ ପ୍ରାଚୀନ ଏଥେନ୍ସକୁ ''କଳାର ଜନନୀ'' (Mother of Arts : *Paradise Regained*) ଭାବରେ ଅଭିନନ୍ଦିତ କରିବାରେ କିଂବା ଏପରିକି ବ୍ରିଟିଶ ପାର୍ଲିଆମେଣ୍ଟକୁ ଅନେକେ Mother of Parliaments ବୋଲି କହିବାରେ ଅଗୌରବ କିଛି ନାହିଁ । କିନ୍ତୁ ମାରଣାସ୍ତ୍ରକୁ ସେଭଳି ନାମ ଦେବା ରୁଚିର ଅଧଃପତନ ଛଡ଼ା ଆଉ କିଛି ନୁହେଁ ।

ଶବ୍ଦ ପ୍ରୟୋଗରେ ରୁଚିର ଏଭଳି ଅଧଃପତନ ବହୁଦିନରୁ ଆରମ୍ଭ ହେଲାଣି । ହିରୋସିମା ଧ୍ୱଂସ କରିଥିବା ପ୍ରଥମ ଆଣବିକ ବୋମାର ନାମ ଥିଲା ''ଟିକି ବାଳକ'' (Little Boy); କ୍ରମେ ସେ ରୁଚିହୀନତା ଏପରିକି ଖାଦ୍ୟ ଜଗତରେ ମଧ୍ୟ ନିଜର ବୀଭତ୍ସ ଆଧିପତ୍ୟ ବିସ୍ତାର କଲାଣି । ନିକଟ ଅତୀତରେ ଜଣେ ବାଳକ ଯେତେବେଳେ ତାକୁ ତା'ର ଜଣେ ବନ୍ଧୁ ହୋଟେଲରେ ଦେଇଥିବା ଖାଦ୍ୟବସ୍ତୁମାନଙ୍କର ନାମ 'ଗରମ କୁକୁର' (Hot dog) ଏବଂ ରକ୍ତ ପିଠା (Blood Pudding) ବୋଲି ଜାଣିଲା, ସେସବୁ କୌଣସିମତେ ଅଧାଅଧି ଉଦରସ୍ଥ କରି ସେ ଘରକୁ ଆସି ବାନ୍ତି କଲା ।

କୌଣସି ନୂତନ ଆବିଷ୍କୃତ ଖାଦ୍ୟର ଅର୍ଥହୀନ ବା ନୂତନ ଉଦ୍ଭାବିତ ନାମଟିଏ ଦେଲେ କ୍ଷତି ନାହିଁ । ଆଜିକାଲି ସହର ନଗରର ରେସ୍ତୋରାଁ ବା ହୋଟେଲମାନଙ୍କରେ ସ୍ପାଘେଟି (Spaghetti) ନାମକ ନରମ ଭୋଜ୍ୟଟିଏ ବେଶ୍ ଚାଲୁ । ଏହାର 'ଉଦ୍ଭାବକ'ଙ୍କୁ କେତେଜଣ ସାମ୍ବାଦିକ ପ୍ରଶ୍ନ କଲେ : ''ଆପଣ ଏହାର ଏମିତି ଗୋଟାଏ ନାମ ଦେବାର କାରଣ ?'' ଉଦ୍ଭାବକ ମହାଶୟ ଗମ୍ଭୀର ଭାବରେ ଉତ୍ତର ଦେଲେ, ''ଯେହେତୁ ଏହା ଦେଖିବାକୁ ସ୍ପାଘେଟି ଭଳି, ଏହାର ବାସନା ମଧ୍ୟ ସ୍ପାଘେଟି ଭଳି ଏବଂ ସର୍ବୋପରି ସ୍ପାଘେଟି ଭଳି ଏହାର ସ୍ୱାଦ !''

କହିବା ବାହୁଲ୍ୟ, ନୂଆ ଚିଜର ନାମଟିଏ ତ ଦେବାକୁ ପଡ଼ିବ । ତାଙ୍କୁ ସ୍ପାଘେଟି ଶବ୍ଦଟି ଭଲ ଲାଗିଲା, ଦେଇଦେଲେ । ଅବଶ୍ୟ ଶବ୍ଦଟି ପୂର୍ବରୁ ରହିଛି – କ୍ୱଚିତ୍ ବ୍ୟବହୃତ । ତା'ର

ମୂଳ ଅର୍ଥ ସୂତା ତାର ପେଣ୍ଡୁଳା । ଉଦ୍ଭାବକ ତାହା ଜାଣିଥିଲେ କି ନା ଜଣା ନାହିଁ । ସେ ଯାହା ହେଉ ତାଙ୍କ ଉତ୍ତର ସାମ୍ବାଦିକମାନଙ୍କୁ ଆମୋଦିତ କଲା – କହିବା ବାହୁଲ୍ୟ ।

ନବ ନବ ସହସ୍ର ଉଦ୍ଭାବିତ ଭୋଜ୍ୟବସ୍ତୁର ନୂଆ ନୂଆ ଶବ୍ଦ ଯୋଗେ ନାମକରଣ କରାଯାଉ । କିନ୍ତୁ 'ଗରମ କୁକୁର' ଭଳି ନାମ ଦେବାରୁ ଉଦ୍ଭାବକମାନେ ବିରତ ରହନ୍ତୁ । ବ୍ୟବସାୟୀମାନେ ବିରତ ରହନ୍ତୁ ମହତ୍ତ୍ୱପୂର୍ଣ୍ଣ ଶବ୍ଦସବୁର ଅବମାନନା କରିବାରୁ । 'ମହା' ଏକ ଗୁରୁତ୍ୱପୂର୍ଣ୍ଣ ଶବ୍ଦ । ବିପୁଳ ସମ୍ମାନସୂଚକ ତା'ର ବ୍ୟବହାର, ଯଥା : ମହାକାବ୍ୟ, ମହାକାଳ, ମହାଦେବ, ମହାଦେବୀ, ମହାଦେଶ ଇତ୍ୟାଦି । ପୁଣି ତା'ର ବିରଳ ବ୍ୟବହାର ମଧ୍ୟ କମ୍ ଶ୍ଳେଷାତ୍ମକ ନୁହେଁ, ଯଥା : ମହାବୈଦ୍ୟ(ଯମ), ମହାନିଦ୍ରା ଓ ମହାପ୍ରୟାଣ(ମୃତ୍ୟୁ), ମହାବ୍ରାହ୍ମଣ (ଅଜ୍ଞାନ ବା ଅଯୋଗ୍ୟ ବ୍ରାହ୍ମଣ) । ଏଭଳି ଏକ ଶବ୍ଦକୁ କୌଣସି ବୋତଲବନ୍ଦୀ ମାମୁଲି ପାନୀୟର ବିଜ୍ଞାପନରେ ବ୍ୟବହାର କରାଯିବା ଦୁର୍ବୁଦ୍ଧି ମାତ୍ର ।

ବିଡ଼ମ୍ବନା ହେଲା, ଏଭଳି ଅପବ୍ୟବହାର କ୍ରମେ ଦେହସୁହା ହୋଇଯାଏ । ସୂକ୍ଷ୍ମସ୍ତରରେ କିନ୍ତୁ ଦୁଇ ପ୍ରକାର କ୍ଷତି ଅନିବାର୍ଯ୍ୟ । ପ୍ରଥମତଃ ଶବ୍ଦ ସ୍ଫୀତି । ମୁଦ୍ରାସ୍ଫୀତିରେ ଯେମିତି ମୁଦ୍ରାର ମୂଲ୍ୟ କମିଯାଏ, ଏଭଳି ବ୍ୟବହାର ଦ୍ୱାରା ସେମିତି ଶବ୍ଦର ମୂଲ୍ୟ ଓ ପ୍ରଭାବ ହ୍ରାସ ହୁଏ । ଦ୍ୱିତୀୟତଃ, ଯାହା ଆହୁରି ଅଧିକ କ୍ଷତିକାରକ, ତାହା ହେଲା ଆମ ରୁଚିର ଶୀଳତା ହାନି । ଆମେ ସଚେତନ ରହିବା ଦ୍ୱାରା ଏଭଳି ଅବକ୍ଷୟର ଗତି ମନ୍ଥର ହେବ ବୋଲି ଆଶା ।

**– ମନୋଜ ଦାସ** ❑

## ଯେଉଁମାନେ ମନିଅର୍ଡ଼ର ପଠାଉଛନ୍ତି :

ନବଜ୍ୟୋତି କାର୍ଯ୍ୟାଳୟ ଗ୍ରହଣ କରୁଥିବା EMO (Electronic Money Order) ଫର୍ମର ବାର୍ତ୍ତା ଉଲ୍ଲେଖ ଥିବା ସ୍ଥାନ (Space for Communication)ରେ ପ୍ରାୟଶଃ ଟଙ୍କା ପଠାଇବାର କାରଣ ସମ୍ପର୍କରେ ବାର୍ତ୍ତାଟି ଆସୁ ନାହିଁ । ତେଣୁ ଆପଣ ଏଠାକୁ ପଠାଇଥିବା ଗ୍ରାହକ (To) ଠିକଣାରେ ପ୍ରଣାମୀ ପଠାଉଥିଲେ, 'The Offering Section' କିଂବା ନବପ୍ରକାଶ ଓ ନବଜ୍ୟୋତି ପତ୍ରିକା ପାଇଁ ଟଙ୍କା ପଠାଉଥିଲେ 'The Magazine Section' ବୋଲି ନିଶ୍ଚିତ ଭାବରେ ଲେଖନ୍ତୁ । ତା'ଛଡ଼ା ପ୍ରେରକ(From) ଠିକଣାରେ ନିଜର ସମ୍ପୂର୍ଣ୍ଣ ଠିକଣା ସହ **Mobile** ନମ୍ବରଟିକୁ ଲେଖିବାକୁ ଯେମିତି ନଭୁଲନ୍ତି । ଯଦି ପତ୍ରିକାର ପୁରୁଣା ଗ୍ରାହକ ହୋଇଥା'ନ୍ତି ନିଜର ନାମ ସହ ଗ୍ରାହକ ନମ୍ବର ଲେଖିବା ଆବଶ୍ୟକ ।

କୌଣସି କାରଣରୁ ଗ୍ରାହକମାନେ ନବପ୍ରକାଶ ପାଇ ନଥିଲେ ତା'ର ପରବର୍ତ୍ତୀ ମାସର ପହିଲାଠାରୁ ପାଞ୍ଚ ତାରିଖ ମଧ୍ୟରେ ସକାଳ ୮.୩୦ରୁ ୧୧.୩୦ ମଧ୍ୟରେ ନବଜ୍ୟୋତି କାର୍ଯ୍ୟାଳୟକୁ ୦୪୧୩-୨୨୩୩୬୩୩ ଏହି ଫୋନ୍ ଯୋଗେ ଗ୍ରାହକ ନମ୍ବର ସହ ଜଣାଇ ଦେଲେ, ଆମ ପାଖରେ ପତ୍ରିକାଟି ମହଜୁଦ ଥିଲେ ପଠାଇବାକୁ ପ୍ରଯତ୍ନ କରିବୁ ।

**– ନବଜ୍ୟୋତି କାର୍ଯ୍ୟାଳୟ**

| ପତ୍ରିକାର ନାମ | ଖଣ୍ଡ ପ୍ରତି ମୂଲ୍ୟ | ବାର୍ଷିକ ଦେୟ | ଆଜୀବନ ଦେୟ (୨୦ ବର୍ଷ ପାଇଁ) |
|---|---|---|---|
| **ନବପ୍ରକାଶ** | ୧୫ ଟଙ୍କା | ୧୫୦ ଟଙ୍କା | ୧୫୦୦ ଟଙ୍କା |
| **ନବଜ୍ୟୋତି** | ୨୦ ଟଙ୍କା | ୮୦ ଟଙ୍କା | ୮୦୦ ଟଙ୍କା |

A rich and diverse community of

Artists, Designers & Master - Builders,
Psychologists, Musicians & Scholars,
Doctors, Engineers & Seekers,

all united by a common aim - Sri Aurobindo's Integral Yoga



# Auroma French Villaments

*Aspired Living through Inspired Spaces*

* Villa - apartments based on qualities in The Mother's Symbol
* Located 12 minutes from the Ashram and 15 minutes from Matrimandir
* Designed in French Heritage style with Gardens & Community Spaces
* Eco- friendly living with Active Residents' Association
* 24 Villaments - 21 sold & occupied

3 APARTMENTS REMAINING - COMPACT 1 BHK, 2 BHK WITH GARDEN COURTYARD & 3 BHK
AVAILABLE IN OUR LAST VILLA 'RECEPTIVITY'

For More Information / Bookings, Contact :
Mr. Prabodh Doshi; 9943382983; prabodh@theauromagroup.com [or]
Ms. Trupti Doshi; 9944952372; trupti@theauromagroup.com
www.theauromagroup.com

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days**. *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

**Daily Facial**
**Sandal & Saffron Beauty Masks**
For a fair, glowing, radiant complexion.
Improves skin tone. Removes marks, scars.

**Hair Vitaliser oil**
Controls hair loss and improves hair growth
*Regular use prevents hair thinning and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Bhubaneswar Contact
Phone/Whatsapp: 9937786512

Made in India by: Ayurlabs India
32 Lally Tollendal Street, Pondicherry 605001. Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com Website: www.ayurlabsindia.com